# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଫେବୃୟାରୀ ୨୮ /୨୦୧୯ (୨୦ ପୃଷ୍ଠା) | Balasore, Thursday, February 28/ 2019 | ★★★★

୪୫ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଲଣ୍ଡନରେ ଶ୍ରଦ୍ଧା

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ଲଣ୍ଡନରେ। ହିନ୍ଦୀ ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀ'ର ଶୁଟିଂ ସାଙ୍ଗକୁ ବୁଲାବୁଲି କରି ମଜା ଉଠାଉଛନ୍ତି।

୧୬

୧୯

## ୨୦୦ ମିଟରରେ ଦୂତୀଙ୍କୁ ସ୍ୱର୍ଣ୍ଣ

ଓଡ଼ିଶାର ଦୂତୀ ଚାନ୍ଦ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ମହିଳା ୨୦୦ ମିଟରରେ ୨୩.୩୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।








## ଆନ୍ଧ୍ରପ୍ରଦେଶ ଲାଗି ନୂଆ ରେଳ ଜୋନ୍ ଘୋଷଣା

**ନୂଆଦିଲ୍ଲୀ,୨୭।୨:** କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର ଆନ୍ଧ୍ରପ୍ରଦେଶ ଲାଗି ଏକ ନୂଆ ରେଳ ଜୋନ୍ ଘୋଷଣା କରିଛନ୍ତି। ଦକ୍ଷିଣ ତଟ ରେଳପଥ ନାମରେ ଏହି ଜୋନ୍ ଘୋଷଣା କରାଯାଇଥିବା ବେଳେ ଏହାର ମୁଖ୍ୟାଳୟ ବିଶାଖାପାଟଣାରେ ରହିବ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି। ଏଥିରେ ଗୁଣ୍ଟାକଲ, ଗୁଣ୍ଟୁର ଏବଂ ବିଜୟୱାଡା ଡିଭିଜନକୁ ସାମିଲ କରାଯାଇଛି। ଏହାଛଡ଼ା ୱାଲଟିୟର ଡିଭିଜନକୁ ଦୁଇ ଭାଗ କରାଯିବ। ଗୋଟିଏ ଭାଗ ଦକ୍ଷିଣ ତଟ ରେଳପଥରେ ରହିବ। ଅନ୍ୟଟି ଏକ ସ୍ୱତନ୍ତ୍ର ଡିଭିଜନ ଭାବେ କାର୍ଯ୍ୟ କରିବ, ଯାହାର ମୁଖ୍ୟାଳୟ ରାୟଗଡାରେ ରହିବ ଏବଂ ଏହା ପୂର୍ବତଟ ରେଳପଥ ଅଧୀନରେ ରହିବ। ସୂଚନାଥାଉ କି, ରାଜ୍ୟ ଭାଜପା ନେତୃବୃନ୍ଦଙ୍କୁ ନେଇ ଗଠିତ ଏକ ଦଳ ଗତ ୪ ଦିନ ପୂର୍ବେ ଗୋୟଲଙ୍କୁ ସାକ୍ଷାତ କରି ଏକ ନୂଆ ରେଳ ଜୋନ୍ ପ୍ରତିଷ୍ଠା ଲାଗି ଦାବି ଜଣାଇଥିଲେ।

## ସାମ୍ନାକୁ ଆସିଲା ୨୦ ହଜାର କୋଟିର ଜିଏସ୍‌ଟି ଫାଙ୍କି

**ନୂଆଦିଲ୍ଲୀ,୨୭।୨:** କେନ୍ଦ୍ର ସରକାର ଅଦ୍ୟାବଧି ପ୍ରାୟ ୨୦ ହଜାର କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଧରିଛନ୍ତି। ଟିକସ ଫାଙ୍କି ରୋକିବା ଲାଗି ସରକାରଙ୍କ ପକ୍ଷରୁ ନିୟମରେ ଘନ ଘନ ପରିବର୍ତ୍ତନ କରାଯାଉଥିଲେ ହେଁ ବ୍ୟବସାୟୀମାନେ ଏହାର ଗଳାବାଟ ବାହାର କରିଦେଉଛନ୍ତି। ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ନିୟମକୁ ଅଧିକ କଡ଼ାକଡ଼ି କରିବା ସହ ଏହାକୁ ଯେପରି ପାଳନ କରାଯିବ ସେଥିପ୍ରତି ବିଭାଗ ଯତ୍ନବାନ ହେଉଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ଯାଞ୍ଚ)ର ସଦସ୍ୟ ଜନ୍ ଯୋଶେଫ କହିଛନ୍ତି ଯେ, ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଉପକାରୀ ଉଇ**

### ଆଜିର ମନ୍ତବ୍ୟ

" ବାୟୁସେନା ପାଇଲଟ ଅଭିନନ୍ଦନଙ୍କୁ ଛାଡିବା ପାଇଁ ପାକିସ୍ତାନ ଜେନେଭା ଚୁକ୍ତି ଅନୁସରଣ କରିବା ଜରୁରୀ।

**-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ**

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀ ମାସରେ ଘରୋଇ ବଜାରରେ ୯.୧୮ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ହୋଇଛି।

**- ୱାର୍ଲଡ ଷ୍ଟିଲ ଆସୋସିଏସନ**


NECC NATIONAL EGG CO-ORDINATION COMMITTEE | 27.02.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 79 | 131 | 141 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


# ପାକିସ୍ତାନ କବ୍‌ଜାରେ ଭାରତୀୟ ପାଇଲଟ

**ନୂଆଦିଲ୍ଲୀ/ ଇସ୍‌ଲମାବାଦ, ୨୭।୨(ପି.ଟି.)**

ଭାରତୀୟ ବାୟୁସେନା (ଆଇଏଏଫ୍) ପାକିସ୍ତାନର ବାଲାକୋଟରେ ଜୈଶ୍ ଆତଙ୍କବାଦୀଙ୍କ ତାଲିମ ଶିବିର ଉପରେ ଆକ୍ରମଣ କରିବା ପରେ ସୀମାନ୍ତରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ଭାରତ-ପାକିସ୍ତାନ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ରେଖା (ଆଇବି)ରେ ଉଭୟ ପଟୁ ଗୁଳି ବିନିମୟ ଚାଲିଥିବାରୁ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ପାକିସ୍ତାନୀ ସେନାର ୨ ହେଲିକପ୍ଟର ଭାରତୀୟ ବାୟୁସୀମା ଉଲ୍ଲଂଘନ କରିଥିବାବେଳେ ଏହାକୁ ଖସାଇ ଦିଆଯାଇଥିବା ଭାରତ ଦାବି କରିଛି। ସେପଟେ ପାକିସ୍ତାନ ପଟକୁ ଚାଲିଯାଇଥିବା ଭାରତର ୨ଟି ମିଗ୍ ବିମାନକୁ ଗୁଳିମାଡ଼ କରି ଖସାଇଥିବା ଇସ୍‌ଲାମାବାଦ ଦାବି କରିଛି। ଏହାସହ ଗୋଟିଏ ମିଗ୍ ବିମାନର ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ଗିରଫ କରିଥିବା ପାକିସ୍ତାନ କହିଛି। ପାକିସ୍ତାନ ପକ୍ଷରୁ ଅଭିନନ୍ଦନ ବୋଲି ଦାବି କରାଯାଉଥିବା ଜଣେ ବ୍ୟକ୍ତିଙ୍କ ଭିଡିଓ ମଧ୍ୟ ଜାରି କରାଯାଇଛି। ଇତିମଧ୍ୟରେ କୌଣସି ବଡ଼ଧରଣର ଆକ୍ରମଣକୁ ଏଡାଇବା ଲାଗି ଭାରତର ୯ ଓ ପାକିସ୍ତାନର ୫ଟି ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ କରାଯାଇଛି। ପାକିସ୍ତାନ ଉପଉଚ୍ଚାୟୁକ୍ତଙ୍କୁ ଭାରତ ସମନ କରିଥିବାବେଳେ ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନୂଆଦିଲ୍ଲୀକୁ ଆଲୋଚନା ପାଇଁ ପୁଣି ପ୍ରସ୍ତାବ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ☞ପୃଷ୍ଠା-୪

## ସୀମାନ୍ତରେ ଗମ୍ଭୀର ସ୍ଥିତି

| ପାକିସ୍ତାନର ଦାବି | ଭାରତର ଦାବି |
|---|---|
| ■ ୨ ଭାରତୀୟ ଯୁଦ୍ଧବିମାନ ଖସାଇଲୁ | ■ ପାକିସ୍ତାନର ୨ ହେଲିକପ୍ଟର ଖସାଇଲୁ |

- ■ ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କ ଭିଡିଓ ଜାରି କଲା ପାକିସ୍ତାନ
- ■ ପାକିସ୍ତାନ ଉପଉଚ୍ଚାୟୁକ୍ତଙ୍କୁ ନୂଆଦିଲ୍ଲୀର ସମନ
- ■ ଆଲୋଚନା ପାଇଁ ପୁଣି ପ୍ରସ୍ତାବ ଦେଲେ ଇମ୍ରାନ
- ■ ଭାରତର ୯, ପାକିସ୍ତାନର ୫ ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ
- ■ ସ୍ଥିତି ସମୀକ୍ଷା କଲେ ମୋଦି, ରାଜନାଥ, ଗୋଇନ୍ଦା ମୁଖ୍ୟ



ପାକିସ୍ତାନ ସେନା କବ୍‌ଜାରେ ଥିବା ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନ।

## ଖସିପଡ଼ିଲା ଆଇଏଏଫ୍ ହେଲିକପ୍ଟର: ୬ ମୃତ



**ଶ୍ରୀନଗର, ୨୭।୨(ପି.ଟି.)** ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ସାଧାରଣ ନାଗରିକଙ୍କ ସମେତ ୬ ନିହତ ହୋଇଥିବା ଜଣାପଡ଼ିଛି। ଆଇଏଏଫ୍ ହେଲିକପ୍ଟର ବୁଧବାର ପୂର୍ବାହ୍ନ ୧୦ଟା ୫ ମିନିଟରେ ବଡ଼ଗାମ୍‌ର ଗରେଣ୍ଡ କଲାନ୍ ଗ୍ରାମ ☞ପୃଷ୍ଠା-୪

# ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲକୁ ଖଣ୍ଡନ କଲା ବୋର୍ଡ

**କଟକ ଅଫିସ/ ବଲାଙ୍ଗୀର ଅଫିସ/ ସଇଁତଳା, ୨୭।୨(ଡି.ଏନ୍.ଏ.)**

### ମାଟ୍ରିକ ପରୀକ୍ଷା: ତୃତୀୟ ଭାଷାରେ ୧୦୦ ମାଲ୍‌ପ୍ରାକ୍ଟିସ

ଚଳିତ ମାଟ୍ରିକ ପରୀକ୍ଷା ଆରମ୍ଭରୁ ପ୍ରଶ୍ନପତ୍ର ଭାଇରାଲକୁ ନେଇ ଚର୍ଚ୍ଚାକୁ ଆସିଛି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)। ପ୍ରଥମ ଓ ଦ୍ୱିତୀୟ ଦିବସ ଭଳି ବୁଧବାର ଶେଷ ହୋଇଥିବା ତୃତୀୟ ଭାଷା (ହିନ୍ଦୀ) ପରୀକ୍ଷାରେ ମଧ୍ୟ ପ୍ରଶ୍ନପତ୍ର ଭାଇରାଲ ହୋଇଛି ବୋଲି ଚର୍ଚ୍ଚା ହୋଇଛି। ପରୀକ୍ଷା ଆରମ୍ଭ ହେବାର କିଛି ମିନିଟ୍ ପରେ ହିନ୍ଦୀ ପ୍ରଶ୍ନପତ୍ର ସହ କିଛି ହାତ ଲେଖା ସୋସିଆଲ ମିଡ଼ିଆରେ ଘୂରି ବୁଲିଥିଲା। ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ସଇଁତଳା ଅଞ୍ଚଳର କୌଣସି ଏକ ପରୀକ୍ଷା କେନ୍ଦ୍ରରୁ ଏହି ପ୍ରଶ୍ନପତ୍ର ଫଟୋ ଭାଇରାଲ ହୋଇଥିବା ଶୁଣିବାକୁ ମିଳିଥିଲା। ଏହା ଜଣାପଡିବା ପରେ ବୋର୍ଡ ପକ୍ଷରୁ ତୁରନ୍ତ ଖୋଳତାଡ଼ ଆରମ୍ଭ ହୋଇଥିଲା। କୌଣସି ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ହୋଇ ନ ଥିବା ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ପ୍ରଶ୍ନପତ୍ରକୁ ଯାଞ୍ଚ ପରେ ତାହା ପୂର୍ବ ବର୍ଷର ହୋଇଥିବା ଜଣାପଡିଛି। ପରୀକ୍ଷା ପରିଚାଳନା ସୁଚାରୁ ରୂପେ କରିବା ପାଇଁ ଚେଷ୍ଟା ଚାଲିଥିବାବେଳେ କେହି ବ୍ୟକ୍ତି ଏଭଳି ମିଛ ଖବର ପ୍ରଚାର କରି ଅଯଥା ବିଭ୍ରାନ୍ତ କରୁଛନ୍ତି ବୋଲି ଡ. ବେଗମ କହିଛନ୍ତି। ସେହିଭଳି ପ୍ରଶ୍ନପତ୍ର ଭାଇରାଲ୍ ଚର୍ଚ୍ଚା ହେବା ପରେ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଯାଞ୍ଚ କରିଥିଲା। ପରେ ବଲାଙ୍ଗୀର ଜିଲାରୁ ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଉକ୍ତ ଘଟଣାର ସତ୍ୟତା ନ ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଏହି ତୃତୀୟ ଭାଷା ପରୀକ୍ଷାରେ କପି କରି ମୋଟ ୧୦୦ଜଣ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୯୨ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୮ଜଣ ଧରାପଡି ମାଲ୍‌ପ୍ରାକ୍ଟିସ ହୋଇଥିବା ଡ. ବେଗମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ଦିନ ଅନୁଷ୍ଠିତ ପ୍ରଥମ ଭାଷା (ଓଡ଼ିଆ) ପରୀକ୍ଷାର ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ୧୧ଜଣଙ୍କୁ ନିଲମ୍ବିତ କରାଯାଇଥିବାବେଳେ ୭ଜଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଦ୍ୱିତୀୟ ଦିନର ଇଂଲିଶ ☞ପୃଷ୍ଠା-୪

## ■ ଝାରସୁଗୁଡ଼ା ଭିଏସ୍ଏସ୍ ବିମାନ ବନ୍ଦର

# ମାର୍ଚ୍ଚ ୩୧ରୁ ଉଡ଼ିବ ସ୍ପାଇସ୍‌ଜେଟ୍

**ଝାରସୁଗୁଡ଼ା ଅଫିସ,୨୭।୨**

- ■ ଟିକେଟ ବୁକିଂ ଆରମ୍ଭ
- ■ ୩ ମେଟ୍ରୋ ସହରକୁ ବିମାନ ସେବା
- ■ ଭୁବନେଶ୍ୱର, ମୁମ୍ବାଇ, ରାୟପୁରକୁ ବି ଉଡ଼ିବ

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦରରୁ ଦେଶର ୩ ମେଟ୍ରୋ ସହରକୁ ମାର୍ଚ୍ଚ ୩୧ରୁ ବିମାନ ସେବା ଆରମ୍ଭ ହେବ। ସ୍ପାଇସ୍‌ଜେଟ୍ ବିମାନ ସଂସ୍ଥା ଭିଏସ୍ଏସ୍ ଏୟାରପୋର୍ଟରୁ ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ କୋଲକାତାକୁ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ବୁଧବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ବୁଧବାରଠାରୁ ଏହି ୩ ସହରକୁ ଟିକେଟ ବୁକିଂ ଆରମ୍ଭ ହୋଇଥିବାବେଳେ ବିମାନ ଚଳାଚଳର ସମୟସୂଚୀ ଘୋଷଣା କରାଯାଇଛି।

ବୁଧବାର ନୂଆଦିଲ୍ଲୀର କନଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା ଏବଂ ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ଅଜୟ ସିହ୍ନା ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇ କହିଲେ, ଉଡାନ୍-୩ ଅଧୀନରେ କୋଲକାତା, ହାଇଦ୍ରାବାଦ ଏବଂ ନୂଆଦିଲ୍ଲୀକୁ ବିମାନ ଚଳାଚଳ ପାଇଁ ସ୍ପାଇସ୍‌ଜେଟ୍ ମନୋନୀତ ହୋଇଥିଲା। ଫେବୃୟାରୀ ୯ରେ କମ୍ପାନୀର ୮ଜଣିଆ ପ୍ରତିନିଧି ଦଳ ଭିଏସ୍ଏସ୍ ଏୟାରପୋର୍ଟ ଗସ୍ତ କରି ରିପୋର୍ଟ ସଂଗ୍ରହ କରିଥିଲେ। ସେହି ରିପୋର୍ଟ ଆଧାରରେ ମାର୍ଚ୍ଚ ୩୧ରୁ ସ୍ପାଇସ୍‌ଜେଟ୍ ବିମାନସେବା ଆରମ୍ଭ କରିବ। ଆଗକୁ ମୁମ୍ବାଇ, ଭୁବନେଶ୍ୱର ଓ ରାୟପୁରକୁ ଝାରସୁଗୁଡ଼ାରୁ ବିମାନ ଉଡ଼ିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ।

ଏହି ୩ ରୁଟ୍ ପାଇଁ କମ୍ପାନୀର ୬ ବିମାନ ପ୍ରସ୍ତୁତ ରହିବ। ବିମାନ ଚଳାଚଳ ☞ପୃଷ୍ଠା-୪






ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟ ହାଉସ୍ ପରିସରରେ ୨୧ ବିରୋଧୀ ଦଳର ବୈଠକ ପରେ ମିଳିତ ବିବୃତି ଜାରି କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା ମେନ୍ଧାର ସଂଲଗ୍ନ ନିୟନ୍ତ୍ରଣରେଖାରେ ପାକିସ୍ତାନୀ ସେନା ଘନ ଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ଏକ ଧର୍ମପୀଠରେ ଆଶ୍ରୟ ନେଇଛନ୍ତି ଗ୍ରାମବାସୀ।

## ବାୟୁସେନା ବୋମାମାଡ଼ରେ ଜୈଶ୍ ଆତଙ୍କବାଦୀ ନିହତ ହେବା ଘଟଣା

# ସଂଖ୍ୟାକୁ ନେଇ ସନ୍ଦେହ

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୭।୨

ଆତଙ୍କବାଦୀଙ୍କୁ ଢାଲ କରି ଭାରତ ସହ ଛାୟାଯୁଦ୍ଧ ଚଳାଇଥିବା ପାକିସ୍ତାନକୁ ଭାରତ ଉଚିତ ଜବାବ ଦେଇଛି। ଭାରତୀୟ ବାୟୁସେନା (ଆଇଏଏଫ୍)ର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ବାଲାକୋଟରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ନୂଆଦିଲ୍ଲୀ ଦାବି କରୁଛି। ସେପଟେ ସରକାରଙ୍କ ଏହି ଦାବିକୁ ପାକିସ୍ତାନ ଖଣ୍ଡନ କରୁଛି। ପ୍ରକୃତରେ କେତେ ସଂଖ୍ୟକ ଜୈଶ୍ ଆତଙ୍କବାଦୀ ନିହତ ହୋଇଛନ୍ତି ଏବଂ ସେମାନଙ୍କ ମୃତଦେହଗୁଡ଼ିକ କୁଆଡ଼େ ଗଲା ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଯଦି ୩୫୦ ଆତଙ୍କବାଦୀ ନିହତ ହୋଇଛନ୍ତି ତେବେ ଗୋଟି ଗୋଟି କରି ସମସ୍ତଙ୍କ ମୃତଦେହକୁ ପାକିସ୍ତାନ ମାଟିରେ କିଏ ଗଣିଲା ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଏଭଳି ସମୟରେ ଏହାର ପ୍ରମାଣ ମାଗିବା ସାହସ ହୁଏତ କେହି କରି ନ ପାରନ୍ତି, କିନ୍ତୁ ସାଧାରଣରେ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରାଯିବା ଆବଶ୍ୟକ ବୋଲି ଅନେକେ କହିବା ଆରମ୍ଭ କଲେଣି।

ପୁଲ୍‌ୱାମା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଆଇଏଏଫ୍‌ର ୧୨ଟି ମିରାଜ୍ ୨୦୦୦ ବିମାନ ପାକିସ୍ତାନ ଯାଇଥିଲା। ବିମାନଗୁଡ଼ିକରୁ ୧୦୦୦ କେ.ଜି.ର ଲେଜର ଗାଇଡେଡ୍ ବୋମା ୩ଟି ସ୍ଥାନରେ ନିକ୍ଷେପ କରାଯାଇଛି। ଆକାଶମାର୍ଗରୁ



**୩୫୦ ମୁଣ୍ଡ ଗଣିଲା କିଏ**

ଏହି ଦେଢ଼ ମିନିଟର ଆକ୍ରମଣରେ ବାଲାକୋଟ, ମୁଜାଫରାବାଦ ଓ ଚକୋଟିରେ ୩୨୫ ଆତଙ୍କବାଦୀ ଓ ସେମାନଙ୍କ ୨୫ ତାଲିମଦାତା ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ଜୈଶ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଶାଳକ ମୌଲାନା ୟୁସୁଫ୍ ଆଝାର ଓରଫ୍ ଉସ୍ତାଦ ଘୋରୀ (କାନ୍ଦାହାର ଅପହରଣର ଅନ୍ୟତମ ଷଡ଼ଯନ୍ତ୍ରକାରୀ)ଙ୍କ ସମେତ ଅନେକ କମାଣ୍ଡର ରହିଥିବା କୁହାଯାଉଛି। ଏଭଳି ସମୟରେ ପାକ୍-ଅଧିକୃତ କଶ୍ମୀରରେ ୨୦୧୬ ସେପ୍ଟେମ୍ବର ୨୮ ମଧ୍ୟରାତ୍ରିର ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ପୂର୍ବରୁ ପ୍ରଶ୍ନ ଉଠାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳଗୁଡ଼ିକ ସଦ୍ୟ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ବ୍ୟକ୍ତ କରି ହଟହଟା ହେବାକୁ ଚାହୁଁନାହାନ୍ତି। କାରଣ ଆଗକୁ ସାଧାରଣ ନିର୍ବାଚନ ଅଛି।

ସେପଟେ ପାକିସ୍ତାନ ପ୍ରଧାନମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଓ ସେନା ଅଧିକାରୀମାନେ ଏହାକୁ ଖଣ୍ଡନ କରିଛନ୍ତି। ପାକିସ୍ତାନର ଜାତୀୟ ନିରାପତ୍ତା କମିଟି (ଏନ୍‌ଏସ୍‌ସି)ର ଏକ ଜରୁରୀ ବୈଠକରେ ମଧ୍ୟ ଏହାକୁ ମିଛ ବୋଲି କୁହାଯାଇଛି। ଏହାସହ ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକୁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ ପାଇଁ ପାକିସ୍ତାନ ଆମନ୍ତ୍ରଣ କରିଛି। ଭାରତରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭାରତ ସରକାର ଏଭଳି ପ୍ରଚାର କରୁଥିବା ଇସ୍‌ଲାମାବାଦ ଅଭିଯୋଗ ଆଣିଛି। ଭାରତ ବାୟୁସୀମା ଉଲ୍ଲଂଘନ କରି ୪ଟି ବୋମା ପକାଇଥିବା କଥା ସତ। କିନ୍ତୁ ଏଥିରେ କେହି ଜଣେ ହେଲେ ମୃତାହତ ହୋଇନାହାନ୍ତି ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି। ଭାରତର କାର୍ଯ୍ୟାନୁଷ୍ଠାନରେ କିଛି କ୍ଷୟକ୍ଷତି ହୋଇନାହିଁ ବୋଲି ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ମଧ୍ୟ ଟୁଇଟ୍ କରିଛନ୍ତି। ଭାରତ କହୁଛି ପାକିସ୍ତାନ କର୍ତ୍ତୃପକ୍ଷ ପାଗ ଖରାପ ଥିବା ଆଳ ଦେଖାଇ ଆତଙ୍କବାଦୀଙ୍କ ମୃତଦେହ ଓ ଅନ୍ୟ ପ୍ରମାଣ ଲୁଚାଇବା ପାଇଁ ଉଦ୍ୟମ କରୁଛି। ଏହି ଯୁକ୍ତିକୁ ମାନି ନିଆଗଲେ ସର୍ଜିକାଲ ଷ୍ଟ୍ରାଇକ୍‌ରେ ୫୦ ଆତଙ୍କବାଦୀ ନିହତ ହେବା ଭଳି ଏଥର ମଧ୍ୟ ୩୫୦ ଆତଙ୍କବାଦୀ ନିପାତ ହେବା ସବୁଦିନ ପାଇଁ ରହସ୍ୟ ହୋଇ ରହିଯିବ ବୋଲି ଭାରତରେ ଚର୍ଚ୍ଚା ହେଉଛି।

> "ଯୁଦ୍ଧ ଆରମ୍ଭ ହେଲେ ତାକୁ କେହି ନିୟନ୍ତ୍ରଣ କରିପାରିବେ ନାହିଁ।
> – ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ



> "ଅବୋଟାବାଦରେ ଆମେରିକାର ଅପରେଶନ ଭଳି ଅଭିଯାନ ଭାରତ ମଧ୍ୟ କରିପାରିବ।
> –ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ



## ଆର୍‌ଆଇସିରେ ପୁଲ୍‌ୱାମା ପ୍ରସଙ୍ଗ ଉଠାଇଲେ ସୁଷମା

ୟୁଝେନ(ଚାଇନା), ୨୭।୨ (ଆଇଏଏନ୍‌ଏସ୍)

ପୁଲ୍‌ୱାମା ଆକ୍ରମଣ ଏବଂ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନକୁ ନେଇ ପାକିସ୍ତାନ ସହ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ବୁଧବାର ରୁଷିଆ-ଭାରତ-ଚାଇନା (ଆର୍‌ଆଇସି) ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ୧୬ତମ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଭାରତ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ପୁଲ୍‌ୱାମା ଆକ୍ରମଣ ଏବଂ ପାକିସ୍ତାନ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରସଙ୍ଗ ଉଠାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ତାଙ୍କର ଚାଇନା ଏବଂ ରୁଷିଆ ପ୍ରତିପକ୍ଷଙ୍କ ସହ ଆଲୋଚନା ବେଳେ ଆତଙ୍କବାଦୀ ନିରୋଧୀ ପ୍ରସଙ୍ଗ ଉପରେ ୨୪ ଘଣ୍ଟା ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଜେଇଏମ୍ ପାକିସ୍ତାନ ଭିତ୍ତିକ ଏବଂ ସମର୍ଥିତ ଆତଙ୍କବାଦୀ ସଂଗଠନ। ପୁଲ୍‌ୱାମା ଆକ୍ରମଣ ପରେ ଜେଇଏମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନ୍ତର୍ଜାତୀୟ ସମୁଦାୟର ଚାପ ସତ୍ତ୍ୱେ ଇସ୍‌ଲାମାବାଦ ଏହାକୁ ଗୁରୁତ୍ୱର ସହ ନେଇନାହିଁ। ଜେଇଏମ୍ ଆକ୍ରମଣ କରିଥିବାର ଦାବି ସତ୍ତ୍ୱେ ପାକିସ୍ତାନ ଏହାକୁ ଖଣ୍ଡନ କରୁଥିବା ସୁଷମା କହିଛନ୍ତି। ଏଭଳି ଭୀରୁତାପୂର୍ଣ୍ଣ ଆକ୍ରମଣ ସ୍ମରଣ କରାଇ ଦେଉଛି ଯେ ଆତଙ୍କବାଦକୁ କୌଣସି ଦେଶ ବରଦାସ୍ତ କରିବା ଉଚିତ ନୁହେଁ ଏବଂ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଜାତିସଂଘର ବିଶ୍ୱ ଆତଙ୍କବାଦୀ ତାଲିକାରେ ଜେଇଏମ୍ ମୁଖ୍ୟ ମାସୁଦ ଆଝାରକୁ ସାମିଲ କରିବା ଲାଗି ଭାରତର



ଗୁରୁତ୍ୱାରୋପ କରିଥିଲେ। ଚାଇନା ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ଗତ ୧୪ ତାରିଖ ପୁଲ୍‌ୱାମା ଆକ୍ରମଣ କଥା ଉଠାଇଥିଲେ। ଜମ୍ମୁ-କଶ୍ମୀରରେ ମୁତୟନ ଦେଶର ସୁରକ୍ଷା ବଳ ପ୍ରତି ଏହା ନିକୃଷ୍ଟତମ ଆତଙ୍କବାଦୀ ଆକ୍ରମଣ ବୋଲି ସୁଷମା କହିଥିଲେ।

ବାୟୁସେନାର ଯୁଦ୍ଧବିମାନ ପାକିସ୍ତାନ ସୀମାରେ ପ୍ରବେଶ କରି ବାଲାକୋଟରେ ଥିବା ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିବାର ବାରମ୍ବାର ଉଦ୍ୟମ ସତ୍ତ୍ୱେ ଚାଇନା ଏଥିରେ ପ୍ରତିବନ୍ଧକ ସାଜିଆସିଛି। ଏହି ପରିପ୍ରେକ୍ଷୀରେ ସୁଷମା ତାଙ୍କର ଚାଇନା ପ୍ରତିପକ୍ଷଙ୍କୁ ଭେଟିବା ଗୁରୁତ୍ୱପୂର୍ଣ୍ଣ। ପୁଲ୍‌ୱାମା ଆକ୍ରମଣକୁ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଆମେରିକା, ରୁଷିଆ, ବ୍ରିଟେନ, ଫ୍ରାନ୍ସ ସମେତ ବିଶ୍ୱର ଅନେକ ଦେଶ ନିନ୍ଦା କରିଥିବାରେ ଚାଇନାର ଜେଇଏମ୍ ମୁଖ୍ୟଙ୍କ ପ୍ରତି ରହିଥିବା ଆଭିମୁଖ୍ୟରେ ପରିବର୍ତ୍ତନ ହୋଇନାହିଁ।

## ଭାରତର କାର୍ଯ୍ୟାନୁଷ୍ଠାନକୁ ଆମେରିକାର ସମର୍ଥନ

ନୂଆଦିଲ୍ଲୀ,୨୭।୨(ଆଇଏଏନ୍‌ଏସ୍)



ପାକିସ୍ତାନରେ ଥିବା ଜୈଶ୍-ଇ-ମହମ୍ମଦ ଶିବିର ଉପରେ ଭାରତର କଠୋର କାର୍ଯ୍ୟାନୁଷ୍ଠାନକୁ ଆମେରିକା ସମର୍ଥନ ଜଣାଇଛି। ଏହା ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ବୋଲି ଆମେରିକା ବହିର୍ବ୍ୟାପାର ସଚିବ ମାଇକ୍ ପମ୍ପିଓ କହିଛନ୍ତି। ଏଥିସହିତ ଭାରତ ଓ ଆମେରିକା ମଧ୍ୟରେ ଘନିଷ୍ଠ ସୁରକ୍ଷା ସହଯୋଗିତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ରୁଷିଆ-ଭାରତ-ଚାଇନା (ଆର୍‌ଆଇସି) ବହିର୍ବ୍ୟାପାର ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବାକୁ ସୁଷମା ସ୍ୱରାଜ ୟୁଝେନ୍‌ରେ ଥିବାବେଳେ ପମ୍ପିଓ ତାଙ୍କ ସହ କଥା ହୋଇଛନ୍ତି। ମଙ୍ଗଳବାର ରାତିରେ ଏକ ବିବୃତି ଜାରି କରି ପମ୍ପିଓ କହିଛନ୍ତି, ୨୬ ତାରିଖରେ ଭାରତର ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପରେ ସେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ କଥା ହୋଇ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାରେ ଦୁଇଦେଶର ଲକ୍ଷ୍ୟ ଏବଂ ନିରାପତ୍ତା ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଅଧିକ ସାମରିକ କାର୍ଯ୍ୟାନୁଷ୍ଠାନଠାରୁ ଦୂରେଇ ରହିବାକୁ ପମ୍ପିଓ ସୁଷମାଙ୍କୁ କହିଥିବା ଜଣାପଡିଛି।

## 'ବିଶ୍ୱ ମାନଚିତ୍ରରୁ ପାକିସ୍ତାନ ଲିଭିଗଲେ ବିଶ୍ୱଶାନ୍ତି ସମ୍ଭବ'

ମୁମ୍ବାଇ,୨୭।୨(ପି.ଟି.)

ପାକିସ୍ତାନ ଉପରେ କ୍ରମାଗତ କାର୍ଯ୍ୟାନୁଷ୍ଠାନ ଲାଗି ଶିବସେନା ପକ୍ଷରୁ ଦାବି କରାଯାଇଛି। ବିଶ୍ୱ ମାନଚିତ୍ରରୁ ପାକିସ୍ତାନ ନିଶ୍ଚିହ୍ନ ନ ହେବା ପର୍ଯ୍ୟନ୍ତ ଶାନ୍ତି ସମ୍ଭବ ନୁହେଁ ବୋଲି ଶିବସେନା ମୁଖପତ୍ର 'ସାମନା'ର ସମ୍ପାଦକୀୟରେ କୁହାଯାଇଛି। ପାକିସ୍ତାନ ଭଳି ଦେଶ କେବଳ ଭାରତ ପାଇଁ ବିପଦ ନୁହେଁ ସାରା ବିଶ୍ୱ ପାଇଁ ମଧ୍ୟ ଏମାନେ ବିପଜ୍ଜନକ। ପାକିସ୍ତାନରେ ଗଣତନ୍ତ୍ର ନ ଥିବାରୁ ସେଠାର ସେନାମୁଖ୍ୟ ପ୍ରଧାନମନ୍ତ୍ରୀ ଏବଂ ସରକାରଙ୍କ ନାମରେ କ୍ଷମତାର ଅପବ୍ୟବହାର କରୁଥିବା 'ସାମ୍‌ନା'ରେ କୁହାଯାଇଛି।

## ୨୭୦୦ କୋଟିର ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୭।୨(ପି.ଟି.)



ପାଖାପାଖି ୨୭୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କିଣା ଚୁକ୍ତିନାମାକୁ ମଞ୍ଜୁରୀ ମିଳିଛି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ସମ୍ପର୍କିତ ପରିଷଦ (ଡିଏସି)ର ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବ ଅନୁଯାୟୀ ନୌସେନା ପାଇଁ ତିନୋଟି କ୍ୟାଡେଟ୍ ତାଲିମ ଜାହାଜ କିଣାଯିବ। ଏଗୁଡିକୁ ନୌସେନା ଅଫିସର କ୍ୟାଡେଟମାନଙ୍କୁ ପ୍ରଶିକ୍ଷଣ ଦେବାରେ ନିୟୋଜିତ କରାଯିବ। ଏହା ବ୍ୟତୀତ ଉକ୍ତ ଜାହାଜ ହସ୍ପିଟାଲ ସିପ୍ ଡ୍ୟୁଟି ସାଙ୍ଗକୁ ମାନବୀୟ ସହାୟତା, ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୋଇପାରିବ।

## ସିଡବ୍ଲ୍ୟୁସି ବୈଠକ ସ୍ଥଗିତ

ନୂଆଦିଲ୍ଲୀ,୨୭।୨(ପି.ଟି.)

ଅହମଦାବାଦରେ ଗୁରୁବାର ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ସୀମାନ୍ତରେ ନିରାପତ୍ତା ସ୍ଥିତିକୁ ନେଇ କଂଗ୍ରେସ ନେତୃତ୍ୱ ଏଭଳି ନିଷ୍ପତ୍ତି ନେଇଥିବା ଏହାର ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେଇଥାନ୍ତେ। ଏଥିସହିତ ରାହୁଲ ମଧ୍ୟ ତାଙ୍କର ଅହମଦାବାଦ ସଭାକୁ ସ୍ଥଗିତ ରଖିଛନ୍ତି। ଖୁବ୍‌ଶୀଘ୍ର ପରବର୍ତ୍ତୀ ତାରିଖ ସ୍ଥିରହେବ ବୋଲି ସୁର୍ଜେୱାଲା ସୂଚନା ଦେଇଛନ୍ତି।

# ବିମାନ ଚଳାଚଳରେ ବାଧା

ନୂଆଦିଲ୍ଲୀ,୨୭।୨(ପି.ଟି.)

ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନାକୁ ନେଇ ବୁଧବାର ଉତ୍ତର ଭାରତର ୯ଟି ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ କରିଦିଆଯାଇଥିଲା। ପରେ ଏହାକୁ ସ୍ୱାଭାବିକ କରାଯାଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। ଶ୍ରୀନଗର, ଜମ୍ମୁ, ଲେହ, ପଠାନକୋଟ୍, ଅମୃତସର, ଶିମ୍‌ଲା, କଙ୍ଗ୍ରା, କୁଲ୍ଲୁ ମାନାଲି ଏବଂ ପିଥୋରାଗଡରୁ ବିମାନ ଚଳାଚଳ ଫେବୃୟାରୀ ୨୭ରୁ ମେ ୨୭ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ବୁଧବାର ସକାଳେ ନୋଟିସ ଜାରି କରିଥିଲେ। ଅପରାହ୍ନରେ ଡିଜିସିଏ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଛନ୍ତି। ବାୟୁସେନାର ମାର୍ଗଦର୍ଶିକା ଏବଂ ପରାମର୍ଶକୁ କଡାକଡି ଭାବେ ପାଳନ କରାଯାଉଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା କହିଛନ୍ତି। ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ନେଇ ଶ୍ରୀନଗର, ଲେହ ସମେତ ଉତ୍ତର ଭାରତର ୯ଟି ବିମାନବନ୍ଦର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

ପାକିସ୍ତାନ ମଧ୍ୟ ଏହାର ପଞ୍ଜାବ ଓ ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ସମସ୍ତ ବଡ଼ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ ରଖିଛି। ଲାହୋର, ମୁଲ୍‌ତାନ, ଫୈସଲାବାଦ, ସିଆଲକୋଟ୍ ଏବଂ ଇସ୍‌ଲାମାବାଦରୁ ବିମାନ ଚଳାଚଳ ସାମୟିକ ବନ୍ଦ ରଖାଯାଇଥିବାରୁ ଚାଇନାର ଗୁଆଙ୍ଗଝୋଉରୁ ଆସିଥିବା ଏକ ବିମାନକୁ ଫେରାଇ ଦିଆଯାଇଥିଲା।

## ୨ ଜୈଶ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୭।୨(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ବୁଧବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ଥିବା ଜଣାପଡିଛି। ଆତଙ୍କବାଦୀମାନେ ଶୋପିଆନ୍‌ର ମିମେନ୍ଦର ଅଞ୍ଚଳରେ



ଆତ୍ମଗୋପନ କରିଥିବା ସୂଚନା ପାଇ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ସର୍ଚ୍ଚ ଅପରେଶନରେ ଥିବା ଯବାନଙ୍କ ଉପରକୁ ଗୁଳି ଚଳାଇବା ପରେ ସୁରକ୍ଷା ବଳ ଏହାର ଠିକଣା ଜବାବ ଦେଇଥିଲେ। ଏନ୍‌କାଉଣ୍ଟର ସ୍ଥଳରୁ ୨ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ଆତଙ୍କବାଦୀ ଶୋପିଆନର ସୈଦାପୋରା ପାୟିନ ଅଞ୍ଚଳର ସୁହେଲ ନାଜିର ମିର୍ ହୋଇଥିବାବେଳେ ଅନ୍ୟ ଜଣକ ପାକିସ୍ତାନୀ। ସେମାନଙ୍କ ବିରୋଧରେ ଏକାଧିକ ଆତଙ୍କବାଦ ମାମଲା ରହିଛି।

# ଜେନେଭା ସନ୍ଧି କ'ଣ

ନୂଆଦିଲ୍ଲୀ,୨୭।୨

ଯୁଦ୍ଧବନ୍ଦୀ (ପିଓଡବ୍ଲୁ)ମାନଙ୍କ ଅଧିକାରର ସୁରକ୍ଷା ଲାଗି ଜେନେଭା ବୁଝାମଣାରେ କେତେକ ନିୟମ ପ୍ରଣୟନ କରାଯାଇଥିଲା। ଏଥିରେ ୪ଟି ସନ୍ଧି ଏବଂ ୩ଟି ଅତିରିକ୍ତ ପ୍ରୋଟୋକଲ ରହିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୁଦ୍ଧ ସମୟରେ ମାନବୀୟ ମୂଲ୍ୟବୋଧକୁ ବଜାୟ ରଖିବା। ମାନବୀୟତାକୁ ଅକ୍ଷୁଣ୍ଣ ରଖିବା ଲାଗି ପ୍ରଥମ ସନ୍ଧି ୧୮୬୪ରେ ହୋଇଥିବାବେଳେ ଦ୍ୱିତୀୟ ଏବଂ ତୃତୀୟ ସନ୍ଧି ଯଥାକ୍ରମେ ୧୯୦୬ ଓ ୧୯୨୯ରେ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪ଟି ଦେଶକୁ ନେଇ ଚତୁର୍ଥ ଚୁକ୍ତି ୧୯୪୯ରେ ସ୍ୱାକ୍ଷର ହୋଇଥିଲା।

ଅନ୍ତର୍ଜାତୀୟ ରେଡକ୍ରସ୍ କମିଟି ଅନୁଯାୟୀ ଯୁଦ୍ଧ ସମୟରେ ଗିରଫ ସୈନିକଙ୍କ ସହ କିପରି ବ୍ୟବହାର କରାଯିବ ଜେନେଭା ଚୁକ୍ତିରେ ତାକୁ ନେଇ ନିୟମ ପ୍ରଣୟନ ହୋଇଛି। ଯୁଦ୍ଧବନ୍ଦୀମାନଙ୍କର ଅଧିକାର କ'ଣ ଏଥିରେ ସ୍ପଷ୍ଟ କରାଯାଇଛି। ଉକ୍ତ ନିୟମାବଳୀ ଅନୁଯାୟୀ ଯୁଦ୍ଧକ୍ଷେତ୍ରରେ



ଆହତଙ୍କ ଉପଯୁକ୍ତ ଚିକିତ୍ସା କରାଯିବ। ସାଧାରଣ ଲୋକଙ୍କ ସୁରକ୍ଷା କଥା ମଧ୍ୟ ଏଥିରେ କୁହାଯାଇଛି। ଜେନେଭା ଚୁକ୍ତିର ଅନୁଚ୍ଛେଦ-୩ ଅନୁଯାୟୀ ଆହତ ଯୁଦ୍ଧବନ୍ଦୀଙ୍କର ଉପଯୁକ୍ତ ଚିକିତ୍ସା କରାଯିବା ସହ ସେମାନଙ୍କ ପ୍ରତି କୌଣସି ପ୍ରକାର ବର୍ବରତା କରାଯାଇପାରିବ ନାହିଁ। ସେମାନଙ୍କ ପ୍ରତି ପାତରଅନ୍ତର କରାଯିବନି, ସେମାନଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯିବ, ଡର, ଧମକ ଦିଆଯାଇପାରିବ ନାହିଁ, ଅପମାନିତ କରାଯାଇପାରିବ ନାହିଁ, ସେମାନଙ୍କ ବିରୋଧରେ ମୋକଦ୍ଦମା ଚାଲିପାରିବ। ଯୁଦ୍ଧ ପରେ ସେମାନଙ୍କୁ ସମ୍ପୃକ୍ତ ଦେଶକୁ ଫେରାଇବାକୁ ପଡିବ। ଯୁଦ୍ଧବନ୍ଦୀଙ୍କୁ ନେଇ କୌଣସି ଦେଶ ଲୋକଙ୍କ ମଧ୍ୟରେ ଉତ୍ସୁକତା ସୃଷ୍ଟି କରିପାରିବେ ନାହିଁ। ସେମାନଙ୍କୁ କେବଳ ନାମ, ସୈନ୍ୟପଦ, ନମ୍ବର ବା ୟୁନିଟ ବିଷୟରେ ପଚରାଯାଇପାରିବ।

ଭାରତୀୟ ବାୟୁସେନାର ମିଗ୍ ୨୧ ବିମାନକୁ ପାକିସ୍ତାନ ଗୁଳି କରି ଖସାଇଦେବା ପରେ ଏହାର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଗିରଫ କରିଛି। ଜେନେଭା ଚୁକ୍ତି ଅନୁଯାୟୀ ତାଙ୍କ ପ୍ରତି ଯୁଦ୍ଧବନ୍ଦୀ ଭାବେ ବ୍ୟବହାର ଦେଖାଇବା ପାଇଁ ଭାରତ ଦାବି କରିଛି। ଉଭୟ ପକ୍ଷ ମଧ୍ୟରେ ଶତ୍ରୁତା ଦୂର ହେବା ପରେ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବା ଅନିବାର୍ଯ୍ୟ। ମାନବାଧିକାରର ସୁରକ୍ଷା ଲାଗି ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡିକୁ ଉକ୍ତ ସନ୍ଧିର ନିୟମ ପାଳନ କରିବାକୁ ହେବ। ପୁଲ୍‌ୱାମା ଆକ୍ରମଣ ପରେ ଆତଙ୍କବାଦୀଙ୍କ ବିରୋଧରେ ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲେ ମଧ୍ୟ ଯୁଦ୍ଧ ଘୋଷଣା ହୋଇନାହିଁ। ତେଣୁ ଗିରଫ ପାଇଲଟଙ୍କୁ ଯୁଦ୍ଧବନ୍ଦୀ ଭାବେ ଗ୍ରହଣ କରାଯିବ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।





ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କ ନେତୃତ୍ୱ ଓଡ଼ିଶାକୁ ନୂଆ ବାଟ ଦେଖାଇଛି

**ରାୟଗଡ଼ା ଅଫିସ୍,୨୭।୨(ଡି.ଏନ୍.ଏ.)**

ମହିଳାଙ୍କ ନେତୃତ୍ୱ ଓଡ଼ିଶାକୁ ଏକ ନୂଆ ବାଟ ଦେଖାଇପାରିଛି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବାକୁ କେନ୍ଦ୍ର ପାଖରେ ଆମେ ଦାବି ରଖିଛୁ। ରାୟଗଡ଼ା ଜିଲା ଖଲିଗୁଡ଼ାରେ ବୁଧବାର ଅନୁଷ୍ଠିତ ମିଶନ ଶକ୍ତି ମହାସମାବେଶରେ ଲକ୍ଷାଧିକ ମହିଳାଙ୍କୁ ସମ୍ବୋଧିତ କରି ଏଭଳି ବକ୍ତବ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗସ୍ତ ଅବସରରେ ସେ ରାୟଗଡ଼ା ଜିଲା ପାଇଁ ୫୩୨ କୋଟି ୫୮ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ୨୦୪ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ୪୧ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଖଲିଗୁଡ଼ାରେ ସଭାସ୍ଥଳରେ ଦିନ ୧୧ଟା ୪୫ ସୁଦ୍ଧା ପହଞ୍ଚିବାର ଥିଲା। ଖରାପ ପାଗ ଯୋଗୁ ଲାଞ୍ଜିଗଡ଼ ବଦଳରେ ତାଙ୍କ ବିମାନ ଜୟପୁରରେ ଅବତରଣ କରିଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ୧ଘଣ୍ଟା ଅପେକ୍ଷା କରିଥିଲେ। ଲାଞ୍ଜିଗଡ଼ରୁ ହେଲିକପ୍ଟର ଜୟପୁର ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ସେଥିରେ ଯାତ୍ରାକରି ୨ଟା୩୦ରେ ରାୟଗଡ଼ାରେ ପହଞ୍ଚିଥିଲେ। ସଭାସ୍ଥଳରେ ଉପସ୍ଥିତ ୧ଲକ୍ଷ ମହିଳାଙ୍କୁ ଜୁହାର କହିବା ସହ ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନା କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ମହିଳା ସଶକ୍ତୀକରଣ ମାଧ୍ୟମରେ ୬ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ଏଥିରେ ୭୦ଲକ୍ଷ ମହିଳାଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ସ୍ୱାବଲମ୍ବୀ କରାଇବାକୁ ସମସ୍ତ ଗ୍ରୁପକୁ ବିନା ସୁଧରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଇଥିବା ସେ କହିଥିଲେ। କାଳିଆ ଯୋଜନାରେ ଚାଷୀଙ୍କୁ ସାମିଲ କରାଯାଇଛି। ସ୍କଲାରଶିପ ଜରିଆରେ ଚାଷୀଙ୍କ ପିଲାଙ୍କୁ ପାଠପଢ଼ା ବ୍ୟବସ୍ଥା କରାଯାଇଛି। କେତେକ ଲୋକ ଏହା ବନ୍ଦ ହୋଇଯିବା ନେଇ ମିଥ୍ୟା ଅପପ୍ରଚାର କରୁଛନ୍ତି। ଏହା ଏକ ଐତିହାସିକ ପଦକ୍ଷେପ ଓ ଏହାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ କିଛି ସୁବିଧା ନ ଥିବା ବେଳେ ବହୁ ଚାଷୀ ଏଥିରୁ ବାଦ୍ ପଡିଛନ୍ତି। ଏହାର ପ୍ରୋତ୍ସାହନ ରାଶି ୬ହଜାର ପରିବର୍ତ୍ତେ ୧୦ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି ଜଣାଇଥିବା କହିଥିଲେ। ଚାଷୀ, ମହିଳା ଓ ଯୁବକଙ୍କୁ ସଶକ୍ତ କରି ଓଡ଼ିଶାର ନୂଆ ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ରାୟଗଡା ଜିଲାରେ ୫୩୨ କୋଟି ୫୮ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ। ୨୦୪ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ୪୧ଟି ପ୍ରକଳ୍ପକୁ ମଧ୍ୟ ସେ ଲୋକାର୍ପିତ କରିଥିଲେ। ସେହିପରି ୧୫୦୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ, ୧୧୮୯ ଜଣଙ୍କୁ ମଧୁବାବୁ ପେନସନ, ୧୨୯୭ ଜଣଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା, ୧୪୪ଟି ଏସ୍‌ଏଚ୍‌ଜିକୁ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ, ୧୧ଟି ପ୍ରକଳ୍ପରେ ୬୭୨୯ଟି ଏସ୍‌ଏଚ୍‌ଜିକୁ ୧୦କୋଟି ୯ଲକ୍ଷ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଣବ ପ୍ରକାଶ ଦାଶ, କୋରାପୁଟ ଏମ୍‌ପି ଝିନ୍ନ ହିକ୍କା, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଉପସ୍ଥିତ ଥିଲେ।

# କୋରାପୁଟ ରଣା, ମାଳୀଙ୍କୁ ଜନଜାତି ମାନ୍ୟତା

■ ବିଚାର ବିମର୍ଶ କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** କୋରାପୁଟ ଜିଲାରେ ବସବାସ କରୁଥିବା ରଣା, ମାଳୀ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯିବା ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସଚିବାଳୟରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଡୋଶୀ ଆନ୍ଧ୍ରରେ ରହୁଥିବା ରଣା ଏବଂ ମାଳୀ ସମ୍ପ୍ରଦାୟର ଲୋକଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯାଇ ସାରିଛି। ତେଣୁ ଅନୁରୂପ ଭାବେ ଓଡ଼ିଶାରେ ଏହା କରିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଭାରତ ସରକାରଙ୍କ ଅନୁମତି ଦରକାର। ଏହା ପୂର୍ବରୁ ରାଜ୍ୟ ସରକାରଙ୍କୁ ଉପଯୁକ୍ତ ତଥ୍ୟ ସହ ସୁପାରିସ କରିବାକୁ ପଡିବ। ତେଣୁ ଏହି ଦୁଇ ସମ୍ପ୍ରଦାୟ ସମ୍ପର୍କରେ ରାଜ୍ୟ ସରକାର ବ୍ୟାପକ ଅଧ୍ୟୟନ ଏବଂ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡିଛି।

ଉଭୟ ସମ୍ପ୍ରଦାୟର ଭାଷା, ଚାଲିଚଳନ, ସଂସ୍କୃତି, ପ୍ରଥା, ଧର୍ମ ଏବଂ ବୈବାହିକ ସମ୍ପର୍କରେ ପଡୋଶୀ ଆନ୍ଧ୍ର ଜନଜାତିଙ୍କ ସହ ସାମଞ୍ଜସ୍ୟ ଇତ୍ୟାଦିକୁ ଅନୁଶୀଳନ କରାଯିବ। ଅନୁଶୀଳନରୁ ପ୍ରାପ୍ତ ତଥ୍ୟକୁ ସମ୍ବଳିତ କରିବା ରାଜ୍ୟ ସରକାର ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟତୀତ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ବରିଷ୍ଠ ଅଧିକାରୀ ନିକୁଞ୍ଜ ଧଳ ଓ ଅଖିଳ ବିହାରୀ ଓତା ଏବଂ ରଣା, ମାଳୀ ସମାଜର କେତେକ ପ୍ରତିନିଧି ଯୋଗ ଦେଇଥିଲେ।




# ଉତ୍ତର, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ୧୬ ଜିଲାକୁ ଝଡ଼ବର୍ଷା ସତର୍କତା

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନ ଏବଂ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ୧୬ଟି ଜିଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ନୟାଗଡ, ଖୋର୍ଦ୍ଧା, ପୁରୀ, ରାୟଗଡା ଏବଂ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ଝଡ ପବନ ବୋହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ଗୁରୁବାର ଉପକୂଳ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଏବଂ ମୟୂରଭଞ୍ଜ, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲାରେ ସ୍ୱଳ୍ପ ବର୍ଷା ସହ ଝଡପବନ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗତ ଦୁଇଦିନ ଧରି ପାଗ ମେଘୁଆ ରହିବା ସହ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି।


Kiit HIGHER SECONDARY SCHOOL
FULLY RESIDENTIAL
For XI & XII Science Programme
WISH ALL THE HSC EXAMINEES GRAND SUCCESS
just one step...
SUMMER COURSE
Starts from 15th March - 19
(For the students appearing 10th Board Examination of BSE/ CBSE/ ICSE - 2019)
For Further Details Please Contact:
Kiit Science College, Campus-8, KIIT, Patia, Bhubaneswar, Tel.:(0674)2725634, 9556383366, Mob.: 9090091591, 9090091589, 9040625707
www.kiitsciencecollege.org, kiitsciencecollege@yahoo.co.in










ସ୍ୱର୍ଗତ ହେମନ୍ତ କୁମାର ସାହା

ଆବିର୍ଭାବ: ନଭେମ୍ବର ୨୯, ୧୯୧୨ • ତିରୋଧାନ: ଫେବୃୟାରୀ ୨୮, ୧୯୮୦

ପ୍ରତିଷ୍ଠାତା: କାରୁକ୍ରିତ୍ ଆଡ୍‌ଭର୍ଟାଇଜିଂ ପ୍ରା. ଲିଃ

୩୯ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି

ଏହି ଦିନରେ ଆମେ ଆପଣଙ୍କୁ ଆମର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରଦ୍ଧାର ସହ ଆପଣଙ୍କ ସ୍ମୃତିଚାରଣ କରୁଛୁ। ଆପଣ ଦେଖାଇଥିବା ପଥରେ ଚାଲି ଆପଣଙ୍କ ଆଦର୍ଶରେ ସ୍ଥିର ଓ ଅଟଳ ରହିବା ପାଇଁ ଆମେ କାମନା କରୁଛୁ।

ପରିବାରବର୍ଗ, ଆତ୍ମୀୟସ୍ୱଜନ, କର୍ମଚାରୀବୃନ୍ଦ ଏବଂ ଶୁଭେଚ୍ଛୁ

KARUKRIT®

୧୩ଏ, ମଦନମୋହନତଲା ଷ୍ଟ୍ରିଟ୍, କୋଲକାତା: ୭୦୦ ୦୦୫
ଟେଲିଫୋନ୍: ୨୫୫୪-୧୫୧୨, ୨୫୫୪-୩୬୩୩, ୨୫୫୫-୨୯୭୭, ଫାକ୍ସ: ୨୫୫୪-୧୮୦୨
ୱେବ୍‌ସାଇଟ୍: www.karukrit.com; ଇମେଲ୍: karukrit1932@karukrit.com

ଏହି ମହାନ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ, ଆମର ସମସ୍ତ କାର୍ଯ୍ୟାଳୟ ଆଜି ବନ୍ଦ ରହିବ





## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅର୍ପିତା
ପରିବାରବର୍ଗ


ପ୍ରିୟଦର୍ଶନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified

automobile

**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-11293

real estate

**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Plot on lowest budget Brahmanjharilo, 9km. from BBSR 16km. from Cuttack 250/- sqft. 7809525452.** D-65838

Stitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA College ଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Mahanadi Vihar residential Plot (48X90) Clear Title. Buyers Contact 07977924258. D-63215

C V Raman College ପାଖରେ 2000 sqft. yellowzone plot ବିକ୍ରିହେବ। Contact: 9937910363. D-65614

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65837

ମେଷଶାଳ ନିକଟ ହରିଡ଼ାମଡ଼ା ମଉଜାରେ ୭½ ଏକର ଚାଷ ଜମି ବିକ୍ରିହେବ: 9437628906. D-65841

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

to-let

Single room with toilet (20'X15') at Mahadev Nagar main road Jharpada for office/ bachelors. Rent Rs.- 5000/-. Contact: 9668644665. D-11316

healthcare

Newly opening ayurvedic full body massage. 7077444583. D-11285

### ଜନ୍ମଦିନ ଶୁଭେଚ୍ଛା



**ସତ୍ୟଜିତ୍ (ମହାବୀର)**
ରାମେଶ୍ୱରପାଟଣା, ଓଲଡ୍‌ଟାଉନ୍

ଆଜି ତୋର ଚତୁର୍ଥତମ ଜନ୍ମଦିନ ଅବସରରେ ଆମ୍ଭେ ପ୍ରଭୁ ଶ୍ରୀଲିଙ୍ଗରାଜ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ମାଆ, ଆଇ, ମାମୁଁ, ମାଈଁ, ମଉସା, ମାଉସୀ, ରୋଶନ, ରୋସ୍ନି, ଲିକି, ଦୀପୁ, ତପୁ, ପ୍ରାଚୀ, ଗୁଗୁ, ଲୁସି, ରିଣ୍ଟୁ, ଚିଣ୍ଟୁ।
ଧ-୧୧୨୯୧

### ବିବାହ ବାର୍ଷିକୀ ଶୁଭେଚ୍ଛା



**Dr. Mahesh Prasad Rout**
**&**
**Mrs. Geeta Rout**
Date: 20.02.1979

ବିବାହ ବାର୍ଷିକର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟମାନଙ୍କ ପକ୍ଷରୁ ଶୁଭେଚ୍ଛା। ଧ-୧୧୩୯୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ସୁମା ବେହେରା**
ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର

ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ-ବାସୁଦେବ ବେହେରା, ପୁତ୍ର-ଦୁର୍ଯ୍ୟୋଧନ, ନିତ୍ୟାନନ୍ଦ, ପ୍ରଭାତ, ସୁମନ୍ତ, ଝିଅ-ବୀଣା, ଚାଇନା, ନାତିନାତୁଣୀ-କାହ୍ନା, ମୁନା, ଶୁଭଲକ୍ଷ୍ମୀ, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ।
ଧ-୬୦୦୦୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ**
ଆବିର୍ଭାବ: ୧୬।୦୭।୧୯୪୯
ତିରୋଧାନ: ୧୯।୦୨।୨୦୧୯

ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଲକି, ବେବି, ବୁଟୁ, ଗୁଗୁଲି, ବୁନୁ, ସାନୁ, ହାପି, ବାପି, ଟିଟୁନ୍, ତୁତୁଲ, ରେନି।
ଧ-୬୩୭୬୦

### ଦଶାହ ଉପଲକ୍ଷେ



**ଏ ସତ୍ୟଭାମା ମାଝୀ**
ଖରାଖିଆ ବୈଦ୍ୟନାଥ ଲେନ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୦୧.୦୮.୬୨
ତିରୋଧାନ : ୧୯.୦୨.୧୯

ବୋଉ, ଆମେ କେବେ ବି ଭାବି ନଥିଲୁ ତୁ ଆମମାନଙ୍କୁ ଛାଡ଼ି ଚାଲିଯିବୁ ବୋଲି। କିଛି ଦିନ ପରେ ଲୁହ ଶୁଖିଯିବ, ସିନା ହେଲେ ତୁ ଦେଇଥିବା ସ୍ନେହ, ଭଲପାଇବା ଓ ତୋର ସେଇ ନିଷ୍କପଟତା ଆମମାନଙ୍କ ପାଖରେ ସେଇମିତି ଚିରଦିନ ପାଇଁ ସାଇତା ହୋଇ ରହିଥିବ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ : ପୁଅ-ସଞ୍ଜୟ, ବୋହୂ - ସୋନୁ, ନାନା - ଦାଶରଥି ମାଝୀ, ଝିଅ - ଡଲି, ଟିକି, ମିଲୁ, ସିଲୁ, ଜ୍ୱାଇଁ - ରାଜ, ପରେଶ, ବିଶ୍ୱଜିତ୍, ସମ୍ପଦ, ନାତି - ଆଦି, ଅଂଶୁ, ଶ୍ଲୋକ, ନାତୁଣୀ - ଦିଶା, ଶିୟା, ଗୁରୁ ଏବଂ ବନ୍ଧୁବର୍ଗ
ଧ-୬୬୧୦୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତଃ ସଦାନନ୍ଦ ରାଉତ**
ଚଡ଼େଇଗୁଆଁ ପଟଣା, ଜି-କେନ୍ଦ୍ରାପଡ଼ା
ପୂର୍ବତନ ଶିକ୍ଷକ ମାର୍ଶାଘାଇ ହାଇସ୍କୁଲ
ଆବିର୍ଭାବ : ୧୫.୧୧.୧୯୩୦
ତିରୋଧାନ : ୦୯.୦୨.୨୦୧୮

ଆଜି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମୃତ ଦୃଷ୍ଟି ଆମ ଉପରେ ସଦାବେଳେ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ : ପତ୍ନୀ-ଖୁଲଣା, ପୁଅ ବୋହୂ : ନିଳାଦ୍ରୀ-ସୀମନ୍ତିନୀ, ହିମାଦ୍ରୀ-ଶର୍ମିଷ୍ଠା, ଝିଅ ଜ୍ୱାଇଁ : ଜ୍ୟୋତ୍ସ୍ନା-ଗୋକୁଳି, ଅନୁପମା-ଶିବ, ଝିଅ : ଅନ୍ନପୂର୍ଣ୍ଣା, ଭଣଜା : ଆଦିକନ୍ଦ, ପୁତୁରା-ଝିଆରୀ ଓ ନାତି ନାତୁଣୀମାନେ। ଧ-୧୧୪୦୦


## ସତତ ଯୋଜନାରେ ୧୦୦ତମ ଏଲ୍‌ଓଆଇ ବାଣ୍ଟିଲେ ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୨୭।୨**

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଏଠାରେ 'ସତତ' ଯୋଜନାରେ କମ୍ପ୍ରେସଡ ବାୟୋ ଗ୍ୟାସ୍(ସିବିଜି) ଉଦ୍ୟୋଗୀଙ୍କୁ ୧୦୦ତମ ଲେଟର ଅଫ୍ ଇଣ୍ଟେଣ୍ଟ(ଏଲ୍‌ଓଆଇ) ପ୍ରଦାନ କରିଛନ୍ତି। ସୂଚନାଥାଉ କି, 'ସତତ' ଏକ ଯୋଜନା, ଯାହା ମାଧ୍ୟମରେ ନିରନ୍ତର ବୈକଳ୍ପିକ ପରିବହନ ବ୍ୟବସ୍ଥା ଆପଣାଇବାକୁ ପ୍ରୋତ୍ସାହିତ କରାଯିବ। ଯାହାଦ୍ୱାରା ଉଭୟ ଚାଷୀ ଓ ଉଦ୍ୟୋଗୀ ଲାଭାନ୍ୱିତ ହେବେ।

## ବିଜୁ ଯୁବ ବାହିନୀକୁ ମୋବାଇଲ ବାଣ୍ଟିବା ପ୍ରସଙ୍ଗ
## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଭାଜପା

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ପ୍ରତି ବ୍ଲକରେ ୫ହଜାର ମୋବାଇଲ୍ ଫୋନ ବାଣ୍ଟିବା ପାଇଁ ଶାସକ ଦଳ ଯୋଜନା କରିଛି। ଜିଲା ଏବଂ ବ୍ଲକର ପ୍ରଶାସନିକ ଅଧିକାରୀମାନେ ଏହି ମୋବାଇଲ ଫୋନ୍ ବଣ୍ଟାକୁ ଏକ ସରକାରୀ ଯୋଜନା ଭଳି ମନିଟର କରୁଛନ୍ତି । ହେଲେ ଆଶ୍ଚର୍ଯ୍ୟର କଥା ଏନେଇ କୌଣସି ଟେଣ୍ଡର ହୋଇନାହିଁ କି ବଜେଟ ବ୍ୟବସ୍ଥା ନାହିଁ। ପ୍ରାୟ ୭୫୦ କୋଟି ଟଙ୍କା ବ୍ୟୟରେ ୨୦ ଲକ୍ଷ ମୋବାଇଲ୍ ହ୍ୟାଣ୍ଡସେଟ ବାଣ୍ଟିବାକୁ ମସୁଧା ଚାଲିଛି ବୋଲି ଭାଜପା ଅଭିଯୋଗ କରିଛି। ବିନା ସରକାରୀ ନିଷ୍ପତ୍ତିରେ କାହିଁକି ଏତେ ମୋବାଇଲ ବଣ୍ଟାଯାଉଛି ଓ ସମ୍ପୃକ୍ତ ଘରୋଇ କମ୍ପାନୀମାନେ କାହିଁକି ଏଥିପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଇଛି । ଏଥିରୁ ଏକ ବୃହତ୍ ଆର୍ଥିକ ଅନିୟମିତତାର ଗନ୍ଧ ବାହାରୁଛି। ଏନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବୁଧବାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ତଥ୍ୟ ପ୍ରମାଣ ଦେଇ ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

## ପାକିସ୍ତାନ କବ୍‌ଜାରେ ...

ରାଜନାଥ ସିଂ ଦେଶର ଗୋଇନ୍ଦା ସଂସ୍ଥାଗୁଡ଼ିକର ମୁଖ୍ୟଙ୍କ ସହ ଜରୁରୀ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମାସ୍ଥିତ ଲେଥ୍‌ପୋରାରେ ଗତ ୧୪ ତାରିଖରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ସୁରକ୍ଷା ବଳକୁ ଆକ୍ରମଣ କରିଥିଲା। ଆତ୍ମଘାତୀ ବିସ୍ଫୋରଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାର ୧୨ ଦିନ ପରେ ମଙ୍ଗଳବାର ଭାରତୀୟ ବାୟୁସେନାର ୧୨ଟି ମିରାଜ-୨୦୦୦ ଯୁଦ୍ଧବିମାନ ଏଲ୍‌ଓସି ଅତିକ୍ରମ କରି ପାକିସ୍ତାନର ବାଲାକୋଟରେ ଆତଙ୍କବାଦୀଙ୍କ ତାଲିମ ଶିବିର ଉପରେ ୧୦୦୦ କେ.ଜି. ବୋମା ପକାଇଥିବା କେନ୍ଦ୍ର ସରକାର ଦାବି କଲେ। ଏହି ପ୍ରାୟୋଜିତ ବେସାମରିକ କାର୍ଯ୍ୟାନୁଷ୍ଠାନରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ଭାରତ ପକ୍ଷରୁ କୁହାଯାଉଥିବାବେଳେ ପାକିସ୍ତାନ ଏହାକୁ ଖଣ୍ଡନ କରୁଛି। ତେବେ ଆଇଏଏଫ୍ ପାକିସ୍ତାନ ଭିତରକୁ ଯାଇ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ପଡ଼ୋଶୀ ଦେଶର ବାୟୁସେନା ମଧ୍ୟ ବୁଧବାର ଭାରତର କେତେକ ସେନା ଘାଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ପାକିସ୍ତାନ ବୁଧବାର ଦାବି କରିଛି ଯେ, ଆଇଏଏଫ୍‌ର ଦୁଇଟି ବିମାନକୁ ସେଠାକାର ସେନା ଗୁଳିକରି ଖସାଇ ଦେଇଛି। ତହିଁରୁ ଗୋଟିଏ ବିମାନ ଭାରତ ପଟେ ପଡ଼ିଥିବାବେଳେ ଅନ୍ୟଟି ପାକିସ୍ତାନ ପଟେ ପଡ଼ିଥିଲା। ପାକିସ୍ତାନ ପଟେ ପଡ଼ିଥିବା ବିମାନର ପାଇଲଟ କମାଣ୍ଡର ଅଭିନନ୍ଦନଙ୍କ ମୁହଁରେ ପଟି ବନ୍ଧାଯାଇଥିବା ଏକ ୪୬ ମିନିଟର ଭିଡିଓ ଜାରି କରାଯାଇଛି। ଉକ୍ତ ଭିଡିଓରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାକାର ସେନା ଅଧିକାରୀମାନ ଜେରା କରୁଛନ୍ତି। ସେ ନିଜକୁ କମାଣ୍ଡର ଅଭିନନ୍ଦନ ବୋଲି ପରିଚୟ ଦେଉଛନ୍ତି। ପାକିସ୍ତାନୀ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର ଏକ ଖବରଦାତା ସମ୍ମିଳନୀରେ ଏହି ଭିଡିଓ ଜାରି କରିଛନ୍ତି। ଗଫୁର କହିଛନ୍ତି, ପାକିସ୍ତାନ ଏକ ଦାୟିତ୍ୱହୀନ ରାଷ୍ଟ୍ର ନୁହେଁ। ଆମ ସଶସ୍ତ୍ର ବଳ ଆତ୍ମରକ୍ଷା ପାଇଁ ସମର୍ଥ। ଯୁଦ୍ଧ ପାଇଁ ନୁହେଁ, ବରଂ ଆମେ ଜବାବ ଦେଇପାରୁ ବୋଲି ଜଣାଇବା ଲାଗି ଭାରତ ଭିତରକୁ ଆମ ବିମାନ ପଠାଯାଇଥିଲା। ତେବେ ଭାରତର କୌଣସି ସ୍ଥାନକୁ ଆମେ ଟାର୍ଗେଟ କରିନାହୁଁ। ଅନ୍ୟପକ୍ଷରେ ପାକିସ୍ତାନର ଦାବିକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଛି। ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି, ପାକିସ୍ତାନୀ ବାୟୁସେନା ଭାରତର କେତୋଟି ସେନା ଘାଟିକୁ ଆକ୍ରମଣ ଉଦ୍ୟମ କରିଥିଲା। ଭାରତୀୟ ବାୟୁସେନାର ସଜାଗ ପାଇଲଟମାନେ ଏହାର କଡ଼ା ଜବାବ ଦେଇ ଉଦ୍ୟମକୁ ପଣ୍ଡ କରିଛନ୍ତି। ପାକିସ୍ତାନୀ ବାୟୁସେନାର ଏକ ଯୁଦ୍ଧବିମାନକୁ ଆଇଏଏଫ୍‌ର ମିଗ୍ ୨୧ ଗୁଳିକରି ଖସାଇଛି। ଏହି କାର୍ଯ୍ୟାନୁଷ୍ଠାନ ବେଳେ ଭାରତର ଏକ ମିଗ୍ ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି ଏବଂ ଜଣେ ପାଇଲଟ ନିଖୋଜ ଅଛନ୍ତି। ପାକିସ୍ତାନ ତାଙ୍କୁ ଧରିନେଇଛି ବୋଲି କରୁଥିବା ଦାବିର ସତ୍ୟାସତ୍ୟ ନେଇ ଆମେ ଯାଞ୍ଚ କରୁଛୁ ବୋଲି ରବୀଶ କହିଛନ୍ତି। ଏହାର କିଛି ସମୟ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଏକ ଟିଭି ସିଧାପ୍ରସାରଣରେ ଭାରତକୁ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ଇମ୍ରାନ୍ କହିଛନ୍ତି, ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ପଡ଼ୋଶୀ ମଧ୍ୟରେ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ସମ୍ଭବ। ଆମେ ଯୁଦ୍ଧ ଚାହୁଁନାହୁଁ। ବର୍ତ୍ତମାନର ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଆଗକୁ ଥରେ ଯୁଦ୍ଧ ଆରମ୍ଭ ହେଲେ ତାହା ମୋ ନିୟନ୍ତ୍ରଣରେ ରହିବ ନାହିଁ କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାକୁ ଆୟତ୍ତ କରିପାରିବେ ନାହିଁ। ତୁମ ଓ ଆମ ପାଖରେ ଥିବା ଅସ୍ତ୍ରଶସ୍ତ୍ରରେ ଆମେ ପରସ୍ପରକୁ ଟାର୍ଗେଟ କରି ସହ୍ୟ କରିପାରିବା କି? ଆସନ୍ତୁ ଆଲୋଚନା ମାଧ୍ୟମରେ ସମାଧାନ କରିବା। ବାୟୁସୀମା ଡେଇଁ ପାକିସ୍ତାନ ପଟକୁ ଭାରତର ୨ ବିମାନକୁ ଖସାଇ ଦିଆଯାଇଛି। ତୁମେ ଯଦି ଆମ ପଟକୁ ଆସିପାରିବ ଆମେ ମଧ୍ୟ ଅନୁରୂପ ପଦକ୍ଷେପ ନେଇପାରିବୁ ବୋଲି ଜଣାଇବା ହେଉଛି ଆମର ଉଦ୍ଦେଶ୍ୟ। ଏପରି କହି ଇମ୍ରାନ୍ ଖାନ୍ ଉତ୍ତେଜନା ହ୍ରାସ କରିବାକୁ ଉଦ୍ୟମ କରିଛନ୍ତି। ପାକିସ୍ତାନୀ ବାୟୁସେନା ବାୟୁସୀମା ଉଲ୍ଲଂଘନ କରିଥିବା ଦର୍ଶାଇ ନୂଆଦିଲ୍ଲୀରେ ଅବସ୍ଥାପିତ ସେଠାକାର ଉପଉଚ୍ଚାୟୁକ୍ତ ସୟଦ୍ ହାଇଦର ଶାହଙ୍କୁ ସାଉଥ୍ ବ୍ଲକ୍ ସମନ କରିଛି। ଦୁଇପଟେ ଉତ୍ତେଜନା ଲାଗିରହିଥିବାବେଳେ କୌଣସି ପ୍ରକାର ଆକ୍ରମଣ ଏଡାଇବା ଲାଗି ଭାରତ ପକ୍ଷରୁ ଅନେକ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ

### ପ୍ରଥମ ପୃଷ୍ଠାରୁ...

କରିଦିଆଯାଇଛି। ନୂଆଦିଲ୍ଲୀ, ଶ୍ରୀନଗର, ଜମ୍ମୁ, ଅମୃତସର, ଡେରାଡୁନ୍, ଚଣ୍ଡିଗଡ଼, ଶିମ୍‌ଲା, ଲେହ୍, ପଠାନ୍‌କୋଟ୍ ଓ ପିଥୋରାଗଡ଼ରେ ବିମାନ ଚଳାଚଳ ବନ୍ଦ ଥିବାବେଳେ ପରେ କେତୋଟି ସ୍ଥାନରେ ସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ସେହିପରି ପାକିସ୍ତାନର ଇସ୍‌ଲାମାବାଦ, ଲାହୋର, ଫୈସଲାବାଦ, ମୁଲତାନ୍ ଓ ସିଆଲକୋଟରେ ମଧ୍ୟ ବିମାନଚଳାଚଳ ବନ୍ଦ କରାଯାଇଛି।

## ସାମ୍ନାକୁ ଆସିଲା ୨୦ ...

ରିୟଲ ଇଷ୍ଟେଟ କ୍ଷେତ୍ରରେ ଜିଏସ୍‌ଟି ହାର ହ୍ରାସ ପାଇବା ପରେ ଏ ଦିଗରେ ଉତ୍ପନ୍ନ ହୋଇଥିବା ସମସ୍ୟାଗୁଡ଼ିକୁ ବୁଝିବା ଲାଗି ଏ କ୍ଷେତ୍ରର ପ୍ରତିନିଧିଙ୍କ ସହ ଏକ ବୈଠକର ଆୟୋଜନ କରାଯାଇଛି। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ରିୟଲିଟି ସେକ୍ଟରରେ ଜିଏସ୍‌ଟି ହ୍ରାସ କରାଯାଇଛି। ଯୋଶେଫଙ୍କ କହିଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଉକ୍ତ ଜିଏସ୍‌ଟି ଫାଙ୍କି ଧରାପଡ଼ିଛି। ତନ୍ମଧ୍ୟରୁ ପ୍ରାୟ ୧୦ ହଜାର କୋଟି ଟଙ୍କା ଆଦାୟ ହୋଇପାରିଛି। ସେ କହିଛନ୍ତି ଯେ, ଟିକସ ଅଧିକାରୀମାନେ ମଙ୍ଗଳବାର ୧୫୦୦ କୋଟି ଟଙ୍କା ଜାଲ୍ ଇନ୍‌ଭଏସ ଧରିଛନ୍ତି। ଏହା ମାଧ୍ୟମରେ ୭୫ କୋଟି ଟଙ୍କା ବେନିୟମଭାବେ ଜିଏସ୍‌ଟି କ୍ରେଡିଟ ନିଆଯାଇସାରିଛି। ଏ କ୍ଷେତ୍ରରେ ଆୟକର ବିଭାଗ ୨୫ କୋଟି ଟଙ୍କା ଆଦାୟ କରିପାରିଛି ଏବଂ ଅବଶିଷ୍ଟ ଖୁବଶୀଘ୍ର ଆଦାୟ ହୋଇପାରିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ମାତ୍ର ୫ରୁ ୧୦ ପ୍ରତିଶତ ବ୍ୟବସାୟୀ କଳା କାରବାର କରୁଛନ୍ତି। ସେମାନଙ୍କ ପାଇଁ ଅନ୍ୟ ସମସ୍ତ ବ୍ୟବସାୟୀ ବଦ୍‌ନାମ ହେଉଛନ୍ତି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କର କହିବାନୁଯାୟୀ, ୨୦୧୭ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ସରକାରଙ୍କ ଉଦ୍ୟମ ଜୋରଦାର ହେଉଥିବାରୁ ଏବେ ସୁଦ୍ଧା ୧.୨ କୋଟି ବ୍ୟବସାୟୀ ନିଜକୁ ପଞ୍ଜୀକୃତ କରିସାରିଛନ୍ତି। ରାଜସ୍ୱ ଆଦାୟ ବଢ଼ିଲେ ଜିଏସ୍‌ଟି ହାର ଏକୀକରଣ ନେଇ ସରକାର ଚିନ୍ତା କରିବେ ବୋଲି ଯୋଶେଫ ପ୍ରକାଶ କରିଛନ୍ତି।

## ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲକୁ ...

ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ବୋର୍ଡ ପକ୍ଷରୁ ଅସ୍ୱୀକାର କରାଯିବା ସହ ଭାଇରାଲ ପ୍ରଶ୍ନପତ୍ର ମୂଳ ପ୍ରଶ୍ନପତ୍ର ସହ ମେଳ ଖାଉ ନ ଥିବା କୁହାଯାଇଥିଲା। ତେବେ ଏହାସତ୍ତ୍ୱେ ରାଜ୍ୟର କେତେକ ପରୀକ୍ଷା କେନ୍ଦ୍ରରେ ଖୋଲାଖୋଲି କପି ହେଉଥିବା ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ବୋର୍ଡ ପକ୍ଷରୁ ଯାଞ୍ଚ ପରେ ପଦକ୍ଷେପ ପାଇଁ ନିଷ୍ପତ୍ତି ହୋଇଛି।

## ମାର୍ଚ୍ଚ ୩୧ରୁ ଉଡ଼ିବ...

ପାଇଁ ସମୟ ନିର୍ଘଣ୍ଟ ମଧ୍ୟ ସ୍ଥିର ହୋଇଛି। ଅପରାହ୍ନ ୧ଟା ୧୫ରେ ନୂଆଦିଲ୍ଲୀରୁ ବିମାନ ବାହାରି ଅପରାହ୍ନ ୩ଟା ୧୦ରେ ଝାରସୁଗୁଡ଼ାରେ ପହଞ୍ଚିବ। ସେହିପରି ଅନ୍ୟ ଏକ ବିମାନ ଅପରାହ୍ନ ୩ଟା ୪୦ରେ ଝାରସୁଗୁଡ଼ାରୁ ବାହାରି ସନ୍ଧ୍ୟା ୫ଟା ୩୦ରେ ନୂଆଦିଲ୍ଲୀରେ ପହଞ୍ଚିବ। ହାଇଦ୍ରାବାଦ ଯିବା ପାଇଁ ଝାରସୁଗୁଡ଼ାରୁ ସ୍ପାଇସ୍‌ଜେଟ୍ ବିମାନ ଅପରାହ୍ନ ୪ଟାରେ ବାହାରି ସନ୍ଧ୍ୟା ୬ରେ ସେଠାରେ ପହଞ୍ଚିବ। ଅନ୍ୟ ଏକ ବିମାନ ହାଇଦ୍ରାବାଦରୁ ସନ୍ଧ୍ୟା ୬ଟା ୩୦ରେ ବାହାରି ରାତି ୮ଟା ୨୦ରେ ଝାରସୁଗୁଡ଼ାରେ ଅବତରଣ କରିବ। ରାତି ୮ଟା ୪୦ରେ ଏକ ବିମାନ ଝାରସୁଗୁଡ଼ାରୁ ବାହାରି ୧୦ଟାରେ କୋଲକାତାରେ ପହଞ୍ଚିବ। ଅନ୍ୟ ଏକ ବିମାନ ଅପରାହ୍ନ ୨ଟା ୨୫ରେ ବାହାରି ୩ଟା ୫୦ରେ ଝାରସୁଗୁଡ଼ା ପହଞ୍ଚିବ ବୋଲି ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ସିହ୍ନା ସୂଚନା ଦେଇଛନ୍ତି। ଝାରସୁଗୁଡ଼ାକୁ ଦେଶର ପ୍ରମୁଖ ସହର ସହ ଏହି ବିମାନ ସେବା ଦ୍ୱାରା ପଶ୍ଚିମ ଓଡ଼ିଶାର ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ ହେବ ବୋଲି ମତ ପ୍ରକାଶ ପାଇଛି।

## ଖସିପଡ଼ିଲା ଆଇଏଏଫ୍ ...

ନିକଟ ଏକ ପଡ଼ିଆରେ ଖସିପଡ଼ିଥିଲା। ଫଳରେ ୬ ଜଣ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ବାସିନ୍ଦା କିଫାୟତ୍ ହୁସେନ ଗନାଇଏଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟ ୫ ଜଣ ଆଇଏଏଫ୍‌ର ବୋଲି ଜଣାପଡ଼ିଛି। ସେମାନଙ୍କ ପରିଚୟ ଚିହ୍ନଟ କରାଯାଉଛି। ଏହା ଏକ ଏମ୍‌ଆଇ-୧୭ ହେଲିକପ୍ଟର ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନୀ ବାୟୁସେନା ଏହାକୁ ଗୁଳିକରି ଖସାଇ ଦେଇଥିବା ଦାବି କରିଛି।

# ରାଜ୍ୟର ୩ ଏନ୍‌ଏଚ୍ ପ୍ରକଳ୍ପ ଲାଗି ୨୦୬୭.୫ କୋଟି

- ଆଜି ଭୂମିପୂଜନ କରିବେ ଧର୍ମେନ୍ଦ୍ର ପ୍ରଧାନ
- ୬ ଲେନ୍ ହେବ ଭଦ୍ରକ-ବାଲେଶ୍ୱର, ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ
- ବାଲିକୁଦା, ଶିଖରପୁର, ବଡଚଣାରେ ଭେଇକୁଲାର ଅଣ୍ଡରପାସ

**ଭୁବନେଶ୍ୱର,୨୭-୨(ବ୍ୟୁରୋ)**

ରାଜ୍ୟର ୩ ଏନ୍‌ଏଚ୍ ପ୍ରକଳ୍ପର ଗୁରୁବାର ଭୂମିପୂଜନ ହେବ। ଏହି ଅବସରରେ ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ)ର ଅଧିକାରୀ ଉପସ୍ଥିତ ରହିବେ। ଏହି ପ୍ରକଳ୍ପଗୁଡ଼ିକ ଲାଗି ମୋଟ୍ ୨୦୬୭.୫ କୋଟି ବ୍ୟୟ ଯୋଜନା ରହିଛି। ଏହା ମଧ୍ୟରେ ୧୧୯.୫ କିମିର ରାଜପଥ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟବସ୍ଥା ରହିଥିବା ଏନ୍‌ଏଚ୍‌ଏଆଇର ସିଜିଏମ୍ ରାମ ପ୍ରସାଦ ପଣ୍ଡା ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏନ୍‌ଏଚ୍ ୫(ନୂଆ ଏନ୍ ଏଚ୍୧୬)ର ଭଦ୍ରକ-ବାଲେଶ୍ୱର ସେକ୍ସନ ୬ ଲେନ୍ ବିଶିଷ୍ଟ ରାସ୍ତାରେ ରୂପାନ୍ତରିତ ହେବ। ସେହିଭଳି ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ମଧ୍ୟ ୬ ଲେନ୍ ବିଶିଷ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ଚଣ୍ଡିଖୋଲ ସେକ୍ସନରେ ୩ଟି ଭେଇକୁଲାର ଅଣ୍ଡରପାସ ନିର୍ମାଣ କରାଯିବ। ଏଗୁଡ଼ିକ କଟକର ବାଲିକୁଦା, ଶିଖରପୁର ଏବଂ ଯାଜପୁରର ବଡଚଣାଠାରେ ନିର୍ମାଣ କରାଯିବ ବୋଲି ପଣ୍ଡା କହିଛନ୍ତି।

ଏନ୍‌ଏଚ୍‌ଏଆଇ ପକ୍ଷରୁ ରାଜ୍ୟରେ ବର୍ତ୍ତମାନ ୧୫୬୦ କିମିର ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟ ୨୩,୬୬୦ କୋଟି ଟଙ୍କା ରହିଛି। ସେହିଭଳି ଆଗାମୀ ଦିନରେ ୧୬୪୫ କିମିର ରାଜପଥ ପ୍ରକଳ୍ପ ରାଜ୍ୟରେ ଆରମ୍ଭ ହେବ। ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୩୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ମଧ୍ୟରେ ୪୧୫ କିମିର କୋଷ୍ଟାଲ ହାଇୱେ ରହିଛି। ଏହା ୮,୦୦୦ କୋଟି ଟଙ୍କାରେ ନିର୍ମାଣ କରାଯିବ। ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨୪୫ କିମିର ରାୟପୁର-ବିଶାଖାପାଟଣା କରିଡର ଲାଗି ୯ ହଜାର କୋଟି, ୯୩ କିମିର କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ଲାଗି ୨,୫୦୦ କୋଟି, ବନ୍ଦର ସଂଯୋଗୀକରଣ ପଦକ୍ଷେପ ଅନ୍ତର୍ଗତ ଜାମୁଝାଡି-ଧାମରା ମଧ୍ୟରେ ୬୨ କିମି ରାଜପଥ ପ୍ରକଳ୍ପ ବାବଦକୁ ୧,୦୦୦ କୋଟି ଏବଂ ଭାରତମାଳା ଅଧୀନସ୍ଥ ୮୦୦ କିମିର ଅନ୍ୟ ଏନ୍‌ଏଚ୍ ପ୍ରକଳ୍ପ ବାବଦକୁ ୯,୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯୋଜନା ରହିଥିବା ପଣ୍ଡା ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ନବମ ଭାବରେ ଶନି ସହ ଚନ୍ଦ୍ରଙ୍କ ସମ୍ବନ୍ଧ ବନ୍ଧୁଙ୍କ କାର୍ଯ୍ୟକୁ ସନ୍ଦେହଯୁକ୍ତ କରାଇବ। ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଅର୍ଥନୀତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସଭାସମିତିରେ ସୁବିଚାର ଦିଗରେ ସାହାଯ୍ୟ କରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ।

**ବୃଷ** ତୃତୀୟସ୍ଥ ରାହୁ ରିଷ୍ଟ ଖଣ୍ଡନକାରକ ହେଲେ ମଧ୍ୟ ନିଜର ସହଜାତ ଗୁଣଧର୍ମାନୁଯାୟୀ ବନ୍ଧୁ ମାଧ୍ୟମରେ କର୍ମକ୍ଷେତ୍ରକୁ ହଲଚଲ କରିପାରନ୍ତି। ଅଫିସ୍‌ର କାର୍ଯ୍ୟବ୍ୟସ୍ତତା ଯୋଗୁ ଘରୋଇ କାମ ଗୁଡ଼ିକ ବାଧାପ୍ରାପ୍ତ ହେବ। କଳା, କ୍ରୀଡ଼ା, ସଙ୍ଗୀତ ଓ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ସବୁକିଛି ଠିକ୍ ଥିଲେ ମଧ୍ୟ ଶେଷ ପର୍ଯ୍ୟାୟର ବିବାଦୀୟ ସ୍ଥିତି ସଫଳତାକୁ ସ୍ଥଗିତ ରଖି ଦେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଆର୍ଥିକ, ପାରିବାରିକ ଓ ଆନୁଷ୍ଠାନିକ କ୍ଷେତ୍ର ମଧ୍ୟ ବିଶେଷ ଭଲ ରହିବ ନାହିଁ। କିନ୍ତୁ ମୃଗଶିରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ।

**କର୍କଟ** ମନ ଯେମିତି ଚାହୁଁଛି ତଦନୁଯାୟୀ କାମଗୁଡ଼ିକ ନ ହୋଇପାରେ। କୌଣସି ବିଜାତୀୟ ବ୍ୟକ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେଇପାରନ୍ତି। ରୋଗ ସ୍ଥାନରେ ଶନି ଓ ଚନ୍ଦ୍ର ଯୋଗୁ ଦୈହିକ ଦୁର୍ବଳତା ମନୋବଳକୁ କମାଇଦେବ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ପରିସ୍ଥିତିକୁ ସମ୍ଭାଳି ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**ସିଂହ** ପାପଗ୍ରହଯୁକ୍ତ ଶୁକ୍ର ଯୋଗୁ ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ପରିସ୍ଥିତିରେ ପଡ଼ି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** ଦୀର୍ଘଦିନର ଆଶା ପୂରଣ ହେବା ଦିଗରେ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇ ପାରନ୍ତି। ଭାଇଙ୍କ ଆରୋଗ୍ୟଲାଭ ପାଇଁ ଦେବାର୍ଚ୍ଚନା କରିବା ସକାଶେ ମନ ବଳାଇପାରନ୍ତି। ଆର୍ଥିକ, ସାମାଜିକ ଓ ରାଜନୈତିକ ପତିଆରା ବୃଦ୍ଧି ପାଇବା ସମ୍ଭାବନା ରହିଛି।

**ତୁଳା** ଧନସ୍ଥାନସ୍ଥ ଶୁଭଗ୍ରହ କାରଣରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସୀ ହେବେ। କିନ୍ତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। କର୍ମକ୍ଷେତ୍ର କିମ୍ବା ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସହକର୍ମୀମାନଙ୍କ ସାହାଯ୍ୟ ଓ ସହାନୁଭୂତିରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** ସୁଖ ଭାବରେ ଶନି ଚନ୍ଦ୍ର ଥିବା ଯୋଗୁ ମନରେ ଭାବୁଥିବା କଥାଟି ପ୍ରକାଶ କରିବାରେ ପଛେଇଯିବେ। ଫଳତଃ ପାଇବା ସକାଶେ ଅନୁକୂଳ ସ୍ଥିତି ଥିଲେ ମଧ୍ୟ ସୁଯୋଗ ହାତଛଡ଼ା ହୋଇଯାଇପାରେ। ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ନୂତନ ଯୋଜନା ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଉପକାର ମିଳିବ। ଆପଣଙ୍କ ପ୍ରତିଷ୍ଠାକୁ ସହ୍ୟ କରି ନ ପାରି ନିଜ ଲୋକମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପାରିବାରିକ, ବ୍ୟବସାୟିକ କ୍ଷେତ୍ର ଓ ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ପାଇଁ ସମୟଟି ଅନୁକୂଳ ରହିବ।

**ମକର** ସମ୍ପର୍କୀୟମାନଙ୍କ ସହଯାତ୍ରୀ ଭାବରେ ଆଜିର ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ଦିଗରେ ସ୍ତ୍ରୀଙ୍କ ଆନ୍ତରିକ ଚେଷ୍ଟା ଅନୁକରଣୀୟ। କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିକୋଣରୁ ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢିପାରେ। କିଛି କହି ନ ପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**କୁମ୍ଭ** ସରକାରୀସ୍ତରରୁ ଆଶା କରିଥିବା ଖବରଟି ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଯାତ୍ରା, ବାଣିଜ୍ୟ, ଲେଖାପଢ଼ା, କଳା ସାହିତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗିତ କରିବେ।

**ମୀନ** ଅତୀତର ଅନାଲୋଚିତ ଘଟଣାବଳୀ ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟରେ ମନାନ୍ତର ସୃଷ୍ଟି ହୋଇପାରେ। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ, ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ। ସଭାସମିତିରେ ନୂତନ ଯୋଜନା ସମ୍ପର୍କିତ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ଫାଲ୍‌ଗୁନ କୃଷ୍ଣ ଦଶମୀ ଗୁରୁବାର, ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୨୯ମି. ଗତେ ଘ୧୧।୫୫ମି. ମଧ୍ୟେ, ଘ୧।୨୧ମି. ଗତେ ଘ୨।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୫୫ମି. ଗତେ ଘ୧।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୨୬ମି. ଗତେ ଘ୨।୫୩ମି. ମଧ୍ୟେ ରାହୁକାଳ।



କୋଲକାତା ପୋଲିସର ସ୍ପେଶାଲ୍ ଟାସ୍କଫୋର୍ସ ପଶ୍ଚିମବଙ୍ଗର ମୁର୍ଶିଦାବାଦ୍ ଜିଲାରୁ ଜାମତ୍-ଉଲ୍-ମୁଜାହିଦିନ (ଜେଏମ୍ବି) ବାଂଲାଦେଶର ୨ ସକ୍ରିୟ ସଦସ୍ୟ ମୋସିବୁର ରହମନ (୩୫), ରୁହୁଲ ଅମିନ (୨୬)ଙ୍କୁ ବୁଧବାର ଗିରଫ କରିଛି। ବର୍ଦ୍ଧମାନ ଜିଲାର ଖଗ୍ରାଗଡ଼ଠାରେ ୨୦୧୪ରେ ଘଟିଥିବା ବିସ୍ଫୋରଣର ଅନ୍ୟତମ ମାଷ୍ଟରମାଇଣ୍ଡ ଜେଏମ୍ବି ନେତା କୌସରଙ୍କ ସହ ସେମାନେ ସମ୍ପର୍କରେ ଥିଲେ। ସେମାନଙ୍କ ନିକଟରୁ ଏକାଧିକ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।




# ଟ୍ରେନ ଦୁର୍ଘଟଣାରୁ ଅଗ୍ନିକାଣ୍ଡ : ୨୫ ଦଗ୍ଧ



**କାଏରୋ,୨୭।୨ (ପି.ଟି.)**

ଇଜିପ୍ଟର କାଏରୋସ୍ଥିତ ମୁଖ୍ୟ ରେଲଷ୍ଟେଶନରେ ବୁଧବାର ଏକ ଦ୍ରୁତଗାମୀ ରେଲକାର୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ଜଳିଯାଇଛି। ଏଥିରେ ୨୫ଜଣ ପୋଡ଼ିଯାଇ ପ୍ରାଣ ହରାଇଥିବାବେଳେ ୪୭ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା କାଏରୋ ରେଲ୍‌ରୋଡ ହସ୍ପିଟାଲର ମୁଖ୍ୟ ସୂଚନା ଦେଇଛନ୍ତି। ଦ୍ରୁତଗତିରେ ଥିବା ରେଲକାର୍‌ଟି ଷ୍ଟେଶନରେ ପହଞ୍ଚିବା ପରେ ବାଡ଼ଘେରକୁ ଧକ୍କା ଦେଇଥିଲା। ଏଥିରେ ତେଲ ଟାଙ୍କି ବିସ୍ଫୋରଣ ଘଟି ଜଳି ଉଠିଥିଲା। ଷ୍ଟେଶନର ଚଉଦିଗକୁ ନିଆଁ ବ୍ୟାପିଥିଲା। ନିଆଁ ଓ ଧୂଆଁର ପ୍ରକୋପରେ ଉପସ୍ଥିତ ଲୋକେ ଫସି ରହିଥିଲେ। ପରେ ଏକାଧିକ ସଂଖ୍ୟାରେ ଅଗ୍ନିଶମ ଗାଡ଼ି ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଧାନମନ୍ତ୍ରୀ ମୁସ୍ତାଫା ମଦ୍‌ବୌଲି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଇଜିପ୍ଟର ଅଧିକାଂଶ ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବା ଜଣାଯାଇଛି। ସରକାରୀ ସୂଚନାନୁଯାୟୀ, ୨୦୧୭ରେ ୧,୭୯୩ ଟ୍ରେନ ଦୁର୍ଘଟଣା ଘଟିଥିଲା।

## ନେପାଳରେ ହେଲିକପ୍ଟର ଦୁର୍ଘଟଣା

# ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ୭ ମୃତ

**କାଠମାଣ୍ଡୁ,୨୭।୨ (ପି.ଟି.)**

ପୂର୍ବାଞ୍ଚଳ ନେପାଳର ତାପେଲଜୁଙ୍ଗ୍ ଜିଲାରେ ବୁଧବାର ହେଲିକପ୍ଟର ଦୁର୍ଘଟଣାରେ ନେପାଳ ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରବୀନ୍ଦ୍ର ଅଧିକାରୀ (୩୯)ଙ୍କ ସମେତ ୭ଜଣଙ୍କ ମୃତ୍ୟୁ ଘଟିଛି। ଏୟାର ଡାଇନେଷ୍ଟି ନାମକ ଏକ ଘରୋଇ ହେଲିକପ୍ଟର ଯୋଗେ ମନ୍ତ୍ରୀ ଅଧିକାରୀ ୬ଜଣିଆ ସଦସ୍ୟ ଟିମ୍‌ଙ୍କ ସହ କାଠମାଣ୍ଡୁରୁ ତାପେଲଜୁଙ୍ଗସ୍ଥିତ ପାଠିଭାରା ମନ୍ଦିରରୁ ଯାତ୍ରା କରିଥିଲେ। ପୂଜାର୍ଚ୍ଚନା କରି ସେଠାରୁ ଫେରିବା ସମୟରେ ହେଲିକପ୍ଟରଟି ଏକ ପାହାଡ଼ରେ ଧକ୍କା ହୋଇ ଜଳିଯାଇଥିଲା। ମନ୍ତ୍ରୀ ଅଧିକାରୀଙ୍କ ସମେତ ହେଲିକପ୍ଟରରେ ଥିବା କ୍ୟାପଟେନ ପ୍ରଭାକର କେସି, ଇଣ୍ଟରପ୍ରିନିୟର ଟିରିଙ୍ଗ୍ ସେର୍‌ପା, ସୁରକ୍ଷା କର୍ମୀ ଅର୍ଜୁନ ଘିମିରେ, ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସହଯୋଗୀ ଯୁବରାଜ ଦହାଲ, (ସିଏଏନ୍) ଉପନିର୍ଦ୍ଦେଶକ ବୀରେନ୍ଦ୍ର ସେରଷ୍ଠା, ଏବଂ ଇଞ୍ଜିନିୟର ଧ୍ରୁବ ଦାସ ଭୋଟିଭାୟ ସମସ୍ତେ ଏଥିରେ ପ୍ରାଣ ହରାଇଥିବା ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମନ୍ଦିର ନିକଟରୁ ହେଲିକପ୍ଟର ଉଡ଼ାଣ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁଃଖଦ ଘଟଣା ପରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଜରୁରିକାଳୀନ କ୍ୟାବିନେଟ୍ ବୈଠକ ଡକାଯାଇଛି।






ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ଘଡଘଡି ସହ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୮.୩ |
| ଚାନ୍ଦବାଲି | ୩୧.୭ | ୨୩.୪ |
| କଟକ | --- | ୨୨.୦ |
| ପାରାଦ୍ୱୀପ | ୨୯.୬ | ୨୫.୦ |
| ଭୁବନେଶ୍ୱର | ୩୨.୮ | ୨୩.୦ |
| ଗୋପାଳପୁର | ୩୦.୦ | ୨୪.୫ |
| ପୁରୀ | ୩୦.୨ | ୨୫.୦ |
| ଅନୁଗୋଳ | ୩୧.୧ | ୧୭.୮ |
| ବାରିପଦା | ୨୯.୪ | ୧୮.୦ |
| ଝାରସୁଗୁଡ଼ା | ୩୧.୫ | ୧୮.୮ |
| କେନ୍ଦୁଝର | ୨୮.୩ | ୧୮.୦ |
| ସମ୍ବଲପୁର | ୩୨.୦ | ୧୯.୦ |
| ସୁନ୍ଦରଗଡ଼ | ୩୪.୦ | ୧୪.୦ |
| ହୀରାକୁଦ | ୩୧.୩ | ୧୬.୪ |
| ତାଲଚେର | ୩୩.୧ | ୨୨.୦ |
| ଭବାନୀପାଟଣା | ୩୩.୦ | ୨୧.୫ |
| ବଲାଙ୍ଗୀର | ୩୩.୫ | ୨୦.୨ |
| କୋରାପୁଟ | ୩୦.୬ | ୧୫.୦ |
| ଫୁଲବାଣୀ | --- | ୧୭.୦ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୫ | ୧୭.୪ |
| ସୋନପୁର | ୩୪.୬ | ୧୮.୪ |
| ଦାରିଙ୍ଗିବାଡ଼ି | ୨୮.୫ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

> ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ।
> –ଶ୍ରୀମା





ପରିବେଶ ପରିଚିନ୍ତା

# ଉପକାରୀ ଉଇ

ମାନେକା ଗାନ୍ଧୀ

ମୋ ସ୍ୱାମୀଙ୍କ ବିୟୋଗ ପରେ ସେ ଯେଉଁ ଟେବୁଲରେ କାମ କରୁଥିଲେ, ସେଇଟି ମୋର ହୋଇଗଲା। ତାହା ଥିଲା ଅନେକ ଡ୍ରୟର–ବିଶିଷ୍ଟ ଏକ କାଠ ଟେବୁଲ। ଘର ପରିବର୍ତ୍ତନ କରି ମୁଁ ଯୁଆଡ଼େ ଯୁଆଡ଼େ ଯାଇଛି, ଏ ଟେବୁଲଟି ମଧ୍ୟ ମୋ ସହ ଯାଇଛି। ମୁଁ ସେଥିରେ ମୋ ପାଇଁ ସବୁଠୁ ମୂଲ୍ୟବାନ୍ ଜିନିଷପତ୍ର ରଖେ, ଯଥା ମୋ ସ୍ୱାମୀଙ୍କ ଚିଠି, ବାହାଘର ଆଲ୍‌ବମ, ଅସମ୍ପୂର୍ଣ୍ଣ ପାଣ୍ଡୁଲିପି, ମୋ ପିଲାଦିନର ଫଟୋ, ମୋ ପୁଅର ପିଲାଦିନର ଫଟୋ, ମୋ ମାଆ ଓ ଶାଶୁଙ୍କ ଚିଠି ଇତ୍ୟାଦି। ୨୦୦୨ରେ ମୁଁ ୧୪ ଅଶୋକା ରୋଡ୍‌ସ୍ଥିତ ଯେଉଁ ଘରକୁ ଗଲି, ବ୍ରିଟିଶ୍ ଅମଳର ସେହି ଘରଟି ଅତ୍ୟନ୍ତ ଅରକ୍ଷିତ ଭାବେ ରହିଥିଲା ଏବଂ ତାହା ୩୦ ବର୍ଷ ଧରି କମ୍ୟୁନିଷ୍ଟ ଦଳର କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିଲା। ମୋର ଘରଟି ପ୍ରତି ଅଧିକ ଧ୍ୟାନ ଦେବା ଉଚିତ ଥିଲା, ବିଶେଷତଃ ଯେତେବେଳେ ମୁଁ ଘର ଭିତରେ ଅନେକ ସ୍ଥାନରେ ଫିମ୍ପି ମାରିବା ବା ଛତୁ ଫୁଟିବା ଓ ଝରକା–କବାଟକୁ ଉଇ ଖାଇବା ଦେଖିଲି। କିନ୍ତୁ ପ୍ରତ୍ୟେକ ଥର ମୁଁ ସରକାରୀ ଇଞ୍ଜିନିୟରମାନଙ୍କୁ ଡାକିଦିଏ, ସେମାନେ ଝରକା–କବାଟ ବଦଳାନ୍ତି କିମ୍ବା ସେଇ ଫିମ୍ପି ଉପରେ ରଙ୍ଗ ବୋଳି ଦିଅନ୍ତି। ଏଥର ବି ତାହା ହିଁ କଲି।

ମୁଁ ଅନେକ ଆଇମା' ଅମଳର ପ୍ରତିକାର ପଦ୍ଧତି ଆପଣେଇଲି। ବଗିଚାରେ କିଛି କଦଳୀଗଛ ପୋତିଲି, କାରଣ ଏହା ଉଇଙ୍କୁ ଦୂରେଇ ରଖିଥାଏ ବୋଲି କୁହାଯାଏ। ବିଭିନ୍ନ ସ୍ଥାନରେ ସଜ ଗୋବରର ଘଷି ପାରିଲି। କାରଣ ଉଇମାନେ ଏ ଘଷି ପ୍ରତି ଆକର୍ଷିତ ହେଲେ ଆମେ ତା' କବଳରୁ ରକ୍ଷା ପାଇପାରିବା।

ଦିନେ ମୁଁ ସ୍ଥିର କଲି ବାଡ଼ିବଗିଚାର ଗଛ ଉପରେ ଲିଖିତ ମୋର ବହିଟିକୁ ସାରିଦେବି। କିନ୍ତୁ ମୋ ଡ୍ରୟର ଖୋଲିଲା ନାହିଁ। ତେଣୁ ମୋତେ ବଢ଼େଇ ଡାକିବାକୁ ପଡ଼ିଲା। ବଢ଼େଇ ଡ୍ରୟର ଖୋଲିଲା ବେଳକୁ ସବୁ ସରିଯାଇଥିଲା, ଉଇମାନେ ସବୁ ଖାଇ ସଫା କରିଦେଇଥିଲେ। ଗୋଟାଏ ଝଟକାରେ ମୋର ସବୁ ସମ୍ପତ୍ତି ଉଜୁଡ଼ିଗଲା। ମୁଁ ଦୁଃଖରେ କାନ୍ଦିବାକୁ ଲାଗିଲି। ମୁଁ ପୂରା ଘରକୁ ଭିତରୁ ଭିତରୁ ଭାଙ୍ଗି ଗୋଟିଏ ପରେ ଗୋଟିଏ କୋଠରିକୁ ଉଇମୁକ୍ତ କଲି। ଏଥିପାଇଁ ୧୬ ମାସ ସମୟ ଲାଗିଲା।

ଲୋକେ ମୋତେ ପ୍ରଶ୍ନ ପଚାରନ୍ତି, ଏ ମଶା, ଅସରପା ଓ ଉଇମାନଙ୍କୁ ଭଗବାନ୍ କାହିଁକି ସୃଷ୍ଟି କରିଛନ୍ତି। ଉଇମାନେ ମୋର ସବୁ ମୂଲ୍ୟବାନ୍ ସମ୍ପତ୍ତି ନଷ୍ଟ କରିଦେଇଥିଲେ ବି ମୁଁ ଜାଣେ ମୋଠାରୁ ଏ ଦୁନିଆରେ ସେମାନଙ୍କ ମହତ୍ତ୍ୱ ଅଧିକ। ସେମାନେ ପ୍ରକୃତରେ ଏକ ଉପକାରୀ କୀଟ। ସେମାନେ ଉଦ୍ଭିଦର ତନ୍ତୁ ଖାଇ ହଜମ କରିପାରନ୍ତି, କାରଣ ସେମାନଙ୍କ ପାକସ୍ଥଳୀରେ ସ୍ୱତନ୍ତ୍ର ପ୍ରକାର ବୀଜାଣୁ ଅଛନ୍ତି। ଯେଉଁ କାଠ ବା ମଲାଗଛ ସହଜରେ ମାଟିରେ ମିଶିପାରିବ ନାହିଁ, ତାକୁ ସେମାନେ ତୁରନ୍ତ ଖାଇ ମାଟିରେ ମିଶାଇଦିଅନ୍ତି ଓ ପୁନଃଚକ୍ରଣରେ ସାହାଯ୍ୟ କରନ୍ତି। ସେମାନେ ସୁଡ଼ଙ୍ଗ ଖୋଳି ତା' ଭିତରେ ପବନ ଚଳାଚଳକୁ ସୁଗମ କରନ୍ତି। ଏହାଦ୍ୱାରା ବିଷୁବମଣ୍ଡଳୀୟ ଜଙ୍ଗଲ ଓ କୃଷିଜମିରେ ଗଛବୃକ୍ଷ ଭଲ ବଢ଼େ ଏବଂ ସେମାନଙ୍କ ପାଖରେ ପାଣି, ପବନ ଓ ପୋଷକ ତତ୍ତ୍ୱ ସହଜରେ ପହଞ୍ଚିପାରେ। କେତେକ ପ୍ରଜାତି ଜୀବନ୍ତ ଗଛକୁ ଆକ୍ରମଣ କରନ୍ତି। କିନ୍ତୁ ଏହି ଗଛଗୁଡ଼ିକ ଦୁର୍ବଳ ଓ ଚାପଗ୍ରସ୍ତ ହୋଇପଡ଼ିଥାନ୍ତି ଏବଂ ସେମାନେ କାଇରୋମୋନ୍ ନାମକ ଏକ ରାସାୟନିକ ଛାଡ଼ନ୍ତି, ଯାହାକୁ ଉଇମାନେ ବ୍ୟବହାର କରି ଏହାକୁ ଠାବ କରନ୍ତି।

ମାତ୍ର ୩୦୦୦ ପ୍ରଜାତିର ଉଇ ମଣିଷ ପାଇଁ କ୍ଷତିକାରକ କୀଟ ବା ପେଷ୍ଟ ଭାବେ ଜଣାଶୁଣା। ଅବଶିଷ୍ଟ ଉଇଗୁଡ଼ିକ ହେଉଛନ୍ତି ବାସ୍ତବରେ ମୃତ୍ତିକା ଇଞ୍ଜିନିୟର, ଯେଉଁମାନେ ଆପଣଙ୍କ ପାଦତଳର ମାଟିକୁ ସୃଷ୍ଟି କରନ୍ତି ଓ ତାକୁ ସୁସ୍ଥ ରଖନ୍ତି। ଉଇମାନେ ସେହିସବୁ ଜିନିଷ ଖାଆନ୍ତି, ଯାହାକୁ ଅନ୍ୟମାନେ ଖାଇବେ ନାହିଁ ବା ଖାଇପାରିବେ ନାହିଁ, ଯଥା କାଠ, ଗୋବର, ଲିଚେନ୍ (ଶିଉଳି ବା ଫିମ୍ପି), ଏପରି କି ଅଳିଆ–ଆବର୍ଜନା। ଉଇମାନେ ମାଟିରେ ଗାତ କରୁଥିବାରୁ ତା' ଭିତରକୁ ବର୍ଷାଜଳ ସହଜରେ ଭେଦିପାରେ ଓ ଭୂତଳ ଜଳଭଣ୍ଡାରକୁ ସମୃଦ୍ଧ କରେ। ଗଛମାନେ ବି ସହଜରେ ପାଣି ପାଆନ୍ତି। ଉଇମାନେ ବାଲି, ପଥର, କାଦୁଅ ପରି ଅଜୈବ ପଦାର୍ଥ ସହ ଝଡ଼ାପତ୍ର, କାଠ, ମୃତ ପ୍ରାଣୀ ପ୍ରଭୃତିକୁ ମଶାଇ ମୃତ୍ତିକାର ମାନ ବୃଦ୍ଧି କରନ୍ତି। ଏହାଦ୍ୱାରା ଗଛ ପୋଷକ ତତ୍ତ୍ୱ ପାଏ ଓ ମୃତ୍ତିକା କ୍ଷୟ ହେବାରୁ ରକ୍ଷା ପାଏ। ଉଇଙ୍କର ମଳ ଅଠା ପରି ମାଟିକୁ ଜାବୁଡ଼ି ଧରି କ୍ଷୟ ହେବାରୁ ରକ୍ଷା କରିଥାଏ। ଉଇଙ୍କ ପାକସ୍ଥଳୀରେ ଥିବା ବୀଜାଣୁ ହେଉଛନ୍ତି ସକ୍ରିୟ ଯବକ୍ଷାରଜାନ–ବିବନ୍ଧକ। ସେମାନେ ବାୟୁମଣ୍ଡଳରୁ ଯବକ୍ଷାରଜାନ ପରି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗ୍ରହଣ କରି ତାକୁ ମାଟିରେ ମିଶାଇ ସାରରେ ପରିଣତ କରିଦିଅନ୍ତି।

ଉଇମାନେ ଏବଂ ସେମାନଙ୍କ ଦ୍ୱାରା ସୃଷ୍ଟ ବିଶାଳ ପ୍ରାକୃତିକ ବାସସ୍ଥାନ ମରୁଭୂମି, ଅର୍ଦ୍ଧମରୁଭୂମି, ବିଷୁବମଣ୍ଡଳୀୟ ଓ ଅର୍ଦ୍ଧବିଷୁବମଣ୍ଡଳୀୟ ବୃଷ୍ଟିପୁଷ୍ଟ ଜଙ୍ଗଲ, ଉଷ୍ଣ ଓ ନାତିଶୀତୋଷ୍ଣ ଜଙ୍ଗଲ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟୂନ ୧୨୬ ପ୍ରଜାତିର ଉଇ (କାଠଖିଆ ଉଇ ସମେତ) ୧୮ଟି ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କ ମଳ ଖାଇ ତାହାକୁ ଖୁବ୍‌ଶୀଘ୍ର ମାଟିରେ ମିଶାଇ ଦିଅନ୍ତି। ଉଇମାନେ ଏହି ମଳକୁ ନେଇ ମାଟି ତଳକୁ ଯାଉଥିବାରୁ ତାହା ମାଟିର ଉର୍ବରତା ବୃଦ୍ଧି କରିଥାଏ। ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସାଇନ୍ସ ଜର୍ନାଲରେ ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଉଇ ହୁଙ୍କାଗୁଡ଼ିକ ମରୁଭୂମିରେ ମରୁଝର ରୂପେ କାମ କରେ। ତାକୁ ବେଢ଼ି ସେଠି ବିଭିନ୍ନ ଗଛବୃକ୍ଷ ଉଠେ ଓ ଏକ ମରୂଦ୍ୟାନ ସୃଷ୍ଟି ହୁଏ।

ପ୍ରୋଟିନ୍ ଅଭାବରୁ ଅପପୁଷ୍ଟି ଭୋଗୁଥିବା ବହୁ ଲୋକ ଉଇକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ଏବଂ ପ୍ରାଣୀଙ୍କୁ ମଧ୍ୟ ଖୁଆଇଥାନ୍ତି। ଏସିଆ, ଦକ୍ଷିଣ ଆମେରିକା ଓ ଆଫ୍ରିକାରେ ଅନେକେ ଏହାକୁ ଔଷଧ ଭାବେ ମଧ୍ୟ ବ୍ୟବହାର କରନ୍ତି। ଜାମ୍ବିଆରେ ଶିଶୁଙ୍କ ଅପପୁଷ୍ଟି ଦୂର କରିବା ପାଇଁ, ସୋମାଲିଆରେ କ୍ଷତ ଯୋଡ଼େଇ ପାଇଁ, ବ୍ରାଜିଲରେ ଶ୍ୱାସରୋଗ, ସର୍ଦ୍ଦି, ଶ୍ଳେଷ୍ମା ଓ କାଶରୋଗ ଏବଂ ଫିମ୍ପିଜନିତ ରୋଗ ଭଲ କରିବା ପାଇଁ ଉଇମାନଙ୍କୁ ବ୍ୟବହାର କରାଯାଏ। ଭାରତରେ ଏହାକୁ ଶ୍ୱାସରୋଗ ଓ ଘାଆ ଭଲ କରିବା ପାଇଁ, ଶରୀରର ଯନ୍ତ୍ରଣା ଓ ଆଣ୍ଠୁଗଣ୍ଠି ବାତ ଭଲ କରିବା ପାଇଁ ଏବଂ ମାଆମାନଙ୍କର ଭଲ କ୍ଷୀର ହେବା ପାଇଁ ଏହାକୁ ବ୍ୟବହାର କରାଯାଏ। ଗର୍ଭବତୀଙ୍କୁ ରୋଗ ନ ହେବା ପାଇଁ, ଭବିଷ୍ୟବାଣୀ କରିବା ପାଇଁ ଏବଂ ଭୂତପ୍ରେତଙ୍କୁ ଦୂରେଇ ରଖିବା ପାଇଁ ନାଇଜେରିଆବାସୀ ଏହାକୁ ବ୍ୟବହାର କରନ୍ତି।

ଆଫ୍ରିକାରେ ମାକ୍ରୋଟର୍ମିସ ନାମକ ଏକ ବଡ଼ ପ୍ରଜାତିର ଉଇ ମିଳନ୍ତି। ସେମାନଙ୍କୁ ପ୍ରୋଟିନ୍‌ର ଉତ୍ସ ଭାବେ ମଣିଷ, ଗରିଲା, ଶିମ୍ପାଞ୍ଜି ଓ ବନ୍ୟ ପକ୍ଷୀମାନେ ଖାଆନ୍ତି। ସେମାନଙ୍କ ହୁଙ୍କା ମଧ୍ୟ ମଣିଷମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଗବେଷକମାନଙ୍କ କହିବା ଅନୁସାରେ ଉଇହୁଙ୍କାରୁ ଖଣିଜପଥରର ସନ୍ଧାନ ମିଳେ। ଗଭୀର ମାଟି ତଳୁ ଜୈବ ଅଜୈବ ପଦାର୍ଥକୁ ଆଣି ଉଇମାନେ ହୁଙ୍କା ତିଆରି କରନ୍ତି। ତେଣୁ ସେହି ହୁଙ୍କାମାଟିରେ କୌଣସି ଖଣିଜପଥରର ପ୍ରାବଲ୍ୟ ଦେଖିଲେ ସେଠାରେ ମାଟି ତଳେ ସେହି ଖଣିଜଦ୍ରବ୍ୟ ଥିବାର ବୈଜ୍ଞାନିକମାନେ ଜାଣିପାରନ୍ତି। ଏପର କି ଉଇହୁଙ୍କାରୁ ସୁନାଖଣିର ବି ସନ୍ଧାନ ମିଳିଛି। ଉଇହୁଙ୍କା ମଧ୍ୟ ଅନେକ ଉଦ୍ଭିଦ, କବକ ଓ ତୃଣଭୋଜୀ ପ୍ରାଣୀଙ୍କ ଆଶ୍ରୟ ସ୍ଥଳ। ଏଗୁଡ଼ିକରେ ଦିନରେ ଟାଣଖରା ସମୟରେ ଥଣ୍ଡା ଓ ରାତିରେ ଉଷୁମ ରହେ। ଆଣ୍ଟିଲୋପ୍‌ମାନେ ସାଧାରଣତଃ ଉଇହୁଙ୍କା ଚାରିପଟେ ଏକାଠି ହୋଇ ଚରିବୁଲନ୍ତି। ହାତୀଙ୍କ ପିଠି କୁଣ୍ଡେଇହେଲେ ସେମାନେ ଉଇହୁଙ୍କାରେ ତାଙ୍କ ପିଠି ଘଷନ୍ତି। ଦୁର୍ଭାଗ୍ୟର ବିଷୟ ଆମେ ଉଇମାନଙ୍କ ଖାଦ୍ୟ କାଠରେ ଘର ତିଆରି କରୁଛୁ ଓ ସେଥିରେ ଉଇ ଲାଗିଲେ ଆମେ ତାଙ୍କୁ ଦୋଷ ଦେଉଛୁ। ଉଇମାନେ ମୋର ଯେଉଁ କ୍ଷତି କରିଛନ୍ତି, ସେ ଦୁଃଖ ମୋର ଏଯାଏ ଯାଇନାହିଁ।

Email: gandhim@nic.in

# ବିଜ୍ଞାନ ବନାମ ଛଦ୍ମ ବିଜ୍ଞାନ



ଡ. ସୁଶାନ୍ତ କୁମାର ସାହୁ

ନୋବେଲ ପୁରସ୍କାର ବିଜେତା ପଦାର୍ଥ ବିଜ୍ଞାନୀ ସାର୍ ସି.ଭି. ରମଣଙ୍କ ଦ୍ୱାରା ଆବିଷ୍କୃତ ରମଣ ପ୍ରଭାବର ବିଶିଷ୍ଟତାକୁ ଆଖି ଆଗରେ ରଖି ପ୍ରତିବର୍ଷ ୨୮ ଫେବୃୟାରୀକୁ ସାରା ଭାରତବର୍ଷରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ରୂପେ ପାଳନ କରାଯାଉଛି। ସି.ଭି. ରମଣଙ୍କ ପରି ବୈଜ୍ଞାନିକ ଭାରତବର୍ଷରେ ବିରଳ, ଯିଏ ନିଜ ଛାତ୍ରର ପିଏଚ୍‌ଡି ସନ୍ଦର୍ଭ ଉପସ୍ଥାପନ ପାଇଁ ଭାରତରତ୍ନ ପରି ଉପାଧି ଗ୍ରହଣ କରିବାକୁ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ସତ୍ତ୍ୱେ ଯାଇ ନ ଥିଲେ ଏବଂ ତାଙ୍କ ଅନୁପସ୍ଥିତିରେ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଥିରୁ ଜଣାପଡ଼େ ଜଣେ ଉତ୍ତମ ବୈଜ୍ଞାନିକଙ୍କ ପାଇଁ ବିଜ୍ଞାନ ଗବେଷଣା ଓ ଛାତ୍ର କେତେ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରୀୟ ବିଜ୍ଞାନ ଦିବସ ମାଧ୍ୟମରେ ବିଜ୍ଞାନ ଗବେଷଣାର ବାର୍ତ୍ତା ପ୍ରସାର କରାଯାଉଛି। ଇତିମଧ୍ୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରୟାସ ଓ ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଯୋଗୁ ବିଜ୍ଞାନ ଗବେଷଣାରେ ଭାରତବର୍ଷର ବହୁ ସଂସ୍ଥା ଓ ଅନୁଷ୍ଠାନର ଉନ୍ନତି ଘଟିଛି, ଯାହାଫଳରେ ଆଇଆଇଏସ୍‌ସି ଓ କିଛି ଆଇଆଇଟି ବିଶ୍ୱର ଶ୍ରେଷ୍ଠ ୨୦୦ ଅନୁଷ୍ଠାନ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛନ୍ତି।

ସେହିପରି ସ୍କିମାଗୋ ଇନ୍‌ଷ୍ଟିଚ୍ୟୁଶନ ର୍‍ୟାଙ୍କିଙ୍ଗ ୨୦୧୭ ରିପୋର୍ଟ ଅନୁଯାୟୀ ବିଶ୍ୱର ୧୨୦୭ଟି ସରକାରୀ ଅନୁଷ୍ଠାନ ମଧ୍ୟରୁ ସିଏସ୍‌ଆଇଆର୍ ସାରା ବିଶ୍ୱରେ ନବମ ସ୍ଥାନ ଅଧିକାର କରି ଭାରତକୁ ବିଶ୍ୱରେ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଦେଶଭାବେ ପରିଚିତ କରାଇପାରିଛି। କିନ୍ତୁ ବିଜ୍ଞାନ ଗବେଷଣାରେ ଭାରତ ଏକ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖୁଥିବା ବେଳେ କିଛି ବୁଦ୍ଧିଜୀବୀ, ନେତା ଓ ଏପରିକି ବୈଜ୍ଞାନିକଙ୍କ ଦ୍ୱାରା ଛଦ୍ମ ବିଜ୍ଞାନର ପ୍ରଚାର ପ୍ରସାର ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

୨୦୧୬ରେ ଭାରତ ଜନ୍ମିତ ନୋବେଲ ପୁରସ୍କାର ବିଜେତା ତଥା ଜୀବବିଜ୍ଞାନୀ ପ୍ରଫେସର ଭେଙ୍କଟରମଣ ରାମକ୍ରିଷ୍ଣନ୍ ଭାରତୀୟ ବିଜ୍ଞାନ କଂଗ୍ରେସକୁ ଏକ ସର୍କସ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏଥିରେ ଭବିଷ୍ୟତରେ କେବେ ବି ଯୋଗ ଦେବେ ନାହିଁ ବୋଲି ସୂଚାଇଥିଲେ। ତାଙ୍କ ଅନୁଯାୟୀ ଭାରତୀୟ ବିଜ୍ଞାନ କଂଗ୍ରେସରେ କମ୍ ବିଜ୍ଞାନ ଓ ଅଧିକ ବିଜ୍ଞାନ ମିଶ୍ରିତ ପୌରାଣିକ ବିଚାରଧାରା ଆଲୋଚନା କରାଯାଏ। ଭାରତରେ ୨୦୦୦ ବର୍ଷ ପୂର୍ବେ ଋଷିମାନେ ଉଡ଼ାଜାହାଜ ଉଦ୍ଭାବନ କରିଥିବା ୨୦୧୫ ବିଜ୍ଞାନ କଂଗ୍ରେସରେ ଜଣେ ବକ୍ତା ତାଙ୍କ ଅଭିଭାଷଣରେ ଜଣାଇଥିଲେ। ସେହିପରି ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ୧୦୬ତମ ବିଜ୍ଞାନ କଂଗ୍ରେସରେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି. ନାଗେଶ୍ୱର ରାଓ ଅନେକ ଛଦ୍ମ ବିଜ୍ଞାନଭିତ୍ତିକ ତଥ୍ୟ ଶିଶୁ ବିଜ୍ଞାନୀ ଓ ଅନ୍ୟ ଯୁବଗବେଷକମାନଙ୍କୁ ବଖାଣିଥିଲେ, ଯେମିତିକି ୧୦୦ କୌରବ ଭାଇଙ୍କ ଟେଷ୍ଟଟ୍ୟୁବ୍ ମାଧ୍ୟମରେ ଜନ୍ମ, ରାବଣର ୨୪ଟି ଏୟାରକ୍ରାଫ୍ଟ ଓ ଲଙ୍କାରେ ଅନେକ ବିମାନ ବନ୍ଦର ଥିବା, ବିଷ୍ଣୁଙ୍କ ଦଶାବତାର କିପରି ଚାର୍ଲସ ଡାରୱିନଙ୍କ ତତ୍ତ୍ୱଠାରୁ ଅଧିକ ବିକଶିତ ଇତ୍ୟାଦି। ଏହି ଦାବିଗୁଡ଼ିକରେ କେତେ ଅନୁସନ୍ଧାନ ଭିତ୍ତିକ ସତ୍ୟତା ରହିଛି, ତାହା ବକ୍ତବ୍ୟ ଦେବା ପୂର୍ବରୁ ଜାଣିବା ଦରକାର ଥିଲା। ପ୍ରଫେସର ନାଗେଶ୍ୱର ରାଓଙ୍କର ଏପରି ମତ ବିରୋଧରେ ଦେଶର ୩୭ ଜଣ ବରିଷ୍ଠ ବୈଜ୍ଞାନିକ ଭାରତୀୟ ବିଜ୍ଞାନ କଂଗ୍ରେସ–୨୦୧୯ ଅଧ୍ୟକ୍ଷଙ୍କୁ ଅବଗତ କରାଇଛନ୍ତି। ବିଜ୍ଞାନ କଂଗ୍ରେସର ବକ୍ତା ଚୟନ ଉପରେ ପ୍ରଶ୍ନ ମଧ୍ୟ କରିଛନ୍ତି। ସେହିପରି ଗଣେଶଙ୍କ ପ୍ଲାଷ୍ଟିକ ସର୍ଜରି, ପ୍ରହ୍ଲାଦଙ୍କ ଅଗ୍ନି ନିରୋଧକ ପ୍ରଲେପ ଇତ୍ୟାଦି ଅନେକ ମିଥ୍ୟା ବିଜ୍ଞାନର ଚର୍ଚ୍ଚା ବିଜ୍ଞାନ ସମାଜରେ ଏକ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ସୃଷ୍ଟି କରିଚାଲିଛି।

ବର୍ତ୍ତମାନ କୋମଳମତି ଶିଶୁ ମନରେ ପ୍ରଶ୍ନ ଉଠେ, ଏଗୁଡ଼ିକ ସତରେ ବିଜ୍ଞାନ ନା ଛଦ୍ମବିଜ୍ଞାନ ? ସତ୍ୟର ଅନୁସନ୍ଧାନ ହିଁ ବିଜ୍ଞାନ। ଜଣେ ବୈଜ୍ଞାନିକ ପ୍ରକୃତିରେ ଘଟୁଥିବା ଘଟଣାକୁ ପ୍ରଥମେ ପୂର୍ବ ବିଜ୍ଞାନଭିତ୍ତିକ ତଥ୍ୟ ମାଧ୍ୟମରେ ପରିକଳ୍ପନା କରେ ଓ ପରେ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ତା'ର ସତ୍ୟତା ପ୍ରତିପାଦନ କରେ। ପରିଶେଷରେ ଏଗୁଡ଼ିକ ସିଦ୍ଧାନ୍ତରେ ପରିବର୍ତ୍ତିତ ହୋଇ ଜନସମାଜ ଦ୍ୱାରା ଗୃହୀତ ହୁଏ। ଯଦି ପରୀକ୍ଷାରେ ସଫଳ ନ ହୁଏ, ତେବେ ସେହି ପରିକଳ୍ପନା ପରିକଳ୍ପନାରେ ହିଁ ରହିଯାଏ। ବିଜ୍ଞାନରେ ବିଫଳତାକୁ ଖୋଜି ବାରମ୍ବାର ଅନୁଧ୍ୟାନ ଓ ବିଶ୍ଳେଷଣ କରାଯାଇଥାଏ, କାରଣ ଠିକ୍ ସିଦ୍ଧାନ୍ତ କେବେ ଭୁଲ ଭବିଷ୍ୟବାଣୀ କରେନାହିଁ। ଯେଉଁଠି ନୂଆ ପରୀକ୍ଷାମୂଳକ ପ୍ରମାଣ ପୁରୁଣା ସିଦ୍ଧାନ୍ତକୁ ଅସ୍ୱୀକାର କରେ, ସେଠି ପୁରୁଣା ସିଦ୍ଧାନ୍ତକୁ ପରିତ୍ୟାଗ କରାଯାଏ। ଅପରପକ୍ଷେ ଛଦ୍ମ ବିଜ୍ଞାନ କେବଳ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ କଳ୍ପିତ, ଯେଉଁଠି ନା ଅନୁସନ୍ଧାନ ଥାଏ ନା ନିର୍ଭୁଲ ସମୀକ୍ଷା। ବିଜ୍ଞାନ ପରି ଏଥିରେ କୌଣସି ମାନଦଣ୍ଡ ନ ଥାଏ। କେବଳ ଥାଏ ଅଜ୍ଞତା ଓ ତଥ୍ୟ ଅଭାବରୁ ଅପ୍ରାସଙ୍ଗିକ ଯୁକ୍ତି। କେବଳ ଧାର୍ମିକ ତଥା ପୌରାଣିକ ପୁସ୍ତକଗୁଡ଼ିକ ଆମକୁ ଏପରି ଆସ୍ଥା ଓ ବିଶ୍ୱାସ ପ୍ରକଟ କରାଏ, ଯାହାକୁ ଆମେ ପୁରାତନ ବିଜ୍ଞାନ ସହିତ ଜଡିତ ବୋଲି ଦାବିକରୁ।

ଏଣୁ ରାଜନୈତିକ ନେତା, ଶିକ୍ଷକ, ବୈଜ୍ଞାନିକ ଓ ବକ୍ତାମାନଙ୍କୁ ସର୍ବସାଧାରଣ ସ୍ଥାନ, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ବା ଇଲେକ୍ଟ୍ରୋନିକ ମିଡ଼ିଆରେ ଏପରି ଛଦ୍ମ ବିଜ୍ଞାନ ସମ୍ପର୍କିତ ଅଭିଭାଷଣରୁ ନିବୃତ୍ତ ରହିବା ଉଚିତ। ଶିକ୍ଷକମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ଓ ଶୃଙ୍ଖଳିତ ବୈଜ୍ଞାନିକ ଚିନ୍ତାଧାରାରେ ମନୋନିବେଶ କରାଇ ପରୀକ୍ଷାମୂଳକ ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କଲେ ଭାରତବର୍ଷ ଅନେକ ସି.ଭି. ରମଣଙ୍କୁ ସୃଷ୍ଟି କରିପାରିବ ଏବଂ ନିଜକୁ ଏକ ଅଗ୍ରଣୀ ଦେଶ ଭାବରେ ବିଶ୍ୱରେ ପରିଚୟ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ।

ଆଇତିପୁର, ଆଶ୍ରମ ବାଲିକୁଦା, କେନ୍ଦ୍ରାପଡ଼ା, ମୋ–୯୮୫୩୩୨୩୬୫୩, sushantanano@gmail.com

## ଏଇ ଭାରତରେ

ଦେଶର ବେକାରି ସମସ୍ୟା ବଢୁଥିବା ଯୋଗୁ କେତେକ ଉଚ୍ଚଶିକ୍ଷିତ ଛାତ୍ର ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଉଚ୍ଚଶିକ୍ଷାର ଡିଗ୍ରୀ ହାସଲ କରିବା ପରେ ନିଜ ମନ ମୁତାବକ ଚାକିରି ନ ମିଳିବାରୁ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବା ପାଇଁ ସେମାନେ ଆଦରି ନେଉଛନ୍ତି କିଛି ହୀନ ଓ କୁତ୍ସିତ କାର୍ଯ୍ୟ। ମହାରାଷ୍ଟ୍ରର କପୁରୱାବାଡ଼ି ଥାନା ପୋଲିସ ଏଭଳି ମାମଲାରେ ଜଡ଼ିତ ଥିବା ବମ୍ବେ ଆଇଆଇଟିର ଜଣେ ଛାତ୍ରଙ୍କୁ ଗିରଫ କରିଛି। ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ମହିଳା ଜଣକ ତାଙ୍କ ଗାଧୁଆଘରେ ଗୋଟିଏ ମୋବାଇଲ୍ ପଡ଼ିଥିବା ଦେଖି ତାଙ୍କ ସ୍ୱାମୀଙ୍କୁ ଡାକିଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ ସେଠାରୁ ଦୌଡ଼ି ପଳାଇଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବେକାର ଥିବାରୁ ମହିଳାଙ୍କ ନଗ୍ନ ଫଟୋ ଉଠାଇ ଏ ବାବଦରେ କିଛି ଅର୍ଥ ରୋଜଗାର କରିବାକୁ ସେ ଇଚ୍ଛା କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ସବୁରି ପଛରେ ଆସି ଚଳିଯାଏ ସକଳର ଆଗେ,
ଅଧର ନ ହେଉଁ ତା'ର ବିରଚିତ ନବ ହାସ୍ୟରାଗେ,
ଆସିଥାଏ କ୍ରନ୍ଦନର ଭାଷା ଘେନି ଖାଲି
ଶେଷ କ୍ରନ୍ଦନରେ ଯାଏ ଚାଲି!
ପୂର୍ଣ୍ଣ ଦୁଇଗୋଟି ଶଶୀ ନ ଖେଳୁଣୁ ତା' ନୟନ ପରେ
ନ ଶିଖୁଁ ଡାକିବା ପାଇଁ ତୋଳି ତାକୁ କ୍ଷୁଦ୍ର ଦୁଇ କରେ
ଦିଓଟି ଶଶୀରେ ତା'ର ସରିଯାଏ କ୍ରୀଡ଼ା!
ନ ଦେଖଇ ସୁଖ ପୀଡ଼ା।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶାସନରେ ଅଭାବ ଅନୁଶାସନ



ଅରୁଣ କୁମାର ପଣ୍ଡା

ଆଜିକାଲି ପ୍ରାୟ ଲୋକଙ୍କ ଅଭିଯୋଗ ହେଲା ଯେ, ବର୍ତ୍ତମାନ ଭାରତରେ ବାସ୍ତବିକ ଅର୍ଥରେ ଶାସନ ବୋଲି କିଛି ନାହିଁ। ଦେଶରେ ଯାହା ବି ଆଇନକାନୁନ୍ ଅଥବା ସରକାରୀ ନିର୍ଦ୍ଦେଶ ଜାରି ହେଉଛି ସେସବୁକୁ ଉଲ୍ଲଂଘନ କରିବା ପାଇଁ ଲୋକେ କିଛି ନା କିଛି ଉପାୟ ବାହାର କରୁଛନ୍ତି। କାନୁନ୍, ବିଧି ବ୍ୟବସ୍ଥା ତଥା ସମ୍ବିଧାନର ସୁରକ୍ଷା ପାଇଁ ଗଠିତ ନ୍ୟାୟାଳୟଗୁଡ଼ିକରେ ସେହି ଅନୁସାରେ ଏତେ ଅଧିକ ସଂଖ୍ୟାରେ ମକଦ୍ଦମା ଦାଏର ହେଉଛି, ଯାହାର ଶୁଣାଣି ପାଇଁ ବର୍ଷ ବର୍ଷ ବିତିଯାଉଛି। ଅନେକ କ୍ଷେତ୍ରରେ ମକଦ୍ଦମାଗୁଡ଼ିକର ଫଏସଲା ଅର୍ଥାତ୍ ରାୟ ବ୍ୟକ୍ତିର ମୃତ୍ୟୁ ପରେ ହିଁ ହେଉଛି। ଖୋଲାଖୋଲି ଅଭିଯୋଗ ହେଉଛି ଯେ ନ୍ୟାୟାଳୟ ଏବଂ ମନ୍ତ୍ରଣାଳୟଗୁଡ଼ିକ ଦୁର୍ନୀତି ଓ ଭ୍ରଷ୍ଟାଚାରର ଦୁର୍ଗରେ ପରିଣତ ହେଲାଣି, ଯେଉଁଠି ନ୍ୟାୟସମ୍ମତ ରୀତିରେ କାର୍ଯ୍ୟହେବା ପରିବର୍ତ୍ତେ ଦିଆନିଆରେ ହେଉଛି। ଗତ ଦୁଇଦଶନ୍ଧି ଭିତରେ ମନ୍ତ୍ରୀ ଓ ପ୍ରଶାସକଙ୍କ ବିରୋଧରେ ଯେଉଁସବୁ ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ଆସିଛି, ସେସବୁର ସମୀକ୍ଷା କଲେ ଜଣାଯାଏ ଶାସନ ପୂତିଗନ୍ଧମୟ ହୋଇଯାଇଛି। ସାଧୁତା, ସ୍ୱଚ୍ଛତା ଏବଂ ସଚ୍ଚୋଟତା ବୋଲି କିଛି ନାହିଁ।

ଆମ ସଂସ୍କୃତିରେ ଆଦର୍ଶ ରାଜା (ଶାସକ)ର ସଂଜ୍ଞା ହେଲା– ପ୍ରଜାପାଳକ, ଜନରକ୍ଷକ, ଜନସେବକ ଓ ଜନରଞ୍ଜକ। ଅନ୍ୟ ଅର୍ଥରେ ରାଜାଙ୍କୁ 'ଜନାର୍ଦ୍ଦନ'ର ଉଚ୍ଚ ଆସନ ଦିଆଯାଇଥିଲା। ପରନ୍ତୁ ଆଜିକାଲିର ଶାସନ ଧକ୍କା ମାରି ଗାଡି ଚଳାଇବା ସ୍ଥିତିରେ ରହିଛି। ଏବେ ଶାସନ 'କିସ୍‌ସା କୁର୍ସିକା'ରେ ପରିଣତ ହୋଇଛି, ଯେଉଁଠାରେ କ୍ଷମତା ପାଇଁ କନ୍ଦଳ ଏବଂ ଗୋଡ ଟଣାଟଣି ମୁଖ୍ୟ ହୋଇଛି। କଳେବଳେକୌଶଳେ ନିର୍ବାଚନ ଜିଣି କ୍ଷମତାସୀନ ହେବା ହିଁ ଏକମାତ୍ର ଲକ୍ଷ୍ୟ। ରାଷ୍ଟ୍ର, ସମାଜ ଓ ଜନସ୍ୱାର୍ଥକୁ ଅଣଦେଖା କରି କ୍ଷମତାସୀନ ବ୍ୟକ୍ତି ନିଜର ଓ ନିଜ ପରିବାରର ସ୍ୱାର୍ଥ ଲାଗି ସବୁକିଛି କରୁଛି। ରାଜନୀତିରୁ ନୀତି ଶବ୍ଦ ଲୋପ ପାଇ କେବଳ 'ରାଜ' ହିଁ ରହିଯାଇଛି। ସତ୍ତା, ସେବା ପରିବର୍ତ୍ତେ ଶୋଷଣର କେନ୍ଦ୍ର ହୋଇଛି। ଶାସନ, ଜନତାର ଦୁଃଖଯନ୍ତ୍ରଣା, ଅଭାବ ଅଭିଯୋଗର ନିରାକରଣ କରିବା ବଦଳରେ ଅନ୍ୟାୟ, ଅତ୍ୟାଚାରର ପୃଷ୍ଠପୋଷକ ସାଜିଛି। ଆର୍ତ୍ତ ଜନତାର ଆକୁଳ ଚିତ୍କାର ଶୁଣିବା ପାଇଁ କାହାକୁ ଫୁରସତ୍ ନାହିଁ। ଏଭଳି ଅବସ୍ଥାରେ ଏ ଦେଶକୁ ଭଗବାନଙ୍କ ବ୍ୟତୀତ ଆଉ କେହି ରକ୍ଷା କରିବାପାରିବେ ନାହିଁ ବୋଲି ସାଧାରଣରେ ଧାରଣା ଜନ୍ମୁଛି।

ଆମେ ଅବଶ୍ୟ ପରସ୍ପରକୁ ଭେଟିଲେ 'ଆପଣଙ୍କ ହାଲ୍‌ଚାଲ୍ କ'ଣ ?' 'ଖୁସିରେ ଅଛନ୍ତି ତ ?' ବୋଲି ପଚାରୁଛୁ। ପରନ୍ତୁ ଆଜିର ହାଲ୍ କେବଳ ଚାଲ୍‌ରେ ଭରପୂର। ବୋଧହୁଏ ଅଳ୍ପ କେତେକଙ୍କୁ ଛାଡିଦେଲେ କେହି ଖୁସିରେ ନାହାନ୍ତି। ମୁହାଁମୁହିଁ ହେଲେ ଏସବୁ ପଚାରିବା କେବଳ ଏକ ଔପଚାରିକତା ପାଲଟିଛି।

ପ୍ରଶ୍ନ ଉଠୁଛି – ଏସବୁର କାରଣ କ'ଣ ? ଏହାର ମୂଳକାରଣ ହେଲା ମଣିଷର ଅଦମନୀୟ ସ୍ୱାର୍ଥ ଲାଳସା। ମନୁଷ୍ୟ ପାଇଁ ସ୍ୱାର୍ଥର ବିକାଶ ସର୍ବାଧିକ ହୋଇଛି। ଏହାର ପରିଣାମରେ ଆମକୁ ମିଳିଛି ଅନିୟନ୍ତ୍ରିତ, ବିଶୃଙ୍ଖଳିତ, ସ୍ୱେଚ୍ଛାଚାରଯୁକ୍ତ ସମାଜ ଏବଂ ଶାସନ, ଯାହାର ଆଭୂଷଣ ହେଲା– ଲୁଟ୍‌ପାଟ୍, ଲଢେଇ, ଝଗଡ଼ା ଏବଂ ସବୁପ୍ରକାର ଅନୀତି ଓ ଅତ୍ୟାଚାର। ଏଠାରେ 'ସ୍ୱାର୍ଥ'ର ଅଭିପ୍ରାୟ ହେଲା 'ଦେହାର୍ଥ', କାରଣ ମନୁଷ୍ୟ 'ସ୍ୱ' କହିଲେ ଆତ୍ମାକୁ କମ୍ ଓ ଦେହକୁ ବେଶି ବୁଝେ।

ମନୁଷ୍ୟ ଏକଥା ଜାଣେ ଯେ ଦେହ ବିନାଶୀ ଓ କ୍ଷଣଭଙ୍ଗୁର। ଏହା ଚିରକାଳ ରହିପାରିବ ନାହିଁ। ଦେହ ଉପରେ କୌଣସି ଭରସା ନାହିଁ, ତଥାପି ମଣିଷ ଅର୍ଥ ଲାଳସାରେ ନିଜର ଶ୍ୱାସ, ଶକ୍ତି, ସମୟକୁ ନଷ୍ଟ କରୁଛି କାହିଁକି ? ଆଜି ଯିଏ ତୁମର ପ୍ରଶଂସା କରୁଛି, ଯଶଗାନ କରୁଛି, କାଲି ସେହି ବ୍ୟକ୍ତି ବିରୋଧୀ ହୋଇ ଏଣେତେଣେ ତୁମର ନିନ୍ଦା ହିଁ କରିବ। ତେବେ କ୍ଷଣିକ କୀର୍ତ୍ତି ଲୋଭରେ ଆମେ ଜୀବନର ମୂଲ୍ୟବାନ ମୁହୂର୍ତ୍ତ, ଶକ୍ତିକୁ ନଷ୍ଟ କରିବା ପାଇଁ କାହିଁକି ଲାଗି ପଡିଛେ ? ଅର୍ଥ ପଛରେ ଗୋଡାଉଥିବା ବ୍ୟକ୍ତିଙ୍କୁ ପଚାରିଲେ ଉତ୍ତର ମିଳେ– ମୁଁ ଏସବୁ ପିଲା, ପରିବାର, ଜ୍ଞାତିପରିଜନ, ଭାଇପୁତୁରାଙ୍କ ପାଇଁ କରୁଛି– ଯେପରି କି ସେମାନଙ୍କ ପ୍ରତି ସେ ମୋହଗ୍ରସ୍ତ। ସ୍ୱାର୍ଥର କାରଣ ମଧ୍ୟ ମୋହ। ମୋହ ହିଁ ମନୁଷ୍ୟକୁ ନିଜ ଅଙ୍ଗୁଳିର ଇସାରାରେ ମାଙ୍କଡ଼ ପରି ନଚାଉଛି।

ଏହି ସ୍ୱାର୍ଥ ଏବଂ ମୋହରୁ ଭୋଗବାଦର ଜନ୍ମ। ଭୋଗବାଦୀ ମନୁଷ୍ୟ ପାଇଁ ରୋଟି–କପଡା–ମକାନ ସବୁକିଛି। ଆଉ ଟିକିଏ ଉପରକୁ ଗଲେ କ୍ଷମତା ଏବଂ ତାକୁ ହାସଲ କରିବା ପାଇଁ ଅନୈତିକ ମାର୍ଗ ଯାହାକୁ ଦୁର୍ନୀତି, ଭ୍ରଷ୍ଟାଚାର, ଅନୀତି କୁହାଯାଇପାରେ। ଅନ୍ୟକୁ ଦିନରେ ଓଳିଏ ଖାଇବାକୁ ମିଳୁଛି କି ନାହିଁ ସେ ବିଷୟରେ ଚିନ୍ତା କରିବା ପାଇଁ ତା'ର ଆଗ୍ରହ ନାହିଁ କି ବେଳ ମଧ୍ୟ ନାହିଁ। ଶାସନର ଅବସ୍ଥା ଅନୁରୂପ। ହାତଗୁଞ୍ଜା ନ ଦେଲେ ଅଫିସ୍‌ରେ ଫାଇଲ ଗୋଟିଏ ଇଞ୍ଚ ମଧ୍ୟ ଆଗକୁ ଘୁଞ୍ଚିବ ନାହିଁ। ସର୍ବତ୍ର 'ମୁଦ୍ରା' (ଟଙ୍କା)ର ପ୍ରାଧାନ୍ୟ। ପଇସା ଦିଅ କାମ ନିଅ ନଚେତ୍ ଘରକୁ ଯାଅ। ନାଁ ହେଉଛି 'ପ୍ରଶାସନ', କିନ୍ତୁ କାମ ହେଉଛି 'ପରେଶାନ' (ହଇରାଣ)।

ପ୍ରଶ୍ନ ଉଠୁଛି ଭାରତ ପରି ଦେଶରେ ଏଭଳି ଅବସ୍ଥା ହେଲା କାହିଁକି ? ଏହାର ଉତ୍ତର ହେଲା ଅନୁଶାସନର ଅଭାବ, ଯେଉଁ ଦେଶର ଶାସକ ଅନୁଶାସନହୀନ ହେବେ ସେମାନେ ଶାସନ କିଭଳି କରିବେ ? ଦେଶ ଓ ସମାଜରେ ସୁଖଶାନ୍ତି ଆସିବ କିପରି ? ଅନୁଶାସନର ବାସ୍ତବ ଅର୍ଥ ହେଲା– ମଣିଷ ନିଜ ଇନ୍ଦ୍ରିୟ ଏବଂ ବ୍ୟବହାର ଉପରେ ନିୟନ୍ତ୍ରଣ ରଖିବା। 'ମର୍ଯ୍ୟାଦା' ପାଳନ କରିବା, ନିୟମର ଉଲ୍ଲଂଘନ କରିବା ନାହିଁ, ତେବେ ଯାଇ ଆମେ ଅନୁଶାସିତ ହୋଇପାରିବା।

ପୂର୍ଣ୍ଣିମା, ୧୩୪୮/୪ ସି, ସେକ୍ଟର–୬, ମର୍କତନଗର, କଟକ–୧୪

## ସୁ–ଡୋ–କୁ

su | do | ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | 8 | 9 | | 4 | C | | 0 | 1 | | A | | |
| 3 | | | | | | | | | | | | 0 | | |
| | | | | | 1 | E | | | 2 | | 4 | B | | |
| | | 1 | D | | | | 5 | | B | A | | | 9 | |
| 2 | | C | E | 7 | | | 9 | | 5 | | | | D | |
| 0 | C | | | | D | | | | | 2 | A | | | |
| | | 5 | | | | 9 | | | | | | | | 3 |
| | | | | | E | 5 | 2 | | | | | 6 | A | 0 |
| D | 2 | | C | | | | | 6 | | 9 | 1 | | | |
| B | 1 | 7 | | | | | 8 | | | | | | | 2 |
| | | | 4 | | 9 | | 1 | | 7 | | | | | |
| 6 | | 9 | B | | C | D | | 8 | | | | | | |
| | A | 4 | | E | 5 | | | | C | 6 | | | | |
| 1 | 0 | | | A | | | 6 | 5 | D | | 9 | | 8 | |
| | 8 | | | 0 | | C | | 9 | A | E | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାୟିତ୍ୱହୀନ ମନ୍ତବ୍ୟ

ମହାଶୟ,

ରାଜନେତାଙ୍କଠାରୁ ସାଧାରଣ ଜନତା ଅନେକ କିଛି ଶିଖନ୍ତି, ଅନୁକରଣ କରନ୍ତି। କିନ୍ତୁ ବେଳେବେଳେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ଦ୍ୱାରା ନେତାମାନଙ୍କର ସମ୍ମାନହାନି ହେବା ସହ ଲୋକେ ସେମାନଙ୍କୁ ଘୃଣା କରନ୍ତି। ଗୋଟିଏ ଜାତି ବା ସମ୍ପ୍ରଦାୟର ଲୋକଙ୍କୁ ଆକ୍ଷେପ କରି ବିବୃତି ଦେବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଏ। ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ନେତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼େ। ବନ୍ଧୁକରୁ ଗୁଳି, ତୁଣ୍ଡରୁ କଥା ବାହାରିଗଲେ ଆଉ ଫେରେନାହିଁ। ତେଣୁ ନେତାମାନେ କିଛି କହିବା ପୂର୍ବରୁ ଆଗପଛ ବିଚାର କରିବା ଓ ପରିଣାମ ଚିନ୍ତା କରିବା ଆବଶ୍ୟକ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ପ୍ରକୃତ ବନ୍ଧୁ

ଧରିତ୍ରୀ (୬।୨)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ ଦ୍ୱାରା ଲିଖିତ 'ଭଲ ବନ୍ଧୁଟିଏ ଖୋଜିବା' ପ୍ରବନ୍ଧଟି ପାଠ କଲି। ପ୍ରକୃତ ବନ୍ଧୁ କିଏ ତାହା ସେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। କେତେକ ବନ୍ଧୁ ସମ୍ପଦ କାଳରେ ଦେଖାଦେଇ ବିପଦ ସମୟରେ ଉଭେଇଯାଆନ୍ତି। କିନ୍ତୁ ଯେଉଁ ଲୋକ ସମ୍ପଦ ଓ ବିପଦ ଉଭୟ ସମୟରେ ବନ୍ଧୁ ନିକଟରେ ଉପସ୍ଥିତ ହୁଅନ୍ତି, ସେ ହିଁ ପ୍ରକୃତ ବନ୍ଧୁ।

ମୀନାକୁମାରୀ ମହାପାତ୍ର, ମହତାବରୋଡ, ପୁରୁଣା ଭୁବନେଶ୍ୱର

### ଦୁର୍ନୀତି ବଢ଼ିଛି ନା କମିଛି

ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି ଯେ, ଗତ ସାଢ଼େ ୪ ବର୍ଷ ମଧ୍ୟରେ ତାଙ୍କ ସରକାର ଦେଶବାସୀଙ୍କୁ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଦେଇ ପାରିଛନ୍ତି। ଅବଶ୍ୟ ଏ କଥା ଆମକୁ ସ୍ୱୀକାର କରିବାକୁ ହେବ ଯେ, ଏନ୍‌ଡିଏ ଶାସନ ସମୟର ସାଢ଼େ ୪ ବର୍ଷରେ କେନ୍ଦ୍ର ସରକାର ଓ କୌଣସି କେନ୍ଦ୍ରମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ଥିବାର ପ୍ରମାଣିତ ହୋଇନାହିଁ। ତେବେ ଏହାର ଅର୍ଥ ନୁହେଁ ଯେ, ଏହି ସମୟ ମଧ୍ୟରେ ଦେଶରେ ଦୁର୍ନୀତି ହୋଇନାହିଁ। ସତକଥାଟି ହେଲା ଦେଶରେ ଦୁର୍ନୀତି ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଦ୍ୱାରା ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତ ଏସିଆ ମହାଦେଶର ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର। ଏଠାରେ ଅର୍ଦ୍ଧାଧିକ ଲୋକ ବିଭିନ୍ନ ସରକାରୀ ସେବା ଓ ସୁବିଧା ପାଇବା ପାଇଁ ଲାଞ୍ଚ ଦେଇଥାନ୍ତି। ଏହି ଲାଞ୍ଚ ଆଦାନପ୍ରଦାନର ହାର ୬୯ ପ୍ରତିଶତ। ଏହାଛଡା ସୁପ୍ରିମ୍‌କୋର୍ଟଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଦେଶରୁ ଦୁର୍ନୀତିର ମୁଳୋତ୍ପାଟନ ପାଇଁ ପ୍ରଣୀତ ସବୁଠାରୁ ଶକ୍ତିଶାଳୀ ଲୋକପାଳ ଆଇନକୁ କାର୍ଯ୍ୟକ୍ଷମ କରିବାରେ କେନ୍ଦ୍ର ସରକାରଙ୍କ ଅବହେଳା ଦେଶରେ ଦୁର୍ନୀତିକୁ ପ୍ରୋତ୍ସାହନ ଦେବାରେ ସହାୟକ ହୋଇଛି। ଏଣୁ ଏହା ନିଃସନ୍ଦେହ ଯେ, ଏହି ୪ ବର୍ଷ ମଧ୍ୟରେ ଦେଶରେ ଦୁର୍ନୀତି ବଢ଼ିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଫେବୃୟାରୀ ୧୯୯୪

- ରୁଷିଆ ନିର୍ମିତ ଏକ ଯାତ୍ରୀବାହୀ ବିମାନ ପେରୁର ପୂର୍ବାଞ୍ଚଳରେ ଥିବା ଟିଙ୍ଗୋମାରିଆ ନିକଟସ୍ଥ ଏକ ପର୍ବତ ସହ ପିଟି ହେବା ଫଳରେ ୩୧ ଯାତ୍ରୀ ପ୍ରାଣ ହରାଇଛନ୍ତି।
- ପାର୍ଲାମେଣ୍ଟ ସଦସ୍ୟମାନେ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବର୍ଷକୁ ୧ କୋଟି ଟଙ୍କାର ପ୍ରକଳ୍ପ ଜିଲାପାଳଙ୍କ ନିକଟରେ ଉପସ୍ଥାପିତ କରିପାରିବା ନେଇ ଏକ ନିୟମାବଳୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।




## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ବୁଥ୍ କମିଟି ବୈଠକ

**ରସାଲପୁର, ୨୭।୨(ଡି.ଏନ.ଏ.):** ରେମୁଣା ନିର୍ବାଚନମଣ୍ଡଳୀରେ ନୂଆ କରି ଗଠିତ ହୋଇଥିବା ଖାନ୍‌ନଗର ପଞ୍ଚାୟତ ବାଙ୍ଗରା ଗ୍ରାମ ହରିହାଟ ପ୍ରାଙ୍ଗଣରେ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ବୁଥ୍ ଓ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୭ନଂ. ଜୋନ୍‌ର ପୂର୍ବତନ ଜିଲାପରିଷଦ ସଭ୍ୟ ତଥା ପୂର୍ବତନ ଜିଲାପରିଷଦ ଅଧକ୍ଷା ଉମିଳତା ଦାସ ଅଧକ୍ଷତା କରିଥିଲେ। ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ୫ମ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ସରକାର ଗଢ଼ିବାକୁ ହେଲେ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ପ୍ରତି ବୁଥ୍‌ରୁ ୧୦୦ ଖଣ୍ଡ ଭୋଟ୍ ଦେବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବ୍ଲକ୍ ଅଧକ୍ଷ ଗୌରୀ ରାଉତ, ଏସି ସେଲ୍‌ର ଜିଲା ସଭାପତି ଶତ୍ରୁଘ୍ନ ମଲ୍ଲିକ, ଅଜୟ ନାୟକ, ଛାତ୍ରନେତା ସିମନ ଦାସମହାପାତ୍ରଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସଭାପତି ପ୍ରମୁଖ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗ୍ରାମରେ ଏକ କ୍ଲବ ଘର ଆବଶ୍ୟକ ରହିଥିବା ଯୁବଗୋଷ୍ଠୀ ଦାବି କରିଥିଲେ। ସେହିପରି କୌଣସି କାମ ପାଇଁ ଖାନ୍‌ନଗରରେ ଥିବା ପୋଷ୍ଟ ଅଫିସ୍‌କୁ ଯିବାକୁ ହେଲେ ଟ୍ରେନ୍‌ଲାଇନ୍ ଓ ଜାତୀୟ ରାଜପଥ ପାରି ହୋଇ ୩କି.ମି. ରାସ୍ତା ଯିବାକୁ ପଡୁଛି। ତେଣୁ ଏହି ଗ୍ରାମରେ ଗୋଟିଏ ପୋଷ୍ଟ ଅଫିସ୍ ଖୋଲିବାର ସୁ-ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା। ବାଙ୍ଗରାଠାରେ ପାସେଞ୍ଜର ହଲ୍ଟ ପାଇଁ ଏକ ଦାବିପତ୍ର ଗ୍ରାମବାସୀଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ସେହିପରି ରାସ୍ତାର ଦୁରବସ୍ଥାକୁ ନେଇ ଜଣେ ଭାଜପା କର୍ମୀ ଗ୍ରାମ ରାସ୍ତାରେ ମୋଟରସାଇକେଲ ସାହାଯ୍ୟରେ ରାସ୍ତା ଅବରୋଧ କରି ଏମ୍‌ପିଙ୍କ ଗାଡ଼ିକୁ ଅଟକାଇ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

### ରାଧାକୃଷ୍ଣ ଜୀଉ ମଠର ବାର୍ଷିକ ଉତ୍ସବ

**ସୋର,୨୭।୨(ଡି.ଏନ.ଏ.):** ସୋର ବ୍ଲକ ମଲ୍ଲିପୁର ଗ୍ରାମସ୍ଥ ରାଧାକୃଷ୍ଣ ଜୀଉ ମଠର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ନଗର ସଂକୀର୍ତ୍ତନ କରିଥିଲେ। ନୀଳଗିରି ଗୌଡୀୟ ମଠ ମହନ୍ତ ସ୍ୱାମୀ ବିଷ୍ଣୁପାଦ ଏହାକୁ ଉଦ୍‌ଘାଟନ କରିଥିଲେ।

■ କୁପାରୀ ଅମ୍ବିକା ମଣ୍ଡଳ ପାଲା ସମ୍ମିଳନୀ ଉଦ୍‌ଯାପିତ

# ସତ୍ୟ ସନାତନ ଧର୍ମର ମୂଳ ତତ୍ତ୍ୱ

**ଖଇରା,୨୭।୨(ଡି.ଏନ.ଏ.)**

ପ୍ରବଚନ ହେଉ କି ଭାଷଣ ହେଉ କିମ୍ବା ପାଲା ହେଉ ବକ୍ତାମାନେ ସତ୍ୟ ଥିବା ବିଷୟକୁ ପ୍ରାଧାନ୍ୟ ଦେବା ଉଚିତ। ଯେଉଁ ଶାସ୍ତ୍ର ସତ୍ୟ ଉପରେ ପର୍ଯ୍ୟବସିତ ତାହା ପ୍ରକୃତ ଶାସ୍ତ୍ର ନୁହେଁ। ଏହା ମଧ୍ୟ ଚିରସ୍ଥାୟୀ ନୁହେଁ। ସତ୍ୟ ସନାତନ ଧର୍ମର ମୂଳତତ୍ତ୍ୱ। ଏଣୁ ପାଲା ଗାୟକମାନେ ପାଲା ପରିବେଷଣ ବେଳେ ସତ୍ୟକୁ ଗୁରୁତ୍ୱ ଦେବା ଦରକାର ବୋଲି ଖଇରା ବ୍ଲକର ଝିଙ୍କିରିଆ ଗ୍ରାମରେ ଚାଲିଥିବା ପାଲା ଗାୟକ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଯୋଗ ଦେଇଥିବା ବକ୍ତାଗଣ ଆଲୋକପାତ କରିଛନ୍ତି।

ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦ ବାଲେଶ୍ୱର-ଭଦ୍ରକ ଜିଲା କୁପାରୀ ଅମ୍ବିକା ମଣ୍ଡଳର ୨୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ପରିଷଦର କାର୍ଯ୍ୟକାରୀ ସଭାପତି ଅଲେଖ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ଜିଲା ପରିଷଦ ସଭାପତି ଡ. ରାଜକିଶୋର ନାୟକ ମୁଖ୍ୟଅତିଥି, ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଉଦାସୀନ ମୁଖ୍ୟବକ୍ତା, ଜିଲା ସମ୍ପାଦକ ଦାମୋଦର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅମ୍ବିକା ମଣ୍ଡଳ ସମ୍ପାଦକ ବସନ୍ତ ସ୍ୱାଇଁ ବିବରଣୀ ପାଠ, ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ମହାନ୍ତି ସ୍ୱାଗତ ଭାଷଣ ଓ ସମ୍ପାଦକ ହରେକୃଷ୍ଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ପାଲା ଗାୟକ ଅନନ୍ତ ଚରଣ ମଲ୍ଲିକ, ବାୟକ ରମାକାନ୍ତ ଜେନ ଓ ସୀତାରାମ ବେହେରା, ପାଳିଆ କାର୍ତ୍ତିକ ବାରିକ ଓ ଭରତ ସୂତାର, ଆଗ୍ରହୀ ଶ୍ରୋତା ଭାବେ ଲକ୍ଷ୍ମଣ ଚରଣ ଦାସ ଓ ମଣିଭଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିନୋଦ କୁମାର ଶତପଥୀ, ରାମଚନ୍ଦ୍ର ବିଶ୍ୱାଳ, ଅଲେଖ ଚନ୍ଦ୍ର ଦାସ, ବିଷ୍ଣୁପ୍ରିୟା ବେହେରାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ଲକ୍ଷ୍ମୀଧର ନାୟକ, ସୁରେଶ ଚନ୍ଦ୍ର ବେହେରା, ବସନ୍ତ କୁମାର ସ୍ୱାଇଁ, ପ୍ରତିମା ମହାକୁଡ଼ଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଉପସ୍ଥିତ ଅତିଥି।

## ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହୋତ୍ସବ

**ସୋର, ୨୭।୨(ଡି.ଏନ.ଏ.):** ସୋର ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଭଜନ, କୀର୍ତ୍ତନ, ପ୍ରାର୍ଥନା ପରିବେଷଣ କରାଯାଇଥିଲା। ପରେ ନଗର ପରିକ୍ରମା କରାଯାଇଥିଲା। ଡକ୍ଟର ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ସଭାରେ ଇଂ.ରମାକାନ୍ତ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. କେଦାର ନାଥ ମହାନ୍ତି, ସମ୍ପାଦକ ଡ. ଶଶାଙ୍କ ଶେଖର ଆଚାର୍ଯ୍ୟ ଯୋଗଦେଇଥିଲେ। ସେହିପରି ସୋର ବ୍ଲକ ଅନନ୍ତପୁର ଅଇଁରୀ ଗ୍ରାମର ମା' ଯୋଗେଶ୍ୱରୀଙ୍କ ମନ୍ଦିରରେ ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଛି।






ଓଡ଼ଶାଳ ପଞ୍ଚାୟତ ନୂତନ ଗୃହ ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଉଛି।

# ବିଧାୟକଙ୍କ ଦ୍ୱାରା ନୂତନ ଗୃହ ଶିଳାନ୍ୟାସ

**ବାହାନଗା,୨୭।୨(ଡି.ଏନ.ଏ.)**

ସୋର ବିଧାୟକଙ୍କ ଦ୍ୱାରା ଓଡ଼ଶାଳ ପଞ୍ଚାୟତ ନୂତନ ଗୃହ ବୁଧବାର ଶିଳାନ୍ୟାସ କରାଯାଇଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡ଼ଶାଳ ଗ୍ରାମ ନୂତନ ଭାବେ ଗ୍ରାମପଞ୍ଚାୟତ ଗଠନ ହେବା ପରେ ଏହାର କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଥିଲା। କଲ୍ୟାଣୀ ପଞ୍ଚାୟତ ବିଭାଜନ ପରେ ନୂତନ ଭାବେ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ ୨୦୧୬ ମସିହାରେ ଓଡ଼ଶାଳ ଓ ସାରଗାଁ, ଝଳଝଳିଆ ଗ୍ରାମକୁ ନେଇ ଓଡ଼ଶାଳ ପଞ୍ଚାୟତ ଘୋଷଣା କରାଯାଇଥିଲା। ତେବେ ସେହିଦିନଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ କାର୍ଯ୍ୟକାରୀ ହୋଇଆସୁଛି। ଏହାର ନୂତନ ଗୃହ ନିର୍ମାଣ ପାଇଁ ୩୫ଲକ୍ଷ ଟଙ୍କା ସରକାର ମଞ୍ଜୁରୀ କରିଛନ୍ତି। ଏହାକୁ ବିଧାୟକ ପର୍ଶୁରାମ ଧଡ଼ା ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ଉତ୍ସବରେ ସରପଞ୍ଚ ଆରତୀ ଦଳେଇଙ୍କ ସମେତ ଅନିରୁଦ୍ଧ ବାରିକ, ଡ. ଯଦୁନାଥ ମିଶ୍ରଙ୍କ ନେତୃତ୍ୱରେ ପଞ୍ଚାୟତର ମହିଳା ଓ ପୁରୁଷ କର୍ମୀମାନେ ଯୋଗଦେଇଥିଲେ। ପ୍ରଥମେ ଓଡ଼ଶାଳ ଛକଠାରୁ ବିଧାୟକ ଧଡ଼ାଙ୍କୁ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ଅଣାଯାଇଥିଲା। ନାଏବ ସରପଞ୍ଚ ଗଣେଶ ମହାପାତ୍ର, ୱାର୍ଡ଼ସଭ୍ୟ ପଦ୍ମନାଭ ବାରିକ, ଶିଶିର ସେଠୀ, ସନ୍ତୋଷ ଦଳେଇ, ସ୍ୱର୍ଣ୍ଣାଞ୍ଜଳୀ ରାଉତ, ସବିତା ଦାସ, ସୁଲୋଚନା ସାହୁ, ନିରୁପମା ମୁଦୁଲି, ସୀତାନାଥ ମିଶ୍ର, ରଘୁନାଥ ବିଶ୍ୱାଳ, ଇନ୍ଦ୍ରମଣି ଦାସ, ପ୍ରଦୀପ୍ତ ପଲେଇ, କାର୍ତ୍ତିକ ଦଳେଇ, ହାଡ଼ିବନ୍ଧୁ ଦଳେଇ, ଶରତ ଦଳେଇ, ସୁଦର୍ଶନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀସ୍ତରରୁ ଲାଭ ଉଠାଇବା ପାଇଁ ଉଦ୍ୟୋଗୀଙ୍କୁ ଆହ୍ୱାନ

## ବିକ୍ରେତା ବିକାଶ କର୍ମଶାଳା

**ବାଲେଶ୍ୱର ଅଫିସ,୨୭।୨**

ଶିଳ୍ପର ବିକାଶ ଏବଂ ବାଣିଜ୍ୟର ସଂସ୍କାର ଆଣିବା ଦିଗରେ କେନ୍ଦ୍ର ସରକାରଙ୍କର ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ହବ୍ ପ୍ରକଳ୍ପ ମାଧ୍ୟମରେ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଶିଳ୍ପ ବିଭାଗ ପକ୍ଷରୁ ବୁଧବାର ବାଲେଶ୍ୱର ଜିଲା ଅଙ୍ଗାରଗଡ଼ିଆସ୍ଥିତ ଉଦ୍ୟୋଗଭବନ ସମ୍ମିଳନୀ କକ୍ଷରେ 'ବିକ୍ରେତା ବିକାଶ କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ ଯୋଗଦେଇ ସରକାରୀ କ୍ରୟରେ ଅଧିକ ମାତ୍ରାରେ ଭାଗ ନେବା ଉପରେ ଗୁରୁତ୍ୱାରୋପ କରିବା ସହ ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ଉପସ୍ଥିତ ଲଘୁ ଏବଂ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଶତାଧିକ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀମାନେ ଯୋଗଦେଇଥିଲେ।

ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ହରିଶ୍ ଜେନା କର୍ମଶାଳାରେ ଅଧକ୍ଷତା କରି ସରକାରଙ୍କର ବିଭାଗ ଏବଂ ନିୟନ୍ତ୍ରଣାଧିନ ସଂସ୍ଥାଗୁଡ଼ିକ ବାର୍ଷିକ କ୍ରୟ କରୁଥିବା ସାମଗ୍ରୀ ୨୦ ପ୍ରତିଶତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କଠାରୁ କିଣିବା ସହ ମୂଳ ୧୦୦ଭାଗରୁ ୪ ପ୍ରତିଶତ ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଖରୁ କ୍ରୟ କରିବାର ନିୟମକୁ କଡ଼ାକଡ଼ି ଭାବରେ ପାଳନ କରିବା ଏବଂ ସରକାରୀ କ୍ରୟରେ ଅଧିକ ମାତ୍ରାରେ ଭାଗ ନେଇ ନିଜର ଆର୍ଥିକ ସମ୍ବଳକୁ ଦୃଢ଼ୀଭୂତ କରିବା ପାଇଁ ଉପସ୍ଥିତ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ବିଶିଷ୍ଟ ଶିଳ୍ପପତି ହିମାଂଶୁ ଦାସ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ମହେଶ ପ୍ରସାଦ ମହାପାତ୍ର, ଯୁବ ଶିଳ୍ପପତି ଡ. ନିମା ସିଂ ପ୍ରମୁଖ ଯୋଗଦେଇ ଶିଳ୍ପର ବିକାଶ ଏବଂ ଭିତ୍ତିଭୂମିକୁ ଦୃଢ଼ କରିବା ପାଇଁ ସରକାରୀ ପ୍ରୋତ୍ସାହନ, ବଜାରର ଚାହିଦା ଏବଂ ଲୋକଙ୍କ ରୁଚିକୁ ନେଇ ଉଦ୍ୟୋଗୀମାନେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବା ଉପରେ ଭିନ୍ନ ତଥ୍ୟ ପ୍ରକାଶ କରିଥିଲେ। ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ମ୍ୟାନେଜର ସତ୍ୟାନନ୍ଦ ପଟ୍ଟନାୟକ 'ବିକ୍ରେତା ବିକାଶ କର୍ମଶାଳା'ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଇମାମୀ ପେପର ମିଲ୍‌ର ପ୍ରଡକ୍ସନ୍ ଅଫିସର ସୁକେନ୍ଦୁ ମହାନ୍ତି ବିକ୍ରେତା ବିକାଶର ଉନ୍ନତିକରଣ ତଥ୍ୟ ରଖିଥିବାର ଜଣାପଡ଼ିଛି।




ବିକ୍ରେତା ବିକାଶ କର୍ମଶାଳାରେ ଅତିଥିବୃନ୍ଦ।





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲେ ଚାଲେ ଗଲା ଚାଲୁଆ ମୂଷା**
**କେହି ନ ଜାଣିଲେ ସାହି ପଡ଼ିଶା ।**

ଧୂର୍ତ୍ତ ପ୍ରକୃତିର ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣି ପାରି ନ ଥାନ୍ତି। ଏପରି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଲୁଚାଛପାରେ ନିଜର ଇପ୍‌ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେଇଁ ଶୋଇବ ଯିଏ**
**ତାକୁ ଉଠାଇବ କିଏ ?**

ଜାଣିଶୁଣି ଛଟା ଗାଳି ପଡ଼ିବା। କଥାଟି କ'ଣ ହେଉଛି ଦେଖାଯାଉ, ଚୁପ୍‌ଚାପ୍ ରହିଗଲେ ଗଲା ବୋଲି ବିଚାର କରିବା। ଯେଉଁ ଲୋକ ଶୋଇଛି ବୋଲି ବାହାନା କରିଥାଏ ତାକୁ ଯେତେ ଡାକିଲେ କି ହଲାହଲି କଲେ ବି ସେ ଉଠି ନ ଥାଏ। ନିଜକୁ ଅନ୍ଧ ବୋଲି ଛଳନା କରୁଥିବା ବ୍ୟକ୍ତିଙ୍କୁ ବାଟକୁ ଆଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଖଟିରେ ଖଟିରେ...

## ଭଲରେ ଜାଣିଛି

ଗଲା ମଙ୍ଗଳବାର ଶହୀଦନଗର ଚା ଖଟିରେ ପାପୁଲି ଦଳର ଦୁଇ ପୁରାତନ କର୍ମୀଙ୍କ ମଧ୍ୟରେ ଟିକେଟ ବଣ୍ଟାକୁ ନେଇ ଚାଲିଥିଲା ଗରମ ଆଲୋଚନା। ହଠାତ୍ ସେଠି ପହଞ୍ଚିଗଲେ ପୂର୍ବରୁ ଶଙ୍ଖ ଚିହ୍ନରେ ଲଢି କେନ୍ଦ୍ରରେ ମନ୍ତ୍ରୀ ହୋଇଥିବା ଜଣେ ମହାଶୟ। ଆଉ ପାପୁଲିର ଦୁହେଁ ଧାଇଁ ଯାଇ ପୂର୍ବତନ ମନ୍ତ୍ରୀ ମହାଶୟଙ୍କୁ ଦୋକାନ ଆଡେ ପାଛୋଟି ଆଣିଲେ। ଏହାପରେ ପୁଣି ଟିକେଟ ବଣ୍ଟନ ଆଲୋଚନା ଆରମ୍ଭ ହେଇଗଲା। ସେଠାରେ ଉପସ୍ଥିତ ଜଣେ ପୁରୀ ଆଡିଆ ମହାଶୟ ପାଖକୁ ଚାଲିଆସି ଧୀରେକିନା ପଚାରିଲେ, ଆଜ୍ଞା ଏମିତି କ'ଣ ହେଲା ଯେ, ଛାମୁ ଆପଣଙ୍କ ଟିକେଟ ଖଣ୍ଡକ ଛଡାଇ ଦେଲେ। ଏହାପରେ ଟିକେ ହସ ମାରି ପୂର୍ବତନ ମନ୍ତ୍ରୀ କହିଲେ ଛାଡ଼ ସେ କଥା। ହେଲେ କିଛି ସମୟ ପରେ ସେ କହିଲେ, ଡଲଫିନ୍ ବୁଲୁଥିବା ଏରିଆ ମାନ୍ୟବରଙ୍କ ଦକ୍ଷତା ବଳରେ ଏମିତି ହେଇଥିଲା। ସେଇଠୁ ପ୍ରଶ୍ନ କରିଥିବା ମହାଶୟ କହିଲେ, କ'ଣ ହବ ଆଜ୍ଞା ସେଇ ମାନ୍ୟବର ତ ଏବେ ଶଙ୍ଖର ମୁଖ୍ୟ ଖେଳାଳି। ସେଇଠୁ ପୂର୍ବତନ ମନ୍ତ୍ରୀ ଦାନ୍ତ ଚିପିଦେଇ କହିଲେ, ବ୍ୟସ୍ତ ନାହିଁ ପୁଅ। ତଳ ବରଡା ଖସୁଛି, ଉପର ବରଡା ହସୁଛି। ହେଲେ ତା'ର ବି ଦିନେ ସମୟ ଆସିବ, ଏକଥା ସେ ଭଲରେ ଜାଣିଛି।

## ସଙ୍ଗରେ ଅଛୁ

ଲଢୁଆ ବାୟୁସେନା ବିମାନ ପାକ୍ ଉପରେ ଆକ୍ରମଣ ବର୍ତ୍ତମାନ ଖଟିଗୁଡିକର ମୁଖ୍ୟ ଟପିକ୍। ଓଡ଼ିଶା ପାକିସ୍ତାନ ସୀମାନ୍ତରୁ କାହିଁ କେତେ ଦୂରରେ। ପଞ୍ଜାବ, ଦିଲ୍ଲୀ, କଶ୍ମୀର ଭଳି ଉତ୍ତେଜନା ଏତେଟା ଅନୁଭବ ହୁଏ ନାହିଁ। ହେଲେ ଓଡ଼ିଆଙ୍କ ଫେସବୁକ୍ ଟୁଇଟରରେ ଯୁଦ୍ଧ ଗରମ ବାରି ହୋଇପଡୁଛି। ଏସବୁ ଭିତରେ ବି କେତେଜଣ ଭୋଟ ଚିନ୍ତାରେ ବୁଡି ରହୁଛନ୍ତି। ଖଟିରେ ଫୁଲବାଲାଙ୍କ ଛାତି କୁଣ୍ଢେ ମୋଟ। ଜଣେ କହିଲେ, ଦେଖିଲ ୫୬ ଇଞ୍ଚ କି ନାହିଁ। ଏକଥା ଶୁଣି ପାପୁଲି ଦଳର ଜଣେ ସଦସ୍ୟ କହିଲେ, ସବୁ ଠିକ୍ ଅଛି। ହେଲେ ଗୋଳମାଳ କରି କଥାକୁ ପ୍ରଘଟ କରିବା ଅଭ୍ୟାସ ଯାଇନି। ସେଇଠୁ ଫୁଲଞ୍ଚଦଳିଆ ସଦସ୍ୟ କହିଲେ, ମାନେ କ'ଣ କହିବାକୁ ଚାହୁଁଛ। ସେଠୁ ପାପୁଲି ଦଳିଆଟି କହୁଛି- ୩୫ ମରିଥିବେ କି ନାହିଁ, ୩୫୦ କହୁଚ। ଆଗକୁ ନିର୍ବାଚନ ତେଣୁ ସବୁ ଘଟଣାରୁ ନଜର ହଟାଇବା ବାହୁସ୍ଫୋଟ ମାରୁଛ। ଠିକଣା ଢଙ୍ଗରେ ପାକ୍‌କୁ ଜବାବ ଦିଅ, ଆମେ ତୁମ ସଙ୍ଗରେ ଅଛୁ।

# ପ୍ରସାଦ ବାଣ୍ଟିବା ଭଳି ଜୁରିଙ୍କ ପୁରସ୍କାର ଚୟନ

**ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**

- ବିବାଦ ଉଠିବ ବୋଲି ଆଗୁଆ କହିଥିଲା ଚୟନ କମିଟି
- ଅଭିଯୋଗ ଆଣିଲେ ପ୍ରଯୋଜକ, ଫିଲ୍ମ ନିର୍ମାତା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ପ୍ରଥମେ ବିଳମ୍ବ। ତା'ପରେ ଜୁରି କମିଟି ଚୟନରେ ପ୍ରିୟାପ୍ରୀତି ତୋଷଣ। ଆଉ ଏବେ ପୁରସ୍କାର ଚୟନରେ ପାତରଅନ୍ତର ହୋଇଥିବା ନେଇ ଅଭିଯୋଗ। ଗତ ୩ବର୍ଷ ହେଲା ବିବାଦ ଘେରରେ ରହିଆସୁଥିବା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ଏଥର ବି ବିବାଦ ପିଛା ଛାଡ଼ିନି। ପ୍ରତିଭାକୁ ପୁରସ୍କାର ନ ଦେଇ ସମସ୍ତଙ୍କୁ ଖୁସି କରିବା ପାଇଁ ପ୍ରସାଦ ବାଣ୍ଟିବା ଭଳି ଏଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ଚଳଚ୍ଚିତ୍ର ପ୍ରଯୋଜକଙ୍କଠାରୁ ଆରମ୍ଭକରି ନିର୍ମାତାଙ୍କ ପର୍ଯ୍ୟନ୍ତ, ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ସହ ଜଡ଼ିତ ବହୁ ଜଣାଶୁଣା ବ୍ୟକ୍ତି ଏଭଳି ଅଭିଯୋଗ ଆଣିଛନ୍ତି। ଏପରି କି, ଖୋଦ୍ ଜୁରି କମିଟି ମଧ୍ୟ ଏ ନେଇ ଆଗୁଆ ସ୍ୱୀକାର କରିଛି। ପୁରସ୍କାର ଘୋଷଣା ସମୟରେ ଆଗକୁ ବିବାଦ ଉଠିବ ବୋଲି ଜୁରି କମିଟି ଅଧ୍ୟକ୍ଷ ଆଗୁଆ ଭବିଷ୍ୟବାଣୀ ଦେଇଥିବା ବେଳେ ତାହା ଏକପ୍ରକାର ସତ ହୋଇଛି। ଅନ୍ୟପକ୍ଷରେ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ଲାଗିରହିଥିବା ବିବାଦ ଯୋଗୁ ମୁଖ୍ୟମନ୍ତ୍ରୀ ଗତ କିଛିବର୍ଷ ହେଲା ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଉ ନ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି।

୨୦୧୫ରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ରିଲିଜ ହୋଇ ନ ଥିବା ଏକ ଚଳଚ୍ଚିତ୍ରକୁ ୨୦୧୪ ମସିହା ପାଇଁ ଶ୍ରେଷ୍ଠ ଫିଲ୍ମ ଭାବେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ ଦିଆଯିବା ପରେ ବିବାଦ ଉଠିଥିଲା। ଏହାପରେ କେତେବେଳେ ଜୟଦେବ ପୁରସ୍କାର ତ କେତେବେଳେ ଶ୍ରେଷ୍ଠ ଫିଲ୍ମ ଓ ଶ୍ରେଷ୍ଠ ଅଭିନେତ୍ରୀ, ଅଭିନେତା, କିଛି ନା କିଛି କଥାକୁ ନେଇ କେଁ ଉଠିଲା। ତେବେ ଏ ସବୁ ପଛରେ ଥିଲା ସଂସ୍କୃତି ବିଭାଗର ଜୁରି କମିଟି ଚୟନରେ ପ୍ରିୟାପ୍ରୀତି ତୋଷଣ। ଚୟନକର୍ତ୍ତା ଚୟନରେ ପାତରଅନ୍ତର ହେବାରୁ ପ୍ରତିଭା ଚୟନରେ ପାତରଅନ୍ତର ହେଲା। ଚଳିତବର୍ଷ ମଧ୍ୟ ଆରମ୍ଭରୁ ସେଭଳି ଅଭିଯୋଗ ଆସିଥିଲା। ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ସ୍ଥାନ ଦିଆଯିବା ନେଇ ବିବାଦ ଉଠିଥିଲା। ପଦବୀର ଅପବ୍ୟବହାର କରି ନିଜ ସ୍ତ୍ରୀ ଓ ସମ୍ପର୍କୀୟଙ୍କ ନାମ ପୁରସ୍କାର ପାଇଁ ସୁପାରିଶ କରିଥିବା ଜଣେ ବ୍ୟକ୍ତିଙ୍କୁ ଜୁରି କମିଟିରେ ରଖାଯାଇଥିବା ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା ଅଭିଯୋଗ କରିଥିଲେ। ୨୦୧୪-୧୫ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିବାଦ ଏବେ ମଧ୍ୟ ଭୁବନେଶ୍ୱର କୋର୍ଟରେ ବିଚାରାଧୀନ ଥିବାବେଳେ ଏଥିରେ ପ୍ରିୟାପ୍ରୀତି ତୋଷଣ କରି ବିବାଦ ମଧ୍ୟରେ ଫସିଥିବା ଅଧିକାରୀଙ୍କୁ ଚୟନକର୍ତ୍ତା କରାଯାଇଥିବାରୁ ସେ ନିଜ ଫିଲ୍ମ 'କଥା ଦେଲି ମଥା ଛୁଇଁ'କୁ ପୁରସ୍କାର ଦୌଡ଼ରୁ ପ୍ରତ୍ୟାହାର କରିନେଇଥିଲେ। ପୁରସ୍କାର ଘୋଷଣା ପରେ ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ, ଟେଲି ପୁରସ୍କାର ଜୁରି କମିଟିରେ ଥିବା ଜଣେ ସଦସ୍ୟଙ୍କୁ କିଭଳି ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆଗଲା। ଯଦି ସେ ଜୁରି କମିଟିରେ ରହିଲେ ତେବେ ତାଙ୍କୁ ପୁରସ୍କାର ଦୌଡ଼ରେ କ'ଣ ପାଇଁ ସାମିଲ କରାଗଲା କିମ୍ବା ଯଦି ସେ ପୁରସ୍କାର ଦୌଡ଼ରେ ରହିଲେ ତାଙ୍କୁ ଜୁରି କମିଟି ସଦସ୍ୟ କ'ଣ ପାଇଁ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନ ଥିଲା।

### 'କ୍ଷଣିକା' ଓ ପ୍ରକୃତିଙ୍କ ପ୍ରତି ଅବହେଳା ଅଭିଯୋଗ

ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା 'ହେଲୋ ଆର୍ସି'ର ଅଭିନେତ୍ରୀ ପ୍ରକୃତି ମିଶ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପ୍ରକ୍ରିୟାରୁ କିଭଳି ବାଦ୍ ପଡ଼ିଲେ, ସେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଜଣାଶୁଣା ଚଳଚ୍ଚିତ୍ର ନିର୍ମାତା ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ। ସେହିଭଳି ୧୩ଟି ଦେଶର ୨୩ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବା ତଥା ବହୁ ଅନ୍ତର୍ଜାତୀୟ ଓ ଜାତୀୟ ପୁରସ୍କାର ହାସଲ କରିଥିବା 'କ୍ଷଣିକା' କେବଳ ସମ୍ପାଦନା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସୋସିଆଲ ମିଡିଆରେ ମଧ୍ୟ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପ୍ରକ୍ରିୟାକୁ ସମାଲୋଚନା କରାଯାଇଛି।

# ମୃତ ଘୋଷିତ ସ୍ୱାମୀ ଫେରିଲେ

**ସଧବା ସାଜିଲେ ସ୍ତ୍ରୀ**

ପରଜଙ୍ଗ, ୨୭।୨(ଡି.ଏନ.ଏ.)

ପୋଲିସ ଜାରି କରିଥିଲା ମୃତ୍ୟୁ ଆଡଭାଇଜରି। ମୃତଦେହ ଚିହ୍ନଟ କରିଥିଲେ ପରିବାର। ସରିଥିଲା ସୁଦ୍ଧିକ୍ରିୟା। ବିଧବା ସାଜିଥିଲେ ସ୍ତ୍ରୀ। ହେଲେ ୩ମାସ ପରେ ମୃତ ଘୋଷିତ ବ୍ୟକ୍ତି ସୁରକ୍ଷିତ ଭାବେ ଫେରି ଆସିଛନ୍ତି ଘରକୁ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଗ୍ରାମରେ।

ଗ୍ରାମର ଶରତ ଚନ୍ଦ୍ର ସାହୁ (୬୫) ଦୀର୍ଘଦିନ ହେଲା ବିଭିନ୍ନ ଆଶ୍ରମରେ ରହି ଆସୁଥିଲେ। ମଝିରେ ମଝିରେ ଘରକୁ ଆସି ପୁଣି ଚାଲି ଯାଉଥିଲେ। ଗତ ଡିସେମ୍ବର ୫ରେ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମତ୍ୟୁକୁ ନେଇ ଅପମୃତ୍ୟୁ ମାମଲା ପକ୍ଷରୁ ନଂ. ୧୦୨/୧୮ ରୁଜୁ କରାଯାଇଥିଲା। ମୃତଦେହ ଚିହ୍ନଟ ଲାଗି ଖବରକାଗଜରେ ବାହାରିଥିଲା ଆଡଭାଇଜରି। ବୃଦ୍ଧଙ୍କ ମୃତ୍ୟୁ ଦୁର୍ଘଟଣାରେ ହୋଇଥିବା ଏବଂ ମୃତଦେହ କ୍ୟାପିଟାଲ ହସ୍ପିଟାଲରେ ରଖାଯାଇଥିବା ଏଥିରେ ଉଲ୍ଲେଖ ଥିଲା। ଗଣମାଧ୍ୟମରୁ ସୂଚନା ପାଇ ଶରତଙ୍କ ପରିବାର ଲୋକେ ଡିସେମ୍ବର ୧୭ରେ ନୟାପଲ୍ଲି ଥାନାରେ ପହଞ୍ଚିଥିଲେ। ପରିବାର ଲୋକେ ଦେଖାଇଥିବା ଫଟୋ ଆଧାରରେ ୧୦ ତାରିଖରେ ବୃଦ୍ଧଙ୍କ ମୃତଦେହ ଚିହ୍ନଟ କରାଯାଇଥିଲା। ଏହାପରେ ବିଧି ଅନୁଯାୟୀ ୨୬ରେ ଦଶାହ କାର୍ଯ୍ୟ ଏବଂ ୨୭ ତାରିଖରେ ଏକାଦଶାହ କାର୍ଯ୍ୟ ସାରିଥିଲେ। ତେବେ ବୁଧବାର ସକାଳେ ଶରତ ବହ୍ଳର ଛକରେ ଏକ ଗାଡ଼ିରେ ବସିଥିବା ଦେଖି କୁଆଲୋ ସରପଞ୍ଚ ଅନିଲ ଭୂତିଆ ତାଙ୍କୁ ଘର ଠିକଣା ପଚାରିଥିଲେ। ଏହି ସମୟରେ ଶତର ଘରକୁ ଯାଇଥିବା କହିଥିଲେ। ପରମହଂସପୁର ଛକରେ ଗାଡ଼ିରୁ ଓହ୍ଲାଇ ସେ ସିଧା ଝିଅ ଘରକୁ ଯାଇଥିଲେ। ଘଟଣା ପ୍ରଘଟ ପରେ ତାଙ୍କୁ ଦେଖିବାକୁ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା। ସ୍ୱାମୀଙ୍କୁ ଦେଖିବା ପରେ ସ୍ତ୍ରୀ ରତନି ସଙ୍ଗେସଙ୍ଗେ ସଧବା ବେଶରେ ସଜେଇ ହୋଇଯାଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଶରତଙ୍କ ଘରେ ଦୁଇ ପୁଅ, ବୋହୂ, ସ୍ତ୍ରୀ ରହୁଛନ୍ତି। ଏକମାତ୍ର ଝିଅ ବିବାହ କରି ଗ୍ରାମରେ ହିଁ ରହୁଛନ୍ତି।



ଶରତ ଚନ୍ଦ୍ର ସାହୁ

# ଓଡ଼ିଶା କ୍ୟାଡରକୁ ଆସିଲେ ଅନନ୍ୟା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

୨୦୧୫ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଅନନ୍ୟା ଦାସ ଓଡ଼ିଶା କ୍ୟାଡରରେ ଯୋଗଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ଏହି ଖବର ମିଳିଛି। ଅନନ୍ୟା ଗୁଜରାଟର ମହିଷାନଗର ସ୍ଥିତ ବାଲାସିନୋର ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ସଶସ୍ତ୍ର ଡକାୟତି

ଭୁବନେଶ୍ୱର, ୨୭।୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାରରେ ବୁଧବାର ଭୋର୍ ସମୟରେ ବଡ଼ଧରଣର ସଶସ୍ତ୍ର ଡକାୟତି ହୋଇଛି। ଫେଜ୍-୧ସ୍ଥିତ ପ୍ଲଟ୍ ନଂ.୧୬୪ରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ସୁଧାକର ଦାସଙ୍କ ଘରୁ ଡକାୟତମାନେ ନଗଦ ୧ ଲକ୍ଷ ଟଙ୍କା ସମେତ ୨୫୦ ଗ୍ରାମର ସୁନାରୁପା ଅଳଙ୍କାର, ରୁପା ମୂର୍ତ୍ତି, ୬ ଦାମୀ ମୋବାଇଲ୍ ଫୋନ୍, ଆସବାବପତ୍ର ଆଦି ବିପୁଳ ସମ୍ପତ୍ତି ଲୁଟି ନେଇଛନ୍ତି। ୧୨ରୁ ଊର୍ଦ୍ଧ୍ୱ ମୁଖାଧାରୀ ଡକାୟତ ଦୁଇ ଘଣ୍ଟା ଧରି ଏହି କାଣ୍ଡ ଘଟାଇଥିଲେ। ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ଏପରିକି ପରିବାରର ଜଣେ ଶିଶୁଙ୍କ ବେକରେ ଛୁରି ଲଗାଇ ଚାବି ହାତେଇନେବା ପରେ ଲୁଟ୍‌ପାଟ କରି ଚାଲିଯାଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଲୋକେ ନିଜକୁ ଅସୁରକ୍ଷିତ ମଣିବା ସହ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/ 232641 (R), Fax: 06861-232541, E-Mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22
Tel: 91-0674-2542983, 2542802, 2545526, 2542826, Fax: 2542102, Gram: Hydropower, E-mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963
No. BHEP: 13H/1166 Dated 25.02.2019
1st CORRIGENDUM TO TENDER CALL NOTICE NO. 39/18-19, DTD. 07.02.2019 BHEP, BALIMELA
No.CAD-1501:-
1) The last date and time of submission of the tender document is extended upto 12.30 PM of Dtd 07.03.2019.
2) The last date and time of opening of the above tender is at 12.30 PM of 07.03.2019.
All other terms and conditions of the above Tender remain unchanged.
Further details like corrigendum to the tender call notice etc can be available in www.ohpcltd.com.
Sd./- SENIOR GENERAL MANAGER (EL)
BALIMELA HYDRO ELECTRIC PROJECT, BALIMELA
04019/11/0117/1819

DIRECTORATE OF MEDICAL EDUCATION & TRAINING,ODISHA
Notice Regarding Digital / Online Registration and Renewal of Registration by Odisha Nurses and Midwives Registration Council (ONMRC)
No.937-E:- The Digital /Online Registration and Renewal of Registration of Nursing personel under ONMRC will start from Dt. 10.03.2019. The link will be available in website of DMET, Odisha, i,e. www.dmetodisha.gov.in under the name of ONMRC.
Henceforth no student will be allowed to visit the ONMRC physically for the above purpose. Prospective candidates are advised to log in to DMET, Odisha website apply on-line for needful.
Sd./- Joint DMET (O) (In situ) and Member Convener, ONMRC
10016/11/0057/1819

TENDER NOTICE FOR COLLECTION OF CASHEW NUTS AND APPLES OF STATE GOSADAN BABANDHA FOR THE YEAR 2018-19 No.97-M
Sealed tenders in plain paper are invited from the intending persons/ institutions for collecting Cashew nuts and Apples from the cashew plantation field at Go-sadan, Babandha in Dhenkanal District for the year 2018-19. The last date for receipt of sealed tender is 12.03.2019 up to 05.00 PM & the same will be opened on 13.03.2019 at 03.00PM in presence of the tender committee and the tenders or their authorized representative . The tender papers should be submitted through Courier Service or by Registered post. An amount equal to 20% of the quoted value should be deposited along with the tender papers in shape of Bank draft in favour of the undersigned payable at SBI, Dhenkanal towards earnest money. The tenderers are required to furnish Sale-Tax, Income Tax Clearance certificate from the competent authority. The sealed cover containing the quotation with other document should be mentioned in capital letter "TENDER FOR COLLECTION OF CASHEW NUTS AND APPLES 2018-19" should be addressed to the CDVO, Dhenkanal.
On acceptance of highest Tender, the tenders/ institutions earnest money deposited will be converted towards security deposit of the quoted value and 50% of the tender value should be deposited on the same day by the tenderer and the balance 50% amount including all taxes as admissible should be deposited within seven days after which the approval order will be issued failing which the cashew field will not be handed over and have no right to collect nuts and apples from the field and the earnest money so deposited will be for feited. The department will not be held responsible for any natural calamity what so ever. The authority reserves the right to cancel the tender without assigning any reason thereof.
CASHEW FIELD, STATE GO-SADAN BABANDHA.
Location- 8 Kms from NH -42, Odapada (Hindol road).
Ara -55 Acs of old & 35 Acs of new cashew field.
Sd./- (Dr Bikas Das) Chief District Veterinary Officer, Dhenkanal
06033/11/0002/1819

GOVERNMENT OF ODISHA 1335-B
OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR
Fax & Ph. No. 0663-2412303
e - Procurement
BID IDENTIFICATION No SENC(R&B) /17/ 2018-19
No. 278 Dtd. 25.02.2019
1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors.
2. No of Road works : 17 (Seventeen).
3. Tender Cost : Rs. 10,000/-
4. Class of contractor : "Special" Class, "A" Class and "B" Class
5. Date & Time of available in website & receipt of Bids from 12.03.2019 to 17.00 hours of 27.03.2019.
6. Date of opening of Technical Bid 30.03.2019 at 11.00 hours.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.
Sd./- (S.K.Sahoo), Superintending Engineer Northern (R&B) Circle, Sambalpur
34035/11/0024/1819

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245
INVITATIONS FOR BIDS (IFB)
File No-B-III- SC & ST-01/2019 10682 / Bhubaneswar, the 26th Feb. 2019
Invitation for Bids 1336-B
Bid Identification No. CE (B) – 55 / 2018-19

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building work (Composite work) |
| 3. | No. of work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'A' Class & Special Class |
| 6. | Availability of Bid Documents in the website | : | From dt..02.03.2019 to 17:00 hours of dt.19.03.2019. |
| 7. | Date of Opening of Bid | : | Dt.20.03.2019 at 11:30 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- Chief Engineer (Buildings), Odisha, Bhubaneswar
34117/11/0224/1819

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କସିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା।
ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବାଲେଶ୍ୱର ଅଫିସ,୨୭।୨:** ବାଲେଶ୍ୱର ଜିଲାର ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ପଦବୀକୁ ବଦଳି ଆଦେଶ ଦେବା ପରେ ତାଙ୍କୁ ବହୁ ଅନୁଷ୍ଠାନ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ପାଢ଼ୀଙ୍କ ବାସଭବନରେ ସରକାରୀ ମେଡ଼ିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି, ଚିନ୍ମୟ ମିଶନ ଓ ଜିଲା ବ୍ରାହ୍ମଣ ସମିତି ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଙ୍ଗଠନର ପ୍ରତିନିଧିମାନେ ପାଢ଼ୀଙ୍କର ଅତିରିକ୍ତ ଜିଲାପାଳ ଭାବେ ମାତ୍ର ବର୍ଷେ କାର୍ଯ୍ୟକାଳରେ ସେ ବହୁ ସମସ୍ୟା ସମାଧାନ ଦିଗରେ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରି ଲୋକପ୍ରିୟ ହୋଇଥିଲେ ବୋଲି ପ୍ରକାଶ କରିଥିଲେ। ପାଢ଼ୀ ରେମୁଣା ତହସିଲଦାର ଭାବେ ବାଲେଶ୍ୱର ସରକାରୀ ମେଡିକାଲ କଲେଜ ପାଇଁ ସ୍ଥାନ ନିରୂପଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନ ତରଫରୁ ପ୍ରଭାକର ସାହୁ, ନିରଞ୍ଜନ ପରିଡ଼ା, ସତୀନ୍ଦ୍ର ଦାସ, ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ସେକ୍ କରିମୁଦ୍ଦିନ୍, ଦୀନବନ୍ଧୁ ଲେଙ୍କା, ଶ୍ୟାମସୁନ୍ଦର ଜେନା, ସ୍ୱାମୀ ଅଗସ୍ତି ଚୈତନ୍ୟ, ଡ. କ୍ଷୀତିଶ୍ୱର ଦାଶ, ଡ. ବେଣୁମାଧବ ଶତପଥୀ, ଡ. ପ୍ରଭାକର ଦାଶ, ଗୌର ଚନ୍ଦ୍ର ଦାଶ, ଅକ୍ଷୟ କୁମାର ତ୍ରିପାଠୀ ଓ ସର୍ବେଶ୍ୱର ପତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

**ଖଇରା, ୨୭।୨(ଡି.ଏନ.ଏ.):** ଖଇରା ବ୍ଲକର ଗଡ଼ପୋଖରୀ ଓ ହରିପୁର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଗୟାଧର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିଗତ ସାଢ଼େ ୪ବର୍ଷରେ ଗଡପୋଖରୀ ପଞ୍ଚାୟତରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ହିସାବ ଲୋକଙ୍କ ଆଗରେ ରଖିଥିଲେ। ସରପଞ୍ଚ ଗଜେନ୍ଦ୍ର ପରିଡ଼ା, ଜିଲାପରିଷଦ ସଭ୍ୟ କଳ୍ପନା ନାୟକ, ବିଜେଡି ଯୁବନେତା ବିଜୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ମଙ୍ଗଳବାର ହରିପୁରଠାରେ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବିଧାୟକଙ୍କ ସମେତ ଛାତ୍ର ଜନତା ସଭାପତି ମାନସ ଦାସ, ଛବିଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**ରେମୁଣା,୨୭।୨(ଡି.ଏନ.ଏ.):** ରେମୁଣାର ନବଗଠିତ ଶ୍ରୀକୃଷ୍ଣପୁର ପଞ୍ଚାୟତର ପାନୀୟଜଳ ପ୍ରକଳ୍ପ ବୁଧବାର ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପିଙ୍କ ପାଣ୍ଠିରୁ ୧୦ ଲକ୍ଷ ଓ ପଞ୍ଚାୟତ ପାଣ୍ଠିରୁ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଉକ୍ତ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ସରପଞ୍ଚ ଅଞ୍ଜଳି ମୁଖି, ସମିତିସଭ୍ୟ ସନ୍ଦୀପ ରାଉତ, ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ବିଶ୍ୱାଳ, ଯୁବ ବିଜେଡି ଜିଲାସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଯୁବନେତା ଦୀପକ ମଲିକ, ଜାତି ଓ ଜନଜାତି ସେଲ୍‌ର ସଭାପତି ଶତ୍ରୁଘ୍ନ ମଲିକ, ବିଜୁ ଛାତ୍ର ଜନତା ବ୍ଲକ ସମ୍ପାଦକ ବିଶ୍ୱମୋହନ ବାରିକ ପ୍ରମୁଖ ଯୋଗଦେଇଥିଲେ।

### ୩ ମଦ ବେପାରୀ ଗିରଫ

**ବସ୍ତା,୨୭।୨(ସ୍ୱ.ପ୍ର.):** ବସ୍ତା ଅବକାରୀ ଏସ୍ଆଇ ଅର୍ଜୁନ ମଲ୍ଲିକଙ୍କ ନେତୃତ୍ୱରେ ସିଂଲା ଏବଂ ଏହାର ଆଖପାଖ ଅଞ୍ଚଳରେ ଚଢ଼ାଉ କରାଯାଇ ୪୦ ଲିଟର ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗମ୍ଭାରିଆ ଗ୍ରାମର ସଲମା ଟୁଡୁଙ୍କଠାରୁ ୧୫ ଲିଟର, ପାଉଁଶକୁଲି ଗ୍ରାମର ରାନୀ କିସ୍କୁଙ୍କଠାରୁ ୧୩ ଲିଟର ଏବଂ ହୁସେନପୁର ଗ୍ରାମର ସୁଗି ହାଁସଦାଙ୍କଠାରୁ ୧୨ଲିଟର ଦେଶୀ ମଦ ଜବତ କରାଯାଇଛି। ଏମାନଙ୍କ ବିରୋଧରେ ମାମଲା(ନଂ. ୯୨, ୯୩ ଏବଂ ୯୪) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

## ■ ଲିଙ୍କ୍‌ରୋଡ଼ ନିର୍ମାଣ ଦାବିରେ ରେଳରୋକୋ

# ଅଟକିଲା ୩ ଟ୍ରେନ୍, ଯାତ୍ରୀ ହଇରାଣ

ରୂପ୍‌ସା, ୨୭।୨(ଡି.ଏନ.ଏ.)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପ୍‌ସା-ବାଙ୍ଗିରିପୋଷି ରେଳଲାଇନ୍‌ର ଭଗବାନପୁରଠାରେ ନୂତନ ଲିଙ୍କ୍‌ରୋଡ଼ ନିର୍ମାଣ ଦାବିରେ ବୁଧବାର ରେଳରୋକୋ ଆନ୍ଦୋଳନ କରାଯାଇଛି। ଭଗବାନପୁର ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ଉପଦେଷ୍ଟା ସୁଧାକର ଗିରି, ସଂଯୋଜକ ଚକ୍ରଧର ଆଚାର୍ଯ୍ୟ, ସମ୍ପାଦକ ସୁଦର୍ଶନ ମହାପାତ୍ର, ସରପଞ୍ଚ ସୁବେଶ ନାୟକ ଓ ସହଦେବ ସିଂ, କର୍ମକର୍ତ୍ତା ନିରଞ୍ଜନ ପଣ୍ଡାଶର୍ମା, ନିରଞ୍ଜନ ବାରିକଙ୍କ ସମେତ ଶତାଧିକ ମହିଳା, ପୁରୁଷ ଆନ୍ଦୋଳନରେ ଯୋଗଦେଇଥିଲେ। ଫଳରେ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ, ଭଞ୍ଜପୁର-ସାଲିମାର-ଶିମିଳିପାଳ ଏକ୍ସପ୍ରେସ୍ ଓ ରୂପ୍‌ସା-ବାଙ୍ଗିରିପୋଷି ପାସେଞ୍ଜର ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଯାତ୍ରୀମାନେ ହଇରାଣ ହେବାରୁ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ରେଳବାଇ କମର୍ସିଆଲ ଇନ୍ସପେକ୍ଟର ବି.କେ. ସେନାପତି, ଡିଟିଆଇ ଏସ୍. ଖୁଣ୍ଟିଆ, ଷ୍ଟେଶନ ମ୍ୟାନେଜର ଏମ୍. ହାଁସଦା, ଆରପିଏଫ୍ ଆଇଆଇସି ଜେ.ଏନ. ମହାପାତ୍ର, ଏସ୍ଆଇ ଭଗବାନ ସିଂ, ବୈଶିଙ୍ଗା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ, ଏମ୍‌ପି ପ୍ରତିନିଧି ବରଦା ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ଉପସ୍ଥିତ ରେଳ ବିଭାଗ ଅଧିକାରୀ ଡିଆରଏମ୍‌ଙ୍କ ସହ ମୋବାଇଲରେ କଥା ହୋଇ ୧୫ଦିନ ମଧ୍ୟରେ ବାରିପଦା ଉପଜିଲାପାଳଙ୍କ ଚାମ୍ବରରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଢ଼େଇଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ରେଳ ରୋକୋ ଆନ୍ଦୋଳନରେ ସାମିଲ ମହିଳାପୁରୁଷ।

ଭଗବାନପୁରଠାରେ ରେଳ ଲେଭଲ୍ କ୍ରସିଂ ଫାଟକ ନ ଥିବାରୁ ଭଗବାନପୁର, ଟିକିରାସାହି, ଅଙ୍ଗାରଗଡ଼ିଆ, ଗୁଆବଣିଆ, ଚୋରମରା, ଗୋପାଳସାହି ଆଦି ଗ୍ରାମର ଜନସାଧାରଣ ହଇରାଣ ହରକତ ହେଉଛନ୍ତି। ଜରୁରୀ ପରିସ୍ଥିତିରେ ଗାଁ ଭିତରକୁ ଆମ୍ବୁଲାନ୍ସ, ଦମକଳ ପ୍ରବେଶ କରିପାରୁନାହିଁ। ପରିଷଦର କର୍ମକର୍ତ୍ତା ଏ ସମ୍ପର୍କରେ ଏମ୍‌ପି, ବିଧାୟକଙ୍କ ସମେତ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ।

### ୧୫ଦିନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା

ଡିଆରଏମ୍‌ଙ୍କ କାର୍ଯ୍ୟାଳୟରେ ପରିଷଦର କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଥିଲା। ଲେଭଲ କ୍ରସିଂ ନିର୍ମାଣ ସମ୍ଭବ ବୋଲି ସିନିୟର ଡିଭିଜନାଲ ଇଞ୍ଜିନିୟର (ସାଉଥ) କହିବା ପରେ ଭଗବାନପୁର ଛକଠାରୁ ବାମଡ଼ା ଲେଭଲକ୍ରସିଂ ପର୍ଯ୍ୟନ୍ତ ରେଳ ରାସ୍ତା ସଂଲଗ୍ନ ଉତ୍ତରପାର୍ଶ୍ୱରେ ନୂତନ ଲିଙ୍କ୍ ରୋଡ଼ ନିର୍ମାଣ ସମ୍ଭବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ ଏହି ଲିଙ୍କ୍‌ରୋଡ଼ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ରେଳରୋକୋ ଆନ୍ଦୋଳନ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର



ବିନି



ମାମୁନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ୪ ମଦ ବେପାରୀ ଗିରଫ



ମଦଭାଟି ଚଢ଼ାଉରେ ଜବତ ସାମଗ୍ରୀ।

### ଅବକାରୀ ଚଢ଼ାଉ

**ଜଳେଶ୍ୱର, ୨୭।୨ (ଡି.ଏନ.ଏ.):** ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ପି ରାଜେନ୍ଦ୍ର ବତ୍ରାଙ୍କ ନିର୍ଦ୍ଦେଶକ୍ରମେ ସଦର ଅବକାରୀ ନିରୀକ୍ଷକ କରୁଣାଶଙ୍କର ତିୱାରୀଙ୍କ ତତ୍ତ୍ୱାବଧାନରେ ୨୫ ଜଣିଆ ଟିମ୍ ବୁଧବାର ସକାଳେ ଚଢ଼ାଉ କରିଥିଲେ। ରାଇବଣିଆ ଥାନା ଅଧୀନ ସୁବର୍ଣ୍ଣରେଖା ନଦୀ ସୀମାନ୍ତବର୍ତ୍ତୀ ତୋଟାପଡ଼ା ଜଙ୍ଗଲପଡ଼ିଆରେ ଏକ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରାଯାଇ ମଦ ପ୍ରସ୍ତୁତି ସରଞ୍ଜାମ ସହିତ ୩୬୦୦ ଲିଟର ଦେଶୀ ପୋଚ, ୧୦୦ ଲିଟର ଦେଶୀ ରନ୍ଧାମଦ, ୨୦୦ ଲିଟିର ବିଶିଷ୍ଟ ୧୮ଟି ଡ୍ରମ୍ ଜବତ କରାଯାଇଛି। ଏଥିସହିତ ମାଳିପାଳ, ମାଗୁଣିଆପଡ଼ା, ହାତୀଗଡ଼ ଓ ଗୁରୁଦାସପୁର ଅଞ୍ଚଳରେ ଚଢ଼ାଉ କରାଯାଇ ୮୫ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ୪ ଜଣ ମଦବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜହନ୍ ମହାନ୍ତ, ପ୍ରଫୁଲ୍ଲ ଜେନା, ଦିଲୀପ ଡାକୁଆ, ଚୈତନ୍ୟ ସିଂ। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ୪ଟି ପୃଥକ୍ ମାମଲା ରୁଜୁ କରାଯାଇଛି। ୨୫ଜଣିଆ ଟିମ୍‌ରେ ଜିଲା ମୋବାଇଲ ସ୍କ୍ୱାଡ୍ ଆଆଇସି ଉଦୟଲାଲ ନାୟକ, ଜଳେଶ୍ୱର ଅବକାରୀ ଥାନା ଓଆଇସି ହରପ୍ରସାଦ ରଣା, ସୋର ଓଆଇସି କୁଳମଣି ମହାରଣା, ନୀଳଗିରି ଓଆଇସି ଲକ୍ଷ୍ୟସାଧବ ପ୍ରଧାନ, ଏଏସ୍ଆଇ ଦଳଗୋବିନ୍ଦ ଧଳ, ଚନ୍ଦ୍ରମୋହନ ସେଠୀ, ଭାସ୍କର ଚନ୍ଦ୍ର ବେହେରା, କନଷ୍ଟେବଳ ରାଜୀବ କୁମାର ଭଞ୍ଜ, ମଙ୍ଗଳ ସିଂ, ମୀନତି ଜେନା, ହୃଷିକେଶ ବାରିକ, ପ୍ରହ୍ଲାଦ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

### ଭାଗବତ ପ୍ରଜ୍ଞାପୀଠ ପୁରୋତ୍ତମ କ୍ଷେତ୍ରର ବାର୍ଷିକ ଉତ୍ସବ

**ବାହାନଗା, ୨୭।୨ (ଡି.ଏନ.ଏ.):** ବାହାନଗା ବ୍ଲକ ଚିଉଳ ଗ୍ରାମରେ ଥିବା ଭାଗବତ ପ୍ରଜ୍ଞାପୀଠ ପୁରୋତ୍ତମ କ୍ଷେତ୍ରର ବାର୍ଷିକ ଉତ୍ସବ ୫ଦିନ ଧରି ପାଳନ ହେବା ପରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୁରୀସ୍ଥିତ ବଡ ଓଡିଆ ମଠ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ, ଭାଗବତ କଥା ପ୍ରବଚନ, ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରୀର ବଡ ଓଡିଆ ମଠ ନିର୍ଦ୍ଦେଶକ୍ରମେ ଏଠାରେ ସମସ୍ତ କାର୍ଯ୍ୟ ହୋଇଥାଏ। ସେହି ଅନୁଯାୟୀ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ମହୋତ୍ସବରେ ବଡ ଓଡିଆ ମଠର ମହନ୍ତ ଅଧିକାରୀ ମହାତ୍ମା ବଂଶୀଧର ଦାସ ଗୋସ୍ୱାମୀ ଯୋଗଦେଇଥିଲେ। ଅଧିବାସ ପରେ ମହିଳାଙ୍କ ଦ୍ୱାରା ୨୫୦ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନନ୍ତପୁର ମହାନ୍ତି ସାହିର ରାଧାକୃଷ୍ଣ ମନ୍ଦିର ପୋଖରୀରୁ ଘଟ ଉତ୍ତୋଳନ ହୋଇ ଚିଉଳ ମଠ ଯଜ୍ଞସ୍ଥଳକୁ ଶୋଭାଯାତ୍ରାରେ ଅଣାଯାଇଥିଲା। ପରେ ଯଜ୍ଞ ପୂଜା, ଅଗ୍ନିସଂସ୍କାର, ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ଜ୍ଞାନଯଜ୍ଞର ଶୁଭାରମ୍ଭ ହୋଇଥିଲା। ରାତିରେ ପୁରୀରୁ ଆସିଥିବା ଡ. ଶିଶିର କୁମାର ପାଢୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହାକୁ ପୁରୀର ବଡ ଓଡିଆ ମଠରୁ ଆସିଥିବା ପଣ୍ଡିତ ପ୍ରବୀର କୁମାର ଦାଶ ଶର୍ମା ଉଦ୍‌ଘାଟନ କରିଥିଲେ। ସେହିପରି ଯଜ୍ଞଶାଳା ପୂଜା କରାଯିବା ସହିତ ଦେବତାମାନଙ୍କୁ ମହାସ୍ନାନ, ଯଜ୍ଞାହୁତି ପ୍ରଦାନ ସହିତ ଧର୍ମ ଆଲୋଚନା ଓ ପାଲା ପରିବେଷଣ କରାଯାଇଛି। ରବିବାର ବିଭିନ୍ନ ପୂଜା କରାଯିବା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ରାସ୍ତା ମଝିରେ ଅଚଳ ଆମ୍ବୁଲାନ୍ସ

**ଖଇରା, ୨୭।୨ (ଡି.ଏନ.ଏ.):** ଖଇରା ବ୍ଲକ ଡୁଙ୍ଗୁରା ବଜାରରେ ରାସ୍ତା ମଝିରେ ଏକ ୧୦୮ ଆମ୍ବୁଲାନ୍ସ ୧୨ଘଣ୍ଟା ଧରି ଛିଡ଼ା ରହିବା ଯୋଗୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯାତ୍ରୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ମଙ୍ଗଳବାର ରାତିରେ ଆମ୍ବୁଲାନ୍ସ ଯାଉଥିବା ବେଳେ ରାସ୍ତାରେ ଖରାପ ହୋଇପଡ଼ିଥିଲା। କର୍ମଚାରୀମାନେ ତାକୁ ସଜାଡ଼ିବା ପରିବର୍ତ୍ତେ ଛାଡ଼ି ପଳାଇଥିଲେ। ବୁଧବାର ଦିନତମାମ୍ ଗାଡ଼ିଗୁଡ଼ିକ ରାସ୍ତା ଅତିକ୍ରମ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଲୋକେ ହୋହାଲ୍ଲା କରିବା ପରେ କର୍ମଚାରୀମାନେ ଟ୍ରାକ୍ଟର ଡାକି ଆମ୍ବୁଲାନ୍ସକୁ ସାଇଡ଼ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ନୃତ୍ୟ, ସଙ୍ଗୀତରେ ଝୁମିଲା ସ୍ୱର୍ଣ୍ଣଚୂଡ ପାଦଦେଶ




ମଞ୍ଚରେ ଆଦିବାସୀଙ୍କ ମାଦଳ ନୃତ୍ୟ।

ସଜନାଗଡ଼, ୨୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ନିକଟସ୍ଥ ସ୍ୱର୍ଣ୍ଣଚୂଡ ପାହାଡ଼ ପାଦଦେଶର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷିତ କରିଥାଏ। ଏହି ବଣମୂଳକରେ ବସବାସ କରୁଥିବା ମୁଣ୍ଡାରୀ, ଭୂମିଜ, ସାନ୍ତାଳ, କୋହ୍ଲ, ମାଡ଼ିଆ, ବାଥୁଡି, ଖଡିଆ ଜନଜାତିଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ଲାଗି ଅଭିନବ ପ୍ରୟାସ ନୀଳଗିରି ଜନଜାତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ବଣ ଧୂଳିର ଫୁଲ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବେସ୍ ମତୱାଲା କରିଥିଲା। ବହୁସଂଖ୍ୟକ ଆଦିବାସୀ ପୁରୁଷ ଓ ମହିଳା ଏଥିରେ ସାମିଲ ହୋଇ ମାଦଳର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଗୁଞ୍ଜି ଅନୁଷ୍ଠାନର ଆଞ୍ଚଳିକ ପ୍ରମୁଖ ସୁରେଶ କୁମାର, ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବିର୍ଶା ମୁଣ୍ଡାଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବଣ ଧୂଳିର ଫୁଲ ଅନୁଷ୍ଠାନର ପ୍ରତିଷ୍ଠାତା ବାସନ୍ତୀ ସିଂ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶିଳ୍ପୀ କେଶୁଦାସ, ବାଇଧର ସିଂ, ଗୋଲକ ସିଂ, ଚିତ୍ରଶିଳ୍ପୀ ବ୍ରଜ ଷଡ଼ଙ୍ଗୀ, ପ୍ରିତମ୍ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସଂସ୍କୃତ ଅଧିକାରୀ ମନସ୍ୱିନୀ ରାଉତ, ଜିଲା ସୂଚନା ଅଧିକାରୀ ସୁବାସ ଚନ୍ଦ୍ର ନିଆଳ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ଅନୁଷ୍ଠାନ ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ ପ୍ରାକ୍ ସୂଚନା ଦେଇଥିଲା ବେଳେ ୧୩ ନଂ. ଜୋନ୍‌ର ଜିଲାପରିଷଦ ସଭ୍ୟ ସୌଦାମିନି ସିଂ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅତିଥି ଭାବେ ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ବଣଧୂଳି ଫୁଲର ଅଧ୍ୟକ୍ଷ ଆଚାର୍ଯ୍ୟ ସଭାପତିତ୍ୱ, ଶିଳ୍ପୀ କେଶୁ ଦାସ ସଭା ପରିଚାଳନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ସହକାରୀ ବନ୍ୟ ସଂରକ୍ଷଣ ଅଧିକାରୀ ନାରାୟଣ ଚନ୍ଦ୍ର ଦରା, ମୁଖ୍ୟବକ୍ତା ଭାବେ ନୀଳଗିରି ବନବିଭାଗର ରେଞ୍ଜର ସୁକୁମାର ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ବିକାଶର ମୁଖ୍ୟ ସଙ୍ଗଠକ ଗୋବିନ୍ଦ ବଲ୍ଲଭ ଦଳାଇ ଓ ନୃତ୍ୟଶିଳ୍ପୀ ରୋଜାଲିନ ପଣ୍ଡା ଯୋଗ ଦେଇଥିଲେ। ଫୋର ଗ୍ରାଉଣ୍ଡର ମୁଖ୍ୟ ପ୍ରୀତମ ନାୟକ ଧନ୍ୟବାଦ ଦେଇଥିଲେ।

# କବିବର କଳା ସଂସ୍କୃତି ସଂଘ ବାର୍ଷିକ ଉତ୍ସବ

**ସୋର, ୨୭।୨(ଡି.ଏନ.ଏ.):** ସୋର କବିବର କଳା ସଂସ୍କୃତି ସଂଘର ବାର୍ଷିକ ଉତ୍ସବ ସଭାପତି ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଟାଉନ୍ ହଲ ପରିସରରେ ଆୟୋଜିତ ହୋଇଯାଇଛି। ସୋର ବିଡିଓ ଚାର୍ଲସ ନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ମନୀନ୍ଦ୍ର ଦିକ୍ଷିତ୍, ବରେଣ୍ୟ ଅତିଥି ଜିଲା ଭାବେ ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଯୁଦୁନାଥ ଦିକ୍ଷୀତ, ଜଗଦିଶ୍ୱର ଜେନା ପ୍ରମୁଖ ଯୋଗ ଦେଇ ପ୍ରଚୀନ କଳା ସଂସ୍କୃତି ବିଷୟରେ କହିଥିଲେ। ଏହି ଅବସରରେ ପୁରୁଖା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସମ୍ପାଦକ ବଂଶୀଧର ପଣ୍ଡା ପରିଚାଳନା, ମୋହନ ମହାଲିକ ସ୍ୱାଗତ ଭାଷଣ ଦେଇଥିଲେ।

# 'ଦିଶା' ବୈଠକରେ ଜିଲା ପ୍ରଗତି କାର୍ଡ ପ୍ରଦର୍ଶନ

ବାଲେଶ୍ୱର ଅଫିସ, ୨୭।୨

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ଉନ୍ନୟନ ସଂଯୋଜନ ଓ ତଦାରଖ କମିଟି(ଦିଶା) ଦ୍ୱିତୀୟ ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରି ତାଙ୍କ ୫ ବର୍ଷର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, ଦେଶରେ ଡାକ୍ତରଖାନାଗୁଡିକରେ ଅସ୍ତ୍ରୋପଚାର ଯୋଗେ ସନ୍ତାନ ପ୍ରସବ ୮୦୦ ପ୍ରତିଶତ ବୃଦ୍ଧି ପାଇବା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିବା ହୃଦୟଙ୍ଗମ କରିବା ପରେ ସଂସଦରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ସରକାର ଏ ଦିଗରେ ବିଶେଷ ଯତ୍ନବାନ ହେବା ସହ ଏହି କାର୍ଯ୍ୟଧାରାରେ ଅଙ୍କୁଶ ଲଗାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାସହ ବଜ୍ରପାତର ପୂର୍ବାନୁମାନ କରି ଲୋକଙ୍କୁ ସତର୍କ କରାଇବା ପାଇଁ ସେ ସଂସଦର ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ସରକାର ଏହା ଉପରେ ଗୁରୁତ୍ୱ ଦେଇଥିବା ସେ ସୂଚନା ଦେଇଛନ୍ତି। ଏହି ବୈଠକ ତାଙ୍କ କାର୍ଯ୍ୟକାଳର ଶେଷ 'ଦିଶା' ବୈଠକ।



ଦିଶା ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅଧିକାରୀମାନେ।

ଜଳେଶ୍ୱର ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅଶ୍ୱିନୀ ପାତ୍ର କହିଥିଲେ ଯେ, ଏମ୍‌ପିଙ୍କ ସହଯୋଗରେ ସେ ଜଳେଶ୍ୱରଠାରେ ଦୁଇଟି ଓଭରବ୍ରିଜ ନିର୍ମାଣ କରି ଜିଲାର ବିକାଶ ଚିତ୍ରକୁ ସୁଦୃଢ଼ କରିପାରିଛନ୍ତି। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କେତେକ ଅଧାପନ୍ତରିଆ ବିକାଶ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ଦିଶା ବୈଠକ ନିୟମିତ ବ୍ୟବଧାନରେ ଆୟୋଜିତ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଖସଡ଼ାକୁ ରୂପାୟନ କରିବା ଦିଗରେ ବିଶେଷ ଭୂମିକା ନେଇଥିବାରୁ ସେ ଏମ୍‌ପିଙ୍କୁ ପ୍ରଶଂସା କରିବା ସହ ସମର୍ଥନ ଜଣାଇଥିଲେ। ସେ ପେଜଗଳା ପୋଲ ଏବଂ ବ୍ରିଟିଶ୍ କାଳର ୫ଟି ପୋଲର ପୁନରୁଦ୍ଧାର କାର୍ଯ୍ୟର ଉଦାହରଣ ଦେଇଥିଲେ। ପରେ ଅଧିକାରୀମାନେ ତାଙ୍କ ବିଭାଗର କାର୍ଯ୍ୟାବଳୀର ଚିତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲା ଶ୍ରମ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ପୂର୍ତ୍ତ ୧ ଓ ୨ ଡିଭିଜନର ନିର୍ବାହୀଯନ୍ତ୍ରୀ, ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଉପଜିଲାପାଳ ବାଲେଶ୍ୱର ଓ ନୀଳଗିରି ଓ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ରହିଛନ୍ତି। ବୈଠକରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ସଂଯୋଜନା କରିଥିବା ବେଳେ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଳ ସିଂହ ସମସ୍ତ ନିମନ୍ତ୍ରିତ ବ୍ଲକ ଅଧ୍ୟକ୍ଷା-ଅଧ୍ୟକ୍ଷ, ଜିଲାପରିଷଦ ସଦସ୍ୟାସଦସ୍ୟ ଏବଂ ଲାଇନ୍‌ଡିପାର୍ଟମେଣ୍ଟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବଜାରରେ ଟାଟା ମୋଟର୍ସର ଆଇଏଲ୍ ପ୍ରଡକ୍ଟ



ଟାଟା ମୋଟର୍ସର ଆଇଏଲ୍ ପ୍ରଡକ୍ଟ।

**ବାଲେଶ୍ୱର ଅଫିସ, ୨୭।୨:** ବାଲେଶ୍ୱରରେ ଟାଟା ମୋଟର୍ସର ନୂତନ ଭାରିଯାନ (ଆଇଏଲ୍ ପ୍ରଡ଼କ୍ଟ) ବଜାର ପ୍ରବେଶ କରିଛି। ବିଶିଷ୍ଟ ଗ୍ରାହକ ଶଶୀଧର ପତି, ମନୋରଞ୍ଜନ ମହାନ୍ତି, ଜୟହିନ୍ଦ୍ ଯାଦବ, ବସନ୍ତ ମହାପାତ୍ର ଓ ରବୀନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଟାଟା ମୋଟର୍ସର ଟିଏସ୍ଏମ୍ ବିଧାନ ଦତ୍ତ ଓ ଦେବଜ୍ୟୋତି ଦେବନାଥ ମଧ୍ୟ ଯୋଗଦେଇଥିଲେ। ଦେବଜ୍ୟୋତି ଦେବନାଥ ଗ୍ରାହକ ବନ୍ଧୁମାନଙ୍କୁ ନୂତନ ପ୍ରଡକ୍ଟ ସମ୍ବନ୍ଧରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସାମଲ ଅଟୋ ଇଣ୍ଡିଆର ସାଧାରଣ ପ୍ରବନ୍ଧକ ମନୋଜ ମିଶ୍ର ସ୍ୱାଗତଭାଷଣ ଦେଇଥିଲେ। ପ୍ରବନ୍ଧକ ରାଜେଶ ସିଂ, ପ୍ରହ୍ଲବ ଦାସ ଓ ଲଲାଟେନ୍ଦୁ ବିଶ୍ୱାଳ ପରିଚାଳନା କରିଥିଲେ। ଟାଟା ମୋଟର୍ସର ଦୁଇଟି ନୂତନ ଭାରିଯାନ ଏଲ୍‌ପିଟି ୪୨୨୩ଟି ଏବଂ ଏଲ୍‌ପିଟି ୪୨୨୩ କାଉଲ୍ ପ୍ରଦର୍ଶିତ ହୋଇଥିଲା।

**ସଂକ୍ଷେପରେ**

## ମଜଦୁର କଂଗ୍ରେସର ନୂତନ ଜିଲା ସଭାପତି



**ଭଦ୍ରକ ଅଫିସ, ୨୭।୨:** ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ନୂତନ ଭଦ୍ରକ ଜିଲା ସଭାପତି ଭାବେ ଇଂ ଭବେନ୍ଦ୍ର କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ଯୁବ ଶାଖାକୁ ଭଦ୍ରକ ଜିଲାରେ ମଜଭୁତ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ପରାମର୍ଶ କ୍ରମେ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଯୁବ ଶ୍ରମିକ ନେତା ଇଂ ଭବେନ୍ଦ୍ରଙ୍କୁ ମନୋନୀତ କରିଛନ୍ତି। ଆଗାମୀ ଦିନରେ ଭଦ୍ରକ ଜିଲାର ଅସଙ୍ଗଠିତ ଶ୍ରମିକ, ନିର୍ମାଣଶ୍ରମିକ, କୃଷି ଶ୍ରମିକ, କଳକାରଖାନାରେ କାର୍ଯ୍ୟରତ ଯୁବ ଶ୍ରମିକ ଓ ଠିକା ଶ୍ରମକଙ୍କୁ ସଂଗଠିତ କରି ସେମାନଙ୍କ ଅଧିକାର ଓ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ସୂଚନା ଥାଉକି ପୂର୍ବରୁ ନବ ନିର୍ମାଣ କୃଷକ ସଂଗଠନ ତଥା ବହୁ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ।

## ଘନ ଘନ ବିଜୁଳି କାଟ୍

**ଜଳେଶ୍ୱର, ୨୭।୨(ଡି.ଏନ.ଏ.):** ଜଳେଶ୍ୱର ଅଞ୍ଚଳରେ ନେସ୍କୋର ଘନଘନ ବିଜୁଳି କାଟ୍ ଓ ଲୋ ଭୋଲଟେଜ୍ ସମସ୍ୟା ଯୋଗୁ ପରୀକ୍ଷାର୍ଥମାନେ ଅତିଷ୍ଠ ହୋଇପଡିଛନ୍ତି। ସନ୍ଧ୍ୟା ସମୟରେ ପାଠପଢ଼ାରେ ବହୁତ ଅସୁବିଧା ଭୋଗୁଛନ୍ତି। ଏହାସହିତ ଲୋ ଭୋଲଟେଜ ସମସ୍ୟା ଯୋଗୁ ଚଳିତ ରବିଋତୁରେ ହଜାର ହଜାର ହେକ୍ଟର ଜମିରେ କରାଯାଇଥିବା ଧାନଚାଷ ଜଳ ଅଭାବରୁ ଉଜୁଡ଼ିବାରେ ବସିଛି। ନେସ୍କୋ ଅଧିକାରୀ ତଥା କର୍ମଚାରୀମାନଙ୍କ ଖାମଖିଆଲି ନୀତି ଯୋଗୁ ଏହିଭଳି ଦୁର୍ଦ୍ଦଶା ଚାଷୀ ଭୋଗୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳର ପରିକ୍ଷାର୍ଥୀ ଅଧିକ ପ୍ରଭାବିତ ହେଉଥିବା ଦେଖାଦେଇଛି। ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ସରକାରୀ ତଥା ବେସରକାରୀ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ମଧ ଲୋ ଭୋଲଟେଜ୍ ସମସ୍ୟା ହେତୁ କ୍ରମଶଃ ଅଚଳ ହୋଇପଡ଼ିଛି। ଫଳରେ ସମସ୍ତ ଭିତ୍ତିଭୂମି ଥାଇ ମଧ ଚାଷୀ କ୍ଷତିର ସମ୍ମୁଖୀନ ହେବାକୁ ବସିଛି। ଏହିଭଳି ବିଦ୍ୟୁତ ସମସ୍ୟା ସମାଧାନ ନ ହେଲେ ଚାଷୀ କୁଳ ଓ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପାଣି ପ୍ରକଳ୍ପ ଉଦ୍‌ଘାଟନ, କେନାଲ ରାସ୍ତା ଶିଳାନ୍ୟାସ



**ଖଇରା,୨୭।୨(ଡି.ଏନ.ଏ.):** ଖଇରା ବ୍ଲକ ରଟିଣା ଠାରେ ଏକ ପାଣି ପ୍ରକଳ୍ପ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରଟିଣା ପଞ୍ଚାୟତ ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଅନେକ ସମୟରେ ଏଠାରେ ପାଣି ସମସ୍ୟା ଲାଗି ରହୁଥିଲା। ଏକ ପାଣି ପ୍ରକଳ୍ପ ସ୍ଥାପନ ପାଇଁ ଗ୍ରାମବାସୀଙ୍କ ତରଫରୁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ୧ କୋଟି ୨୦ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମିତ ହୋଇଛି। ଉଦ୍‌ଘାଟନୀ ସ୍ଥଳରେ ବ୍ଲକ ମହିଳା ମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର, ରଟିଣା ସରପଞ୍ଚ ସତ୍ୟାନନ୍ଦ ଦାସ, ବିଜେଡି ନେତା ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସାଳନ୍ଦୀ ଡିଭିଜନ୍‌ର ରଟିଣା ଉପକେନାଲ ଅଧୀନ ବାମପାର୍ଶ୍ୱ ବନ୍ଧ କଂକ୍ରିଟ୍ ରାସ୍ତା ପାଇଁ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀମନ୍ତ ସେଠୀ ଓ ଅନ୍ୟାନ୍ୟ ଲେକପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷା, ଚାଷୀ ମୁଣ୍ଡରେ ଚଡ଼କ

## ୨୪ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

**ଭୋଗରାଇ, ୨୭।୨ (ଡି.ଏନ.ଏ.)**

ସୋମବାରଠାରୁ ଅଦ୍ୟାବଧି ପଶ୍ଚିମାଝଞ୍ଜା ଓ କାଳବୈଶାଖୀ ଝଡ଼ ଯୋଗୁ ଭୋଗରାଇର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଙ୍ଗଳବାର ରାତିରେ ଝଡ଼ବର୍ଷା ସହିତ କୁଆପଥର ମାଡ଼ରେ ପାନ, ତରଭୁଜ ଓ ଅନ୍ୟାନ୍ୟ ପରିବା ଚାଷରେ ବ୍ୟାପକ କ୍ଷତି ଘଟିଛି। ଉତ୍ତର ବାଲେଶ୍ୱରର ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକରେ ପନିପରିବା, ତୈଳବୀଜ ଓ ଡାଲିଜାତୀୟ ଫସଲର ବ୍ୟାପକ କ୍ଷତି ଘଟିଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ମଙ୍ଗଳବାର ରାତିରୁ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ସର୍ବାଧିକ ୭୫ମି.ମି., ଜଳେଶ୍ୱରରେ ୭୨ମି.ମି., ବାଲିଆପାଳରେ ୫୨ମି.ମି. ଓ ବସ୍ତା ବ୍ଲକରେ ୨୯ମି.ମି. ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। କାଳବୈଶାଖୀ ଝଡ଼ ଯୋଗୁ ବହୁ ସ୍ଥାନରେ ଉଣାଅଧିକେ ଗଛ ଭାଙ୍ଗି ରାସ୍ତା ଜାମ୍ ହୋଇପଡ଼ିବାରୁ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି।

ଚନ୍ଦନେଶ୍ୱର-ଜଳେଶ୍ୱର ରାସ୍ତା ଅନନ୍ତପୁରଠାରେ ୩୩ ଓ ୧୧ କେଭି ବିଦ୍ୟୁତ୍ ଖୁଣ୍ଟି ଉପରେ ତାଳଗଛ ଓ ବରଗଛ ଓଲଟି ପଡ଼ିବାରୁ ମଙ୍ଗଳବାର ରାତି ୭ଟାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ନେସ୍କୋ ବିଭାଗର ଏସ୍‌ଡ଼ିଓ ଭୁବନାନନ୍ଦ ସାହୁ ଏବଂ ଦେହୁଦା ସେକ୍ସନ୍ ଜେଇ ବିଶ୍ୱଜିତ୍ ମହାପାତ୍ରଙ୍କ ନିର୍ଦ୍ଦେଶରେ ବହୁ ବିଦ୍ୟୁତ୍ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ସଫା କରିବା ସହିତ ରାତି ୮ଟା ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହେବାର ସୂଚନା ଦେଇଛନ୍ତି। ତେବେ ଖବରଲେଖା ହେବା ବେଳକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିବାରୁ ଲୋକମାନେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଚାଷୀମାନେ ସେମାନଙ୍କର ସୁନାର ଫସଲ ଅମଳ ପାଇଁ ସ୍ୱପ୍ନ ଦେଖୁଥିବା ବେଳେ କାଳବୈଶାଖୀ ଝଡ଼ ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ ମାଟ୍ରିକ ପରୀକ୍ଷାର୍ଥୀ ହଇରାଣ ହେଉଛନ୍ତି। ବୁଧବାର ରାତି ପର୍ଯ୍ୟନ୍ତ ସବୁଠି କଳାବାଦଲ ଓ ବିଜୁଳିର ଚମକ ଏବଂ କାନଫଟା ମେଘର ପ୍ରଚଣ୍ଡ ଶବ୍ଦ ଜନଜୀବନକୁ ଭୟଭୀତ କରିଛି।



ଘୂର୍ଣ୍ଣିଝଡ଼ରେ ସଜନାଗଡ଼ ବଜାରରେ ଥିବା ଫୁଟଫାଥ୍ ଦୋକାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

## ବାଲିଆପାଳ ଅବସ୍ଥା ବେହାଲ

**ବାଲିଆପାଳ, ୨୭।୨(ଡି.ଏନ.ଏ.):** ଲଗାଣ ବର୍ଷା ଓ ଘୂର୍ଣ୍ଣିଝଡ ଯୋଗୁ ୩ ଦିନ ହେବ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କୁଆପଥର ମାଡ ଯୋଗୁ ରବି ପନିପରିବା ଚାଷ ନଷ୍ଟ ହୋଇଛି । ସୁବର୍ଣ୍ଣରେଖା ନଦୀକୂଳ ଦୋରସା ଉର୍ବର ମାଟିରେ ପ୍ରତିବର୍ଷ ଶହ ଶହ ଏକର ଜମିରେ ପରିବା ଚାଷ ହୋଇଥାଏ। ଚଳିତବର୍ଷ ବର୍ଷା ଯୋଗୁ ପରିବା ଚାଷ ହୋଇଥିବା ଜମିରେ ଏବେ ପାଣି ଜମି ରହିଛି। ବର୍ଷା ଯୋଗୁ ରବି ଚିନାବାଦାମ, ମୁଗ, ବିରି ଚାଷ ସମୁଳେ ନଷ୍ଟ ହୋଇଯାଇଛି । ସେହିପରି ବାଇଗଣ, ଭେଣ୍ଡି, ବିଲାତି, ପୋଟଳ, ଆଳୁ, ଦେଶି ପିଆଜ ଆଦି ପନିପରିବା ଚାଷ ନଷ୍ଟ ହୋଇଛି। ଯେଉଁ ଚାଷୀମାନେ ଜାତୀୟକରଣ ଓ ସମବାୟ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲେ । ସେମାନେ ଏବେ ମୁଣ୍ଡରେ ହାତ ଦେଇବସିଛନ୍ତି। କୃଷି ବିଭାଗ ଓ ରାଜସ୍ୱ ବିଭାଗ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଓ ଫସଲବୀମା ବାବଦ ଅର୍ଥ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ବାବଦରେ ସର୍ଭେ କରାଯାଇ କ୍ଷୟକ୍ଷତି ଆକଳନ କରାଯିବ ବୋଲି ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ମିନତୀ ଜଗଦେବ କହିଛନ୍ତି ।

## ସଜନାଗଡ଼ରେ ବ୍ୟାପକ କ୍ଷତି

**ସଜନାଗଡ଼,୨୭।୨(ଡି.ଏନ.ଏ.):** ନୀଳଗିରି ବ୍ଲକରେ ବୁଧବାର ଦିନତମାମ ପବନ ଓ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏଥିରେ ବ୍ୟାପକ କ୍ଷତି ହୋଇଥିବା ସୂଚନା ମିଳିଛି। ସଜନାଗଡ଼ ବଜାରରେ କ୍ଷତି ଘଟିଥିବା ବେଳେ ବିଦ୍ୟୁତ୍ ତାର ଛିଣ୍ଡିବା ସହ ଖୁଣ୍ଟିଗୁଡ଼ିକ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ସଜନାଗଡ଼ ପଞ୍ଚାୟତର ସଜନାଗଡ଼ ବଜାରରେ ଅପରାହ୍ନ ୫ଟାରେ ଏକ ଘୂର୍ଣ୍ଣିଝଡ଼ ସହ ବର୍ଷାପବନ ହୋଇଥିଲା। ଏଥିରେ ବଜାରରେ ଥିବା ୧୫ରୁ ଅଧିକ ଦୋକାନଘର ଛପର ଉଡ଼ିଯାଇ ରାସ୍ତା ଉପରେ ପଡ଼ିଥିବା ବେଳେ ଫୁଟ୍‌ଫାଥ୍ ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସେହିପରି ୧୯ନଂ. ରାଜ୍ୟ ରାଜପଥର ସଜନାଗଡ଼ ରାସ୍ତା ଛକରେ ରାସ୍ତା ପାର୍ଶ୍ୱରେ ଥିବା ୩ଟି ବିଦ୍ୟୁତ୍ ଖୁଣ୍ଟ ପଡ଼ିଥିଲା। ଫଳରେ ପ୍ରାୟ ୧ଘଣ୍ଟା ଧରି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ କର୍ମଚାରୀମାନେ ପହଞ୍ଚି ଖୁଣ୍ଟ ଓ ତାରକୁ ଉଠାଇ ରାସ୍ତା ପରିଷ୍କାର କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଫଳରେ ୨୪ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବାର ଆଶଙ୍କା ଥିବା ସୂଚନା ମିଳିଛି।

## ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ଦୁର୍ନୀତି ଅଭିଯୋଗ

**ଜଳେଶ୍ୱର, ୨୭।୨ (ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ଅଧୀନ ମାକିଡ଼ିଆ ପଞ୍ଚାୟତ କୁଅଁରପୁର ଗ୍ରାମରେ ନିର୍ମିତ ପାଇପ୍ ପାଣି ଯୋଗାଣ ପ୍ରକଳ୍ପ ଆରମ୍ଭରୁ ଅକାମୀ ହୋଇଯାଇଛି। ୨୦୧୪-୧୫ ମସିହାରେ ଉକ୍ତ ପ୍ରକଳ୍ପର ଯୋଜନା କରାଯାଇଥିଲା। ୨୦୧୬ ମସିହା ମାର୍ଚ୍ଚ ମାସ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ଏହାକୁ ଭିଡିଓ କନଫରେନ୍ସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ହେବାଠାରୁ ଉକ୍ତ ପ୍ରକଳ୍ପ ଅଚଳ ହୋଇ ରହିଛି। ଏହି ପ୍ରକଳ୍ପ ୧କୋଟି ୧୧ଲକ୍ଷ ଟଙ୍କା ବ୍ୟୟବରାଦରେ ୧ଲକ୍ଷ ଲିଟର ପାଣିଟାଙ୍କି ସହିତ ବନ୍ଦୋବସ୍ତ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଉକ୍ତ ଟାଙ୍କିକୁ ପାଣି ଉଠାଯାଉନାହିଁ। ମୋଟର ସାହାଯ୍ୟରେ ଯେଉଁ ପାଣି ଲୋକଙ୍କୁ ଯୋଗାଯାଉଛି ତାହା ଅତ୍ୟନ୍ତ ନିମ୍ନମାନର। ଯାହାକି ପିଇବା ତ ଦୂରର କଥା ବ୍ୟବହାର ଉପଯୋଗୀ ମଧ ନୁହେଁ। ଏହି ପ୍ରକଳ୍ପର କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ଉକ୍ତ ଗ୍ରାମର ବାସିନ୍ଦା ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ବିଭାଗୀୟ ଅଧିକାରୀ, ଠିକାଦାର, ବିଧାୟକ, ଏମ୍‌ପି କେହି କର୍ଣ୍ଣପାତ କରୁନାହାନ୍ତି। ଏହାର ବିଧିବଦ୍ଧ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ବୁଧବାର ଜଳେଶ୍ୱର କଂଗ୍ରେସ କାର୍ଯ୍ୟାଳୟରେ ଜଳେଶ୍ୱର କଂଗ୍ରେସ ତରଫରୁ ଆୟୋଜିତ ଖବରଦାତା ସମ୍ମିଳନୀ ଦାବି କରାଯାଇଛି। ପାର୍ଟିର ପ୍ରବକ୍ତା ସୁଦର୍ଶନ ଦାସ, ପୂର୍ବତନ ନଗରପାଳ ସୁନୀଲ ପରିଡ଼ା, ସରପଞ୍ଚ ପଦ୍ମଲୋଚନ ବେହେରା, ଯୁବନେତା ଆଲୋକ ଘଡ଼ାଇ, ବଳରାମ ପାଳ, ନବକୁମାର ପାଳ, କାହ୍ନୁଚରଣ ପାଳ, ଭବାନୀଶଙ୍କର ଘୋଷ, ଅବନୀ ଘୋଷ, ନନ୍ଦଲାଲ ଘୋଷ, ମନୋଜ ପାଳ, ସପନ ପ୍ରଧାନ, ଜଗଦୀଶ ଜେନା ପ୍ରମୁଖ ଉକ୍ତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ମେମୋରିଆଲ ମୂର୍ତ୍ତି ଅନାବରଣ

### ଡାହାଣୀ ସନ୍ଦେହ ରୋକିବା ପାଇଁ ପଦକ୍ଷେପ




ଅନାବରଣ ଉତ୍ସବରେ ଯୋଗ ଦେଇଥିବା ଗ୍ରାମବାସୀ।

**କେନ୍ଦୁଝର, ୨୭।୨(ସ୍ୱ.ପ୍ର.):** ଡାହାଣୀ ଓ ଗୁଣିଗାରେଡି ଭଳି ଅନ୍ଧ ବିଶ୍ୱାସ ଯୋଗୁଁ କେନ୍ଦୁଝର ଜିଲା ଅଧିକ ପ୍ରଭାବିତ ହେଉଛି। ଡାହାଣୀ ସନ୍ଦେହ ରୋକିବା ପାଇଁ କେନ୍ଦୁଝର ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ଏକ ନିଆରା ପଦକ୍ଷେପ। ଏହି ଅବସରରେ ଜିଲା ପୋଲିସ ପରିସରରେ ଡାହଣୀ ସନ୍ଦେହରେ ହତ୍ୟା କରାଯାଇଥିବା ଲୋକଙ୍କ ସ୍ମୃତିରେ ଏକ ମେମୋରିଆଲ ମୂର୍ତ୍ତି ପୋଲିସ ମହାନିର୍ଦ୍ଦେଶକ ଆର.କେ.ଶର୍ମା ଦ୍ୱାରା ବୁଧବାର ଅନାବରଣ କରାଯାଇଛି। ଏହି ମୋମରିଆଲରେ ଏହା ଦ୍ୱାରା ମୃତ୍ୟୁ ଘଟିଥିବା ବରଣ କରିଥିବା ଲୋକଙ୍କ ନାମ ଉଲ୍ଲେଖ କରାଯାଇଛି। ଡିଆଇଜି ରାଉରକେଲା କବିତା ଜଲାନ, ଜିଲାପାଳ ଆଶୀଷ ଥାକରେ, ଏସପି (ଡିଆଇଜି) କେନ୍ଦୁଝର ଜୟରାମ ପଙ୍କଜ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି ଅବସରରେ ପୋଲିସ ରିଜର୍ଭ ପଡିଆରେ ଏକ ସମାରୋହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୁଣିଗାରେଡି ବା ଡାହାଣୀ ସନ୍ଦେହରେ ଆକ୍ରମଣର ଶିକାର ହୋଇଥିବା ପରିବାରର ଲୋକ, ସାମାଜିକ କର୍ମୀ, ପୋଲିସ ବିଭାଗର ଅଧିକାରୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ସଦସ୍ୟା ସାମିଲ ହୋଇଥିଲେ। ଜିଲାରେ ୨୦୧୬ରୁ ୨୦୧୮ରେ ସମୁଦାୟ ୫୧ ଏଭଳି ଅପରାଧିକ ଘଟଣା ଘଟିଥିବା ବେଳେ ୨୨ ଜଣ ହତ୍ୟା ର ଶିକାର ହୋଇଥିବା ଜଣାଯାଇଛି। ୨୦୧୬ରେ ୧୭ ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୭ରେ ୧୬ ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବୃଦ୍ଧି ପାଇ ୨୦୧୮ ମସିହାରେ ୧୮ ଘଟଣାରେ ୧୨ ଜଣ ସରଳ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ଆନ୍ତର୍ଜାତିକ ବାଣିଜ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି ଆଲୋଚନାଚକ୍ର

**ରୂପ୍‌ସା, ୨୭।୨ (ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ 'ଆନ୍ତର୍ଜାତିକ ବାଣିଜ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ. ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଗୋପାଳପୁର କଲେଜର ଅଧ୍ୟାପକ ବସନ୍ତ କୁମାର ମିଶ୍ର ଯୋଗଦେଇ ଦେଶର ଉତ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଅର୍ଥନୈତିକ ଅଭିବୃଦ୍ଧି ଧାରାକୁ ଆନ୍ତର୍ଜାତିକ ବାଣିଜ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ସରୋଜ କୁମାର ପାଣି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାଧ୍ୟାପକ କାଳୀଚରଣ ଲେଙ୍କା ଓ ବସନ୍ତ ଭୋଇ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆନ୍ତର୍ଜାତିକ ବାଣିଜ୍ୟ କିଭଳି ଦେଶ ସମୃଦ୍ଧିରେ ସହାୟକ ହୋଇଥାଏ ସେ ଦିଗରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଅଞ୍ଜଳି ଦାସ, ଗାୟତ୍ରୀ ଗିରି, ଛାତ୍ର ରମେଶ ଚନ୍ଦ୍ର ମାଝି ପ୍ରମୁଖ ନିବନ୍ଧ ପାଠ କରିଥିଲେ। ଅଧ୍ୟାପକ ଶମ୍ଭୁନାଥ ଗିରି ଓ କ୍ରୀଡ଼ା ଅଧ୍ୟାପିକା ମିତାଲି ମଧୁସ୍ମିତା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଲକ୍ଷୀରାମ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।



ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥରେ ମରୁଭୂମିର ଜାହାଜ। **(ଫଟୋ: ସନ୍ତୋଷ)**

## ଲାଞ୍ଚ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବାଲେଶ୍ୱର ଅଫିସ,୨୭।୨:** ଛାତ୍ରଙ୍କଠାରୁ ସ୍କଲାରଶିପ୍ ଫର୍ମ ପୂରଣ ବାବଦରେ ଲାଞ୍ଚ ନିଆଯିବା ମାମଲାର ବିଚାର କରି ବାଲେଶ୍ୱର ସ୍ପେଶାଲ ଜଜ୍ (ଭିଜିଲାନ୍ସ) ଶାରଦା ପ୍ରସାଦ ନାୟକ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଗତ ୨୦୧୦ ଜୁଲାଇ ୧୪ ତାରିଖରେ ଭଦ୍ରକ ଜିଲା ଦରଘାମହଲାର ଶେଖ ମୁସଲିମ୍ ଗୁଜିଦରଡ଼ା ମିରାମହଲ୍ଲା ଉର୍ଦ୍ଦୁ ପ୍ରାଇମେରୀ ସ୍କୁଲରେ ପଢୁଥିବା ତାଙ୍କର ୩ ପୁଅଙ୍କର ପ୍ରି ମାଟ୍ରିକ ସ୍କଲାରଶିପ୍ ଫର୍ମ ପୂରଣ ପାଇଁ ଉକ୍ତ ସ୍କୁଲର ସହକାରୀ ଶିକ୍ଷକ ସେକ୍ ମହମ୍ମଦ ଫାରୁକ୍ ଜଣକା ୧୫୦ ଟଙ୍କା ଲେଖାଏ ୩ଜଣଙ୍କୁ ୪୫୦ଟଙ୍କା ଲାଞ୍ଚ ମାଗୁଥିବା ଭଦ୍ରକ ଡିଏସ୍‌ପି ଭିଜିଲାନ୍ସ ଅଫିସ୍‌ରେ ଏକ ଲିଖିତ ଏତଲା ଦେଇଥିଲେ। ଉକ୍ତ ଟଙ୍କା ଶେଖ୍ ମୁସଲିମ୍ ଦେଲା ପରେ ଭିଜିଲାନ୍ସ ଅଫିସରମାନେ ତାଙ୍କୁ ଟ୍ରାପ୍ କରି ତାଙ୍କ ନାମରେ ଏକ ଭିଜିଆର୍ (ନଂ. ୩୦/୨୦୧୦) ମାମଲା ପଞ୍ଜୀକରଣ କରିଥିଲେ। ଉକ୍ତ ମାମଲା ଟିଆର୍ (ନଂ. ୫୨/୨୦୧୦)ରେ ବାଲେଶ୍ୱରର ଭିଜିଲାନ୍ସ କୋର୍ଟର ବିଚାରପତି ଶାରଦା ପ୍ରସାଦ ପଟ୍ଟନାୟକ ବିଚାର କରି ଉପଯୁକ୍ତ ସାକ୍ଷୀ ପ୍ରମାଣ ଅଭାବରେ ମୁଦାଲା ସେକ୍ ମହମ୍ମଦ ଫାରୁକ୍‌ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି। ଏହି କେସ୍‌କୁ ମୁଦାଲାଙ୍କ ତରଫରୁ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ସମ୍ବିତ୍ କୁମାର ନନ୍ଦୀ ଏବଂ ଗୋବର୍ଦ୍ଧନ ତ୍ରିପାଠୀ ପରିଚାଳନା କରିଥିଲେ।

## ସାଧାରଣ ନିର୍ବାଚନ ପରିଚାଳନା ଲାଗି ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୨୭।୨**

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଗାମୀ ସାଧାରଣ ନିର୍ବାଚନ-୨୦୧୯ ସଞ୍ଚାଳନ ସଂକ୍ରାନ୍ତରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ସଜାଗ ରଖିବାକୁ କହିଛନ୍ତି। ନିର୍ବାଚନ ଆଦର୍ଶ ଆଚରଣ ବିଧି ପରିପାଳନ, ଆଇନ୍ ଶୃଙ୍ଖଳା ବ୍ୟବସ୍ଥା, ପୋଲିସ ମୁତୟନ, ସଭାସମିତି ନିମନ୍ତେ ଅନୁମତି ପ୍ରଦାନ, ପୋଷ୍ଟର ବ୍ୟାନର ମାରିବା ଅନୁମତି ପ୍ରଦାନ ସହିତ ୧୦୭ ଓ ୧୧୦ ସିଆରପିସି ଇସ୍ୟୁ କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କାର୍ଯ୍ୟାବଳୀ ଉପରେ ବିଶଦ ଭାବେ ଅଧିକାରୀମାନଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ବଳବତ୍ତର ଥିବା ସମୟରେ ଯେ କୌଣସି କାର୍ଯ୍ୟ ବିଧି ମୁତାବକ କରିବା ଏବଂ ପ୍ରଥମ ଆସିଥିବା ନିବେଦନକୁ ପ୍ରଥମେ ଅନୁପାଳନ କରିବା ଭଳି କେତେକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ସମୟ ମଧ୍ୟରେ ଯେ କୌଣସି ନିର୍ବାଚନ ସଂକ୍ରାନ୍ତୀୟ ତଥ୍ୟ ତଥା ରିପୋର୍ଟ ତୁରନ୍ତ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସି-ଭିଜିଲାନ୍ସ ଉପରେ ତଥ୍ୟ ରଖି ଜିଲାପାଳ ଏଥିରେ ୧୦୦ମିନିଟ୍ ମଧ୍ୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ବି. ଯୁଗଳ କିଶୋର ପୋଲିସ୍ ମାଜିଷ୍ଟ୍ରେଟ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିପାରିବ ବୋଲି ସେ କହିଥିଲେ। ଅଧିକାରୀମାନେ ନିରପେକ୍ଷତା ଅବଲମ୍ବନ କରିବା ଏବଂ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ନେବା ବିଧେୟ ବୋଲି ବୈଠକରେ ଅବଗତ କରାଯାଇଥିଲା । ହଟାଯାଇଥିବା ହୋର୍ଡିଂ, ପୋଷ୍ଟର, ବ୍ୟାନର ଆଦିକୁ ଏକ ନିର୍ବିବାଦୀୟ ସ୍ଥାନରେ ଡମ୍ପିଂ କରିବାକୁ କୁହାଯାଇଥିଲା । ନିର୍ବାଚନ ପରିଚାଳନା କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି ପାଇଁ କ୍ଷମା ନାହିଁ ତେଣୁ ସେଥି ସକାଶେ ପ୍ରତ୍ୟେକ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ନିୟମ ରହିଛି ତାକୁ ସେହି ଅନୁଯାୟୀ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପ-ଜିଲାପାଳ ବିଶାଲ ସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀନଜନ ନାୟକ ମଞ୍ଚାସୀନ ଥିବାବେଳେ ସମସ୍ତ ଅତିରିକ୍ତ ତହସିଲଦାର, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଏବଂ ସେକ୍ଟର ମାଜିଷ୍ଟ୍ରେଟ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

## ବାଣ ନିଆଁରେ ନାବାଳକ ଗୁରୁତର

**ପାଟଣା, ୨୭।୨(ସ୍ୱ.ପ୍ର.):** ପାଟଣା ଥାନା ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମରେ ବୁଧବାର ରାତି ବାଣ ନିଆଁରେ ଜଣେ ୧୩ ବର୍ଷର ନାବାଳକ ଗୁରୁତର ହୋଇଛନ୍ତି। ଗୁରୁତର ହୋଇଥିବା ନାବାଳକ ହେଉଛନ୍ତି ତ୍ରିନାଥ ନାଏକଙ୍କ ପୁଅ ବିକାଶ। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନାବାଳକଙ୍କ ଦେହର ୪୦ ପ୍ରତିଶତ ପୋଡି ଯାଇଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶୁଭେନ୍ଦୁସାଗର କୁମାର ନାଏକ କହିଛନ୍ତି। ୨ ତିନି ଦିନ ତଳେ ଗ୍ରାମକୁ ବରଯାତ୍ରୀ ଆସିଥିଲେ। ସେହି ସମୟର କିଛି ଅଫୁଟା ବାଣ ଗାଁ ଦାଣ୍ଡରେ ପଡିଥିଲା। ଉକ୍ତ ବାଣକୁ ନେଇ ବିକାଶ ବୁଧବାର ରାତି ଫୁଟାଇବାରୁ ବିସ୍ଫୋରଣ ହୋଇଥିଲା। ବିକାଶଙ୍କ ମୁହଁ, ଡାହାଣ ହାତ ଓ ବାମ ଗୋଡ ପୋଡି ଯାଇଛି।




## ସଂକ୍ଷେପରେ

### ରେଲ୍‌ୱେ ଚାକିରି ନାଁରେ ୯୫ ଲକ୍ଷ ଠକେଇ

## ବାଲେଶ୍ୱରରୁ ଆଉଜଣଙ୍କୁ ଗିରଫ କଲା ସିବିଆଇ

**ଭୁବନେଶ୍ୱର,୨୭।୨ (ବ୍ୟୁରୋ):** ରେଲ୍‌ୱେରେ ଚାକିରି ଦେବା ଆଳରେ ୯୫ କୋଟି ଟଙ୍କା ଠକେଇ ମାମଲାରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତଙ୍କୁ ସିବିଆଇ ବାଲେଶ୍ୱରରୁ ଗିରଫ କରିଛି। ସେ ହେଲେ ବିହାର ସହରସା ଜିଲାର ବବ୍‌ଲୁ ଯାଦବ ଓରଫ ଟ୍ରେନର। ବୁଧବାର ବବ୍‌ଲୁଙ୍କୁ ଭୁବନେଶ୍ୱରସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ୨୦୦୯ରେ ପଶ୍ଚିମବଙ୍ଗ କାଲଚିନ ରେଲ୍‌ୱେ ଷ୍ଟେଶନର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ୍ ଫୁଲଡିଓ ଓରାମ ଓ ଅନ୍ୟ ତିନି ସହଯୋଗୀଙ୍କ ସହ ମିଶି ଏହି ଠକେଇ କରିଥିଲେ। ଜାଲ୍ ନିଯୁକ୍ତିପତ୍ର ଦେଇ ବହୁ କୋଟି ଠକି ନେଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ଆସିବା ପରେ ଭୁବନେଶ୍ୱର ସିବିଆଇ କୋର୍ଟର ନିର୍ଦ୍ଦେଶକ୍ରମେ ସିବିଆଇ ଉକ୍ତ ମାମଲାର ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ସିବିଆଇ ଫୁଲ୍‌ଡିଓ ସମେତ ସହଯୋଗୀ ସୁବାସ ଚନ୍ଦ୍ର ରାଉଳ, ସମୀର କୁମାରଙ୍କୁ ଗିରଫ କରିଥିଲା। ଅନ୍ୟତମ ସହଯୋଗୀ ବବ୍‌ଲୁ ଫେରାର ଥିଲା। ସେ ବାଲେଶ୍ୱରରେ ଲୁଚି ରହିଥିବା ଖବର ପାଇଁ ସିବିଆଇ ଅଧିକାରୀମାନେ ସୋମବାର ସେଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲେ।

## ଗୋପାଳପୁର ସ୍କୁଲ ବାର୍ଷିକ ଉତ୍ସବ

**ହାଟଡିହୀ, ୨୭।୨(ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ଗୋପାଳପୁର ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁଙ୍କ ଅଧକ୍ଷତାରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ମିଶ୍ର ସଭାପତିତ୍ୱ କରିଥିଲେ। ବିଧାୟକ ମାୟାଧର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅରୁଣ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ତପୋଧନ ସ୍ୱାଇଁ, ଧନେଶ୍ୱର ଖଣ୍ଡାଇ, ସୁରେଶ ଚନ୍ଦ୍ର ଜେନା, ସରପଞ୍ଚ ବିମ୍ବାଧର ବିଶ୍ୱାଳ, ସୁରେନ୍ଦ୍ର ନାଥ ରାଉତ, ଶ୍ରୀକାନ୍ତ ପଟ୍ଟନାୟକ, ନିର୍ମଳ ବେହେରା ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନିରୁଦ୍ଧ ବିଶ୍ୱାଳ, ସସ୍ମିତା ଦାସ, ରୂପା ମୈକାପ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାରିପଦାରୁ ଭୁବନେଶ୍ୱର ପଦଯାତ୍ରା କରିବେ ଅଂଶୁମାନ

**ବାରିପଦା ଅଫିସ,୨୭।୨:** ସମଗ୍ର ରାଜ୍ୟରେ ମଦ କାରବାର ବୃଦ୍ଧି ପାଇଛି। ଏଥିପାଇଁ ଦୁର୍ଘଟଣା, ବଳାତ୍କାର ଭଳି ଘଟଣା ଗୁଡିକ ନିତିଦିନିଆ ଘଟଣା ହୋଇ ଗଲାଣି। ରାଜ୍ୟରେ ମଦ ବନ୍ଦ କରିବା ପାଇଁ ବିଭିନ୍ନ ସଂଗଠନ ଗୁଡିକ ଆନ୍ଦୋଳନ କରିଚାଲିଛନ୍ତି। ତେବେ ଏଭଳି ବାର୍ତ୍ତା ନେଇ ଆସନ୍ତା ମାର୍ଚ୍ଚ ୧ ତାରିଖରେ ବାରିପଦାର ଯୁବ ସାମାଜିକକର୍ମୀ ଅଂଶୁମାନ ଦାସ ବାରିପଦାରୁ ଭୁବନେଶ୍ୱର ଦୀର୍ଘ ୨୫୦ କି.ମି. ପଦଯାତ୍ରାରେ ଯିବେ। ଆସନ୍ତା ମାର୍ଚ୍ଚ ୮ରେ ଆନ୍ତର୍ଜାତିକ ମହିଳା ଦିବସରେ ଭୁବନେଶ୍ୱର ପହଞ୍ଚି ଲିଙ୍ଗରାଜ ମନ୍ଦିର ଦର୍ଶନ କରିବେ। ପରେ ଏକ ଦାବି ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିବେ। ବାରିପଦା ଅମ୍ବିକା ମନ୍ଦିର ଠାରୁ ସେ ଏହି ଯାତ୍ରା ଆରମ୍ଭ କରି କଟକ ଦେଇ ଭୁବନେଶ୍ୱର ଯିବେ। ସ୍ଥାନୀୟ ସଂଗଠନମାନଙ୍କ ସହଯୋଗରେ ପଥପ୍ରାନ୍ତ ସଭା କରି ସ୍ଥାନୀୟ ଲୋକଙ୍କ ସମର୍ଥନ ଲୋଡିବେ ବୋଲି ଅଂଶୁମାନ କହିଛନ୍ତି।

# ଚିନ୍ତାରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ

**କେନ୍ଦୁଝର, ୨୭।୨(ସ୍ୱ.ପ୍ର.)**

ଚିଟଫଣ୍ଡ କ୍ଷତିଗ୍ରସ୍ତ ହିତାଧିକାରୀ ଟଙ୍କା ଫେରିବା ନେଇ ଆଶା ବାନ୍ଧିଛନ୍ତି। ଏ ନେଇ ସରକାର କର୍ପୋସ ପାଣ୍ଠି ଗଠନ କରି ହିତାଧୀକାରୀଙ୍କୁ ଟଙ୍କା ଫେରସ୍ତ ଦେବାକୁ ପଦକ୍ଷେପ ନେଇଥିଲେ ହେଁ କେନ୍ଦୁଝର ଜିଲାରେ ହିତାଧିକାରୀ ଟଙ୍କା ଫେରସ୍ତ ପାଇ ନ ଥିବାରୁ ଅସନ୍ତୋଷ କୁହୁଳୁଛି। ଜିଲାରେ ପାଖାପାଖି ୪୦ ସଂସ୍ଥା ଲୋକଙ୍କ ଠାରୁ ଅର୍ଥ ନେଇଛି। ସବୁଠାରୁ ଅଧିକ ସିସୋର, ମାଇକ୍ରୋ ଲିଙ୍କିଂ, ରୋଜ ଭ୍ୟାଲି, ବେସିଲ ଇଣ୍ଟରନ୍ୟାସନାଲ, ଇନୋଭେଟିଭ ସମେତ ବହୁ ସଂସ୍ଥାରେ ଅଧିକ ବିନିଯୋଗ ହୋଇଛି। ସଦର ତହସିଲ ଅଞ୍ଚଳର ବଡବଲ ଗ୍ରାମର ପ୍ରମିଳା ପାତ୍ର ନାମକ ଜଣେ ମହିଳା ୨୨ ହଜାର ଟଙ୍କା ରୋଜ ଭ୍ୟାଲିରେ ଜମା ଦେଇଛନ୍ତି। ଏନେଇ ତାଙ୍କ ପାଖରେ ସାର୍ଟିଫିକେଟ ରହିଛି। ତହସିଲକୁ ପୈଠ ପାଇଁ ୨ ଶହ ଟଙ୍କା ଆସିଥିବାରୁ ଚିନ୍ତାରେ ରହିଛନ୍ତି। ବହୁ ଲୋକ ଯେତିକି ବିନିଯୋଗ କରିଥିଲେ ତାଠାରୁ ବହୁତ କାମ ଆସୁଥିବାରୁ ସେମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଉଛି। ଆରଆଇ ଅଫିସରେ ଜମାକାରୀ ଏହାକୁ ନେଇ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି।



ଜମାକାରୀଙ୍କ ସହ ଅନ୍ୟମାନେ।

ସରକାରଙ୍କଠାରୁ ଜମାକାରୀଙ୍କୁ ଅର୍ଥ ଦେବା ପାଇଁ ରେକର୍ଡ ଜିଲାପାଳଙ୍କ ପାଖକୁ ପଠାଇଲା ପରେ ଜିଲାପାଳ ତହସିଲମାନଙ୍କୁ ପଠାଇଥାନ୍ତି। ତହସିଲ ପକ୍ଷରୁ ଆରଆଇମାନଙ୍କୁ ଦେଇ ଯାଞ୍ଚ କରି ପୈଠ କରିବା ବ୍ୟବସ୍ଥା ରହିଛି। ତାହା ହୋଇ ପାରୁ ନ ଥିବା ଜମାକାରୀ ଅଭିଯୋଗ କରିଛନ୍ତି। ପ୍ରଶନ୍ନ କୁମାର ମହାନ୍ତ ଜମାକାରୀ କହିଛନ୍ତି ଯେ, ସେ ମାଇକ୍ରୋ ଲିଙ୍କିଂ ଆଣ୍ଡ ଫଣ୍ଡିଂରେ ୫ ଲକ୍ଷ ୩୦ ହଜାର ଜମା କରିଥିଲି। ଟଙ୍କା ଫେରସ୍ତ ମିଳିବା ନେଇ କୌଣସି ବାଟ ଦିଶୁ ନାହିଁ। କମ୍ପାନୀର ସିଏମଡି କହୁଛନ୍ତି ଯେ, ସେ ସମସ୍ତଙ୍କ ପଇସା ଫେରାଇ ଦେବେ। ସରକାର ଆଦେଶ ଦେଉ ନ ଥିବାରୁ ଦେଇ ପାରୁନାହିଁ। ଆମ ଟଙ୍କା ଫସି ରହିଛି। ସରକାର ଆମମାନଙ୍କ ଅର୍ଥ ଫେରସ୍ତ ଦେବାକୁ କୌଣସି ପଦକ୍ଷେପ ନେଉନାହାନ୍ତି। କେନ୍ଦୁଝର ଜିଲା ଆର୍ଥିକ କ୍ଷତିଗ୍ରସ୍ତ ମଞ୍ଚର ସଭାପତି ଡାକ୍ତର ମହାନ୍ତ କହିଛନ୍ତି, ୨୨ ତାରିଖ ସୁଦ୍ଧା ଶ୍ୱେତ ପତ୍ର ପ୍ରକାଶ କରିବୁ। ଜିଲାପାଳମାନଙ୍କୁ ସୂଚିତ କରିବୁ। ଅଦ୍ୟାବଧି ଶ୍ୱେତପତ୍ର ପ୍ରକାଶ ପାଇନାହିଁ। ସେହିପରି ଲୋକ ଟଙ୍କା ଫେରସ୍ତ ଦେଇନାହାନ୍ତି। ଏହା ଛଡା ଭୁଲ ତଥ୍ୟ ଦିଆଯାଉଛି। ସମସ୍ତ କାଗଜପତ୍ର ଦାଖଲ ହୋଇଛି। ଯିଏ ୨୨ ହଜାର ଟଙ୍କା ଜମା ଦେଇଛି ତାଙ୍କର ୨ ଶହ ଟଙ୍କା ଆସିଛି। ଏଭଳି ତ୍ରୁଟି ଯୋଗୁଁ ସମସ୍ୟା ଦେଖାଦେଉଛି। ପ୍ରସନ୍ନ କୁମାର ମହାନ୍ତ ଜମାକାରୀ କହିଛନ୍ତି ଯେ, ସିସୋରରେ ସାଢେ ପାଞ୍ଚ ଲକ୍ଷ ଟଙ୍କା ଜମା କରିଛି। ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ନେତାମାନେ ଉକ୍ତ କମ୍ପାନୀ କାର୍ଯ୍ୟକ୍ରମରେ ଯୋଗଦେବାରୁ ବିଶ୍ୱାସ କରି ସେମାନଙ୍କୁ ଦେଖି ବିନିଯୋଗ କରିଥିଲୁ। ଜମା ଟଙ୍କା ଫେରସ୍ତ ଦେବେ ବୋଲି ସରକାର ସବୁବେଳେ କହୁଛନ୍ତି। ୬ ବର୍ଷ ବିତିଗଲାଣି। ମିଳୁନାହିଁ। ଜମାକାରୀଙ୍କ ଅର୍ଥ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ରୋଜଭ୍ୟାଲିର ଜମାକାରୀଙ୍କ ବ୍ୟାଙ୍କ ଖାତା ନମ୍ବର, ବଣ୍ଡ ଓ ରସିଦ ସଂଗ୍ରହ କରୁଛୁ। ୪ରୁ ୫ ଦିନ ମଧ୍ୟରେ ସେମାନଙ୍କ କ୍ଷତିପୂରଣ ଟଙ୍କା ବ୍ୟାଙ୍କ ଖାତାକୁ ଚାଲିଯିବ। ପାଖାପାଖି ୧୫ ହଜାର ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଦେବାକୁ ପଦକ୍ଷେପ ଆରମ୍ଭ କରୁଛୁ ବୋଲି ଜିଲାପାଳ ଆଶିଷ ଥାକରେ କହିଛନ୍ତି।

### ସ୍ୱାଗତ ତୋରଣରୁ ମାର୍ବଲ ଖସିଲା

# ଅଳ୍ପକେ ବର୍ତ୍ତିଲେ ଗର୍ଭବତୀ




ଗାନ୍ଧୀ ସ୍ମୃତି ତୋରଣ।

**ଭଦ୍ରକ ଅଫିସ, ୨୭।୨**

ଭଦ୍ରକସହର ନୂଆବଜାର ଗାନ୍ଧୀପଡିଆରେ ଏକ ମାସ ପୂର୍ବରୁ ଉଦ୍‌ଘାଟିତ ହୋଇଥିବା ସ୍ୱାଗତ ତୋରଣ ଉପରୁ ବୁଧବାର ସକାଳ ୮ଟା ସମୟରେ ମାର୍ବଲ ଖସିଛି। ଫଳରେ ତଳେ ନିକଟସ୍ଥ ନର୍ସିଂହୋମକୁ ଯାଉଥିବା ତିହିଡି ଅଞ୍ଚଳର ଜଣେ ଗର୍ଭବତୀ ମହିଳା ଅଳ୍ପକେ ବର୍ତ୍ତିଯାଇଛନ୍ତି। ମହିଳା ଜଣକ ତଳେ ନର୍ସିଂ ହୋମ ଆଡକୁ ମୁହଁ କରି ଯାଉଥିବା ବେଳେ ତାଙ୍କ ପଛପାଖରେ ମାର୍ବଲ ଖଣ୍ଡଟି ପଡିଥିଲା। ମହିଳା ଓ ତାଙ୍କ ସ୍ୱାମୀ ପ୍ରଥମେ ଡରିଯାଇଥିବା ବେଳେ ପରବର୍ତ୍ତୀ ମୂହୂର୍ତ୍ତରେ ମାର୍ବଲ ଖଣ୍ଡଟି ଖସିପଡିଥିବା ଜାଣିବାକୁ ପାଇଥିଲେ। ସୂଚନା ଥାଉକି ବିଧାୟକ ପାଣ୍ଠିରେ ନିର୍ମିତ ଏହି ତୋରଣ ଭଦ୍ରକକୁ ୧୯୯୧ ମସିହା ମାର୍ଚ୍ଚ ୨୫ ତାରିଖ ସନ୍ଧ୍ୟାରେ ମହାତ୍ମାଗାନ୍ଧୀ ଉକ୍ତ ପଡିଆରେ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିବାରୁ ଉକ୍ତ ସ୍ମୃତିକୁ ମନେ ପକାଇବା ପାଇଁ ସେଠାରେ ମହାତ୍ମାଗାନ୍ଧୀଙ୍କ ପଦଯାତ୍ରା ସ୍ମାରକୀ ତୋରଣ ନାମରେ ନିର୍ମିତ କରାଯାଇଥିଲା। ଚଳିତ ବର୍ଷ ଜାନୁୟାରୀ ୧ ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ଏମ୍‌ପି ଅର୍ଜ୍ଜୁନ ଚରଣ ସେଠୀ, ପୌରପାଳ ମାନସ କୁମାର ମହାନ୍ତି ଓ ଭଦ୍ରକ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ ଉକ୍ତ ତୋରଣକୁ ଉଦ୍‌ଘାଟନ କରିଥିଲେ। ନିମ୍ନମାନର କାମ ହୋଇଥିବାରୁ ଏହିଭଳି ଘଟିଥିବା ସ୍ଥାନୀୟ ଅଧିବାସୀ ମାନେ ଅଭିଯୋଗ କରିଛନ୍ତି।

# ଗୋଁଡ ସାଂସ୍କୃତିକ ମହୋତ୍ସବ

**କେନ୍ଦୁଝର, ୨୭।୨ (ସ୍ୱ.ପ୍ର.)**

ଅଖିଳ ଭାରତ ଗୋଁଡ ମହାସଭାର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ବାଲିପୋଖରୀ ପଲ୍ଲୀର ଗୋପିନାଥପୁରଠାରେ ଅଖିଳ ଭାରତ ଗୋଁଡୱାନା ଗୋଁଡ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଯୋଗଦେଇ ଗୋଁଡ ଜାତିର ପ୍ରାଚୀନ ଇତିହାସ ଓ ଭୌଗଳିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଗୋଁଡୱାନା ଗୋଁଡ ଜାତିର ବୀରତ୍ୱ କଥା କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଗୋଁଡୱାନା ଗୋଁଡ ପାରମ୍ପରିକ ଯୁଦ୍ଧକଳା ନୃତ୍ୟଗୁରୁ କେଶବ ଚନ୍ଦ୍ର ପ୍ରଧାନ, ସଙ୍ଗଠକ ତଥା ସାମାଜିକ କର୍ମୀ ଜନାର୍ଦ୍ଦନ ନାୟକ ଓ ବାଲିପୋଖରୀ ପଲ୍ଲୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ଅଖିଳ ଭାରତ ଗୋଁଡୱାନା ଗୋଁଡ ସମାଜର ପାରମ୍ପରିକ ଯୁଦ୍ଧକଳା ପାଇଁ ବାଦ୍ୟଯନ୍ତ୍ର ଓ ଅନ୍ୟ ସରାମ ପ୍ରଦାନ କରାଯାଇଥିଲା। ପରେ ପରେ ଅନୁଷ୍ଠାନ ପକ୍ଷରୁ ଜିଲାର ବିଭିନ୍ନ ପଲ୍ଲୀରୁ ଆସିଥିବା ଯୁଦ୍ଧକଳା ନୃତ୍ୟ କଳାକାରଙ୍କ ଦ୍ୱାରା ଯୁଦ୍ଧକଳା ପରିବେଷଣ କରାଯାଇଥିଲା। ଏ ହି କାର୍ଯ୍ୟକ୍ରମରେ ବାଲିପୋଖରୀ ପଲ୍ଲୀ ସଭାପତି ଦୟାନିଧି ଖଣ୍ଡା ସଭାପତିତ୍ୱ କରିଥିଲେ। ଜିଲା କାର୍ଯ୍ୟକାରିଣୀ କମିଟିର ଉପସଭାପତି ଜନାର୍ଦ୍ଦନ ନାୟକ, ଜିଲା ମହାସଚିବ ଚକ୍ରଧର ନାୟକ, ଜିଲା କାର୍ଯ୍ୟକାରିଣୀ କମିଟିର ଉପସଭାପତି ଅନାଦି ଚରଣ ନାୟକ, ସହସମ୍ପାଦକ ଦିଗାମ୍ବର ଦଣ୍ଡପାଟ, ଜିଲା ଯୁବଗୋଷ୍ଠୀ ସଙ୍ଗଠକ ବନମାଳି ନାୟକ, ଜିଲା ଉପଦେଷ୍ଟା ପଦ୍ମଲୋଚନ ନାୟକ, ସାମାଜିକ କର୍ମୀ ଦୈତାରୀ ନାୟକ, ଚିତ୍ରକଳା ଶିଳ୍ପୀ ଦୈତାରୀ ସିଂହ, ବାଲିପୋଖରୀ ପଲ୍ଲୀ ସମ୍ପାଦକ ଜନାର୍ଦ୍ଦନ ନାୟକ, ବାଲିପୋଖରୀ ପଞ୍ଚାୟତର ସରପଞ୍ଚ ମନୋରନ ନାୟକ, ବିନିଦା ପଲ୍ଲୀ ଉପଦେଷ୍ଟା ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ୩ ହଜାରରୁ ଊର୍ଦ୍ଧ୍ୱ ଗୋଁଡ ସମାଜର ଜନସାଧାରଣ ଯୋଗ ଦେଇଥିଲେ।






## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ

**ତିହିଡ, ୨୭।୨(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡି ଥାନା ବୋଡକ ପଞ୍ଚାୟତ ଅଧୀନ ଅଣ୍ଡରାଇ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ତିହିଡି ଥାନାରେ ବୁଧବାର ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୯୨/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତ ୨୦ ତାରିଖରେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା । ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଭାଜପାର ଯୁବ ସମାବେଶ

**ଧୂଷୁରୀ,୨୭।୨(ଡି.ଏନ.ଏ.):** ଧାମନଗର ବ୍ଲକର ଧୂଷୁରୀ ନିକଟସ୍ଥ ହରିହଂଶ ପଡ଼ିଆରେ ଭାଜପା ତରଫରୁ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାନସଭା କ୍ଷେତ୍ର ଅଧୀନ ସମସ୍ତ ପଞ୍ଚାୟତରୁ ଆଗତ ଯୁବକମାନଙ୍କ ଏକଜୁଟରେ କେନ୍ଦ୍ର ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା ଧର୍ମପଦ କାର୍ଯ୍ୟକ୍ରମ ଭିଡ଼ିଓ କନଫରେନ୍ସିଂ ଦ୍ୱାରା ପ୍ରସାରଣ କରାଯାଇଥିଲା। ଜିଲା ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲଙ୍କ ଅଧକ୍ଷତାରେ ରାଜ୍ୟ ଉପସଭାପତି ବିଷ୍ଣୁ ଚରଣ ସେଠୀ ଯୋଗଦେଇ ଯୁବଶକ୍ତି ଭାରତର ଶ୍ରେଷ୍ଠ ମାନବ ସମ୍ବଳ ବୋଲି ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା ଶରତ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ପ୍ରହାଣ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ, ଯୁବନେତା ସୂର୍ଯ୍ୟବଂଶୀ ସୁରଜ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ବିଧାନସଭା ବିସ୍ତାରକ ବିମ୍ବାଧର ସାହୁ, ମଣ୍ଡଳ ସଭାପତି ଭାବେ ଅଜୟ ବଳ, ଉମାକାନ୍ତ ଦାସ, ଅନିରୁଦ୍ଧ ସାହୁ, ପ୍ରଣୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

### ପୋଲିସର ଜନସଚେତନତା କାର୍ଯ୍ୟକ୍ରମ

**ଚାନ୍ଦବାଲି,୨୭।୨(ଡି.ଏନ.ଏ.):** ଭଦ୍ରକ ଏସପିଙ୍କ ନିର୍ଦ୍ଦେଶରେ ଧାମରା ପୋଲିସ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି । ବାଇକ, କାର, ଟ୍ରକ ଚାଳକ ଓ ଆରୋହୀଙ୍କୁ ଗାଡି ଚଳାଇବା ସମୟରେ ଆବଶ୍ୟକୀୟ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି । ହେଲମେଟ ପିନ୍ଧିବା, ଗାଡିର ପ୍ରଦୂଷଣ ମାତ୍ରା ଯାଞ୍ଚ କରିବା, ଗାଡି ଚଳାଇବା ସମୟରେ ସିଟ୍ ବେଲ୍ଟ ବାନ୍ଧିବା, ଦ୍ରୁତଗତିରେ ଗାଡି ନ ଚଳାଇବା, ଗାଡିର ସମସ୍ତ କାଗଜପତ୍ର ଠିକ୍ ରଖିବା, ନିର୍ଦ୍ଧାରିତ ସମୟରେ ଗାଡିର ଇନସ୍ୟୁରାନ୍ସ ପଇଠ କରି ରସିଦ୍ ହାସଲ କରିବା ସମ୍ପର୍କରେ ପରାମର୍ଶ ଦିଆଯାଇଛି । ଧାମରା ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ପତି, ବିଦ୍ୟାଧର ସୂତାର, ରମେଶ ଚନ୍ଦ୍ର ସ, ପ୍ରଦୀପ ମହାପାତ୍ର, ଚିତ୍ତରଞ୍ଜନ ଭଳ, ବିନୋଦ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଗାନ୍ଧୀ ସ୍ମାରକୀ ପଦଯାତ୍ରା, ସାଧାରଣ ସଭା

**ଭଦ୍ରକ ଅଫିସ, ୨୭।୨:** ଭଦ୍ରକ ଇନ୍‌ଟାକ୍ ଶାଖା ଆନୁକୂଲ୍ୟରେ ଇନ୍‌ଟାକ ରାଜ୍ୟ ସହାୟତାରେ ମହାତ୍ମା ଗାନ୍ଧୀଙ୍କ ଭଦ୍ରକ ଆଗମନ ଓ ହରିଜନ ପଦଯାତ୍ରାର ସ୍ମାରକୀ ଉପଲକ୍ଷେ ୧୫୦ତମ ଜନ୍ମ ବାର୍ଷିକୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀପଡ଼ିଆ ଠାରୁ ମହତାବଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଆବାହକ ବରିଷ୍ଠ ପ୍ରଶାସନିକ ଅଧିକାରୀ କମିଶନର ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ପଦଯାତ୍ରା ଓ ଗାନ୍ଧୀ ଓଡ଼ିଶା ବାଳାଶ୍ରମରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଉପଦେଷ୍ଟା ଡ. ସନାତନ ମହାନ୍ତି, ରାଜ୍ୟଶାଖା ଆବାହକ ଅବସରପ୍ରାପ୍ତ ପୋଲିସ୍ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ, ଭୁବନେଶ୍ୱର ଶାଖା ଆବାହକ ବୈକୁଣ୍ଠନାଥ ପାଣିଗ୍ରାହୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ, ଶରତ ଚନ୍ଦ୍ର ସାହୁଙ୍କ ପରିଚାଳନାଧୀନ ୧୦ଟି ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ଗାନ ଓ ଢୋଲ ଦଳ ବାଦ୍ୟ ପରିବେଷଣ କରିଥିଲେ । ରାସ୍ତା ପାର୍ଶ୍ୱରେ ପଦଯାତ୍ରାକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ଗାନ୍ଧୀ ଓଡ଼ିଶା ବାଳାଶ୍ରମରେ ଅନୁଷ୍ଠିତ ସାଧାରଣ ସଭା ଦିଗମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅମିୟ ଭୂଷଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବୈକୁଣ୍ଠନାଥ ପାଣିଗ୍ରାହୀ, ସାମାଜିକ କର୍ମୀ ଅଜୟ ନାୟକ ଅନ୍ୟତମ ଅତିଥିଭାବେ ଯୋଗଦାନ କରିଥିଲେ। ନାଟ୍ୟପ୍ରେମୀ ପ୍ରଫୁଲ୍ଲ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହ କନ୍‌ଭେନର ପ୍ରଭାକର ମଲ୍ଲିକ୍ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଗାନ୍ଧୀଙ୍କ ସଂଗ୍ରାମୀ ଜୀବନୀ ସମ୍ପର୍କରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ।

# ଯୋଜନାରେ ଅଟକିଛି ଭଦ୍ରକର ଭବିଷ୍ୟତ

**ଭଦ୍ରକ ଅଫିସ, ୨୭।୨**




ଅସମ୍ପୂର୍ଣ୍ଣ ନୂଆ ବସ୍‌ଷ୍ଟାଣ୍ଡ।

- **୧୪ ବର୍ଷରେ ୩୦ ଫଳକ ତଥାପି ଅସମ୍ପୂର୍ଣ୍ଣ**
- **ଜିଲାରେ ହେଉନି ଆଖିଦୃଶିଆ ପ୍ରକଳ୍ପ**

ଭଦ୍ରକ ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇବାର ୨୫ ବର୍ଷ ବିତି ସାରିଲାଣି। ବିକାଶ ତୁଳନାରେ ଏଠି ରାଜନୀତି ଅଧିକା। ଯୋଜନାରେ ସୀମିତ ରହୁଛି ଆଗାମୀ ଭବିଷ୍ୟତ। ଜିଲାରେ ଆଖିଦୃଶିଆ ପ୍ରକଳ୍ପ କାର୍ଯ୍ୟକାରୀ ହେଉନି। ଯେଉଁ ସବୁ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଯୋଜନା କରାଯାଇ ପରିକଳ୍ପନା କରାଯାଉଛି ବିଭାଗୀୟଙ୍କ ତାଳମେଳ ଅଭାବରୁ ତାହା ସାକାର ହୋଇପାରୁ ନାହିଁ। ପ୍ରକଳ୍ପ ପାଇଁ କେଉଁଠି ଜାଗା ମିଳୁନାହିଁ ତ ଅନ୍ୟ କେଉଁଠି ଯୋଜନା ପାଇଁ ବିଭାଗରୁ ଅନ୍ୟ ବିଭାଗକୁ ଜାଗା ହସ୍ତାନ୍ତର ହେଉନି। କେଉଁଠି ଜମି ଜବରଦଖଲକାରୀଙ୍କ ଅକ୍ତିଆରରେ ରହିବାରୁ ସରକାରୀ ପ୍ରକଳ୍ପ ଅଟକି ରହିଛି ତ ଅନ୍ୟ କେଉଁଠି ସରକାରୀ ଜମି ଅଭାବ ଥିବା ଦର୍ଶାଯାଇ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଫଳରେ ବର୍ଷ ବର୍ଷ ଧରି ପ୍ରକଳ୍ପର ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କିତ ସମୀକ୍ଷା କରାଯାଉନାହିଁ।

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ୨୦୦୫ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ଇତି ମଧ୍ୟରେ ୧୪ ବର୍ଷ ବିତିଗଲାଣି କିନ୍ତୁ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ପୂର୍ଣ୍ଣାଙ୍ଗ ବସ୍‌ଷ୍ଟାଣ୍ଡ ହୋଇପାରିନାହିଁ। କିନ୍ତୁ ପ୍ରତିବର୍ଷ ଫଳକ ସଂଖ୍ୟା ବଢିବାରେ ଲାଗିଛି। ଛୋଟବଡ ପ୍ରାୟ ୩୦ଟି ଫଳକ ଲାଗି ସାରିଲାଣି, କିନ୍ତୁ କାର୍ଯ୍ୟକ୍ଷମ ନ ହୋଇ ଗ୍ୟାରେଜ ଭଳି କାର୍ଯ୍ୟ କରୁଛି। ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ଭଦ୍ରକ ଜିଲା ମୁଖ୍ୟ ହେଡକ୍ୱାର୍ଟର ଚିକିତ୍ସାଳୟର ନୂତନ କୋଠା ନିର୍ମାଣ ୨୦୧୦ରୁ ସାମରାଇପୁର ଅଞ୍ଚଳରେ ୧୦ ଏକର ପରିମିତିରେ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ହେଲେ ଏହା ଯୋଜନାରେ ହିଁ ଅଟକିଛି। ୨୦୧୧ରେ ଏଥିନିମନ୍ତେ ଆବଶ୍ୟକ ୩୦ କୋଟି ଆସି କାମ ନ ହେବାରୁ ଫେରିଗଲା। ଏବେ ଜାଗା ଚିହ୍ନଟ କରାଯାଇ କାମ ଆରମ୍ଭ କରାଯିବା ପାଇଁ ପ୍ରସ୍ତୁତ ହେଉଛି ହେଲେ ବିଭାଗ ହାତରେ ଟଙ୍କା ନାହିଁ । ସେହିଭଳି ୧୬ ନମ୍ବର ଜାତୀୟ ରାଜପଥ କଡ ଧାମନଗର ଛକରେ ଫୁଡ ଏଣ୍ଡ ଟେକ୍ସଟାଇଲ୍ ପାର୍କ କରାଯିବା ପାଇଁ ୨୧୭ ଏକର ପରିମିତ ଜମିରେ ଲକ୍ଷ୍ୟ ରଖାଯାଇଛି। କିନ୍ତୁ କାର୍ଯ୍ୟାରମ୍ଭ ହୋଇପାରୁନାହିଁ । ସେହିଭଳି ୨ ଏକର ଜାଗାରେ ଜିଏନଏମ ନର୍ସିଂ କଲେଜ କରାଯିବା ପାଇଁ ସ୍ଥିର କରିଛି, କିନ୍ତୁ ଇତିମଧ୍ୟରେ ୯ ବର୍ଷ ବିତିସାରିଲାଣି। ଉକ୍ତ ସ୍ଥାନରେ ଇଟା ଖଣ୍ଡେ ପଡିନାହିଁ। ଯାହାର ଫାଇଦା ନେଉଛନ୍ତି କେତେକ ଘରୋଇ ନର୍ସିଂ ପ୍ରତିଷ୍ଠାନ। ଉପକାରାଗାରରୁ ଜିଲା କାରାଗାର କରାଯାଇ ନୂତନ ଗୃହ ନିର୍ମାଣ ପାଇଁ ୨୦ ଏକର ଜାଗାରେ ବହୁଦରଡା ଠାରେ ସ୍ଥାନ ଚିହ୍ନଟ ପ୍ରକ୍ରିୟା ସରିଛି। କିନ୍ତୁ କାର୍ଯ୍ୟାରମ୍ଭ ହୋଇପାରୁନାହିଁ । ଫଳରେ ପୁରୁଣା ଜେଲରେ ଆବଶ୍ୟକତାଠାରୁ ଅଧିକ କଏଦୀ ରହି ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ଜିଲାରେ ଜିଲାସ୍ତରୀୟ କ୍ରୀଡା ଉତ୍ସବ ପାଳନ ପାଇଁ ଷ୍ଟାଡିୟମ ନାହିଁ । ସେଠାରେ ଥିବା ଏକମାତ୍ର ନେହେରୁ ଷ୍ଟାଡିୟମର ପାରିପାର୍ଶ୍ୱିକ ବିକାଶ ଓ ଭିତ୍ତିଭୂମିର ବିକାଶ ହେଉ ନ ଥିବାରୁ କ୍ରୀଡା ପ୍ରେମୀ ଓ ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ରରେ ଅସନ୍ତୋଷ ଦେଖାଦେଇଛି। ସହରାଞ୍ଚଳରେ ବାଇପାସ ୟୁନାନି ହସପିଟାଲ ନିକଟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨୫ ଡିସିମିଲ ଜାଗା ପଡି ରହିଛି । ପ୍ରଶାସନିକ ସ୍ତରରେ ଜାଗା ହସ୍ତାନ୍ତର ହେଉ ନ ଥିବାରୁ କାର୍ଯ୍ୟ ଅଟକି ରହିଛି ଓ ଅନୁମୋଦିତ ୧୦ କୋଟି ଟଙ୍କା ଫେରିଯିବାର ଆଶଙ୍କା ରହିଛି। ଏତଦବ୍ୟତୀତ ଭଦ୍ରକ ସଦର ମହକୁମାରେ ସ୍ଥାନ ଅଭାବରୁ ପାର୍କ, ସୁଇମିଂପୁଲ, ଇନଡୋର ଓ ଆଉଟଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଆବଶ୍ୟକ ପରିମାଣରେ ଜମି ମିଳୁ ନ ଥିବା ଦର୍ଶାଯାଇଛି । ଏଥିପାଇଁ ୨ ବର୍ଷ ବିତିଗଲାଣି ଚାଲିଛି ଜମି ଖୋଜା। ତେବେ ବସ୍‌ଷ୍ଟାଣ୍ଡ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି ଯେ, ମାମଲା କୋର୍ଟରେ ବିଚାରାଧୀନ ରହିଛି ଓ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ପଦକ୍ଷେପ ନିଆଯାଉଥିବା ପ୍ରତିକ୍ରିୟା ରଖିଛନ୍ତି।




ମଦମୁକ୍ତ ପାଇଁ ସଚେତନତା କରାଯାଉଛି।

# ଭଣ୍ଡାରିପୋଖରୀରେ ମଦମୁକ୍ତ ଅଭିଯାତ୍ରା

**ଭଣ୍ଡାରିପୋଖରୀ, ୨୭।୨(ଡି.ଏନ.ଏ.)**

ଆଗାମୀ ନିର୍ବାଚନ ପୂର୍ବରୁ ଓଡିଶାରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବି ନେଇ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ(ମୋନା) ଓ ମଦମୁକ୍ତ ଯୁବ ବାହିନୀ ପକ୍ଷରୁ ଅଭିଯାତ୍ରୀ ଦଳ ଭଣ୍ଡାରିପୋଖରୀରେ ପହଞ୍ଚିଛନ୍ତି। ଏହି ଦଳ ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବଜାର ଠାରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅଭିଯାତ୍ରା ଭୁବନେଶ୍ୱର, ପୁରୀ, କେନ୍ଦ୍ରପଡା, ଜଗତସିଂହପୁର, ଯାଜପୁର ଜିଲା ଅତିକ୍ରମ କରି ଭଣ୍ଡାରିପୋଖରୀରେ ପହଞ୍ଚିଛି। ଓଡିଶା ନିଶା ନିବାରଣ ଅଭିଯାନ ସଭାପତି ପଦ୍ମଚରଣ ନାୟକ ଲୋକଙ୍କୁ ସଚେତନତା କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟନାଥ ଆଚାର୍ଯ୍ୟ, ରମାକାନ୍ତ ମଣ୍ଡଳ, ଖଗେଶ୍ୱର ବଳ, ମଳୟ ତ୍ରିପାଠୀ, ରବୀନ୍ଦ୍ର ଜେନା, ମନ୍ଦାକିନୀ ସାମଲ, ରମେଶ ନାୟକ, ଉମାକାନ୍ତ ଜେନା, ନମିତା ଭାରତୀ ସାମିଲ ହୋଇଥିଲେ।

# ୯.୩୨ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

**ଧୂଷୁରୀ,୨୭।୨(ଡି.ଏନ.ଏ.)**

ଧାମନଗର ବ୍ଲକରେ ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବଂ ବିଦ୍ୟାଳୟ ଭିତ୍ତିଭୂମି ପାଇଁ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ୪ଟି ବୃହତ୍ ପ୍ରକଳ୍ପର ଶିଳାନ୍ୟାସ ସହିତ କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। କଟସାହି ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଇଟାପାଳ ଭାୟା ଶହିନଗର ରାସ୍ତାପାଇଁ ୨ କୋଟି ୬୫ ଲକ୍ଷ ୪୪ ହଜାର, କାଶିମପୁର–ପଛାଲୋ–ବମକୁରା ରାସ୍ତାଠାରୁ ଖଡିମାହାରା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୪ କୋଟି ୨ ଲକ୍ଷ ୮୩ ହଜାର, ଧୂଷୁରୀଠାରୁ ଆମ୍ବିଳିଗାଁ ଭାୟା ଭଟ୍ଟସାହି ରାସ୍ତା ପାଇଁ ୨ କୋଟି ୪୪ ଲକ୍ଷ ୧୨ ହଜାର ଏବଂ ଫଳପୁର ହାଇସ୍କୁଲ ଶ୍ରେଣୀଗୃହ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବିଧାୟକ ମଣ୍ଡଳଙ୍କ ସହିତ ଜିଲାପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା, ରାଜ୍ୟପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢୀ,ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ଦୟାନିଧି ମିଶ୍ର ପ୍ରମୁଖ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ବିଶେଷକରି କାଶିମପୁର– ଖଡିମାହାରା ରାସ୍ତା ଏବଂ ଧୂଷୁରୀ ଆମ୍ବିଳିଗାଁ ମୁଖ୍ୟ ରାସ୍ତା ଶୁଭାରମ୍ଭ ପାଇଁ ସ୍ଥାନୀୟ ଲୋକେ ବିଧାୟକଙ୍କ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ। ବହୁ ପୁରାତନ ଫଳପୁର ବିଦ୍ୟାଳୟର ପରିତ୍ୟକ୍ତ ଗୃହରେ ପାଠପଢା ପାଇଁ ବିପଦ ସୃଷ୍ଟି କରିଆସୁଥିବାବେଳେ ବିଧାୟକଙ୍କ ଦ୍ୱାରା ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇ ଶିଳାନ୍ୟାସ ନେଇ ବିଦ୍ୟାଳୟ ପକ୍ଷରୁ ବିପୁଳ ସ୍ୱାଗତ କରାଯାଇଥିଲା।

### ପୋଲ ତଳକୁ ବାଇକ ଖସି ଚାଳକ ମୃତ

**ଭଣ୍ଡାରିପୋଖରୀ, ୨୭।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନଂ ଜାତୀୟ ରାଜପଥର ନେଉଳିଆ ଛକ ନିକଟ ଏକ ପୋଲ ତଳକୁ ଖସି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକ ହେଲେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଭେଡିସାହି କେରଡାଗଡ ଅଞ୍ଚଳର ଅମ୍ରିତ ଲାଲ ଭୂୟାଁ। ଅମ୍ରିତ ମଙ୍ଗଳବାର ରାତିରେ ପାଣିକୋଇଲି ଆଡୁ ଭଦ୍ରକ ଆସୁଥିବା ବେଳେ ନେଉଳିଆ ଠାରେ ପୋଲ ତଳକୁ ଭାରସାମ୍ୟ ହରାଇ ଖସି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସକାଳୁ ସ୍ଥାନୀୟ ଲୋକ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଅମ୍ରିତଙ୍କ ବାଇକକୁ ପୋଲିସ ଜବତ କରିଛି।

### ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ

**ଠାକୁରମୁଣ୍ଡା, ୨୭।୨(ଡି.ଏନ.ଏ.)**

ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତ ଖୁମଠାଣ ଛକଠାରେ ପବନପୁତ୍ର ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ୩ଦିନବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବାବା ଭୈରବାନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଦିନରେ ଶ୍ରୀ ଶୁଭାଦିବାସ, କଳସାଧିବାସ, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ, ଶ୍ରୀକୁଣ୍ଡେ ଅଗ୍ନିସ୍ଥାପନ, ଗୋପୂଜା ଓ ଯଜ୍ଞ ଆରମ୍ଭରେ ହନୁମାନ ଚାଳିଶା ପାଠ ହୋଇଥିଲା। ସେହିପରି ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଘଟମଣ୍ଡଳପୂଜା, ଶ୍ରୀଶକ୍ତି ପାଠ, ଗୀତାଯଜ୍ଞ ହେବା ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ତୃତୀୟ ଦିବସରେ ତଥା ପୂର୍ଣ୍ଣାହୁତି ଦିନ ଶ୍ରୀ ଶକ୍ତିପାଠ, ଚଣ୍ଡିପୂଜା, ହନୁମାନ ଚାଳିଶା ପାଠ କରାଯାଇଥିଲା। କମିଟିର ସଭାପତି ରଞ୍ଜନ ମହାନ୍ତ, ଉପଦେଷ୍ଟା ବାବା ଯଦୁନାଥ ଓ ସମ୍ପାଦକ ଠାକୁରଦାସ ମହାନ୍ତ ଓ କମିଟିର ସଦସ୍ୟମାନେ ଏହି ଯଜ୍ଞରେ ୩ଦିନ ଧରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସେଲ୍‌ଫି କର୍ଣ୍ଣର



ଭିକି



ରଞ୍ଜିତା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଚାନ୍ଦବାଲିରେ ବିଭିନ୍ନ ଦଳର ସମାବେଶ ପ୍ରସ୍ତୁତି

**ଚାନ୍ଦବାଲି,୨୭।୨(ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନର ତାରିଖ ଘୋଷଣା ହେବାକୁ ବାକିଥିବା ବେଳେ ଚାନ୍ଦବାଲିର ବିଭିନ୍ନ ରାଜନୈତିକ ଦଳର ପ୍ରସ୍ତାବିତ ବୈଠକକୁ ନେଇ ଚର୍ଚ୍ଚା ହେଉଛି। ବୈଠକ ପାଇଁ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଚଳିତ ମାସ ୨୮ ତାରିଖରେ ପରିବର୍ତ୍ତନ ସମାବେଶ ପାଇଁ ଭାଜପାର କେନ୍ଦ୍ରୀୟ ନେତା ତଥା ଦଳର ଓଡିଶା ରାଜ୍ୟ ପ୍ରଭାରୀ ଅରୁଣ ସିଂ ଚାନ୍ଦବାଲି ଗସ୍ତ କରିବେ । ସ୍ଥାନୀୟ କାଳୀ ପଡିଆରେ ଏକ ଦଳୀୟ ସମାବେଶରେ ଯୋଗଦେବେ । ଏହି ଅବସରରେ ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ସମେତ ରାଜ୍ୟ ତଥା ଜିଲାର କେତେକ ଭାଜପା ନେତା ଉପସ୍ଥିତ ରହିବେ । ସେହିପରି ମାର୍ଚ୍ଚ ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାନ୍ଦବାଲି ଗସ୍ତ କରିବେ । ଚାନ୍ଦବାଲି ଦୁର୍ଗା ପଡିଆରୁ ଥାଇ ୯ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୧୬ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଜିଲାର ବିଜେଡି ନେତାମାନେ ଉପସ୍ଥିତ ରହିବେ। ସେଥିଲାଗି ଉଭୟ ପଡିଆରେ ଟେଣ୍ଟ ଓ ମଞ୍ଚ ତିଆରି କାମ ଆରମ୍ଭ ହୋଇଛି । ଉଭୟ ଦଳ ପକ୍ଷରୁ ବଡ ଧରଣର କର୍ମୀ ସମାବେଶ ପାଇଁ ଯୋଜନା ହେବା କଥା ଦଳୀୟ ମହଲରୁ ଜଣାଯାଇଛି।

# ଭୋଟିଂ ମେଶିନକୁ ନେଇ ସଚେତନତା



ଡେମୋ ଭୋଟିଂ କରାଯାଉଛି।

**ଭଦ୍ରକ ଅଫିସ, ୨୭।୨**

ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଭୋଟିଂ ମେଶିନକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାସନିକ ଅଧିକାରୀ ଓ ବିଶେଷଜ୍ଞ ମାନେ କିଭଳି ଇଭିଏମ୍ ଓ ଭିଭିପାଟ୍ ମେଶିନ ମାଧ୍ୟମରେ ଭୋଟର ମାନେ ଭୋଟ ଦେବେ ଓ ସେମାନଙ୍କ ପସନ୍ଦର ନେତାଙ୍କୁ ଦେଉଥିବା ଭୋଟ କିଭଳି ଶତ ପ୍ରତିଶତ ଠିକ୍ ସେନେଇ ଡେମୋ ଭୋଟିଂ କରାଯାଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋରମା ଭୂୟାଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲକ ବେହେରା ପ୍ରମୁଖ ଉପସ୍ଥିତ ରହି ଜିଲାରେ କାର୍ଯ୍ୟରତ ସମସ୍ତ ଜିଲାସ୍ତରୀୟ ଖବରଦାତାଙ୍କୁ ତାଲିମ ପ୍ରଦାନ କରିଥିଲେ।

# କଣ୍ଟେନର ଓଲଟିଲା, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର



ଓଲଟି ପଡିଥିବା କଣ୍ଟେନର।

**ଭଦ୍ରକ ଅଫିସ, ୨୭।୨**

ଭଦ୍ରକ ଜିଲା ବନ୍ତଛକ ନିକଟସ୍ଥ କଲେଜରୋଡ ପୋଲ ଉପରେ ଜାତୀୟ ରାଜପଥରେ ଏକ କଣ୍ଟେନର ରାସ୍ତାକଡକୁ ଓଲଟି ପଡିଛି। ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ଡ୍ରାଇଭରଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ନିଦ ଲାଗିଯିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗାଡିଟି କଟକରୁ କଲିକତା ଖାଲିପେଟି ନେଇ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ମା' ସନ୍ତୋଷୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବରାହ ନୂଆପଡ଼ା ଟିମ୍ ଚାମ୍ପିୟନ

**ଭଣ୍ଡାରିପୋଖରୀ, ୨୭।୨(ଡି.ଏନ.ଏ.)**

ରଣଜିତ ପଞ୍ଚାୟତ ସିମୁଳିଆ ଠାରେ ଚାଲିଥିବା ମା' ସନ୍ତୋଷୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ବରାହ ନୂଆପଡା କ୍ରିକେଟ ଟିମ୍ ସହିତ ବେହେରା ପାଟଣା କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇ ବରାହ ନୂଆପଡା ଟିମ୍ ଚାମ୍ପିୟନ ହୋଇଥିଲା। ବରାହ ନୂଆପଡା ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ବେହେରାପାଟଣା କ୍ରିକେଟ ଟିମ୍ ୧୩୧ ରନ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣିତକାନ୍ତ ସାମଲ, ଯୁବନେତା ଅରୁଣ ରାଉତ, ହେମନ୍ତ ଜେନା, କୃପାସିନ୍ଧୁ ମହାରାଜ, ରାଜେଶ ବାରିକ ପ୍ରମୁଖ ଯୋଗ ଦେଇ ଟ୍ରଫି ଓ ରନର୍ସ ଅପ୍ କପ୍ ପ୍ରଦାନ କରିଥିଲେ। ରୁଦ୍ର ପ୍ରତାପ ନାୟକ ଓ ଦିବ୍ୟ ରଞ୍ଜନ ରାଉତ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ସନ୍ଦୀପ ରାଉତ, କମଳାକାନ୍ତ ଭୋଇ, ଜୟପ୍ରକାଶ ନାୟକ, ପ୍ରଶାନ୍ତ ରାଉତ, ନିଶିକାନ୍ତ ବରାଳ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ବରାହ ନୂଆପଡା ଟିମ୍ ପୁରସ୍କୃତ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**କେନ୍ଦୁଝର, ୨୭।୨(ସ୍ୱ.ପ୍ର.):** ଟାଉନ ଥାନା ଅନ୍ତର୍ଗତ ଧାଙ୍ଗରପଡ଼ାଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣଙ୍କର ଟ୍ରକ୍ ଚକା ତଳେ ଚାପି ହୋଇ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟାଉନ ଥାନା ଅନ୍ତର୍ଗତ ଡିପା ସାହିର ଦମ୍ପତି ଏକ କଲ୍ୟାଣ ମଣ୍ଡପରୁ ଘରକୁ ଫେରୁଥିଲେ। ଏକ ମଟର ସାଇକେଲ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ତଳେ ପଡିଯିବାରୁ ସେହି ସମୟରେ ଏକ ଟ୍ରକ୍ ଯାଉଥିବା ବେଳେ ଦମ୍ପତିଙ୍କ ଉପରେ ମାଡି ଯାଇଥିଲା। ଦୁର୍ଘଟଣା ପରେ ଉକ୍ତ ସ୍ଥାନରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଟାଉନ ପୋଲିସ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

### ଚୋରି ଅଭିଯୋଗରେ ଜଣେ ଗିରଫ

**ହାଟଡିହୀ, ୨୭।୨(ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ଘୋଷରାପଦା ଗ୍ରାମରେ ମୋଟର ଚୋରି ଅଭିଯୋଗରେ ପୋଲିସ ନାରାୟଣ ଜେନାଙ୍କୁ ଗିରଫ କରିଛି। ଏଥିସହ ଚୋରି ମୋଟର ଉଦ୍ଧାର ହୋଇଛି। ଭାତକରୁଆ ଗ୍ରାମର ପ୍ରତାପ ସାହୁ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଆଦର୍ଶ ବିଦ୍ୟାଳୟରେ ଗ୍ରୀଲ ଭାଙ୍ଗି ଲୁଟ୍ ଉଦ୍ୟମ ହୋଇଛି। ଲୁଟେରା ଗୋଟିଏ ଗ୍ରୀଲ ଭାଙ୍ଗି ନେଇ ଯାଇଥିବା ବେଳେ ମୁଖ୍ୟ ଗ୍ରୀଲର ଗୋଟିଏ ଚାବିକୁ ଭାଙ୍ଗି ଦେଇଛନ୍ତି। ସୋସୋ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୌଣସି ସୁରାକ ମିଳି ନାହିଁ।

### ନିଖୋଜ ନାବାଳିକା ଛାତ୍ରୀ ଉଦ୍ଧାର

**ଯୋଡ଼ା, ୨୭।୨(ଡି.ଏନ.ଏ.):** ଯୋଡ଼ା ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ପୋଲିସ ଉଦ୍ଧାର କରିଛି। ଉକ୍ତ ଅଞ୍ଚଳର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ ତାଙ୍କ ପରିବାର ସହିତ ଭଡାରେ ରହୁଥିଲେ। ବୁଧବାର ୧୨ଟା ସମୟରୁ ଛାତ୍ରୀ ଜଣଙ୍କ ନିଖୋଜ ହୋଇଯାଇଥିଲେ। ତାଙ୍କୁ ପରିବାର ଲୋକେ ଖୋଜି ପାଇ ନ ଥିଲେ। ଏ ନେଇ ଯୋଡ଼ା ପୋଲିସକୁ ଜଣାଯାଇଥିଲା। ଛାତ୍ରୀ ଜଣଙ୍କୁ ପୋଲିସ ଉଦ୍ଧାର କରି ତଦନ୍ତ ଜାରି ରଖିଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ହାଟଡ଼ିହୀ, ୨୭।୨(ଡି.ଏନ.ଏ.):** ହାଟଡିହୀ ବ୍ଲକ ବାଲିବରେଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଦ୍ୟାଧର ପୁହାଣଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ଭାବେ ବାଙ୍ଗୋର ନୋଡ଼ାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଲେଙ୍କା, ସମ୍ମାନିତ ଅତିଥି ଭାବେ ଅଲଓଷ୍ଟାର ପୂର୍ବତନ ଇସିମେମ୍ବର ଗୋପିନାଥ ଆଇଚ, ସିଆରସିସି କୃଷଧ୍ୱଜ ବେହେରା, ବ୍ଲକ ସଂଘ ସଭାପତି ହରମୋନ ପଣ୍ଡା, ଶିକ୍ଷକ ଅନନ୍ତ ଚରଣ ରାଉତ, ମୋହନ ମହାନ୍ତି, ମନୋଜ ଜେନା, ଉପେନ୍ଦ୍ର ଚକ୍ର, ତ୍ରିଲୋଚନ ପହି, ବିନୋଦ ବିହାରୀ ଜେନା, ବୈଷ୍ଣବ ଚରଣ ପୁହାଣ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଶ୍ୱାଳଙ୍କର ଚାକିରି ଜୀବନ କାଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଶିକ୍ଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟନାରାୟଣ ଜେନା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିଥୁନ କୁମାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ କମିଟି ସଦସ୍ୟ, ଗ୍ରାମ ଯୁବକ ସହଯୋଗ କରିଥିଲେ।

### ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବୈଠକ

**ହାଟଡିହୀ, ୨୭।୨ (ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ଓରାଳି ହାଇସ୍କୁଲ ପରିସରରେ ହାଟଡ଼ିହୀ ଚୁକ୍ତିଭିତ୍ତିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ହରିହର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସଂଘର ଜିଲା ସଭାପତି ଦୁର୍ଯ୍ୟୋଧନ ଜେନା ଯୋଗ ଦେଇଥିଲେ। ସଭାପତି ଆନନ୍ଦ ଚନ୍ଦ୍ର ସାହୁ ଓ ସମ୍ପାଦକ ବଳରାମ ରାଉତ, ଶିକ୍ଷୟିତ୍ରିଶିକ୍ଷକଙ୍କର ବକେୟା ଦରମା, ବର୍ଦ୍ଧିତ ଦରମା, ଏରିଏର ବିଷୟରେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଭାପତି ଜିଲା ଶିକ୍ଷାଧିକାରୀଙ୍କ ସହିତ କଥା ହୋଇ ଖୁବ ଶୀଘ୍ର ସମାଧାନ କରିବେ ବୋଲି ମତ ଦେଇଥିଲେ। ଅନିରୁଦ୍ଧ ସେଠୀ, ସତ୍ୟପିର ମହାନ୍ତ, ଜୟଶ୍ରୀ ଜେନା, ଦିବ୍ୟାଭାରତି ବେହେରା, ମୋନାଲିସା ଜେନା ଉପସ୍ଥିତ ଥିଲେ।

# ପ୍ରଚାରରେ ସୀମିତ ସ୍ୱାସ୍ଥ୍ୟ ବୀମା ଯୋଜନା

**କେନ୍ଦୁଝର, ୨୭।୨(ସ୍ୱ.ପ୍ର.)**

- ୨ ଲକ୍ଷ ହିତାଧିକାରୀ ସୁବିଧାରୁ ବଞ୍ଚିତ
- ଆର୍ଏସ୍‌ବିୱାଇ ବନ୍ଦ ପରେ ମିଳୁନି ବିକେକେୱାଇ କାର୍ଡ

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆର୍ଏସ୍‌ବିୱାଇ)କୁ ଓଡ଼ିଶାରେ ବନ୍ଦ ହେବାର ଦେଢ ମାସ ପରେ ବି ହିତାଧିକାରୀଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ)ରେ ସାମିଲ କରାଯାଇନି। ପୂର୍ବରୁ ଉପକୃତ ହେଉଥିବା ୨ ଲକ୍ଷ ହିତାଧିକାରୀ ସ୍ୱାସ୍ଥ୍ୟ ବୀମା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପ୍ରଚାର ପ୍ରସାରରେ ଉକ୍ତ ଯୋଜନା ସୀମିତ ରହିଥିବା କୁହାଯାଉଛି। ମାଗଣା ଚିକିତ୍ସା ସୁବିଧା ନ ପାଇ ଗରିବ ଲୋକେ ହଇରାଣ ହେଉଛନ୍ତି। ଆର୍ଏସ୍‌ବିୱାଇରେ ଜିଲାର ୨,୧୫,୮୭୩ ଜଣ ସାମିଲ ହେଉଥିଲେ। ସେମାନେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଉଥିଲେ। ବିକେକେୱାଇ ଯୋଜନାରେ ଅନ୍ତର୍ଭୁକ୍ତ ହେଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବାର ବ୍ୟବସ୍ଥା ରହିଛି। ଆର୍ଏସ୍‌ବିୱାଇରେ ଉପକୃତ ହେଉଥିବା ଲକ୍ଷାଧିକ ଗରିବ ହିତାଧିକାରୀଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନାରେ ସାମିଲ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଅଦ୍ୟାବଧି ଉକ୍ତ ଯୋଜନାରେ ସାମିଲ କରାଯାଇ ନ ଥିବାରୁ ହିତାଧିକାରୀ ସ୍ୱାସ୍ଥ୍ୟ ସୁବିଧାର ସୁଫଳ ପାଇପାରୁନାହାନ୍ତି। ପ୍ରଚାର ଓ ପ୍ରସାର ଜୋରଦାର ହେଉଥିଲେ ହେଁ ବାସ୍ତବରେ ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ନୂତନ ଭାବେ ଏହି ଯୋଜନାରେ ଗରିବ ଲୋକଙ୍କୁ ସାମିଲ କରାଯାଉନି। ସାମିଲ ହୋଇପାରୁ ନ ଥିବାରୁ ସେମାନେ ଅସୁବିଧା ଭୋଗୁଛନ୍ତି। ଏହି ଯୋଜନା ସମ୍ପର୍କରେ ଟିଭି, ଖବରକାଗଜ ତଥା ହୋର୍ଡିଂରେ ସୂଚନା ଦିଆଯାଉଛି। ମାତ୍ର ଡାକ୍ତରଖାନା ଆସିଲେ ସୁବିଧା ସୁଯୋଗ ମିଳୁନାହିଁ। କ'ଣ କରିବୁ ଜାଣିପାରୁନାହୁଁ ବୋଲି କେନ୍ଦୁଝର ସହରର ନୂଆସାହିରୁ କାର୍ଡ ପାଇଁ ଆସିଥିବା କୁଶଧ୍ୱଜ ମହାଲିକ କହିଛନ୍ତି। ଏହି ଯୋଜନା ନେଇ ସରକାର ବ୍ୟାପକ ପ୍ରଚାର ପ୍ରସାର କରୁଛନ୍ତି। କାର୍ଡଟିଏ ପାଇବା ଆଶାରେ ଲୋକେ ଡାକ୍ତରଖାନା ଧାଉଁଛନ୍ତି। କାର୍ଡ ନ ପାଇ ସେମାନେ ନିରାଶ ହୋଇ ଫେରୁଛନ୍ତି ବୋଲି ଆଇନଜୀବୀ ସୁରଜ କୁମାର ମହାପାତ୍ର କହିଛନ୍ତି।

କେନ୍ଦୁଝର ଜିଲାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଡିସେମ୍ବର ୩୧ଠାରୁ ବନ୍ଦ ହୋଇଯାଇଛି। ଏହି ଯୋଜନାର ହିତାଧିକାରୀ ରାଜ୍ୟ ସରକାରଙ୍କ ବିକେକେୱାଇରେ ସେବା ପାଇବେ ବୋଲି ଘୋଷଣା ହୋଇଥିଲା। କୌଣସି ନୀତିନିୟମ ବା ଗାଇଡ୍‌ଲାଇନ ଆସି ନ ଥିବାରୁ ବିକେକେୱାଇ କାର୍ଡ ମିଳିପାରୁ ନ ଥିବା କୁହାଯାଉଛି। ଦୈନିକ ପ୍ରାୟ ୩୦ ଲୋକ ଉକ୍ତ ଯୋଜନାରେ ସାମିଲ ହେବାକୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ଏ ନେଇ ଯୋଜନା ଦାୟିତ୍ୱରେ ଥିବା ଆଶା ସଂଯୋଜକ ପ୍ରସନ୍ନ କୁମାର ଦେବତାଙ୍କୁ ପଚାରିବାରୁ ଉକ୍ତ ଯୋଜନାର ହିତାଧିକାରୀଙ୍କୁ ବିକେକେୱାଇ ଯୋଜନାରେ ସାମିଲ କରିବାକୁ ପ୍ରକ୍ରିୟା ଜାରି ରହିଛି। ଡାକ୍ତରଖାନାରେ ରୋଗୀଙ୍କ ପାଇଁ ଚିକିତ୍ସା ସୁବିଧା ମାଗଣାରେ ହେଉଛି। ନୂଆ ହିତାଧିକାରୀଙ୍କ ପାଇଁ କାର୍ଡ ଆସିଲେ ଦିଆଯିବ। ବିପିଏଲ ବା ଅନ୍ୟ ଆୟ ପ୍ରମାଣପତ୍ର ଦେଖାଇଲେ ମାଗଣା ଚିକିତ୍ସା ସୁବିଧା ପାଇବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଡାକ୍ତରଖାନାରେ ଉପଲବ୍ଧ ନ ଥିବା ଆବଶ୍ୟକ ମେଡିଶିନ ଏହି ଯୋଜନା ସହାୟତାରେ ବାହାରୁ ମିଳୁଥିଲା। ସେହିପରି ଅନ୍ୟ ମେଡିକାଲ (ଘରୋଇ ବା ସରକାରୀ)ରେ ଅଧିକ ଚିକିତ୍ସା ପାଇଁ ବାହାରକୁ ଗଲେ ଏହି କାର୍ଡରେ ମାଗଣା ଚିକିତ୍ସା ସୁବିଧା ରହିଥିଲା। ଏହି କାର୍ଡ ଦ୍ୱାରା ୨୦୮ଟି ମେଡିକାଲରେ ମାଗଣା ଚିକିତ୍ସା ସୁବିଧା ପାଇବାର ବ୍ୟବସ୍ଥା ଅଛି। ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁଙ୍କୁ ପଚାରିବାରୁ ବୀମା କାର୍ଡ କରୁଥିବା ସଂସ୍ଥାକୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଆସି ନ ଥିବାରୁ ଉକ୍ତ କାର୍ଯ୍ୟ ହୋଇପାରୁନାହିଁ। ଅନେକ ଲୋକ ଏ ସମ୍ପର୍କରେ ଯୋଗାଯୋଗ କରୁଛନ୍ତି। ଏ ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି।

■ ଯୋଡ଼ା ପଞ୍ଚାୟତ ସମିତି ବୈଠକ

# ପାଇପରେ ଲୁହାପଥର ପରିବହନକୁ ବିରୋଧ

**ଯୋଡ଼ା, ୨୭।୨(ଡି.ଏନ.ଏ.)**




ବୈଠକରେ ଯୋଗଦେଇଥିବା ଯୋଡ଼ା ବିଡିଓଙ୍କ ସହ ଅନ୍ୟମାନେ।

ଯୋଡ଼ା ପଞ୍ଚାୟତ ସମିତିର ୫ମ ପଞ୍ଚାୟତ ବୈଠକ ମଙ୍ଗଳବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସୁକୁମାରୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଯୋଡାବ୍ଲକ ଉପାଧ୍ୟକ୍ଷ ବିଶ୍ୱଜିତ ନାଏକ, ଯୋଡ଼ା ବିଡିଓ ଦାୟିତ୍ୱରେ ଥିବା ବଡବିଲ ତହସିଲଦାର କ୍ଷୀରୋଦ ବେହେରା, ସହକାର ଯନ୍ତ୍ରୀ ଯଦୁନାଥ ମୁର୍ମୁ ଉପସ୍ଥିତ ରହି ସରକାରୀ ଯୋଜନା ଗୁଡିକ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ପୂର୍ବ ସମିତି ବୈଠକର ପ୍ରସ୍ତାବ ଗୁଡିକ ଅନୁମୋଦନ କରାଯାଇଥିବା ଘୋଷଣା ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବିରିକଳା ପଞ୍ଚାୟତର ବିଲେଇପଦା ଓ ଭାଗଲପୁର ଗ୍ରାମ୍ୟ ରାସ୍ତା ଏବଂ ଦେଓଝର ପଞ୍ଚାୟତର କୁଲଡୁମ୍‌ଠାରେ ଲେଭଲ କ୍ରସିଂ ଫାଟକ ନିର୍ମାଣ କରାଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ଫାଟକ ନିର୍ମାଣ ପାଇଁ ରାସ୍ତା ଖୋଳି ଦିଆଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଗ୍ରାମକୁ ଆମ୍ବୁଲାନ୍ସ ଯାଇ ପାରୁନାହିଁ। ଫାଟକ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦେଓଝର ସରପଞ୍ଚ ମଙ୍ଗଳ ମୁଣ୍ଡା ଦାବି କରିଥିଲେ। ବିଦ୍ୟୁତ୍ ବିଭାଗର ଅବହେଳାରୁ ବହୁ ଗାଁ ଅନ୍ଧାରରେ ରହୁଛି। ବିଦ୍ୟୁତ୍ ନ ଥିବା ବିଭିନ୍ନ ଗ୍ରାମରେ ବିଲ ଆସୁଛି। ଏ ଦିଗରେ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ଯୋଡାରୁ ପାଇପ ଯୋଗେ ପାରାଦୀପକୁ ଲୁହାପଥର ନେବା ପାଇଁ ପଞ୍ଚାୟତ ସମିତିର ଅନୁମୋଦନ ଲୋଡାଯାଇଥିଲା। ଏହାକୁ ଜିଲାପରିଷଦ ସଭ୍ୟ ବାସୁଦେବ ନାଏକ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ବାନାରା ଏବଂ ଉପସ୍ଥିତ ସରପଞ୍ଚ ବିରୋଧ କରିଥିଲେ। ପାଇପ ଲାଇନ ଦ୍ୱାରା ଲୁହାପଥର ପରିବହନ ହେଲେ ସ୍ଥାନୀୟ ଟ୍ରକ୍ ମାଲିକ କାର୍ଯ୍ୟ ହରା ହେବେ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ୧୯ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ।

### ଜନ ସ୍ୱାସ୍ଥ୍ୟ ବିଭାଗରେ ଘୋଟାଲା

**ଆନନ୍ଦପୁର, ୨୭।୨(ସ୍ୱ.ପ୍ର.)**

ଆନନ୍ଦପୁର ଜନସ୍ୱାସ୍ଥ୍ୟ ବିଭାଗରେ ଏକ ବଡ ଧରଣର ଘୋଟାଲା ହୋଇଥିବା ଆଲୋଚନା ହେଉଛି। ଜଣେ ପମ୍ପ ଡ୍ରାଇଭର ପାନୀୟ ଜଳ ଯୋଗାଣ ନିମନ୍ତେ ଅର୍ଥ ଆଦାୟ କରି ବ୍ୟାଙ୍କରେ ଜମା ନ ଦେଇ ହଡପ କରିଥିବା ଆଲୋଚନା ହେଉଛି। ନୂତନ ପାନୀୟ ଜଳ ସଂଯୋଗୀକରଣ ସମୟରେ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇଥାଏ। ଅର୍ଥ ଦେଇ ପାନୀୟ ଜଳର ସୁବିଧା ପାଇ ନ ଥିବା ଲୋକେ ବିଭାଗୀୟ କାର୍ଯ୍ୟାଳୟରେ ଅଭିଯୋଗ କରିଥିବା ଘଟଣା ନଜରକୁ ଆସିଛି। ଜଣେ କର୍ମଚାରୀ ବିଭିନ୍ନ ଉପାୟରେ ଅର୍ଥକୁ ବ୍ୟାପକ ହେରଫେର କରିଛନ୍ତି। ପରିଣାମ ସ୍ୱରୂପ ସମ୍ପୃକ୍ତ କର୍ମଚାରୀଙ୍କୁ ବିଭାଗ ତରଫରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତାଙ୍କୁ ନିକଟରେ ଆନନ୍ଦପୁରରୁ କେନ୍ଦୁଝରକୁ ବଦଳି କରାଯାଇଛି।

### ଆକାଶ ଜ୍ୟୋତି ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଚମ୍ପୁଆ, ୨୭।୨(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଇ ଆକାଶ ଜ୍ୟୋତି ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ନରେନ୍ଦ୍ର ନାଥ ମହାନ୍ତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରୀନା ବାରିକ, ସଞ୍ଜୀବ ପଲେଇ, ବିଇଓ ଗୋବର୍ଦ୍ଧନ ନାଏକ, ବିଦ୍ୟାଳୟର ଅଧ୍ୟକ୍ଷ ରବିକାନ୍ତ ରଜକ, ବିଦ୍ୟାଳୟର ଚେୟାରମ୍ୟାନ ବିରେନ କୁମାର ମହାନ୍ତ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପାଟଣାରେ ମାରାଥନ ଶିଳାନ୍ୟାସ

**ପାଟଣା, ୨୭।୨(ସ୍ୱ.ପ୍ର.)**

**ପାଖେଇ ଆସୁଛି ନିର୍ବାଚନ**

ପଟଣା ନିର୍ବାଚନମଣ୍ଡଳୀରେ ବୁଧବାର ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମାରାଥନ ଶିଳାନ୍ୟାସ କରିଛନ୍ତି। ମୋଟ ୩୩ କୋଟି ୬୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୩ ମେଗା ସେତୁର ଭିତ୍ତିପ୍ରସ୍ତର ଦିଆଯାଇଛି। ନିର୍ବାଚନ ପାଖେଇ ଆସୁଥିବାରୁ ମନ୍ତ୍ରୀ ପାତ୍ର ଓ ପାଟଣା ବିଧାୟକ ହୃଷୀକେଶ ଅତି ତରବରିଆ ଭାବେ ଶିଳାନ୍ୟାସ କରିଛନ୍ତି ବୋଲି ଆଲୋଚନା ହେଉଛି। ଏହି ଶିଳାନ୍ୟାସ ବିଷୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା। କେନ୍ଦୁଝର ଓ ମୟୂରଭଞ୍ଜର ସଂଯୋଗ ସେତୁ କୁହାଯାଉଥିବା ଡୁମୁରିଆ ପଞ୍ଚାୟତ ଘାଟବାଲିଯୋଡି ସ୍ଥିତ ବୈତରଣୀ ନଦୀ ଉପରେ ବିଜୁ ସେତୁର ଶିଳାନ୍ୟାସ ହୋଇଛି। ଭୀମକୁଣ୍ଡଠାରେ ଗ୍ରାମ ଉନ୍ନୟନ ବିଭାଗ ତରଫରୁ ନିର୍ମିତ ହେବାକୁ ଥିବା ଏହି ସେତୁ ୯ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି।

ତୁରୁମୁଙ୍ଗା ପଞ୍ଚାୟତ ଅରେଡେଇ ନାଳ ଉପରେ ପୂର୍ତ୍ତ ବିଭାଗର କାଞ୍ଚିଆ ଶୁଳା ତୁରୁମୁଙ୍ଗା ରାସ୍ତାରେ ୯ କୋଟି ୯୯ ଲକ୍ଷ ବ୍ୟୟ ଅଟକଳରେ ନେଉଳିଯୋଡି ସେତୁର ବୁଧବାର ଶିଳାନ୍ୟାସ ହୋଇଛି। ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ପାତ୍ର, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ପାଟଣା ବିଧାୟକ ହୃଷୀକେଶ, ଜିଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଓ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅନୁରୂପ ଭାବେ ଜିଲା ଖଣିଜ ପାଣ୍ଠି ଅନୁଦାନରେ ୧୩ କୋଟି ୯୫ଲକ୍ଷ ଟଙ୍କା ବ୍ୟୟରେ ଝୁମ୍ପୁରା ବ୍ଲକ ଚୌକିଆ ପଞ୍ଚାୟତ ଅରେଡେଇ ନଦୀର ମନଦା ଘାଟ ଉପରେ ସେତୁର ଭିତ୍ତିପ୍ରସ୍ତର ଦିଆଯାଇଛି।

# ପିସ୍ତଲ ସହ ବାଇକ୍ ଜବତ, ୨ ଅଭିଯୁକ୍ତ ଗିରଫ

**ବଡ଼ବିଲ, ୨୭।୨(ସ୍ୱ.ପ୍ର.)**



ଗିରଫ ହୋଇଥିବା ୨ ଅଭିଯୁକ୍ତ।

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଥିବାରୁ ପୋଲିସର ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏହି ଥାନା ଅଞ୍ଚଳରେ ଅପରାଧ ପାଇଁ ଯୋଜନା କରୁଥିବାବେଳେ ୨ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି। ସେମାନଙ୍କ ନିକଟରୁ ଏକ ପିସ୍ତଲ ଓ ବାଇକ୍ ଜବତ ହୋଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଝାଡଖଣ୍ଡର କିଷନ ବିରୁଆ ଓ ଆତ୍ମାରାମ ଲୋହାର। ଗତ କିଛିମାସ ହେବ ଉକ୍ତ ଅଞ୍ଚଳରେ ଅପରାଧୀମାନେ ଏକାଧିକ କାଣ୍ଡ ଘଟାଇବା ଯୋଗୁଁ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ହସ୍ପିଟାଲ ରୋଡ଼ରେ ଅଧ୍ୟାପିକାଙ୍କ ଘରୁ ସୁନା ଅଳଙ୍କାର ଲୁଟ, ବଡବିଲ ଡେଲି ମାର୍କେଟସ୍ଥିତ ଜୁଏଲେରିରୁ ରୌପ୍ୟ ଅଳଙ୍କାର ଭର୍ତ୍ତି ବ୍ୟାଗ ଲୁଟି ଘଟଣା, ରାଜୀବ ବିହାରରେ ଝରକା ତାଡି ବନ୍ଧୁକ, ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟ, ପଞ୍ଚବଟୀ ରେସିଡେନ୍ସିରେ ବନ୍ଧୁକ ମୁନରେ ମରଣାନ୍ତକ ଆକ୍ରମଣ କରି ଲୁଟ ଏବଂ ବଡବିଲ ମୁଖ୍ୟ ବଜାର ରାସ୍ତାର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଥିବା ଆଲ୍ଲାହାବାଦ ବ୍ୟାଙ୍କରେ ପଶି ବ୍ୟାଙ୍କ କର୍ମଚାରୀ, ସିକ୍ୟୁରିଟୀ, ଗ୍ରାହକଙ୍କୁ ମାଡମାରି ଗ୍ରାହକଙ୍କ ମୋବାଇଲ ଓ ଟଙ୍କା ଡକାୟତି ଭଳି ପ୍ରମୁଖ ଘଟଣା ପୋଲିସ ପ୍ରଶାସନର ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ପୋଲିସ ପ୍ରଶାସନ ପକ୍ଷରୁ ବିଳମ୍ବିତ ରାତିରେ ଗାଡି ଯାଞ୍ଚ ଯୋଗୁଁ ଏକାଧିକ ଚୋରା ବାଇକ ଜବତ ହୋଇଛି। ଏକାଧିକ ବାଇକ୍ ଚୋରି ରାକେଟ ଧରା ପଡିଛି।

ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିଲା। ସେହି ସମୟରେ ୨ ଅପରାଧୀ ଏକ କଳାରଙ୍ଗର ପଲସର ଯୋଗେ ଦ୍ରୁତ ଗତିରେ ପଳାୟନ କରୁଥିଲେ। ପୋଲିସ ସେମାନଙ୍କ ପିଛା କରି ଧରିବାକୁ ସକ୍ଷମ ହୋଇଥିଲା। ଏ ନେଇ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା (ନଂ. ୫୪/୧୯) ରୁଜୁ ହୋଇଛି। ଏ ନେଇ ତଦନ୍ତ ଜାରି ରହିଥିବା ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ କହିଛନ୍ତି।

### ପୂର୍ବ ଶତ୍ରୁତାରୁ ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ତେଲକୋଇ, ୨୭।୨(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତ ଅଧୀନ ଅଙ୍ଗଦ ସରୁଆଳି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ବିଳମ୍ବିତ ରାତିରେ ଜଣେ ଲୋକଙ୍କ ଘରେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ୪ ଜଣ ଲୋକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଅଙ୍ଗଦ ସରୁଆଳି ଗ୍ରାମର ଅର୍ଜୁନା ପାତ୍ରଙ୍କ ମଝିଆ ପୁଅ ପ୍ରଶ୍ନ ପାଲଲହଡା ଥାନା ଡିମିରିଆ ଗ୍ରାମରେ ରହି କାର୍ଯ୍ୟ କରୁଥିଲେ। ଉକ୍ତ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟାକାଣ୍ଡରେ ପ୍ରଶ୍ନଙ୍କ ହାତ ଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରଶ୍ନ ଫେରାର ରହିଛନ୍ତି। ଏ ନେଇ ୮ରୁ ୧୦ ଜଣ ଲୋକ ଅଙ୍ଗଦ ସରୁଆଳି ଗ୍ରାମକୁ ଆସି ପ୍ରଶ୍ନଙ୍କୁ ଖୋଜି ଥିଲେ। ନ ପାଇବାରୁ ଘରେ ପେଟ୍ରୋଲ ଢାଳି ନିଆ ଲଗାଇ ଦେଇଥିଲେ ବୋଲି ପ୍ରଶ୍ନଙ୍କ ମା' କହିଛନ୍ତି। ଏ ନେଇ ତେଲକୋଇ ଥାନାରେ ଅଭିଯୋଗ ହୋଇଛି। ଘର ସମ୍ପୂର୍ଣ୍ଣ ଜଳି ଯାଇଛି।



ପୋଡି ହୋଇଥିବା ଘର।

### ମହିଳା ମିଶନ ଶକ୍ତି ରଥ ଉଦ୍‌ଘାଟିତ

**ହାଟଡ଼ିହୀ, ୨୭।୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଦଧିବାବନପୁର ଏଏନ୍‌ଏମ୍ କେନ୍ଦ୍ରରେ ପରିବାର ସଶକ୍ତ ମହିଳା ମିଶନ ଶକ୍ତି ରଥ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀରେ ବିଜେଡି ଜିଲା ସଭାପତି ବିମ୍ବାଧର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅକାରୁଆ ସରପଞ୍ଚ କୌଶଲ୍ୟା ସେଠୀ, କାମପାଳ ନାୟକ, ସୁପର ଭାଇଜର ନିରୂପମା ରାଉତ, ଜ୍ୟୋତ୍ସ୍ନାମୟୀ ଜେନା, କନକଲତା ଦାସ, ଶକୁନ୍ତଳା ନାୟକ, ରେଣୁବାଳା ଜେନା, ବିପିସି, ଦେବବ୍ରତ ସାମଲ ପ୍ରମୁଖ ଉପସ୍ଥିତ ରହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ସମୟରେ କୁନି ଛାତ୍ରୀଛାତ୍ରଙ୍କୁ ନେଇ ନାଚ ପ୍ରତିଯୋଗିତା ହୋଇଥିଲା। କନକଲତା ସାମଲ, ଅନୁପମା ପ୍ରଧାନ, ରିତାରାଣୀ ନାୟକ, ସତ୍ୟଭାମା ଖଟୁଆ, ଅବନି ବିଶ୍ୱାଳ, ଚମ୍ପାବତୀ ଜେନା, ସୁଜାତା ଖଣ୍ଡେଇ, ବାସନ୍ତୀ ଜେନା, ପ୍ରିୟଦର୍ଶୀନି ନନ୍ଦ, ମଞ୍ଜୁଲତା ରାଉତ, ମମତାମୟୀ ବେହେରା, ପଙ୍କଜୀନୀ କର ପ୍ରମୁଖ ବହୁ ଅଙ୍ଗନୱାଡ଼ିର କର୍ମୀ ଯୋଗ ଦେଇଥିଲେ। ପ୍ରତି ଅଙ୍ଗନୱାଡ଼ିରେ ଏ ରଥ ପରିକ୍ରମା କରିବ ବୋଲି ସୂଚନା ମିଳିଛି।

### ବିଗ୍ରହ ପ୍ରତିଷ୍ଠା ଲାଗି କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରା ସାମିଲ ହୋଇଥିବା ମହିଳା।

**କେନ୍ଦୁଝର, ୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ସହରସ୍ଥିତ ଗୌରତୋଟାସାହି ଗୋବିନ୍ଦଧାମସ୍ଥିତ ନୂତନ ମନ୍ଦିର ଏବଂ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ୨୭ରୁ ଆରମ୍ଭ ହୋଇ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳସ ଶୋଭାଯାତ୍ରା ହୋଇଥିଲା। ଅପରାହ୍ନ ୩ ଟାରେ ମନ୍ଦିର ପ୍ରତିଷ୍ଠା ଏବଂ ସନ୍ଧ୍ୟା ୬ଟାରେ ଯୁଗ ସଂଗୀତ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଂଚଳ ଓ ସହରର ବହୁ ଜନସାଧାରଣ ଯୋଗ ଦେଇଥିଲେ। ୨୮ରେ ବିଗ୍ରହମାନଙ୍କ ପ୍ରାଣ ପ୍ରତିଷ୍ଠା ଏବଂ ଦେବପୂଜନ, ୧ରେ ଦେବପୂଜନ, ସନ୍ଧ୍ୟା ୬ ଘଟିକାରେ ଯୁଗସଂଗୀତ ଓ ପ୍ରବଚନ ଅନୁଷ୍ଠିତ ହେବ। ୨ରେ ଯଜ୍ଞାରମ୍ଭ, ସନ୍ଧ୍ୟା ୬ ଘଟିକା ସମୟରେ ଯୁଗ ସଂଗୀତ ଓ ପ୍ରବଚନ, ୩ ତାରିଖ ରବିବାର ସକାଳ ୯ ଘଟିକା ସମୟରେ ଯଜ୍ଞାରମ୍ଭ, ଅପରାହ୍ନ ୧ ଘଟିକା ସମୟରେ ପୂର୍ଣ୍ଣାହୁତି, ଆରତି ଓ ବିଦାୟୀ, ଅପରାହ୍ନ ୨ ଘଟିକା ସମୟରେ ପ୍ରସାଦ ବିତରଣ ଅନୁଷ୍ଠିତ ହେବ। ୪ ତାରିଖ ସୋମବାର ସକାଳ ୯ ଘଟିକା ସମୟରେ ଶିବରାତ୍ରୀ ଉପଲକ୍ଷେ ରୁଦ୍ରା ଭିଷେକ, ସନ୍ଧ୍ୟା ୬ ଘଟିକା ସମୟରେ ମହାଦୀପ ଦର୍ଶନ ପାଇଁ ଭକ୍ତଙ୍କ ପାଇଁ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି। ବିଗ୍ରହମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ କେନ୍ଦୁଝର ସହରବାସୀ ଯୋଗଦେବାକୁ ଗୌରତୋଟାସାହି ପକ୍ଷରୁ ନିମନ୍ତ୍ରଣ କରାଯାଇଛି।

# ଜବରଦଖଲ ଉଚ୍ଛେଦ ନେଇ ଆଲୋଚନା

**ଆନନ୍ଦପୁର, ୨୭।୨(ସ୍ୱ.ପ୍ର.)**



ପୁରାତନ ଛାତ୍ର ସଂସଦ ବୈଠକରେ ସଦସ୍ୟଗଣ।

**ପ୍ରଶାସନ ଗୁରୁତ୍ୱ ନ ଦେଲେ ଆନ୍ଦୋଳନ ଚେତାବନୀ**

ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ରାମଚନ୍ଦ୍ର ସୁର, ସମ୍ପାଦକ ବିଚିତ୍ର କର, ଉପସଭାପତି ଦୁର୍ଗାଶଙ୍କର ଦଳେଇ ପ୍ରମୁଖଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ରହିଥିବା ଜବରଦଖଲ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ୨୬ ଏକର ଜାଗା ପରିସୀମା କ୍ରମସଃ ହ୍ରାସ ପାଇ ୨୨ ଏକରରେ ପହଞ୍ଚିଛି। ଆନନ୍ଦପୁର ତହସିଲଦାରଙ୍କ ଉପସ୍ଥିତରେ ଚିହ୍ନଟି କରଣ କରାଯାଇଥିଲା। ଏହି ଚିହ୍ନଟ ଜାଗାରେ ଦୀର୍ଘ ବର୍ଷ ପୂର୍ବରୁ ଏକ ବସ୍ତି କଲେଜ ପରିସରରେ ଗଢି ଉଠିଛି। ଏପରିକି ଅସ୍ଥାୟୀ ବସ୍ତିକୁ ପୌରପ୍ରଶାସନ ପକ୍ଷରୁ ପାନୀୟ ଜଳ ସହ ବିଦ୍ୟୁତ୍ ଲାଇନର ବ୍ୟବସ୍ଥା କରାଯାଇଛି। ଯାହାକି କଲେଜ ପାଇଁ ମୁଖ୍ୟ ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବସ୍ତି ବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରର ବ୍ୟବସ୍ଥା କରା ନ ଯାଇ ସେହି ସ୍ଥାନରେ ପଟ୍ଟା ଦେବା ନିମନ୍ତେ ଚିହ୍ନଟକରଣ ପ୍ରକ୍ରିୟା ଆରମ୍ଭକୁ କଲେଜ ପକ୍ଷରୁ ବିରୋଧ କରାଯାଇଥିଲା। ଏହି ପ୍ରକ୍ରିୟା କିଛି ଦିନ ପାଇଁ ବନ୍ଦ ରହିଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି।

ବୈଠକରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଜିଲାପାଳଙ୍କୁ କଲେଜ ପରିସରରୁ ସମ୍ପୃକ୍ତ ବସ୍ତକୁ ଉଚ୍ଛେଦ କରିବା ପାଇଁ ଚାପ ପ୍ରୟୋଗ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବସ୍ତି ବାସିନ୍ଦାଙ୍କ କଲେଜ ପରିସରରେ ତୁରନ୍ତ ଉଚ୍ଛେଦ କରାଯାଇ ଥଇଥାନ କରା ନ ଗଲେ ପୁରାତନ ଛାତ୍ର ସଂସଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ଗ୍ରହଣ ହୋଇଛି। ବୈଠକରେ ପୂରାତନ ଛାତ୍ର ସଂସଦ ପକ୍ଷରୁ ଆଇନଜୀବୀ ସଞ୍ଜୟ ମିଶ୍ର, ଅମର ମହାପାତ୍ର, ବାଇଧର ସେଠୀ, ଭାଗୀରଥି ଦାଶ, ଜ୍ୟୋତି ରଞ୍ଜନ ଜେନା, ନିରାକାର ଦଳେଇ, ଅନନ୍ତ ସାହୁ, ପ୍ରାଧ୍ୟାପକ ଡ. ଦିଲ୍ଲୀପ ଦାଶ, ଅଧ୍ୟାପକ ଉମାକାନ୍ତ ନାୟକ, ଅଧ୍ୟାପକ ଶକ୍ତି ପ୍ରସାଦ ସା, ସନ୍ତୋଷ ରାଉତ, କୀର୍ତ୍ତନ ବିହାରୀ ସାହୁ, ହରେକୃଷ୍ଣ ପାତ୍ର, ଶିକ୍ଷାବିତ୍ ସୁଦାମ ଚରଣ ସାହୁ, ସୁଶାନ୍ତ ମିଶ୍ର ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ୪୦ ତୀର୍ଥଯାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ସୁସ୍ଥ ହେବାପରେ ଘରକୁ ଫେରିଲେ**

**ଟାଙ୍ଗୀ(ଖୋର୍ଦ୍ଧା),୨୭।୨(ଡି.ଏନ.ଏ.):** ମଙ୍ଗଳବାର ବିଳମ୍ବିତ ରାତିରେ ଖାଦ୍ୟ ଖାଇ ୪୦ ତୀର୍ଥଯାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସମସ୍ତଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ସମସ୍ତେ ଘରକୁ ଫେରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କୋଟା ଭୋମାଲୀ ଗ୍ରାମର ତୀର୍ଥଯାତ୍ରୀମାନେ ଏକ ଘରୋଇ ବସ୍ ଶ୍ରୀକ୍ରିଷ୍ଣାରେ କୁମ୍ଭମେଳା ଅଭିମୁଖେ ଯାତ୍ରା କରୁଥିଲେ । ବସ୍‌ରେ ବସିବା ପୂର୍ବରୁ ସେମାନେ ସ୍ଥାନୀୟ ଏକ ମନ୍ଦିରରେ ରାତ୍ରିଭୋଜନ କରିଥିଲେ। ଭୋଜନରେ ଇଡିଲ୍, ସାମ୍ବର ଓ ଚଟଣୀ ଇତ୍ୟାଦି ଖାଇଥିଲେ । ତେବେ ରାତି ୨ ଟା ବେଳେ ସେମାନଙ୍କ ମଧ୍ୟରୁ ଜଣକ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗୁରୁତର ଯାତ୍ରୀଙ୍କୁ ଡ୍ରାଇଭର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ନର୍ସ ରହିଥିବାରୁ ଚିକିତ୍ସା ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଥିଲା। ତଥାପି ବୁଧବାର ମଧ୍ୟାହ୍ନ ସୁଦ୍ଧା ଅସୁସ୍ଥ ତୀର୍ଥଯାତ୍ରୀମାନେ ସୁସ୍ଥ ହେବା ପରେ ଆଉ କୁମ୍ଭମେଳାକୁ ନ ଯାଇ ନିଜ ଗ୍ରାମକୁ ଫେରିଯାଇଥିବା ସୂଚନା ମିଳିଛି।

### ମହିଳାଙ୍କ ପ୍ରତି ବିଜେଡି ସମ୍ମାନ ନାହିଁ

**ଭୁବନେଶ୍ୱର, ୨୭।୨(ବ୍ୟୁରୋ):** ମହିଳା କମିଶନ ସଦସ୍ୟା ବିଜେଡି ବିଧାୟକଙ୍କ ଦ୍ୱାରା ନିର୍ଯାତିତା ହେଉଛନ୍ତି । ଏଥିରୁ ଜଣାପଡୁଛି ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ । ମହିଳାଙ୍କୁ ଯିଏ ସୁରକ୍ଷା ଦେବା କଥା ସେ ନିଜେ ଦୁର୍ବ୍ୟବହାରର ଶିକାର ହେଉଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମହିଳାଙ୍କୁ ସମ୍ମାନ ରାଜନୈତିକ ପ୍ରତିବଦ୍ଧତା ନୁହେଁ ବରଂ ସେମାନଙ୍କୁ ମୋହରା କରି ଡ୍ରାମା ଓ ନାଟକ ମାଧ୍ୟମରେ ସମର୍ଥନ ହାସଲ କରିବା ଗୋଟିଏ ମାତ୍ର କାମ ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତୀ ଏହା କହିଛନ୍ତି ।

### ଇଂଲିଶ ପରୀକ୍ଷା ବାତିଲ ପରେ ପରୀକ୍ଷାର୍ଥୀଙ୍କ ଧାରଣା

**ସଇଁତଲା,୨୭।୨(ଡି.ଏନ୍.ଏ.):** ରାଜ୍ୟର ୩ ପରୀକ୍ଷା କେନ୍ଦ୍ରରେ ସମୂହ କପି ହୋଇଥିବା ଦର୍ଶାଇ ବୋର୍ଡ ପକ୍ଷରୁ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ ଇଂଲିଶ ପରୀକ୍ଷା ବାତିଲ କରାଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଫଳରେ ସଇଁତଲା ବ୍ଲକ ଘୁନ୍‌ସର ସରକାରୀ ନୋଡାଲ କେନ୍ଦ୍ରରେ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। ବୋର୍ଡର ଏହି ନିଷ୍ପତ୍ତି ପ୍ରତିବାଦରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଆସିଥିବା ୨ ବୋର୍ଡ ସ୍କ୍ୱାଡ୍‌ଙ୍କୁ ଅଟକ ରଖି ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ସୋମବାର ଘୁନସର ପରୀକ୍ଷା କେନ୍ଦ୍ରରେ ସମୂହ କପି ହୋଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଥିଲା। ପରେ ସମୂହ କପି ହୋଇଥିବା ଦର୍ଶାଇ ବୋର୍ଡ ପକ୍ଷରୁ ୩ ପରୀକ୍ଷା କେନ୍ଦ୍ରର ଇଂଲିଶ ପରୀକ୍ଷାକୁ ବାତିଲ କରାଯାଇଥିବା ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷେ ଘୁନସର ହାଇସ୍କୁଲର ୨୨୨ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପରୀକ୍ଷାର୍ଥୀଙ୍କ କହିବା ଅନୁସାରେ, ସ୍ୱଚ୍ଛ ଓ କପିମୁକ୍ତ ପରୀକ୍ଷା ପରିଚାଳନା ଦାୟିତ୍ୱ ବୋର୍ଡର। ତେବେ ବୋର୍ଡ ନିଜ ଦାୟିତ୍ୱ ତୁଲାଇବାରେ ଫେଲ୍ ମାରିଛି। ଯଦି କେହି କପି ଯୋଗାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। କୌଣସି ଏକ ଭିଡିଓକୁ ଦେଖି ଓ ପର୍ଯ୍ୟାପ୍ତ ତଦନ୍ତ ନ କରି ଘୁନ୍‌ସର ପରୀକ୍ଷା କେନ୍ଦ୍ରର ସମସ୍ତ ପରୀକ୍ଷାର୍ଥୀଙ୍କ ଇଂଲିଶ ପରୀକ୍ଷା ବାତିଲ କରିବା ଦୁର୍ଭାଗ୍ୟଜନକ ବୋଲି ପରୀକ୍ଷାର୍ଥୀ ଓ ଅଭିଭାବକମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯଦି ଇଂଲିଶ ପରୀକ୍ଷା ପୁଣିଥରେ କରିବାକୁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ତେବେ ଆଗକୁ ଥିବା ଆଉ କୌଣସି ବିଷୟରେ ପରୀକ୍ଷା ଦେବୁ ନାହିଁ ଏବଂ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଧାରଣାରତ ପରୀକ୍ଷାର୍ଥୀମାନେ କହିଛନ୍ତି। ରାଜ୍ୟର ୩ ପରୀକ୍ଷା କେନ୍ଦ୍ରର ୬୭୫ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ନଷ୍ଟ କରିବା ଆଗରୁ ବୋର୍ଡ ଉଚିତ ତଦନ୍ତ କରିବାକୁ ପରୀକ୍ଷାର୍ଥୀମାନେ ଅନୁରୋଧ କରିଛନ୍ତି।

# ସବୁ ଦଳରେ ଆଶାୟୀଙ୍କ ଲମ୍ବାଧାଡ଼ି




**ରାକେଶ କୁମାର ରାଉତ**
**ଫୁଲବାଣୀ ଅଫିସ, ୨୭।୨**

କନ୍ଧମାଳ ଜିଲାର ତିନିଟି ବିଧାନସଭା କ୍ଷେତ୍ରରୁ ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅନ୍ୟତମ । ଗତ ୪ଟି ନିର୍ବାଚନରେ ବିଜେଡି ଅକ୍ତିଆରରେ ଏହା ରହିଛି । ଏଥର ମଧ୍ୟ ଦଳ ଜିତିବା ଲକ୍ଷ୍ୟରେ ରହିଛି । ରାଜ୍ୟର ଅନ୍ୟ ଦୁଇ ପ୍ରମୁଖ ଦଳ ମଧ୍ୟରୁ ଭାଜପା ଏଠାରେ ଦ୍ୱିତୀୟ ସ୍ଥାନରେ ରହୁଥିବା ବେଳେ କଂଗ୍ରେସ ତା' ପଛକୁ ରହିଛି । ଗତ ୪ଟି ନିର୍ବାଚନରେ ବିଜେଡି କାହାକୁ ଦ୍ୱିତୀୟ ଥର ଟିକେଟ ଦେଇନାହିଁ। ସବୁଥର ନୂଆ ପ୍ରାର୍ଥୀଙ୍କୁ ଟିକେଟ ଦେଉଛି । ସେହି କ୍ରମରେ ୨୦୧୯ ନିର୍ବାଚନରେ ଲୋକେ ନୂଆ ବିଧାୟକଙ୍କୁ ଦେଖିବେ ବୋଲି ଆଶା ରଖିଛନ୍ତି । କିନ୍ତୁ ଏଥର ପୂର୍ବ ଫର୍ମୁଲା ପରିବର୍ତ୍ତନ ହୋଇ ବର୍ତ୍ତମାନର ବିଧାୟକ ଦୁଗୁନି କହଁରଙ୍କୁ ପୁଣି ଟିକେଟ ମିଳିପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପାଇଁ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଆଶାୟୀଙ୍କ ଲମ୍ବା ଧାଡି ଲାଗିଛି ।

୨୦୦୯ ସୀମା ନିର୍ଦ୍ଧାରଣ ବେଳେ ଫୁଲବାଣୀ ନିର୍ବାଚନମଣ୍ଡଳୀରେ ଚକାପାଦ ବ୍ଲକ ମିଶ୍ରଣ ହୋଇଥିଲା । ହରଭଙ୍ଗା ବ୍ଲକ କଟି ବୌଦ୍ଧରେ ମିଶିଥିଲା। ଫୁଲବାଣୀ ବ୍ଲକ, ଫୁଲବାଣୀ ପୌର ପରିଷଦ, ଖଜୁରିପଡା, ଚକାପାଦ ଓ ଫିରିଙ୍ଗିଆ ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ । ପୂର୍ବରୁ ଏହା ଅନୁସୂଚିତ ଜାତି(ଏସ୍‌ସି) ପାଇଁ ସଂରକ୍ଷିତ ଥିବା ବେଳେ ୨୦୦୯ ସୀମା ପୁନର୍ଗଠନ ପରଠାରୁ ଅନୁସୂଚିତ ଜନଜାତି(ଆଦିବାସୀ) ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଛି ।

୨୦୦୦ ମସିହାରୁ ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ହାତରେ ରହିଛି । ଭୋଟ ବ୍ୟବଧାନକୁ ଲକ୍ଷ୍ୟ କଲେ ଗତ ୨ଟି ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ଭାଜପା ଦ୍ୱିତୀୟ ସ୍ଥାନକୁ ଉଠିଛି । ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ୩ ପ୍ରମୁଖ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି । ବିଜେଡିରେ ବର୍ତ୍ତମାନର ବିଧାୟକ ଦୁଗୁନି କହଁରଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିବା ନେଇ ଆଲୋଚନା ହେଉଛି। ହେଲେ ଅନ୍ୟ ଆଶାୟୀମାନେ ବି ଟିକେଟ ପାଇବା ପାଇଁ ଦାବିଦାର ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁର । ଯଦି ମୁଖ୍ୟମନ୍ତ୍ରୀ ମହିଳା କାର୍ଡ ଖେଳିବେ, ତା' ହେଲେ ସବୁଠୁ ଆଗରେ ରହିବେ ଜିଲା ବିଜେଡି ମହିଳା ସଭାନେତ୍ରୀ ଅନିମା କହଁର। ସେହିପରି ବ୍ୟାଙ୍କ ଚାକିରି ଛାଡି ନିର୍ବାଚନକୁ ଓହ୍ଲାଇବାକୁ ନବୀନ ଚନ୍ଦ୍ର କହଁର ମଧ୍ୟ ଆଶା ରଖିଛନ୍ତି। ଅପରପକ୍ଷେ ଉମା ଚରଣ ମଲ୍ଲିକ, ପୂର୍ବତନ ଫୁଲବାଣୀ ବ୍ଲକ ଅଧ୍ୟକ୍ଷ ଚକ୍ର କହଁର ମଧ୍ୟ ବିଜେଡି ଟିକେଟ୍ ପାଇବାକୁ ଆଶା ରଖିଛନ୍ତି।

ଭାଜପା କଥା ଦେଖିଲେ ଗତ ଦୁଇଟି ନିର୍ବାଚନରେ ଦେବନାରାୟଣ ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଛି। ଦେବନାରାୟଣ ୨୦୦୯ରେ ବିଜେଡି ବିଧାୟକ ଦେବେନ୍ଦ୍ର କହଁର ଓ ୨୦୧୪ରେ ଦୁଗୁନି କହଁରଙ୍କଠାରୁ ହାରିଥିଲେ ହେଁ ଭାଜପା ଦୁଇ ନମ୍ବର ସ୍ଥାନକୁ ଯାଇଥିଲା । ଏଥର ବି ସେ ଆଶାୟୀ ଅଛନ୍ତି । ତାଙ୍କ ପଛକୁ ରଘୁପତି କହଁର, ପବିତ୍ର କହଁର ଓ ଗୋଲୋକ ବିହାରୀ କହଁର ଆଶାୟୀ ଅଛନ୍ତି। କଂଗ୍ରେସ କଥା ଦେଖିଲେ, ୧୯୮୫ରୁ ଏଠାରେ କଂଗ୍ରେସ ବିଜୟୀ ହୋଇ ପାରିନାହିଁ । ଗତ ଥର ନିର୍ବାଚନ ଲଢ଼ିଥିବା ସୁଦର୍ଶନ କହଁର ଏଥର ମଧ୍ୟ ଆଶାୟୀ ରହିଛନ୍ତି । କିଶୋର କହଁର, ଘନ ଶବର, ମହିଳା ନେତ୍ରୀ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସଂଯୁକ୍ତା କହଁର, କୁନି ମଲ୍ଲିକ ଓ ଜାନକୀ ପ୍ରଧାନ କଂଗ୍ରେସ ଟିକେଟ୍ ପାଇବାକୁ ଆଶା ରଖିଛନ୍ତି।

ଏହି ନିର୍ବାଚନମଣ୍ଡଳୀରେ ବହୁ ସମସ୍ୟା ରହିଛି । ବିଶେଷ କରି ଫୁଲବାଣୀରେ ମେଡିକାଲ କଲେଜ ଖୋଲିବା, ଗୋଚ୍ଛାପଡାକୁ ବ୍ଲକ କରିବା ଲୋକଙ୍କର ଦୀର୍ଘ ଦିନର ଦାବି। ଆଜି ବି ଅନେକ ଗାଁ ଅଛି, ଯେଉଁଠିକି ରାସ୍ତା ନାହିଁ । ପାହାଡିଆ ଘାଟି ରାସ୍ତାରେ ଆମ୍ବୁଲାନ୍ସ ଯାଇପାରେ ନାହିଁ । ମେଡିକାଲ ଆସୁଥିବା ବେଳେ ରାସ୍ତାରେ ଗର୍ଭବତୀ ପିଲା ଜନ୍ମ କରିବା ଘଟଣା ଏଠାରେ ଅନେକ ସମୟରେ ଘଟେ । ପାନୀୟ ଜଳ ଏଠାରେ ଆଉ ଏକ ପ୍ରମୁଖ ସମସ୍ୟା। ଖରାଦିନେ ପାଣି ପାଇଁ ଲୋକେ ଡହଳ ବିକଳ ହୁଅନ୍ତି । ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥାକୁ ନେଇ ମଧ୍ୟ ଭୋଟ ନିର୍ଣ୍ଣାୟକ ହେବ । ଆଶାୟୀ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନରେ ଏସବୁ ସମସ୍ୟା ଚାଲେଞ୍ଜ ଭାବେ ଉଭା ହେବ ।

ବିଧାୟକ ଦୁଗୁନି କୁହନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୧୯ ବର୍ଷ ଶାସନ କାଳରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ଆଦି କ୍ଷେତ୍ରରେ ବହୁ ଉନ୍ନତି ହୋଇଛି । ବିଧାୟକ ଭାବେ ନିର୍ବାଚିତ ହେବା ପରେ ଗତ ୫ ବର୍ଷ ଧରି ମୁଁ ଲୋକଙ୍କ ସହ ରହି ଆସିଛି। ଯଦି ଏଥର ଟିକେଟ ପାଇବି, ଗତ ଥରଠାରୁ ଅଧିକ ଭୋଟରେ ବିଜୟୀ ହେବି । ମୁଁ ବିଜୁ ବାବୁଙ୍କ ସହ ତୃଣମୂଳସ୍ତରରୁ କାମ କରି ଆସିଛି। ଟିକେଟ ନ ମିଳିଲେ ଯିଏ ବି ପାଇବ ତାଙ୍କୁ ସହଯୋଗ କରିବି ବୋଲି କହିଛନ୍ତି।

କଂଗ୍ରେସର ଆଶାୟୀ ପ୍ରାର୍ଥୀ ସୁଦର୍ଶନ କହଁର କୁହନ୍ତି, ଗତ ନିର୍ବାଚନରେ ମୋତେ ଟିକେଟ୍ ଶେଷ ସମୟରେ ଦିଆଗଲା । ଅର୍ଥାତ ନାମାଙ୍କନପତ୍ର ଦାଖଲ ଶେଷ ଦିନ ପୂର୍ବରୁ ମୋତେ ଟିକେଟ ଆଣିବା ପାଇଁ ଭୁବନେଶ୍ୱର ଡକାଗଲା । ନାମାଙ୍କନପତ୍ର ଦାଖଲ ପରେ କର୍ମୀ ଏବଂ ଲୋକଙ୍କ ସହ ଭଲରେ ଯୋଗାଯୋଗ କରିବାକୁ ସମୟ ମିଳିଲା ନାହିଁ । ମାତ୍ର ୮/୧୦ ଦିନ ବୁଲି ୨୧ ହଜାର ୫୧୦ ଭୋଟ ପାଇ ଅମାନତ ରଖିଥିଲି। ମୁଁ ୧୯୯୨ରୁ ପ୍ରତ୍ୟେକ୍ଷ ରାଜନୀତିରେ ରହିଛି। ଏଥର ଦଳ ମୋତେ ଟିକେଟ ଦେବ ବୋଲି ଆଶା ରଖିଛି । ଏଥର ନିର୍ବାଚନରେ କଡା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କହିଛନ୍ତି ।

ଭାଜପାର ଦେବନାରାୟଣ ପ୍ରଧାନ କୁହନ୍ତି, ମୁଁ ପୂରା ଆଶାୟୀ ରହିଛି, ଏଥର ନିର୍ବାଚନରେ ଟିକେଟ ପାଇବି । ଲୋକଙ୍କ ସେବାରେ ମୁଁ ସବୁବେଳେ ରହି ଆସିଛି। ଗତ ଦୁଇଟି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ରହିଥିଲି। ଏଥର ଟିକେଟ ପାଇଲେ ଜିତିବାର ଆଶା ଅଧିକ। ଯଦି ଦଳ ଟିକେଟ ନ ଦେବ, ଆମ ବୁଥ ଲେଭଲ କାର୍ଯ୍ୟକର୍ତ୍ତା, କର୍ମୀ, ମଣ୍ଡଳ କର୍ମକର୍ତ୍ତା ଯାହା କହିବେ ସେହି ଅନୁସାରେ କାର୍ଯ୍ୟ କରିବି । ଯଦି ସେମାନେ କହିବେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ତାହେଲେ ନିଶ୍ଚିତ ଲଢ଼ିବି । ବିଶ୍ୱାସ ଅଛି ଦଳ ସେପରି କରିବ ନାହିଁ । କାରଣ ତୃଣମୂଳସ୍ତରରୁ ମୁଁ ସଂଗଠନ କରି ଆସିଛି ବୋଲି କହିଛନ୍ତି ।

**୨୦୦୯ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ଦେବନାରାୟଣ ପ୍ରଧାନ | ୨୯,୩୬୩ |
| ବିଜେଡି | ଦେବେନ୍ଦ୍ର କହଁର | ୩୮, ୦୯୨ |
| କଂଗ୍ରେସ | ଜଳନ୍ଧର କହଁର | ୨୩, ୬୬୯ |

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ଦେବନାରାୟଣ ପ୍ରଧାନ | ୩୨, ୪୭୮ |
| ବିଜେଡି | ଦୁଗୁନି କହଁର | ୫୮,୨୭୩ |
| କଂଗ୍ରେସ | ସୁଦର୍ଶନ କହଁର | ୨୧, ୫୧୦ |

**ଭୋଟର ସଂଖ୍ୟା**

| ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|
| ୯୦, ୪୫୯ | ୯୪, ୧୮୧ | ୦୯ | ୧, ୮୪, ୬୪୯ |

## ଖରାପ ପାଗ ପାଇଁ ଲାଞ୍ଜିଗଡ଼ ବଦଳରେ ଜୟପୁରରେ ଓହ୍ଲାଇଲା ମୁଖ୍ୟମନ୍ତ୍ରୀଙ୍କ ବିମାନ

**ଜୟପୁର,୨୭।୨(ଡି.ଏନ୍.ଏ./ନି.ପ୍ର.)**

ରାୟଗଡ଼ା ଗସ୍ତ ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ସ୍ୱତନ୍ତ୍ର ବିମାନରେ କଳାହାଣ୍ଡିର ଲାଞ୍ଜିଗଡ଼ରେ ପହଞ୍ଚି ସେଠାରୁ ହେଲିକପ୍ଟର ଯୋଗେ ରାୟଗଡ଼ା ଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଲାଞ୍ଜିଗଡ଼ରେ ପାଗ ଖରାପ ଯୋଗୁଁ ଭିଜିବିଲିଟି ଅଭାବରୁ ମୁଖ୍ୟମନ୍ତ୍ରୀଙ୍କ ବିମାନକୁ ଲାଞ୍ଜିଗଡ଼ ବଦଳରେ ଜୟପୁର ଏୟାରଷ୍ଟ୍ରିପ୍‌ରେ ଅବତରଣ କରିବା ପାଇଁ ଭୁବନେଶ୍ୱର ଏୟାର ଟ୍ରାଫିକ କଣ୍ଟ୍ରୋଲ ନିର୍ଦ୍ଦେଶ ଦେଇଥିଲା। ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ ବିମାନ ଅବତରଣ କରୁଥିବା ଖବର ପାଇବା ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି କନୱର ବିଶାଲ ସିଂ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ସଶସ୍ତ୍ର ସୁରକ୍ଷାବଳଙ୍କୁ ତୁରନ୍ତ ନିରାପତ୍ତା ଦାୟିତ୍ୱ ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ରହଣି ଓ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରବିନାରୟଣ ନନ୍ଦ, ଏସ୍‌ଡିପିଓ ସାଗରିକା ନାଥ, ସିଡିଏମ୍‌ଓ ଡ. ଲଳିତ ମୋହନ ରଥ, ଉପଜିଲାପାଳ ଲୋକନାଥ ଦଳବେହେରା, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ ସେଠାରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ ୧ ଘଣ୍ଟା ରହିବା ପରେ ଲାଞ୍ଜିଗଡ଼ରେ ଅପେକ୍ଷା କରିଥିବା ହେଲିକପ୍ଟର ଜୟପୁରରେ ପହଞ୍ଚିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଗସ୍ତ କରିଥିଲେ । ଅପରାହ୍ନରେ ସେଠାରୁ ପୁଣି ଜୟପୁର ଆସି ବିମାନ ଯୋଗେ ଭୁବନେଶ୍ୱର ଫେରିଥିଲେ।

## କଂଗ୍ରେସରେ ଯୋଗଦେଲେ ବହୁ ଭାଜପା, ବିଜେଡି କର୍ମୀ

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ବୌଦ୍ଧ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି ଏବଂ ଭାଜପା କର୍ମୀ ନବକୁମାର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସରେ ଯୋଗଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଏହି କର୍ମୀମାନେ ଦଳରେ ଯୋଗ ଦେଇଥିବା କହିଛନ୍ତି। ଏହି ଯୋଗଦାନ ସମାବେଶରେ ନିରଞ୍ଜନ ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳରେ ସାମିଲ କରିଛନ୍ତି।

## ଆଜି ଜାତୀୟ ବିଜ୍ଞାନ ଦିବସ

ପ୍ରତିବର୍ଷ ଫେବୃୟାରୀ ୨୮କୁ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରାଯାଇଥାଏ । ବିଜ୍ଞାନକୁ ଆହୁରି ଲୋକପ୍ରିୟ କରାଇବା ଏବଂ ଏଥିରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗବେଷଣା ଦିଗରେ ଆହୁରି ଉତ୍ସାହିତ କରାଇବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ ମଧ୍ୟରେ ଅନ୍ୟତମ। ୧୯୮୭ ଫେବୃୟାରୀ ୨୮ରେ ନ୍ୟାଶନାଲ କାଉନ୍‌ସିଲ ଫର୍ ସାଇନ୍‌ସ ଆଣ୍ଡ ଟେକ୍ନୋଲୋଜି କମ୍ୟୁନିକେଶନ (ଏନ୍‌ସିଏସ୍‌ଟିସି) ପକ୍ଷରୁ ପ୍ରଥମ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା । ତେବେ ଏହି ଶୁଭ ଦିନରେ ଏକ ସ୍ମରଣୀୟ ଘଟଣା ଘଟିଥିଲା, ଯାହାକୁ ମନେ ପକାଇବା ପାଇଁ ଉକ୍ତ ଦିନ ଅର୍ଥାତ ଫେବୃୟାରୀ ୨୮କୁ ଜାତୀୟ ବିଜ୍ଞାନ ଦିବସ ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ସ୍ଲୋଗାନ ରହିଛି 'ମନୁଷ୍ୟ ପାଇଁ ବିଜ୍ଞାନ ଏବଂ ବିଜ୍ଞାନ ପାଇଁ ମନୁଷ୍ୟ' । ଏହି ଦିନ ଆମ ଦେଶର ବିଶିଷ୍ଟ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣ, ଯିଏକି ସି.ଭି. ରମଣ ଭାବରେ ପରିଚିତ 'ରମଣ ଇଫେକ୍ଟ' ଉଦ୍ଭାବନ କରିଥିଲେ। ଏହା ଭାରତୀୟ ବୈଜ୍ଞାନିକଙ୍କୁ ଗବେଷଣାରେ ଆହୁରି ନିମଗ୍ନ ରହିବାକୁ ପ୍ରେରଣା ଯୋଗାଇଥିଲା। କେବଳ ସେତିକି ନୁହେଁ, ବିଶ୍ୱସ୍ତରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ବିଜ୍ଞାନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ବିଶେଷଭାବରେ ସ୍କୁଲ ଏବଂ କଲେଜ ସ୍ତରରେ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପ୍ରତି ଆହୁରି ଆକର୍ଷିତ କରିବାକୁ ଆଲୋଚନାଚକ୍ରମାନ ଆୟୋଜିତ ହୋଇଥାଏ।

### ସି. ଭି. ରମଣ



୧୯୨୮ ଫେବୃୟାରୀ ୨୮ ଭାରତୀୟ ବିଜ୍ଞାନ ଗବେଷଣା ଇତିହାସରେ ଏକ ସ୍ମରଣୀୟ ଦିନ। ଏହି ଦିନ ଆବିଷ୍କୃତ ହୋଇଥିଲା 'ରମଣ ଇଫେକ୍ଟ'। ଦୀର୍ଘବର୍ଷର ଚେଷ୍ଟା ଶେଷରେ ଫଳବତୀ ହୋଇଥିଲା। ବିଜ୍ଞାନ ଇତିହାସରେ ଏହା ସୃଷ୍ଟି କରିଥିଲା ଏକ ସ୍ୱତନ୍ତ୍ର ଅଧ୍ୟାୟ। ହେଲେ ସେଥିପାଇଁ କିଏ ସ୍ମରଣୀୟ ଜାଣନ୍ତି ? ଭାରତର ବିଶିଷ୍ଟ ବୈଜ୍ଞାନିକ ସି.ଭି. ରମଣ। ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ବିଶେଷଭାବରେ 'ରମଣ ଇଫେକ୍ଟ' ତାଙ୍କୁ ବିଶ୍ୱସ୍ତରରେ ଦେଇଥିଲା ଏକ ସ୍ୱତନ୍ତ୍ର ପରିଚୟ। ୧୮୮୮ ନଭେମ୍ବର ୭ରେ ଚନ୍ଦ୍ରଶେଖର ଭେଙ୍କଟ ରମଣ (ସି. ଭି. ରମଣ) ତାମିଲନାଡୁର ଏକ ବ୍ରାହ୍ମଣ ପରିବାରର ଜନ୍ମଗ୍ରହଣ କରିଥିଲେ। ପିଲାଟିଦିନରୁ ସେ ବିଜ୍ଞାନ ପ୍ରତି ଆକର୍ଷିତ ହୋଇଥିଲେ। ପାଠପଢ଼ା ପରେ ସେ ନିଜକୁ ଗବେଷଣାରେ ନିୟୋଜିତ ରଖିଥିଲେ। ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ତଥ୍ୟ ଉନ୍ମୋଚନ ତାଙ୍କୁ ଆହୁରି ପରିଚିତ କରାଇ ପାରିଥିଲା। 'ରମଣ ଇଫେକ୍ଟ' ଉଦ୍ଭାବନ ପାଇଁ ତାଙ୍କୁ ୧୯୩୦ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। କେବଳ ସେତିକି ନୁହେଁ, ୧୯୫୪ରେ 'ଭାରତ ରତ୍ନ' ସମ୍ମାନରେ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ଶିକ୍ଷାଦାନରେ ସ୍ୱତନ୍ତ୍ରତା ପାଇଁ ସେ ଛାତ୍ରୀଛାତ୍ରଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ୧୯୭୦ ନଭେମ୍ବର ୨୧ରେ ତାଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା।

## 'ପ୍ରକୃତି ଭବନ' ଲୋକାର୍ପିତ

**ରେସ୍କ୍ୟୁ ଭ୍ୟାନ୍‌କୁ ଲୋକାର୍ପଣ କଲେ ମନ୍ତ୍ରୀ**

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ 'ପ୍ରକୃତି ଭବନ'କୁ ବୁଧବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଲୋକାର୍ପଣ କରିଛନ୍ତି। ଏହି ଭବନରେ ଉଚ୍ଚକୋଟୀର ଭିତ୍ତିଭୂମି ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି, ଯାହା ଆଗାମୀ ଦିନରେ ବନ୍ୟପ୍ରାଣୀ ଶାଖାକୁ ଅଧିକ କ୍ରିୟାଶୀଳ କରିବ ବୋଲି ମନ୍ତ୍ରୀ ରାଉତରାୟ କହିଛନ୍ତି। ଶହୀଦ ନଗରଠାରେ ୫୦୦୦ ବର୍ଗଫୁଟ ପରିମିତ ଜାଗାରେ ନିର୍ମାଣ ହୋଇଥିବା ଏହି ୪ ମହଲା ବିଶିଷ୍ଟ ଭବନରେ ରହିଛି ଇଣ୍ଟରପ୍ରିଟେଶନ ସେଣ୍ଟର, ପରିବେଶ ପର୍ଯ୍ୟଟନ ସେଲ୍, ସମ୍ମିଳନୀ କକ୍ଷ, ଭିଡିଓ କନ୍‌ଫରେନ୍ସିଂ ସୁବିଧା ଥିବା ଏକ ମିନି ସମ୍ମିଳନୀ କକ୍ଷ । ସେହିଭଳି ରାଜ୍ୟ ବନ୍ୟପ୍ରାଣୀ ଅପରାଧ ସେଲ୍ ରହିଛି, ଯେଉଁଠି ୨୪ ଘଣ୍ଟିଆ ହେଲ୍ପଲାଇନ୍ ସୁବିଧା ଉପଲବ୍ଧ କରାଯାଇଛି। ଏହାସହ ବନ୍ୟସମ୍ପଦ ଆଧାରିତ ୩୦୦୦ ପୁସ୍ତକକୁ ନେଇ ଏକ ଗ୍ରନ୍ଥାଗାର ରହିଛି। ୮.୬୧୫୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକୃତି ଭବନରେ ସିସିଟିଭି କ୍ୟାମେରା, ଛାତ ଉପର ବର୍ଷାଜଳ ଅମଳ ପ୍ରକଳ୍ପ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିଛି।


ଲୋକାର୍ପଣ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଓ ଅନ୍ୟମାନେ।

ଏହି ଅବସରରେ ମନ୍ତ୍ରୀ ଏକ ରେସ୍କ୍ୟୁ ଭ୍ୟାନ୍‌କୁ ମଧ୍ୟ ଲୋକାର୍ପଣ କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏହି ଭ୍ୟାନ୍ ଅଣାଯାଇଛି। ତୃଣଭୋଜି ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ସ୍ଥାନାନ୍ତର ପାଇଁ ମଧ୍ୟପ୍ରଦେଶରେ ଏହିପରି ଭ୍ୟାନ୍ ପୂର୍ବରୁ କାର୍ଯ୍ୟ କରୁଛି। ଉଭୟ ତୃଣଭୋଜି ଏବଂ ମାଂସାସୀ ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ସ୍ଥାନାନ୍ତର ପାଇଁ ଆଉ ୫ଟି ରେସ୍କ୍ୟୁ ଭ୍ୟାନ୍ ମଧ୍ୟ କିଣାଯିବାର ପ୍ରସ୍ତାବ ରହିଛି। ଏହାସହ ହାତୀ-ମନୁଷ୍ୟ ସଂଘର୍ଷ ରୋକିବା ପାଇଁ ପଶ୍ଚିମବଙ୍ଗରୁ ୪ଟି ଭ୍ୟାନ୍ କିଣାଯିବା ଯୋଜନା ରହିଛି। ଗୋଟିଏ ପିଛା ୨୫ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁବିଧା ଥିବା 'ଐରାବତ୍' ନାମକ ଭ୍ୟାନ ଆସିବା ପରେ ହାତୀ-ମଣିଷ ସଂଘର୍ଷ ବନ୍ଦ କରିବାରେ ଅନେକ ମାତ୍ରାରେ ସହାୟକ ହେବ ବୋଲି ବିଭାଗ ଆଶାପ୍ରକଟ କରିଛି। ମନ୍ତ୍ରୀ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର(ଆର୍‌ପିଆର୍‌ସି)ଠାରେ ବନ ବିଭାଗରେ କାର୍ଯ୍ୟ କରି ଶହୀଦ ହୋଇଥିବା କର୍ମୀଙ୍କ ଉଦ୍ଦେଶ୍ୟରେ 'ଶହୀଦ ସ୍ତମ୍ଭ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଅରଣ୍ୟ ଭବନଠାରେ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟକୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁ, ମୁଖ୍ୟ ବନ୍ୟ ସଂରକ୍ଷକ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ, ମୁଖ୍ୟ ବନ୍ୟ ସଂରକ୍ଷକ(କେନ୍ଦୁଲିଫ୍) ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ହେବ ନିର୍ବାଚନ ତାରିଖ ଘୋଷଣା

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଭାରତର ନିର୍ବାଚନ କମିଶନ ଲୋକ ସଭା ଓ ବିଧାନସଭା ସକାଶେ ଯେ କୌଣସି ସମୟରେ ଅର୍ଥାତ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବା ସମ୍ଭାବନା ରହିଛି। ନିର୍ବାଚନ ଘୋଷଣା ହେବା ସହ ସମଗ୍ର ଦେଶରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବ। ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ସର୍ବସାଧାରଣ ସ୍ଥାନରୁ ରାଜନେତାଙ୍କ ଫଟୋ ହଟାଇବାକୁ ଭାରତର ନିର୍ବାଚନ କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ସିଇଓ ସୁରେନ୍ଦ୍ର କୁମାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଚିଠି ଲେଖି ଫଟୋ ହଟାଇବା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ସିଇଓ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସର୍ବସାଧାରଣ ସ୍ଥାନ, ସରକାରୀ କାର୍ଯ୍ୟାଳୟ ଏବଂ ୱେବ୍‌ସାଇଟରେ ଥିବା ସମସ୍ତ ରାଜନେତାଙ୍କ ଫଟୋକୁ ପ୍ରଥମେ ଚିହ୍ନଟ କରାଯାଉ। ଏ ନେଇ ଏକ ଡାଟାବେସ ପ୍ରସ୍ତୁତ କରାଯାଉ। ଏଥିସହିତ ରାଜ୍ୟ, ଜିଲା, ସବ୍‌ଡିଭିଜନ, ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଜଣେ ଲେଖାଏ ଅଫିସର ନିଯୁକ୍ତି କରିବା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ସମସ୍ତ ରାଜନେତାଙ୍କ ଫଟୋ ହଟାଇବାକୁ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ରାଜ୍ୟରେ ଥିବା ୧୧୪ଟି ମହାନଗର ନିଗମ କମିଶନର, ପୌର ସଂସ୍ଥା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ୧୦ରେ ହୋଇପାରେ କଂଗ୍ରେସର ପ୍ରାର୍ଥୀ ତାଲିକା ଘୋଷଣା

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

- ଚୂଡ଼ାନ୍ତ ହେଲା ସମ୍ଭାବ୍ୟ ପ୍ରାର୍ଥୀ ତାଲିକା
- ୬ରେ ବସିବ ପିଇସି
- କଂଗ୍ରେସ ଭବନରେ ତେଜିଲା ବିଧାୟକ ହଟାଅ ଅଭିଯାନ
- ଏଥର ଅଧିକାଂଶ ଯୁବକ, ମହିଳାଙ୍କୁ ମିଳିବ ଟିକେଟ: ନିରଞ୍ଜନ

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୮ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାହୁଲ ଦୁଇଟି ଜିଲାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ବୋଲି ସୂଚନା ମିଳିଛି। ରାହୁଲଙ୍କ ଏହି ଗସ୍ତ ପୂର୍ବରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟମାନେ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ଆସି ୨୧ ଲୋକ ସଭା ଓ ଏହାର ଅନ୍ତର୍ଗତ ସବୁ ବିଧାନସଭା କ୍ଷେତ୍ର ପାଇଁ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରି ଦିଲ୍ଲୀ ଫେରିଯାଇଛନ୍ତି। ମିଳିଥିବା ସୂଚନା ମୁତାବକ ଆସନ୍ତା ୬ରେ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ପିଇସି ପରେ ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ବୈଠକରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ। ମାର୍ଚ୍ଚ ୧୦ସୁଦ୍ଧା ଦଳ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥିସାନ ସୂଚନା ଦେଇଛନ୍ତି। ଅନ୍ୟପଟେ ଟିକେଟ ବଣ୍ଟାକୁ ନେଇ ଦଳୀୟ କାର୍ଯ୍ୟାଳୟଠାରେ ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

ସ୍କ୍ରିନିଂ କମିଟିର ୩ ସଦସ୍ୟ ଭି.ଡି. ସାଥିସାନ, ନୌସାଦ ସୋଲାଙ୍କି ଏବଂ ଜିତିନ୍ ପ୍ରସାଦ ଗତ ୨୪ ତାରିଖରୁ ଓଡ଼ିଶା ଗସ୍ତରେ ଆସିଥିଲେ। ପ୍ରଥମ ପର୍ଯ୍ୟାୟ ପରେ ବାକି ଥିବା ୧୦ ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ର ନିମନ୍ତେ ସେମାନେ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିଛନ୍ତି। ବୁଧବାର ସେମାନେ ରାଜ୍ୟ କାର୍ଯ୍ୟାଳୟଠାରେ କନ୍ଧମାଳ, ଯାଜପୁର ଓ ସମ୍ବଲପୁର ଲୋକ ସଭା ଆସନ ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ର ପାଇଁ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିଛନ୍ତି। ହେଲେ ଜି ଉଦୟଗିରି ବିଧାୟକ ଜାକବ୍ ପ୍ରଧାନଙ୍କୁ ଟିକେଟ ନ ଦେବା ଲାଗି ଗୋଟିଏ ଗୋଷ୍ଠୀ କଂଗ୍ରେସ କାର୍ଯ୍ୟାଳୟରେ ନାରାବାଜି କରିଥିଲେ। ସ୍କ୍ରିନିଂ କମିଟି ସଦସ୍ୟଙ୍କ ଆଗରେ ସେମାନେ ଏନେଇ ଅଭିଯୋଗ କରିଥିବା ଜଣାପଡିଛି। ବିଧାୟକ ହେବାପରେ ଜାକବ୍ କଂଗ୍ରେସ କର୍ମୀମାନଙ୍କୁ ଅଣଦେଖା କରିଛନ୍ତି। ଏହାବ୍ୟତୀତ ଭାଜପାକୁ ସହଯୋଗ କରିବା ସହିତ ଦଳୀୟ କର୍ମୀଙ୍କୁ ବିଭିନ୍ନ ଯୋଜନା ଅନ୍ତର୍ଗତ ପକ୍କାଘର ଦେବା ପାଇଁ ୧୫ରୁ ୨୦ହଜାର ଲେଖା ଟଙ୍କା ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଜାକବ୍‌ଙ୍କୁ ଏଥର ଟିକେଟ ମିଳିଲେ ସମର୍ଥନ କରିବୁ ନାହିଁ ବୋଲି ସ୍କ୍ରିନିଂ କମିଟି ଆଗରେ ବିରୋଧୀ ଗୋଷ୍ଠୀ ସିଧା ଚେତାବନୀ ଦେଇଯାଇଛନ୍ତି। ହେଲେ ଏଭଳି ଅଭିଯୋଗକୁ ଜାକବ୍ ଖଣ୍ଡନ କରିଛନ୍ତି। ଯଦି ଅଭିଯୋଗ ସତ ହୁଏ ତେବେ ରାଜନୀତି ଛାଡିଦେବେ ବୋଲି ଜାକବ୍ କହିଛନ୍ତି। ଅପରପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏଥର ଦଳରେ ଅଧିକାଂଶ ଯୁବକ, ମହିଳାଙ୍କୁ ଟିକେଟ ଦିଆଯିବ। ସୂଚନାଥାଉ କି, ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ଲୋକ ସଭା ଓ ଏହା ଅଧୀନ ବିଧାନସଭା କ୍ଷେତ୍ର ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସ୍କ୍ରିନିଂ କମିଟି ଦ୍ୱାରା ଚୂଡ଼ାନ୍ତ ହୋଇସାରିଛି।

## ସଂକ୍ଷେପରେ

### ରାସ୍ତାରେ ପଦ୍ମ ଫୁଟାଇଲେ ଭାଜପା କର୍ମକର୍ତ୍ତା



**କପ୍ତିପଦା,୨୭।୨(ଡି.ଏନ.ଏ.):** କପ୍ତିପଦା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାଜପା ମୟୂରଭଞ୍ଜ ଜିଲା ମହିଳା ମୋର୍ଚ୍ଚାର ନଳିନୀ ସିଂଙ୍କ ସଭାପତିତ୍ୱରେ ଏକ କମଳ ଦୀପାବଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ୧୦୦୮ ଦୀପ ଜଳାଇ ଆଗାମୀ ନିର୍ବାଚନରେ ଭାଜପାର ବିଜୟ କାମନା କରିଥିଲେ। ଏଥିରେ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ଜିଲା ସାଧାରଣ ସମ୍ପାଦକ ପାର୍ଥସାରଥୀ ମିଶ୍ର, ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ରେଣୁବାଳା ପାତ୍ର, ଜିଲା ପରିଷଦ ସଦସ୍ୟା ଟିକିମଣି ନାୟକ, ତପନ ସେଠୀ, ଭୀମଚରଣ ନାୟକ, ଶୀତକଣ୍ଠ ରାଉତ, ରମାକାନ୍ତ ରାଉତ, ରାଜେନ୍ଦ୍ର ପୋଥାଳ ଏବଂ ମନୋଜ ବେହେରା ସାମିଲ ଥିଲେ।

### ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା

**କୋଷ୍ଠା,୨୭।୨(ଡି.ଏନ୍.ଏ.):** ପୁଲଓ୍ୱାମା ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ନୀରବ ପ୍ରାର୍ଥନା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଧାତିକା ପଞ୍ଚାୟତର ଦୀପାଲି ଥୟାଲ, ସ୍ୱର୍ଣ୍ଣଲତା ଧଳ, ରଞ୍ଜିତା ଧଳ, ଜୟନ୍ତୀ ଦେଓ ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଧାତିକା ଗ୍ରାମ ପରିକ୍ରମା କରି ତାରକେଶ୍ୱର ଶିବ ମନ୍ଦିରରେ ପହଞ୍ଚି ଦ୍ୱୀପଜାଳି ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏଥିରେ ରଣଜିତ ଧୀର, ଦୁଃଶାସନ ଧଳ, ପରେଶ ସିଂ, ଭୁବନ ଧୀର ସହଯୋଗ କରିଥିଲେ। ସେହିପରି ଶୁଳିଆପଦା ବ୍ଲକ୍ ପାଚିକା ଓ ସହାୟିକା କର୍ମଜୀବୀ ମହିଳା ସଂଘ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ଦାସଙ୍କ ନେତୃତ୍ୱରେ ସଂଘ ସଭାନେତ୍ରୀ ବନାନୀ ମହାନା, ସଭାନେତ୍ରୀ ଶକୁନ୍ତଳା ସୋରେନ, ସମ୍ପାଦିକା ଅନ୍ନଦା ଧଳ, ବାସନ୍ତୀ ରଣା, ସୁକାନ୍ତି ଧଳ ପ୍ରମୁଖ ଶହୀଦ୍ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ସମୂହ ନୀରବ ପ୍ରାର୍ଥନା କରିଥିଲେ। ବାଘଡ଼ା ପଞ୍ଚାୟତ ବାଘଡ଼ା ବଣିକ ସଂଘ ସହଯୋଗରେ ୫୪ ନଂ ଜିଲା ପରିଷଦ ସଦସ୍ୟା ମୀରା ଧୀରଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ସାମାଜିକ କର୍ମକର୍ତ୍ତା ମୃତ୍ୟୁଞ୍ଜୟ ମିଶ୍ର, ଗୁଣନିଧି ରଣା, ଆଇନଜୀବୀ ରାଜକିଶୋର ଜେନା, ଏସ୍. ପରିଡା, ଶୈଳବାଳା ଜେନା ସାମିଲ ଥିଲେ।

### ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ

**ଠାକୁରମୁଣ୍ଡା, ୨୭।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତ ଖୁମଠାଣ ଛକଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ୩ଦିନବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ବାବା ଭୈରବାନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ଶ୍ରୀ ଶୁଭାଦିବାସ, କଳସାଧିବାସ, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ, ଶ୍ରୀକୁଣ୍ଡେ ଅଗ୍ନିସ୍ଥାପନ, ଗୋପୂଜା ଓ ଯଜ୍ଞ ଆରମ୍ଭରେ ହନୁମାନ ଚାଳିଶା ପାଠ ହୋଇଥିଲା। ସେହିପରି ଦ୍ୱିତୀୟ ଦିନରେ ଘଟମଣ୍ଡଳପୂଜା, ଶ୍ରୀଶକ୍ତି ପାଠ, ଗୀତାଯଜ୍ଞ ହେବା ସହ ହନୁମାନ ଚାଳିଶା ପାଠ କରାଯାଇଥିଲା । ତୃତୀୟ ଦିବସରେ ତଥା ପୂର୍ଣ୍ଣାହୂତି ଦିନ ଶ୍ରୀ ଶକ୍ତିପାଠ, ଚଣ୍ଡିପୂଜା, ହନୁମାନ ଚାଳିଶା ପାଠ ପରେ ପୂର୍ଣ୍ଣାହୂତି ହୋଇଥିଲା। କମିଟିର ସଭାପତି ରଞ୍ଜନ କୁମାର ମହାନ୍ତ, ଉପଦେଷ୍ଟା ବାବା ଯଦୁନାଥ ଓ ସମ୍ପାଦକ ଠାକୁରଦାସ ମହାନ୍ତ ଓ କମିଟିର ସଦସ୍ୟମାନେ ଏହି ଯଜ୍ଞରେ ୩ଦିନ ଧରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

■ ଧାନ କିଣା ନ ହେବାରୁ ଚାଷୀଙ୍କ ପ୍ରତିବାଦ

# ଏମଡିଙ୍କୁ କାର୍ଯ୍ୟାଳୟରେ ତାଲା, ଏଆରସିଏସ୍‌ଙ୍କୁ ଘେରିଲେ

**ଉଦଳା ,୨୭।୨ (ଡି. ଏନ.ଏ.)**

ଧାନ କିଣା ନ ହେବା ଏବଂ ମିଲର ଓ ଏମଡିଙ୍କ ମଧୁଚନ୍ଦ୍ରିକା ଅଭିଯୋଗ ଆଣି ଚାଷୀମାନେ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ଏମଡିଙ୍କ ରୁମ୍‌ରେ ତାଲା ପକାଇବା ସହିତ ଏଆର୍‌ସିଏସ୍‌ଙ୍କୁ ଘେରି ହୋହାଲ୍ଲା କରିଛନ୍ତି । ପୂର୍ବରୁ ଉଦଳା ବ୍ଲକ୍ ଅଧୀନ ଖଲାଡି ଲ୍ୟାମ୍ପ ଚାଷୀଙ୍କୁ ଏକ ହଜାର କୁଇଣ୍ଟାଲ ଧାନ କିଣିବା ନିମନ୍ତେ ଟୋକନ ପ୍ରଦାନ କରାଯିବ ବୋଲି ଏମ୍‌ଡି ବିପ୍ଳବ ରାଉତ କହିଥିଲେ। ଯାହାକୁ ନେଇ ଚାଷୀମାନେ ପ୍ରସ୍ତୁତ ହୋଇ ବୁଧବାର ଲ୍ୟାମ୍ପସ୍‌ରେ ପହଞ୍ଚିଥିଲେ । ହେଲେ ସେଠାରେ ୬ଶହ କୁଇଣ୍ଟାଲ ଧାନ କିଣାଯିବା ପାଇଁ ଚାଷୀଙ୍କୁ ଟୋକନ ପ୍ରଦାନ କରାଯିବ ବୋଲି ଏମଡି କହିଥିଲେ । ଯାହାଫଳରେ ଚାଷୀମାନେ ଏମଡିଙ୍କୁ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ବନ୍ଦ କରିବା ସହିତ ତାଲା ପକାଇ ଦେଇଥିଲେ । ଏହାପରେ ଚାଷୀମାନେ ଉଦଳା ସ୍ଥିତ ସହକାରୀ ନିବନ୍ଧକ ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଚାଷୀମାନେ ଧାନକିଣା ନିମନ୍ତେ ଟୋକନ ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗରେ ଏଆର୍‌ସିଏସ୍ ଦୁଃଖିଆ ଟୁଡୁଙ୍କ ସହ ଆଲୋଚନା କରି ସନ୍ତୋଷଜନକ ଉତ୍ତର ନ ପାଇବାରୁ ହୋହାଲ୍ଲା କରିଥିଲେ । ଧାନ ବିକ୍ରି ହୋଇପାରୁ ନ ଥିବାବେଳେ ଏମଡି ଏବଂ ମିଲରଙ୍କ ମଧୁଚନ୍ଦ୍ରିକାରେ ଶହ ଶହ କୁଇଣ୍ଟାଲ ଧାନ କାଗଜପତ୍ରରେ ଅନ୍ୟତ୍ର ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ । ଧାନ କିଣା ସମୟରେ କାଟ୍ ହେଉଥିବା ମଧ ଅଭିଯୋଗ ହୋଇଛି। ଚାଷୀମାନେ ସମ୍ପୃକ୍ତ ଏମଡିଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଦାବି କରିଥିଲେ । ଚାଷୀମାନେ ପାଖାପାଖି ଏକ ଘଣ୍ଟା କାଳ ଏଆରସିଏସଙ୍କୁ କାର୍ଯ୍ୟାଳୟରେ ଘେରିଥିବା ବେଳେ ତୁରନ୍ତ ସମାଧାନ ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଶାନ୍ତ ପଡିଥିଲେ। ପୂର୍ବରୁ ଚାଷୀଙ୍କୁ ଦିଆଯାଇଥିବା ସୂଚନାରେ ତଥ୍ୟ ଭୁଲ ରହିଥିବା ଏମ୍‌ଡି ବିପ୍ଳବ କହିଛନ୍ତି। ଘଟଣା ସମ୍ପର୍କରେ ଉପଖଣ୍ଡ ଏଆର୍‌ସିଏସ ଦୁଃଖିଆଙ୍କୁ ପଚାରିବାରୁ ସେ ଏବାବଦରେ ମିଲରଙ୍କ ସହିତ ଆଲୋଚନା କରି ଚାଷୀଙ୍କ ଧାନ କିପରି କିଣାଯାଇପାରିବ ତାହା ଉପରେ ପଦକ୍ଷେପ ନେବେ ବୋଲି କହିଛନ୍ତି ।



ଉଦଳା ଅଞ୍ଚଳର ଚାଷୀମାନେ ଏଆରସିଏସ୍‌ଙ୍କ ସହିତ ଯୁକ୍ତିତର୍କ କରୁଛନ୍ତି।

■ ହତ୍ୟା ଉଦ୍ୟମ ମାମଲା

# ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ

**ବାରିପଦା ଅଫିସ,୨୭।୨**

ବାରିପଦା ସହକାରୀ ଜିଲା ଓ ଦୌରା ଜଜ ବିକାଶ ଚନ୍ଦ୍ର ଦେ ବୁଧବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୂଚନା ଅନୁସାରେ, ୨୦୧୮ ମସିହା ଏପ୍ରିଲ ୧୦ତାରିଖ ଅପରାହ୍ନ ୩ଟା୩୦ ସମୟରେ ଖଡ଼ିପାହାଡି(ଲହଣ୍ଡାକଟା)ଗ୍ରାମର ହରିହର ମୁର୍ମୁ ନିଜ ଘରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତ ବାଲାଇ ମୁର୍ମୁ ତାଙ୍କ ସମ୍ପର୍କୀୟ ସାନଭାଇଙ୍କ ସହିତ ଆସି ହତ୍ୟା ଧମକ ଦେବା ସହ ଏକ ଖଣ୍ଡାରେ ହରିହରଙ୍କ ବେକକୁ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟଟି ବେକରେ ନ ବାଜି ହରିହରଙ୍କ ଗାଲରେ ଲାଗିଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ହରିହରଙ୍କୁ ଚିକିତ୍ସା ପାଇଁ ବାରିପଦା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ହରିହର ଖାରପୋଖରିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୯/୧୮) ରୁଜୁ କରି ବାଲାଇଙ୍କୁ ଗିରଫ କରିଥିଲେ। ଏହି ମାମଲାକୁ ସରକାରୀ ଓକିଲ ସନ୍ତୋଷ କୁମାର ପୃଷ୍ଟି ପରିଚାଳନା କରିଥିଲେ।

## ୨୦ ୟୁନିଟ୍ ରକ୍ତ ସଂଗ୍ରହ

**ବାରିପଦା ଅଫିସ,୨୭।୨:** ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ 'ଆମେ ସମସ୍ତେ' ପକ୍ଷରୁ ପାରୁଳିଆରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ବିପ୍ଳବ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବରରେ ମୃତ୍ୟୁଞ୍ଜୟ ରାଉଳ ସହଯୋଗ କରିଥିଲେ। ଏଥିରେ ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ପ୍ରଶାନ୍ତ କୁମାର ଦାସ, ସବିତାରାଣୀ ସେଜପଡ଼ା, ଇଶ୍ୱର ସିଂ, ମଙ୍ଗଳ ହାସଁଦା ପ୍ରମୁଖ ଉପସ୍ଥିତ ଥିଲେ। ଏଲିନା ଦାଶ, ପ୍ରଦୀପ କୁମାର ରାଉତ, ନରେନ୍ଦ୍ର ମୁର୍ମୁ, ନିରୋଜ କୁମାର ଦାସ, ଶେଷଦେବ ଧଡା ରକ୍ତଦାନ କରିଥିଲେ। ୨୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ବର୍ଷାରେ ଧୋଇଗଲା ସରସ୍ୱତୀ ମେଳା



ମେଳାକୁ ପଡିଥିବା ରାସ୍ତାରେ ବର୍ଷାପାଣି ଜମିଛି।

**ଉଦଳା,୨୭।୨ (ଡି.ଏନ.ଏ.)**

ସୋମବାରରୁ ଲାଗି ରହିଛି ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ । ଉଦଳାର ପ୍ରସିଦ୍ଧ ସରସ୍ୱତୀ ମେଳା ବର୍ଷାରେ ପ୍ରଭାବିତ ହୋଇଛି। ମେଳା ପଡ଼ିଆରେ ଆଣ୍ଠୁଏ ପାଣି ଜମିଛି। ପସରା ଖୋଲିଥିବା ବିଭିନ୍ନ ଖାଦ୍ୟ, ସାମଗ୍ରୀ, ଷ୍ଟେସନାରୀ ଦୋକାନ, ମୀନା ବଜାରରେ ବ୍ୟବସାୟ ମନ୍ଦା ହୋଇଛି। ମେଳାରେ ଦୋଳିର ମଜାକୁ ବର୍ଷା ଫିକା କରିଦେଇଛି। ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ପାଇଁ ବର୍ଷା ବାଧକ। ମେଳାକୁ ଉତ୍ତର ଓଡିଶାର ବିଭିନ୍ନ ପ୍ରାନ୍ତରୁ ସାଧାରଣ ଜନତା ଆସିଥାନ୍ତି। ଓଡ଼ିଶାର ବିଭିନ୍ନ ଜିଲା ସମେତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ବ୍ୟବସାୟୀ ମଧ ଏହି ମେଳାରେ ପସରା ଖୋଲିଥାନ୍ତି। ହେଲେ ବ୍ୟବସାୟରେ ମାନ୍ଦା ଯୋଗୁ ବ୍ୟବସାୟୀମାନେ ଦୁଃଖିତ ହୋଇଛନ୍ତି। ସେହିଭଳି ବର୍ଷା ଯୋଗୁ ଯାତ୍ରା ଦଳଗୁଡ଼ିକ ସମସ୍ୟାରେ ପଡ଼ିଛନ୍ତି। ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଯାତ୍ରା ପେଣ୍ଡାଲରେ ଯାତ୍ରା ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ବର୍ଷା ଯୋଗୁ ଆୟୋଜକଙ୍କ ମଧରେ ଭାଳେଣି ପଡ଼ିଛି। ମେଳା ଆଉ ୫ ଦିନ ବାକି ଥିବାବେଳେ ବର୍ଷା ଦେଖଣାହାରୀଙ୍କ ମଜା ବିଗାଡ଼ି ଦେଇଛି। ମେଳା ବୁଲିବାକୁ ଆସିଥିବା ଲୋକେ ମଧ ନିରାଶ ହୋଇଥିବା ପ୍ରକାଶ କରିଛନ୍ତି।

## ଏଟିମ୍‌ରୁ ଟଙ୍କା ଉଠାଣକୁ ନେଇ ମାର୍‌ପିଟ

**ଖୁଣ୍ଟା, ୨୭।୨(ଡି.ଏନ.ଏ.)**

ସ୍ଥାନୀୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଣକୁ ନେଇ ଦୁଇ ଗ୍ରାହକଙ୍କ ମଧ୍ୟରେ ମାର୍‌ପିଟ ହୋଇଛି। ଏ ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ବାରଡାଙ୍ଗୁଆ ଗ୍ରାମର ଦୟାନିଧି ନାଥ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ସେହି ସମୟରେ ଏଟିଏମ୍ ରୁମରେ ଅନ୍ୟ ୨ ଜଣ ଗ୍ରାହକ ଥିବା ଦେଖି ସେ ବାହାରେ ଅପେକ୍ଷା କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭିତରୁ ୨ ଗ୍ରାହକ ବାହାରି ନ ଥିଲେ। ଦୟାନିଧି ଏଟିଏମ୍ ରୁମ ମଧ୍ୟକୁ ପଶିବା ପାଇଁ ଉଦ୍ୟମ କରିଥିଲେ ହେଁ ଭିତରେ ଥିବା ୨ ଗ୍ରାହକ ବିରୋଧ କରିଥିଲେ। ଦୟାନିଧି ଘଟଣା ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଅଭିଯୋଗ କରିଥିଲେ। ଖୁଣ୍ଟା ପୋଲିସ ଦୁଇ ଗ୍ରାହକଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ବ୍ୟାଙ୍କ ପକ୍ଷରୁ ମଧ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇଛି।

■ ଆରଡିଏସ୍ ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ ସମାରୋହ

# 'ସଫଳତା ହାସଲ ପାଇଁ ସ୍ୱପ୍ନ ଦେଖିବା ଜରୁରୀ'

**ଉଦଳା, ୨୭।୨(ଡି.ଏନ.ଏ.)**

କେବଳ ବହି ପଢିବା କିମ୍ବା ଲେଖାଲେଖି କଲେ ଜଣେ ସଫଳତା ପାଇପାରେ ନାହିଁ। ଏହାକୁ ପାଇବାକୁ ହେଲେ ସ୍ୱପ୍ନ ଦେଖିବା ଜରୁରୀ । ସ୍ୱପ୍ନ ହିଁ ମଣିଷକୁ ତାର ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାକୁ ସହାୟକ ହୋଇଥାଏ । ଆଉ ନିଜ ଭିତରେ ସଂଯମତା ରକ୍ଷା କରିଲେ ଜଣେ ସୁନାଗରିକ ହୋଇପାରିବ ତତସହିତ ସମାଜ, ଏବଂ ଦେଶ ପାଇଁ ଗର୍ବ ଆଣିପାରିବ ବୋଲି ବୁଧବାର ଆୟୋଜିତ ଆରଡିଏସ୍ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ନିଜର ବକ୍ତବ୍ୟରେ କହିଥିଲେ। କୁଣ୍ଡାବାଇସ୍ଥିତ ଆର.ଡି.ଏସ୍ ମହାବିଦ୍ୟାଳୟର ଦୁଇ ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳଙ୍କର ପ୍ରମୁଖ ଶାସନ ସଚିବ ମଧୁସୁଦନ ପାଢୀ ଯୋଗଦେଇ ରୌପ୍ୟ ଜୟନ୍ତୀ ପତାକା ଉତ୍ତୋଳନ କରିବା ସହିତ ମହାବିଦ୍ୟାଳୟର ମୁଖ୍ୟ ଦ୍ୱାରରେ ସ୍ଥାପିତ ସିଦ୍ଧିଦାତା ଗଣେଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ କବି ତଥା ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଜଗନ୍ନାଥ ଲେଙ୍କା, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ବାଲେଶ୍ୱରର ନିର୍ଦ୍ଦେଶକ ଡ. ଶୀତାଂଶୁ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ମହାବିଦ୍ୟାଳୟର ନୂତନ ପ୍ରଶାସନିକ ସୌଧକୁ ଉଦ୍‌ଘାଟନ କରିବା ସହିତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ରୋହିଦାସ ସୋରେନ ଏବଂ ଭୂମିଦାତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଗିରିଙ୍କର ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ଉଦଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ବିଶେଷାଙ୍କ ''ଦେବକୁଣ୍ଡ'' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଦାୟିତ୍ୱରେ ରହିଥିବା ପରିଚାଳନା ପରିଷଦର ପୂର୍ବତନ ସଭାପତି, ଉପସଭାପତି, ସମ୍ପାଦକ, ସଦସ୍ୟାସଦସ୍ୟଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ଦୁଇ ଅଧ ଅରବିନ୍ଦ ମୁଦୁଲି ଧନ୍ୟବାଦ ଅର୍ପଣ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।





ଉତ୍ସବରେ ମଞ୍ଚାସୀନ ଅତିଥି।

# ରାଜ୍ୟ ସରକାରଙ୍କୁ ସମାଲୋଚନା

■ ମାଣତ୍ରୀରେ ଭାଜପାର ସଙ୍କଳ୍ପ ସମାବେଶ

**ଅଫିସ/ବଡ଼ସାହି,୨୭।୨(ସ୍ୱ.ପ୍ର.)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ମାଣତ୍ରୀ ବଙ୍ଗଳା ପଡିଆରେ ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଭାଜପା ଜିଲା ଉପସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ସଡ଼କ, ପରିବହନ ଓ ରାଜପଥ, ଜାହାଜ, ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ମନଶୁଖ୍ ଲକ୍ଷ୍ମଣଭାଇ ମାଣ୍ଡଭିୟା ଯୋଗଦେଇଥିବାବେଳେ ଅଭିନେତା ଶ୍ରୀତମ ଦାସ, ପୀତାମ୍ବର ଆଚାର୍ଯ୍ୟ, ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ ଓ ପୂର୍ବତନ ବିଧାୟକ କାହ୍ନୁ ସୋରେନ ଉପସ୍ଥିତ ଥିଲେ । ରାଷ୍ଟ୍ରମନ୍ତ୍ରୀ ମନଶୁଖ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟ ସରକାର ସହାୟତା କରୁ ନ ଥିବାରୁ ବିଜେଡି ସରକାରଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରର ଉଜ୍ଜ୍ୱଳା, ସୌଭାଗ୍ୟ ଓ ପରିମଳ ଯୋଜନାରେ ଜନସାଧାରଣ କିପରି ଉପକୃତ ହୋଇଛନ୍ତି ସେ ସମ୍ପର୍କରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏସ୍.ଏସ୍. ପଣ୍ଡା, ବୃନ୍ଦାବନ ଦାସ, ଜାମିନୀକାନ୍ତ ନାଏକ, ସନାତନ ବିଜୁଳି, ଅର୍ଜୁନ ଦଳେଇ, ବେତନଟୀ ବକ୍ ଅଧକ୍ଷ, ଉପାଧକ୍ଷା, ୫ଟି ଜିଲାପରିଷଦ ଜୋନର ସଦସ୍ୟା ସଦସ୍ୟ, ଜିଲା ପ୍ରଭାରୀ ସୁବାସ ଚନ୍ଦ୍ର ପ୍ରଧାନ, ମାଣତ୍ରୀ ମଣ୍ଡଳ ସଭାପତି ଅଭୟ କୁମାର ମହାପାତ୍ର, ବଡ଼ସାହି ମଣ୍ଡଳ ସଭାପତି ବିଭୂତିଭୂଷଣ ମହାନ୍ତି ଉପସ୍ଥିତ ରହି କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।



ସଙ୍କଳ୍ପ ସମାବେଶରେ ମହିଳା ଗହଣରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ମଞ୍ଚାସୀନ ଅତିଥି ।

## ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**କପ୍ତିପଦା, ୨୭।୨(ଡ଼ିଏନ୍‌ଏ)**

ନୂଆସାହିସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟରେ ୧୦ଦିନବ୍ୟାପୀ ଚାଲୁଥିବା ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି । ସଭାରେ ଅଧକ୍ଷ ପ୍ରଫେସର ଚନ୍ଦ୍ର କୁମାର ପଟ୍ଟନାୟକ ଅଧକ୍ଷତା କରି ଆତ୍ମସୁରକ୍ଷା ତାଲିମର ଉପାଦେୟତା ସଂପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥିଭାବେ ଡ. ଅନାମ ଚରଣ ରାଉଳ, ମୁଖ୍ୟବକ୍ତା ନାରାୟଣ ବେହେରା , ଶ୍ରୀକାନ୍ତ କଳିଆ ଉପସ୍ଥିତ ରହି ଛାତ୍ରୀଙ୍କ ଆତ୍ମସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁକ୍ତ ୩ ର ଅଧକ୍ଷା ଡ. ଲିପିକା ବେହେରା ଉପସ୍ଥିତ ଥିବାବେଳେ ଅଧାପିକା ତଥା ପ୍ରୋଗ୍ରାମ୍ ଅଫିସର୍ ମଞ୍ଜନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧାପକ ଚନ୍ଦ୍ରମୋହନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବୈଠକ

**କପ୍ତିପଦା,୨୭।୨(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ଝିଙ୍କେଶ୍ୱର ପୀଠ ନିକଟରେ ଜିଲା ଅବସରପ୍ରାପ୍ତ ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନରେନ୍ଦ୍ର ମୋହନ ଜେନା ସଭାପତିତ୍ୱ କରିଥିଲେ । ମୟୂରଭଞ୍ଜ ଜିଲା ଏଲିମେଣ୍ଟାରୀ ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ସନାତନ ନାୟକ, ଶିକ୍ଷକ ଦର୍ପଣର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ପ୍ରଭାସ ବାରିକ୍, ଆନନ୍ଦ ଚନ୍ଦ୍ର ପୃଷ୍ଟି, ଗଣେଶ୍ୱର ପଣ୍ଡା, ଶିବ ପ୍ରସାଦ ମହାପାତ୍ର, ବେଣୁଧର ସାହୁ, ସୁଶାନ୍ତ କୁମାର ପରିଡ଼ା, ହରିହର ଧଳ, ସୁରେନ୍ଦ୍ରନାଥ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ଅଭିମନ୍ୟୁ ମହାନ୍ତି, ସୁଦର୍ଶନ ନାୟକ, କିଶୋର ଚନ୍ଦ୍ର ଦାସବାବୁ, ଉପେନ୍ଦ୍ରନାଥ ପୁହାଣ, ଶତ୍ରୁଘ୍ନ ମହାନ୍ତି ଏବଂ ବିଷ୍ଣୁମୋହନ ବେହେରା ଯୋଗଦେଇଥିଲେ। ପୁଲୱାମା ଶହୀଦ ଏବଂ ରାସଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଗତା ନିଶାମଣି ଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ବ୍ଲକ୍ ସଂଗଠନକୁ ସକ୍ରିୟ କରିବା ପାଇଁ ପ୍ରତି ମାସରେ ବୈଠକ କରିବା, ଚିକିତ୍ସା ଭତ୍ତା ପାଇଁ ପୋଷ୍ଟ କାର୍ଡ଼ ମାଧମରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଜଣାଇବା କେନ୍ଦ୍ରୀୟ ହାରରେ ପେନ୍‌ସନ୍ ପ୍ରଦାନ, ପେନ୍‌ସନ୍ ଅସଙ୍ଗତି ଦୂରୀକରଣ, ଗ୍ରାଚୁଇଟି ସଂଶୋଧନ ସଂପର୍କରେ ଆଲୋଚନା ହୋଇଛି।

■ ଭଞ୍ଜକିଆ ଆଦିବାସୀ ସାହି ରାସ୍ତା

# ଅସରାଏ ବର୍ଷାରେ ବେହାଲ

**ଭଞ୍ଜକିଆ/ଯଶିପୁର, ୨୭।୨(ଡି.ଏନ.ଏ.)**

ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି। ଡ୍ରେନ୍‌ରେ ଆବର୍ଜନା ସହ ପାଣି ଜମି ରହୁଛି। ଗାଡ଼ିମଟର ଯା'ଆସ କରିବା ତ ଦୂରର କଥା ପାଦଚଲା ଲୋକ ବି ରାସ୍ତାରେ ଯିବା କାଠିକର ପାଠ। ଏପରି ଅବସ୍ଥା ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ଭଞ୍ଜକିଆ ଆଦିବାସୀ ସାହି ୩ ନମ୍ବର ଓ୍ୱାର୍ଡ ରାସ୍ତାର ହୋଇଛି। ଏ ବିଷୟରେ ଗ୍ରାମବାସୀ ବହୁବାର ପଲ୍ଲିସଭାରେ ଅଭିଯୋଗ କରିଥିଲେ ମଧ ପ୍ରଶାସନ ଅଣଦେଖା କରିଚାଲିଛି। ପିଠା କାର୍ଯ୍ୟକ୍ରମରେ ମଧ ଅଭିଯୋଗ ହୋଇଛି। କିନ୍ତୁ କୌଣସି ସୁଫଳ ମିଳି ନ ଥିବା ବାସିନ୍ଦା ଅଭିଯୋଗ କରିଛନ୍ତି। ଏହା ସ୍ଥାନୀୟ ବାସିନ୍ଦାଙ୍କ ମୁଖ୍ୟ ଗମନାଗମନ ରାସ୍ତା। ଏହି ରାସ୍ତାରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଓ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ପିଲାମାନେ ପ୍ରତ୍ୟେକ ଦିନ ଯା'ଆସ କରିଥାନ୍ତି। ନୂଆଣିଆ ରାସ୍ତା ଯୋଗୁଁ ବର୍ଷାପାଣି ଜମି ରହୁଛି। ମଶା ଓ ମାଛିଙ୍କ ପ୍ରାର୍ଦୁଭାବ ବଢୁଛି। ମ୍ୟାଲେରିଆ ଆଦି ରୋଗ ହେବାର ସମ୍ଭାବନା ରହୁଛି। ମରାମତି କରିବାରେ ପ୍ରଶାସନ ଅଣଦେଖା କରୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଡ୍ରେନ୍ ଓ ରାସ୍ତା ନିର୍ମାଣ କରିବା ପାଇଁ ଦାବି ହୋଇଛି।



ରାସ୍ତାରେ ପାଣି ଜମିରହିଛି।

■ ମୟୂରଭଞ୍ଜ ପୋଲିସ ରିଜର୍ଭ ପଡ଼ିଆରେ ବାୟୁସେନାର କର୍ମଚାରୀ ଚୟନ ଆରମ୍ଭ

# ଉତ୍ସାହ ବଢ଼ିଛି, ଯୋଗଦେଲେ ୩୦୦ ଆଶାୟୀ ପ୍ରାର୍ଥୀ

**ବାରିପଦା ଅଫିସ,୨୭।୨**

ମୟୂରଭଞ୍ଜ ଜିଲା ବାରିପଦା ପୋଲିସ ରିଜର୍ଭ ପଡ଼ିଆରେ ସ୍ଥାନୀୟ ପ୍ରଶାସନ ସହଯୋଗରେ ବୁଧବାର ବାୟୁସେନାର କର୍ମଚାରୀ ଚୟନ ଶିବିର ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୫ ଜିଲାର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ଯୋଗ ଦେଇଛନ୍ତି। ଭାରତ–ପାକିସ୍ତାନ ସୀମାନ୍ତରେ ଅଶାନ୍ତି ଲାଗି ରହିଥିବାବେଳେ ସେନାରେ ଭର୍ତ୍ତିହେବା ପାଇଁ ଯୁବକଙ୍କ ମଧରେ ଉତ୍ସାହ ବଢ଼ିଥିବା ଦେଖିବାକୁ ମିଳିଛି। ଏହ ଶିବିର ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଧବାର ଅନୁଗୁଳ, ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେଓଗଡ଼, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି , ମାଲକାନଗିରି, ନବରଙ୍ଗପୁର, ଖୋର୍ଦ୍ଧା, ନୂଆପଡ଼ା , ସୋନପୁର ଜିଲାର ଆଶାୟୀ ପ୍ରାର୍ଥୀମାନେ ଯୋଗ ଦେଇଥିଲେ। ମାର୍ଚ୍ଚ ୧ ତାରିଖରେ ବାଲେଶ୍ୱର, ଭଦ୍ରକ, କଟକ, ଢ଼େଙ୍କାନାଳ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ପୁରୀ, ରାୟଗଡ଼ ଓ ସମ୍ବଲପୁର ଜିଲାର ଆଶାୟୀ ପ୍ରାର୍ଥୀମାନେ ଯୋଗ ଦେବେ। ଏହି ଶିବିରରେ ଶାରୀରିକ ଯୋଗ୍ୟତା , ଲିଖିତ ଏବଂ ଆଡପ୍ଟିବିଲଇଟି ପରୀକ୍ଷା ଚାଲିବ। ଚୟନ ହୋଇଥିବା ପ୍ରାର୍ଥୀଙ୍କ ଡାକ୍ତରୀ ପରୀକ୍ଷା କାଲାଇକୁଣ୍ଡା ଏୟାରବେସରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଚୟନ ପ୍ରାର୍ଥୀମାନଙ୍କୁ ବିଭାଗ ଦ୍ୱାରା ତାଲିମ ପ୍ରଦାନ କରାଯିବ ବୋଲି ଶିବିର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### କ'ଣ କୁହନ୍ତି ଆଶାୟୀ ପ୍ରାର୍ଥୀ

"ଶିବିରକୁ କେବଳ ନିଜ ପରିବାର ପ୍ରତିପୋଷଣ ପାଇଁ ନୁହେଁ, ବରଂ ଦେଶସେବା କରିବାକୁ ସୁଯୋଗ ପାଇବା ପାଇଁ ଆସିଛି।
– ଖୋର୍ଦ୍ଧା ଜିଲା ଦେଉଳିର ଶେଖ୍ ମୁବାରକ ।



"ସେନା ବାହିନୀରେ ଯୋଗଦେବା ମୋର ପିଲାବେଳର ଇଚ୍ଛା
ଦେବଗଡ଼ ଜିଲା ସୁଗୁଡ଼ାର ଟଙ୍କଧର ମହାକୁଡ଼ ।



"ବାୟୁସେନାରେ ଯୋଗଦେବାକୁ ଆସିଥିବାରୁ ନିଜକୁ ଗର୍ବ ଅନୁଭବ କରୁଛି। ଗତ ୧୪ ତାରିଖରେ ଭାରତୀୟ ସୁରକ୍ଷା ବାହିନୀଙ୍କ ଉପରେ ହୋଇଥିବା ଆକ୍ରମଣର ଜବାବ ଦେବାରେ ବାୟୁସେନା ପ୍ରମୁଖ ଭୂମିକା ନେଇଥିବାରୁ ସେନାରେ ଭର୍ତ୍ତି ହେବାକୁ ଆଗ୍ରହ ବଢ଼ିଯାଇଛି।
–ଦେବଗଡ ଜିଲା ମନୋହରପୁରର ଚନ୍ଦନ କୁମାର ଧଳ ।





# ଶ୍ରଦ୍ଧାଙ୍କ ଫରେନ ଟୁର୍

ଶ୍ରଦ୍ଧା କପୁର ଏବେ ଲଣ୍ଡନରେ ଡେରା ପକାଇଛନ୍ତି। ଠାକୁର ଦେଖାକୁ କଦଳୀ ଖିଆ ପରି ଯେଉଁ କାମ ପାଇଁ ସେଠାକୁ ଯାଇଛନ୍ତି ତାହା ତ ହେଉଛି, ତା'ସହ ବୁଲାବୁଲି ପୁଣି ଶପିଂ ବି ଚାଲିଛି। ହେଲେ ସେ ଲଣ୍ଡନ ଯିବା ପଛରେ ମୁଖ୍ୟ କାରଣ କ'ଣ ଜାଣନ୍ତି? ଫିଲ୍ମ ଶୁଟିଂ। କଥା କ'ଣ କି, ହିନ୍ଦୀ ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀ'ର ଶୁଟିଂ ଏବେ ଲଣ୍ଡନରେ ଚାଲିଛି। ତେଣୁ ଏକ ୧୫ଦିନିଆ ସିଡ୍ୟୁଲରେ ଫିଲ୍ମର ୟୁନିଟ୍ ସେଠାରେ ଡେରା ପକାଇଛି। କେବଳ ଶ୍ରଦ୍ଧା ନୁହନ୍ତି, ଫିଲ୍ମର ନାୟକ ବରୁଣ ଧାୱନ ମଧ୍ୟ ସେଠାରେ ଅଛନ୍ତି। ନିକଟରେ ଏହାର ନିର୍ଦ୍ଦେଶକ ରେମୋ ଡିସୌଜା ବରୁଣଙ୍କ ସହ ନିଜ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

## ବ|ଲି|ଉ|ଡ୍|ହା|ଲ୍|ଟା|ଲ୍

- ମଲାଇକା ଆରୋରା ନିକଟରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଏକ ରୋଚକ କଥା କହିଛନ୍ତି। ଅରବାଜଙ୍କ ସହ ଡିଭୋର୍ସ ହେବା ପୂର୍ବରୁ ଆମେ ଦୁହେଁ ଆଦୌ ଖୁସିରେ ନ ଥିଲୁ ବୋଲି କହିଛନ୍ତି ସେ।
- ଟିଗମାଂସୁ ଧୁଲିଆଙ୍କ ନିର୍ଦ୍ଦେଶିତ 'ମିଲନ ଟକିଜ୍' ଚଳିତ ବର୍ଷ ମାର୍ଚ୍ଚ ୧୫ରେ ରିଲିଜ ହେବାକୁ ଯାଉଛି। ଏହାର ଲିଡ୍ ରୋଲରେ ଅଛନ୍ତି ଅଲ୍ଲୀ ଫଜଲ ଏବଂ ଶ୍ରଦ୍ଧା ଶ୍ରୀନାଥ।
- 'ଗଲି ବୟ' ଦେଖିବା ପରେ କେବଳ ରଣବୀର ସିଂଙ୍କୁ ନୁହେଁ ଆଲିୟା ଭଟ୍ଟଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି କ୍ୟାଟ୍ରିନା।
- ଆଦିତ୍ୟ ରୟ କପୁରଙ୍କ ଆଗାମୀ ଆକ୍ସନ-ଥ୍ରୀଲର ଫିଲ୍ମରେ ଅନିଲ କପୁର ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ଆଦିତ୍ୟଙ୍କ ସହ ସ୍କ୍ରିନ ଶେୟାର କରିବେ ଦିଶା ପଟାନି। ଫିଲ୍ମର ଶୁଟିଂ ଚଳିତବର୍ଷ ମାର୍ଚ୍ଚରୁ ଗୋଆରେ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।
- ଲଗାତର ଫିଲ୍ମ ଫ୍ଲପ ହେବା ପରେ ଶାହରୁଖ ଏବେ ଏକ ଦମଦାର କାହାଣୀ ସନ୍ଧାନରେ ଅଛନ୍ତି।


ଦିଶା ପଟାନି

ଅପେରା ହାଲ୍‌ଚାଲ୍

# କଥା ୨୩ ବର୍ଷର


ଟୁନି

ଚାହୁଁ ଚାହୁଁ ଜଲିଉଡ୍‌ରେ ୨୩ ବର୍ଷ ହୋଇଗଲା। ଆକ୍ଟିଂର ଲମ୍ବା ଇନିଂସ୍ ଖେଳୁଥିବା ଏହି ଆଗଧାଡିର ଅଭିନେତ୍ରୀ ଜଣକ ହେଲେ ଟୁନିଆ ମଲ୍ଲିକ। ଟୁନି ନାମରେ ସେ ଇଣ୍ଡଷ୍ଟ୍ରିରେ ପରିଚିତା। ବର୍ତ୍ତମାନ ସେ ଯାତ୍ରାଗାଁ ଅପେରା ପାର୍ଟିରେ ଅଭିନୟ ଜାରି ରଖିଛନ୍ତି। ଚଳିତ ଯାତ୍ରା ସିଜନରେ ଦୁଇଟି ନାଟକ- 'ଲୁହର ଓଜନ ଲୁହାଠୁ ବେଶି' (ଶର୍ମିଳା, ଲଗ୍ନା) ଏବଂ 'ତୁ ମୋ ସପନର ରାଣୀ' (ସଞ୍ଜନା, ଶେଫାଳି)ରେ ତାଙ୍କର ଡବଲ ରୋଲ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏହି ଚରିତ୍ରଗୁଡିକୁ ସେ ବେଶ୍ ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି ଏବଂ ସାଉଁଟିଛନ୍ତି ଅନେକ ପ୍ରଶଂସା। 'ଲୁହର ଓଜନ ଲୁହାଠୁ ବେଶି' ଏବଂ 'ତୁ ମୋ ସପନର ରାଣୀ'ରେ ଡବଲ ରୋଲ୍ ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କିନ୍ତୁ ଆଖଡ଼ା ପରେ ତାହାକୁ ତୁଲାଇବାର ସହଜ ଉପାୟ ପାଇଯାଇଥିଲି। ମୋ ପରିଶ୍ରମକୁ ଦର୍ଶକେ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା ବୋଲି କୁହନ୍ତି ଟୁନିଆ।' ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରୁ ଆରମ୍ଭ ହୁଏ ତାଙ୍କ ଅଭିନୟ ଜୀବନ। ତୁଳସୀ ଗଣନାଟ୍ୟରେ ପ୍ରବେଶ ପରେ ତାଙ୍କର ଆକ୍ଟିଂ କ୍ୟାରିୟର ନିଏ ନୂଆ ମୋଡ଼। ବିଶେଷଭାବରେ ଟ୍ରାଜେଡି ଭୂମିକାରେ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିବାରେ ସକ୍ଷମ ହୋଇଛି, ଯେଉଁଥିପାଇଁ ସେ ଜଲିଉଡ୍‌ରେ 'ଟ୍ରାଜେଡି କୁଇନ୍' ଭାବରେ ପରିଚିତା।

# ରେହନୁମା ରେହନୁମା..

ନିର୍ମାଣାଧୀନ ଓଡ଼ିଆ ସିନେମା 'ବିଶ୍ୱରୂପ'ରେ ସଂଯୋଜିତ ଗୀତ 'ରେହନୁମା ରେହନୁମା'କୁ ନେଇ ଚର୍ଚ୍ଚା। ଗୀତଟିର କମ୍ପୋଜିଶନ ସମୟରେ ବେଶ୍ ପରିଶ୍ରମ କରିଥିଲେ ଏହାର ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ଗଡ଼ନାୟକ। ନାୟକ ବିଶ୍ୱରୂପ ଏବଂ ନାୟିକା ଅମ୍ରିତାଙ୍କୁ ନେଇ ଏହାର ଦୃଶ୍ୟାୟନ ସୁଦୂର ଆସାମ, ମେଘାଳୟ ଏବଂ ସିକ୍କିମ୍‌ରେ କରାଯାଇଛି। ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ସତ୍ୟଜିତ୍ ଏବଂ ଦୀପ୍ତିରେଖା। କେବଳ କମ୍ପୋଜିଶନ ନୁହେଁ, ଗୀତଟି ରଚନା ସମୟରେ ଏହାର ପ୍ରତିଟି ଧାଡ଼ି କିପରି ବେଶ୍ ଶ୍ରୁତିମଧୁର ହୋଇପାରିବ ସେଥିପାଇଁ ଚେଷ୍ଟା କରାଯାଇଥିଲା। ଏ.ବି. କ୍ରିଏଶନ ବ୍ୟାନର ତଥା ବିଶ୍ୱଜିତ୍ ମିଶ୍ରଙ୍କ ପ୍ରଯୋଜନାରେ ନିର୍ମିତ 'ବିଶ୍ୱରୂପ'ର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜକାନ୍ତ।


ବିଶ୍ୱରୂପ - ଅମ୍ରିତା

# ଦୋଛକିରେ ପଡ଼ିଛନ୍ତି ଈଶାନ

ନବାଗତ ଈଶାନ ଖଟ୍ଟର। 'ଧଡକ୍' ସିନେମାରୁ ସେ ତାଙ୍କର ବଲିଉଡ୍ ଜର୍ନି ଆରମ୍ଭ କରିଛନ୍ତି। ନିକଟରେ ସେ ଦୋଛକିରେ ପଡିଯାଇଛନ୍ତି। ପୁଣି ଏମିତି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। ଏପରି ଏକ ସମସ୍ୟାର ସମାଧାନ କିପରି କରିବେ ତାହାର ବାଟ ଖୋଜୁଛନ୍ତି ସେ। ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ତାଙ୍କୁ ଆଉ ଏକ ଭଲ ଅଫର ମିଳିଛି। ତାହା ପୁଣି ବିଶିଷ୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ କ୍ୟାମ୍ପ୍‌ରୁ ଜାଣନ୍ତି। ଶୁଣିବାକୁ ମିଳୁଛି ଯେ ସଞ୍ଜୟ ଏକ ଲଭ୍ ଷ୍ଟୋରିକୁ ହିନ୍ଦୀ ସିନେମାରେ ରୂପାନ୍ତରିତ କରିବାକୁ ଯାଉଛନ୍ତି। ଆଉ କାହାଣୀ ଅନୁସାରେ ଏହାର ମେଲ୍ ଲିଡ୍ ପାଇଁ ସେ ଈଶାନଙ୍କ ନାମକୁ ପ୍ରାଥମିକତା ଦେଉଛନ୍ତି। ଯଦିଓ ସବୁକିଛି ଆଲୋଚନା ସ୍ତରରେ ରହିଛି, ହେଲେ ଏଭଳି ଖବର ପାଇବା ପରେ ଈଶାନଙ୍କ ଖୁସି କହିଲେ ନ ସରେ। ହେଲେ ସେପଟେ ତାଙ୍କୁ ଆଉ ଏକ ଭଲ ଅଫର ମିଳିଛି। ତେଣୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଯାଇଛନ୍ତି ଏହି ଅଭିନେତା। ତେବେ ଆଗକୁ କ'ଣ ହେବା ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।


ଈଶାନ

# ବିନ୍‌ଦାସ ଦୀପକ

ଆଶା କାହାର ନ ଥାଏ କହିଲେ? ଯେତେବେଳେ ତାହା ପୂରଣ ହୋଇଯାଏ ସେତେବେଳେ ଖୁସି କହିଲେ ନ ସରେ। ଆଉ ସେଥିରୁ ଦୀପକ ବାଦ୍ ବା ପଡ଼ନ୍ତେ କିପରି? ନିକଟରେ ତାଙ୍କର ଏପରି ଏକ ଆଶା ପୂରଣ ହେବା ପରେ ସେ ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି, ନିର୍ମାଣାଧୀନ ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟ୍‌କା'ରେ ତାଙ୍କୁ ମିଳିଛି ଏକ ଚ୍ୟାଲେଞ୍ଜିଂ ଭୂମିକା। ପୁଣି ରୋଲ୍‌ଟି ତାଙ୍କ ମନଲାଖି। ଏ ସମ୍ପର୍କରେ ଦୀପକ କହନ୍ତି, ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ ଏବଂ କମେଡି ରହିଛି। ଏଥିରେ ମୋତେ ମିଳିଛି ଜଣେ ବିନ୍‌ଦାସ ଯୁବକର ଭୂମିକା। ହଠାତ୍ ମୋର ଜଣେ ସୁନ୍ଦରୀ ସହ ଭେଟ ହେଉଛି ଏବଂ ସେହି ପ୍ରଥମ ଦେଖାରେ ହିଁ ଆମ ଭିତରେ ପ୍ରେମ ଆରମ୍ଭ ହୋଇଯାଉଛି। ବାସ୍ ତା'ପରେ କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ସବୁଦୃଷ୍ଟିରୁ ଏହି ଭୂମିକା ମୋତେ ପ୍ରଭାବିତ କରିଛି। ଏହା ହେଉଛି ମୋର ଡ୍ରିମ୍ ରୋଲ୍, ଯେଉଁଥିରେ ସବୁପ୍ରକାର ମସଲା ରହିଛି।' ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଦୀପକଙ୍କ ଅପୋଜିଟ୍‌ରେ ପିଙ୍କି ପ୍ରିୟଦର୍ଶିନୀ ନାୟିକା ସାଜିଥିବା ବେଳେ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ପ୍ରଜ୍ଞା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର।


ଦୀପକ-ପିଙ୍କି

# ବ୍ୟସ୍ତ ଅଛନ୍ତି ରଣବୀର

ରଣବୀର ସିଂଙ୍କ ପାଖରେ ଏବେ ଟାଇମ୍ ନାହିଁ। କାରଣ ପ୍ରସ୍ତୁତିରେ ଏବେ ସମୟ ବିତି ଯାଉଛି। କ'ଣ ପାଇଁ ଜାଣନ୍ତି ? ସେ ଏବେ ବିଶିଷ୍ଟ କ୍ରିକେଟ ଖେଳାଳି ତଥା ଭାରତକୁ ପ୍ରଥମ ଥର ପାଇଁ ବିଶ୍ୱକପ ଚାମ୍ପିୟନର ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ବାୟୋପିକରେ ଅଭିନୟ କରିବାକୁ ଯାଉଛନ୍ତି। ତେଣୁ ଏଭଳି ଏକ ଭୂମିକାରେ କିପରି ସଫଳ ହେବ ସେ ନେଇ ଦିନରାତି ଏକାଠି କରିଦେଇଛନ୍ତି ରଣବୀର। ବିଶେଷ ଭାବରେ ପଡିଆରେ କପିଲଙ୍କ ଆକ୍ସନକୁ କିପରି ଠିକ୍ ଭାବରେ ସେ ଫଲୋ କରିବା ସହ ଭୂମିକାଟିକୁ ତୁଲାଇ ପାରିବେ ସେଥିପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। 'କେବଳ ଏହି ଭୂମିକା ନୁହେଁ, ସିନେମାଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। ତେଣୁ ଏହାକୁ ପ୍ରପର ଜଷ୍ଟିସ ଦେବାକୁ ଲାଗି ପଡିଛି ବୋଲି କହିଛନ୍ତି ରଣବୀର।' ସୂଚନାଯୋଗ୍ୟ, ନିକଟରେ ରଣବୀରଙ୍କ ଅଭିନୀତ 'ଗଲି ବୟ' ରିଲିଜ ହୋଇ ଭଲ ବିଜନେସ କରୁଛି।

"୨୦୧୯ ବିଶ୍ୱକପ୍ କିଏ ଜିତିବ, ଅନୁମାନ କରିବା କଷ୍ଟସାଧ ହେଲେ ମଧ ଭାରତ ଓ ପାକିସ୍ତାନ ନିକଟରେ ଚାମ୍ପିୟନ ହେବାର ଭଲ ସୁଯୋଗ ରହିଛି ।
– ଏବି ଡି ଭିଲର୍ସ, ପ୍ରାକ୍ତନ ଦକ୍ଷିଣ ଆଫ୍ରିକା କ୍ରିକେଟର



"କ୍ରିସ୍ ଗେଲ୍‌ଙ୍କ ପରି ଛକା ମାରିପାରିବି ନାହିଁ। କିନ୍ତୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିପାରିବି ।
– ଜୋ ରୁଟ୍, ଇଂଲଣ୍ଡ କ୍ରିକେଟର



## ସଂକ୍ଷେପରେ

### ମନୁ-ସୌରଭ ଜିତିଲେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୭।୨(ପିଟି)- ସ୍ଥାନୀୟ ଡ. କାର୍ନି ଶୁଟିଂ ରେଞ୍ଜଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ରେ ବୁଧବାର ଭାରତକୁ ୩ୟ ସ୍ୱର୍ଣ୍ଣ ପଦକ ମିଳିଛି। ମନୁ ଭାକର ଓ ସୌରଭ ଚୌଧାରୀଙ୍କ ଯୋଡ଼ି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ତିନି ଏଜ ଯୋଡ଼ି ୫.୭ ପଏଣ୍ଟ ବ୍ୟବଧାନରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଭାରତ ଟୁର୍ନାମେଣ୍ଟର ସର୍ବାଧିକ ସଂଖ୍ୟକ ପଦକ ଜିତି ପଦକ ତାଲିକାରେ ହଙ୍ଗେରୀ ସହ ଶୀର୍ଷରେ ରହିଛି। କିନ୍ତୁ ଏହି ଇଭେଣ୍ଟରୁ ଭାରତ କେବଳ ଗୋଟିଏ ଅଲିମ୍ପିକ୍ କୋଟା ପାଇଛି। ସେ ହେଉଛନ୍ତି ସୌରଭ। ସେ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପଦକ ତାଲିକାରେ ୩ୟ ସ୍ଥାନରେ ଥିବା ଚାଇନା ସର୍ବାଧିକ ସଂଖ୍ୟକ ପଦକ ଜିତିଛି। ଚାଇନିଜ ଶୁଟରମାନେ ୧୦ ପଦକ ସହ ୫ ଅଲିମ୍ପିକ୍ କୋଟା ପାଇଛନ୍ତି। ଭାକର ଓ ସୌରଭ ମିଳିତ ଭାବେ ଫାଇନାଲରେ ୪୮୩.୪ ସ୍କୋର କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ୱାଲିଫାୟର୍ସ ରାଉଣ୍ଡରେ ଦୁଇ ଭାରତୀୟ ଶୁଟର ୭୭୮ ସ୍କୋର କରି ବିଶ୍ୱ ରେକର୍ଡ ସହ ଫାଇନାଲରେ ପ୍ରବେଶ କରିଥିଲେ। ଏହି ଇଭେଣ୍ଟରେ ଚାଇନା (୪୭୭.୭) ଓ କୋରିଆ (୪୧୮.୮) ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### କ୍ୱାର୍ଟରରେ ସୌରଭ

ସିକାଗୋ,୨୭।୨(ପିଟି)- ଭାରତୀୟ ସ୍କ୍ୱାଶ୍ ଖେଳାଳି ସୌରଭ ଘୋଷାଲ ଏଠାରେ ଚାଲିଥିବା ପିଏସ୍ଏ ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ୩୨ ବର୍ଷୀୟ ଭାରତୀୟ ୧୧-୧୩, ୧୧-୭, ୧୧-୭, ୧୩-୧୧ ଗେମ୍‌ରେ ୱେଲ୍ସ ଜୋଏଲ ମାକିନଙ୍କୁ ହରାଇ ଦେଇଛନ୍ତି। ପ୍ରଥମ ଗେମ୍‌ରେ ପରାସ୍ତ ହେବା ପରେ ୧୧ତମ ସିଡ୍ ସୌରଭ ଚମତ୍କାର ପ୍ରଦର୍ଶନ ବଳରେ ମ୍ୟାଚ୍‌କୁ ଫେରିବା ସହ ଜିତି ନେଇଥିଲେ। ସୌରଭ ଆଗାମୀ ମ୍ୟାଚ୍‌ରେ ଜର୍ମାନୀର ସିମୋନ ରୋଶ୍‌ନରଙ୍କୁ ଭେଟିବେ।

### ଭାରତ ଗସ୍ତରୁ ରିଚାର୍ଡସନ ବାଦ୍

ମୁମ୍ବାଇ,୨୭।୨(ପିଟି)- ଅଷ୍ଟ୍ରେଲିଆନ ଫାଷ୍ଟ ବୋଲର କେନ ରିଚାର୍ଡସନ ସମ୍ପୂର୍ଣ୍ଣ ଭାରତ ଗସ୍ତରୁ ବାଦ୍ ପଡ଼ିଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। ଏ ନେଇ ବୁଧବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଛି। ଭାରତୀୟ ଦଳ ବିପକ୍ଷରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବା ପୂର୍ବରୁ ଅଭ୍ୟାସ ସେସନ୍‌ବେଳେ ସେ ଆହତ ହୋଇଥିଲେ। ତାଙ୍କ ବଦଳରେ ଆଣ୍ଡ୍ର୍ୟୁ ଟାଏ ଦଳରେ ସ୍ଥାନ ପାଇଛନ୍ତି। ଭାଇଜାଗଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍ ପୂର୍ବରୁ ରିଚାର୍ଡସନ ଶରୀରର ବାମପାର୍ଶ୍ୱରେ ଯନ୍ତ୍ରଣା ହେଉଥିବା ଅଭିଯୋଗ କରିଥିଲେ। ଦୁର୍ଭାଗ୍ୟବଶତଃ ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଫିଟ୍ ନ ହେବାରୁ ତାଙ୍କୁ ଗସ୍ତରୁ ବାଦ୍ ଦିଆଯାଇଛି। ସେ ଏବେ ସ୍ୱଦେଶ ଫେରିଯିବେ ବୋଲି ଅଷ୍ଟ୍ରେଲିଆ ଦଳର ଫିଜିଓଥେରାପିଷ୍ଟ ଡେଭିଡ ବେକଲି କହିଛନ୍ତି। ଏଥିଯୋଗୁ ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡଙ୍କ ବିନା ଭାରତ ଗସ୍ତ କରିଥିବା ଅଷ୍ଟ୍ରେଲିଆ ଦଳକୁ ଶକ୍ତ ଧକ୍କା ଲାଗିଛି।

# ଅଷ୍ଟ୍ରେଲିଆ ସିରିଜ ବିଜୟୀ

## ମ୍ୟାକ୍ସୱେଲଙ୍କ ଶତକ

ବେଙ୍ଗାଲୁରୁ,୨୭।୨(ପି.ଟି.)

ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଅପରାଜିତ ଶତକ (୧୧୩ ରନ, ୫୫ ବଲ, ୭ ଚୌକା, ୯ ଛକା) ବଳରେ ଅଷ୍ଟ୍ରେଲିଆ ବୁଧବାର ଦ୍ୱିତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଭାରତକୁ ୨ଟି ବଲ ବାକିଥାଇ ୭ ଉଇକେଟରେ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ଅଷ୍ଟ୍ରେଲିଆ ୨-୦ରେ ସୁଇପ୍ କରିଛି। ପରାଜୟ ଫଳରେ ଭାରତର କ୍ରମାଗତ ସିରିଜ ଅପରାଜୟ ଧାରା ବ୍ୟାହତ ହୋଇଛି।

**ଘରୋଇ ପରିବେଶରେ ଭାରତର ଟି୨୦ ସିରିଜ ପରାଜୟ**

- ୨୦୧୧ ବନାମ ଇଂଲଣ୍ଡ (୧ ମ୍ୟାଚ): ୦-୧
- ୨୦୧୨ ବନାମ ନ୍ୟୁଜିଲାଣ୍ଡ(୨ ମ୍ୟାଚ): ୦-୧
- ୨୦୧୫ ବନାମ ଦକ୍ଷିଣ ଆଫ୍ରିକା(୩ ମ୍ୟାଚ): ୦-୨
- ୨୦୧୯ ବନାମ ଅଷ୍ଟ୍ରେଲିଆ(୨ ମ୍ୟାଚ): ୦-୨

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୪ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯.୪ ଓଭରରେ ୩ ଉଇକେଟ ହରାଇ ୧୯୪ ରନ କରି ବିଜୟୀ ହୋଇଥିଲା। ଦମଦାର ଶତକୀୟ ଇନିଂସ ଖେଳି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିବା ମ୍ୟାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଥିଲେ। ଅଷ୍ଟ୍ରେଲିଆ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଡାର୍ସି ଶର୍ଟ ୨୮ ବଲରୁ ୪୦, ମାର୍କସ ଷ୍ଟୋଇନିସ ୭, ଅଧିନାୟକ ଆରୋନ ଫିଞ୍ଚ୍ ୮ ରନ କରି ଆଉଟ ହୋଇଥିବା ବେଳେ ପିଟର ହ୍ୟାଣ୍ଡ୍ସକମ୍ବ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ବିଜୟ ଶଙ୍କର ୨, ସିଦ୍ଧାର୍ଥ କାଉଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଏହି ସିରିଜରେ କ୍ରମାଗତ ଦ୍ୱିତୀୟଥର ପାଇଁ ଭାରତ ଟସ୍ ହାରିଥିଲା। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଧିମା ଆରମ୍ଭ କରିଥିଲା। ପରେ ଓପନର ଲୋକେଶ ରାହୁଲ ଧୁଆଁଧାର ବ୍ୟାଟିଂ କରି ସ୍କୋରକୁ ଆଗକୁ ବଢାଇଥିଲେ। ୨୬ଟି ବଲର ସମ୍ମୁଖୀନ ହୋଇ ରାହୁଲ ୩ ଚୌକା ଓ ୪ ଛକା ସହ ଦ୍ରୁତ ୪୭ ରନ କରିଥିବା ବେଳେ ନାଥନ କୁଲ୍ଟର-ନିଲଙ୍କ ଅଫ୍ ଷ୍ଟମ୍ପ ବାହରର ବଲକୁ ଥାର୍ଡ ମ୍ୟାନ ଅଞ୍ଚଳକୁ ଖେଳି ୫େ ରିଚାର୍ଡଶନଙ୍କ ହାତରେ ଧରା ପଡିଥିଲେ। ଅଭିଜ୍ଞ ଶିଖର ଧାୱନ ୨୪ଟି ବଲ ଖେଳି ୧୪ ରନ କରି ଜାସନ ବେହରନଡର୍ଫଙ୍କ ବଲ୍‌ରେ ମାର୍କସ ଷ୍ଟୋଇନିସ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୪୩ ବଲରୁ ୬୧ ରନ ସଂଗ୍ରହ କରିଥିଲେ। ରିଷଭ ପନ୍ତ ଡାର୍ସିଙ୍କ ବଲରେ ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଲଙ୍ଗଅପ୍‌ରେ ରିଚାର୍ଡଶନଙ୍କ ହାତରେ ଧରାପଡି ପୁଣିଥରେ ବିଫଳ ହୋଇଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ଅଧିନାୟକ କୋହଲି ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୫୦ ବଲରୁ ୧୦୦ ରନ ସଂଗ୍ରହ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ଧିମା ଆରମ୍ଭ କରିଥିବା ଧୋନୀ ପରେ ୨୩ଟି ବଲ୍ ଖେଳି ୩ ଚୌକା ଓ ୩ ଛକା ସହ ଦ୍ରୁତ ୪୦ ରନ ସଂଗ୍ରହ କରିଥିବା ବେଳେ ପ୍ୟାଟ କୁମିନ୍ସଙ୍କ ବଲ୍‌ରେ ଲଙ୍ଗଅଫ୍‌ରେ ଆରୋନ ଫିଞ୍ଚ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲି ଉପଯୋଗୀ ତଥା ଦ୍ରୁତଗତିରେ ବ୍ୟାଟିଂ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ୩୮ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୬ ଛକା ସହ ସେ ୭୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଦୀନେଶ କାର୍ତ୍ତିକ ୩ଟି ବଲ ଖେଳି ୨ ଚୌକା ସହ ୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ବେହରନଡର୍ଫ, କୁଲ୍ଟର-ନିଲ, କୁମିନ୍ସ ଓ ଶର୍ଟ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତୀୟ ଦଳରେ ୩ଟି ପରିବର୍ତ୍ତନ ହୋଇଥିଲା। ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇ ଶିଖର ଧାୱନ, ମୟଙ୍କ ମାର୍କଣ୍ଡେଙ୍କ ବଦଳରେ ଅଲରାଉଣ୍ଡର ବିଜୟ ଶଙ୍କର ଓ ଉମେଶ ଯାଦବଙ୍କ ବଦଳରେ ସିଦ୍ଧାର୍ଥ କାଉଲଙ୍କୁ ସୁଯୋଗ ପ୍ରଦାନ କରାଯାଇଥିଲା।



ଶତକ ହାସଲ ପରେ ଗ୍ଲେନ ମ୍ୟାକ୍ସୱେଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୦/୪ (କୋହଲି- ୭୨*, ରାହୁଲ- ୪୭, ଧୋନୀ- ୪୦, କାର୍ତ୍ତିକ- ୮*, ବେହରନଡୋର୍ଫ- ୧/୧୭, କୁଲ୍ଟର ନିଲ- ୧/୩୩, କୁମିନ୍ସ- ୧/୪୦, ଶର୍ଟ- ୧/୨୯)।
ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୯୪/୩ (ମ୍ୟାକ୍ସୱେଲ- ୧୧୩*, ଶର୍ଟ- ୪୦, ହ୍ୟାଣ୍ଡ୍ସକମ୍ବ- ୨୦*, ଶଙ୍କର- ୨/୩୮)।

# ଓଡ଼ିଶାର କ୍ରମାଗତ ୩ୟ ବିଜୟ



ବ୍ୟାଟିଂ ଅବସରରେ ରିଦ୍ଧିମାନ ଶାହା

**ସୟଦ ମୁସ୍ତାକ ଅଲି ଟି୨୦**

କଟକ ଅଫିସ,୨୭।୨

ଡ୍ରିମସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟରେ ଆସାମକୁ ପରାସ୍ତ କରିଛି । ଟୁର୍ନାମେଣ୍ଟରେ ଓଡ଼ିଶାର ଏହା କ୍ରମାଗତ ୩ୟ ବିଜୟ । ପ୍ରଥମ ଦୁଇଟି ମ୍ୟାଚ ପରାସ୍ତ ହେବା ପରେ ପରବର୍ତ୍ତୀ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ୧୨ ପଏଣ୍ଟ ସହ ଓଡ଼ିଶା ଗ୍ରୁପ-ଡି ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି । ଆସାମ ବିପକ୍ଷ ମ୍ୟାଚ୍‌ରେ ସ୍ପିନର ପପୁ ରାୟ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଛନ୍ତି। ୨୧ରନ ବିନିମୟରେ ପପୁ ୪ଟି ଉଇକେଟ ଦଖଲ କରିଛନ୍ତି । ଶୁଭ୍ରାଂଶୁ ସେନାପତି ଆହତ ହୋଇଥିବାରୁ ଏହି ମ୍ୟାଚ୍‌ରେ ଅନୁରାଗ ଷଡ଼ଙ୍ଗୀ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ଓଡ଼ିଶା ଟସ୍ ଜିତି ଆସାମକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ଆସାମ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ରନ କରିଥିଲା । ଶିବଶଙ୍କର ରାୟ ସର୍ବାଧିକ ୪୨ଓ ଜିତୁମଣି କଳିତା ୩୧ରନ କରିଥିଲେ। ପପୁଙ୍କ ବ୍ୟତୀତ ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ବିପ୍ଳବ ସାମନ୍ତରାୟ ଓ ପ୍ରୟାସ ସିଂଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା । ଜବାବରେ ଓଡ଼ିଶା ୩ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା। ଓପନର ସନ୍ଦୀପ ପଟ୍ଟନାୟକ ୨୧ ଓ ରାଜେଶ ଧୂପର ୨୭ରନରେ ଆଉଟ ହେବା ପରେ ଅଧିନାୟକ ଅନୁରାଗ ଓ ବିପ୍ଳବ ଓଡ଼ିଶାକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ଅର୍ଦ୍ଧଶତକରୁ ବଞ୍ଚିତ ହୋଇ ବିପ୍ଳବ(୪୯ରନ) ପ୍ୟାଭିଲିୟନ ଫେରିବା ପରେ ଅନୁରାଗ(୪୩ରନ) ଦଳକୁ ବିଜୟୀ କରାଇଥିଲେ । ଆସାମ ପକ୍ଷରୁ ଅବୁ ନଚିମ ଅହମ୍ମଦଙ୍କୁ ୨ଟି ଉଇକେଟ ମିଳିଥିଲା ।

**ରିଦ୍ଧିମାନଙ୍କ ଶତକ**

ଆହତ ପରେ ଘରୋଇ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ସାହଙ୍କ ଶତକୀୟ ଇନିଂସ ବଳରେ ବେଙ୍ଗଲ ୧୦୭ରନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି । ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରିଦ୍ଧିମାନ ୬୨ବଲରୁ ୧୨୯ରନ କରିବା ସହ ଟି୨୦ କ୍ୟାରିୟରରେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ୬ ଉଇକେଟ ବିନିମୟରେ ୨୩୪ରନ କରିଥିଲା । ବିଜୟଲକ୍ଷ୍ୟକୁ ପିଛା କରି ଅରୁଣାଚଳପ୍ରଦେଶ ୪ ଉଇକେଟ ହରାଇ ୧୨୭ରନ କରିବାକୁ ସକ୍ଷମ ହୋଇଥିଲା। ସେହିଭଳି ଅନ୍ୟ ଦୁଇଟି ମ୍ୟାଚ୍‌ରେ ହରିୟାଣା ଓ କର୍ଣ୍ଣାଟକ ଯଥାକ୍ରମେ ମିଜୋରାମ ଓ ଛତିଶଗଡକୁ ହରାଇଛନ୍ତି। କର୍ଣ୍ଣାଟକର ଏହା ଲଗାତର ୫ମ ବିଜୟ।

# ଆଇସିସିର ଆଶ୍ୱାସନା

ଦୁବାଇ, ୨୭।୨(ପିଟି)

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ବିସିସିଆଇ ପକ୍ଷରୁ ଆଗାମୀ ଆଇସିସି ବିଶ୍ୱକପ୍‌କୁ ନେଇ ସୁରକ୍ଷା ଚିନ୍ତା ପ୍ରକଟ କରାଯାଇଛି। ଏଠାରେ ଆୟୋଜିତ ଆଇସିସି ଚିଫ୍ କାର୍ଯ୍ୟକାରୀ କମିଟି (ସିଇସି) ବୈଠକରେ ବିସିସିଆଇ ସିଇଓ ରାହୁଲ ଜୋହରି ମେ' ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳ, ମ୍ୟାଚ୍ ଅଫିସିଆଲ ଓ ଭାରତୀୟ ପ୍ରଶଂସକଙ୍କ ସୁରକ୍ଷା ନେଇ ଚିନ୍ତାପ୍ରକଟ କରିଛନ୍ତି। ଏହାପରେ ଆଇସିସି ମୁଖ୍ୟ ଡେଭିଡ ରିଚାର୍ଡସନ ବିସିସିଆଇର ଚିନ୍ତା ଦୂର ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ବିସିସିଆଇର ମୁଖ୍ୟ ଏଜେଣ୍ଡାରେ ନାହିଁ। ଆତଙ୍କବାଦୀକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରୁ ତଡ଼ିବା ଏହାର ମୁଖ୍ୟ ଲକ୍ଷ୍ୟ। ଉଲ୍ଲେଖଥାଉ କି, ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ସୌରଭ ଗାଙ୍ଗୁଲି ଓ ହରଭଜନ ସିଂଙ୍କ ଭଳି ପ୍ରଖ୍ୟାତ ଖେଳାଳି ଜୁନ୍ ୧୬ରେ ମାଞ୍ଚେଷ୍ଟରଠାରେ ଖେଳାଯିବାକୁ ଥିବା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତ ନ ଖେଳିବା ଉଚିତ ବୋଲି ମନ୍ତବ୍ୟ ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ ବିସିସିଆଇ ସିଇସି ବୈଠକରେ କୌଣସି ଆଲୋଚନା କରିନାହିଁ।

# ଫାଇନାଲରେ ଓଡ଼ିଶା

କଟକ ଅଫିସ,୨୭।୨

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଅନୁଷ୍ଠିତ ୯ମ ଜାତୀୟ ଜୁନିୟର ବାଳକ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି । ବୁଧବାର ମଧ୍ୟପ୍ରଦେଶ ବିପକ୍ଷରେ ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ଗୋଲକିପର ସାହିଲ କୁମାର ନାୟକ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ବିଜୟୀ ହୋଇଥିଲା। ୪ଟି ଯାକ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ପେନାଲ୍ଟି ସୁଟଆଉଟର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟପ୍ରଦେଶ ୨ଟି ଗୋଲ ସ୍କୋର କରିଥିବା ବେଳେ ଓଡ଼ିଶା ୪ଟି ଗୋଲ ଦେଇ ଫାଇନାଲରେ ପ୍ରବେଶ କରିଛି। ମଧ୍ୟପ୍ରଦେଶ ପକ୍ଷରୁ ହୋଇଥିବା ପ୍ରଥମ ଓ ୪ର୍ଥ ପ୍ରୟାସକୁ ଗୋଲକିପର ସାହିଲ ଚମତ୍କାର ଭାବେ ଅଟକାଇଥିଲେ । ସାହିଲଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି । ଫାଇନାଲରେ ବିଜୟୀ ହେବାର ଆଶା ରହିଛି ବୋଲି କୋଚ୍ ପ୍ରଣବ ପଟ୍ଟନାୟକ କହିଛନ୍ତି ।

## ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ

# ଭାରତୀୟ ଦଳରେ ଓଡ଼ିଶାର ୧୨

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ଆବୁଧାବିଠାରେ ମାର୍ଚ୍ଚ ୧୪ରୁ ୨୧ ପର୍ଯ୍ୟନ୍ତ ୧୫ଶ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ୧୭୬ ଦେଶରୁ ୭୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସ୍ପେଶାଲ ଅଲିମ୍ପିକ୍ସ ଭାରତ ପକ୍ଷରୁ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୩୮୩ ଜଣିଆ ପ୍ରତିନିଧି ଦଳର ନାମ ଘୋଷଣା କରାଯାଇଛି। ଏହା ମଧ୍ୟରେ ୨୮୯ ଆଥଲେଟ୍, ୭୩ କୋଚ୍ ଏବଂ ୨୧ ଅଫିସିଆଲ ଓ ସପୋର୍ଟ ଷ୍ଟାଫ୍ ସାମିଲ। ଭାରତୀୟ ଦଳରେ ଓଡ଼ିଶାର ମୋଟ ୧୨ ଜଣ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୯ ଆଥଲେଟ୍/ପାର୍ଟନର, ୨ କୋଚ୍ ଓ ଜଣେ ପ୍ରତିନିଧି ଦଳର ମୁଖ୍ୟ। ଆଥଲେଟ୍‌ମାନେ ହେଲେ ମୁକ୍ତା ମୁଣ୍ଡା, ରାଜଶ୍ରୀ ମହାପାତ୍ର, ରୁଶାଲି ଜେନା, ପ୍ରଭାତ ବରାଳ, ରୋନକ ପାରେଖ, ରଜତ କୁମାର କେଡିଆ, ସନ୍ଦୀପ, ଇନ୍ଦ୍ରମଣି କାଣ୍ଡି(ଆଥଲେଟ୍‌ଲିଡର) ଓ ବିଭାରାଣୀ ପାତ୍ର(ୟୁଥ୍ ଲିଡର)। ମୁଖ୍ୟ କୋଚ୍ ଅର୍ପିତା ମହାପାତ୍ର, ମେଣ୍ଟର ବିବେକାନନ୍ଦ ମହାନ୍ତି ଓ ଭାରତୀୟ ପ୍ରତିନିଧି ଦଳର ସହକାରୀ ମୁଖ୍ୟ ପ୍ରକାଶ କୁମାର ରଥ। ଓଡ଼ିଶା ପ୍ରତିନିଧି ଦଳକୁ ବିଦାୟ ଦେବା ପାଇଁ ଏକ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କସ୍ତୁରୀ ମହାପାତ୍ର, ମିନତି ବେହେରା, ରୋଜାଲିନ ପାଟଶାଣୀ ମିଶ୍ର, ଜାଫର ଇକବାଲ, ଦୀକ୍ଷା ତିୱାରୀ ଓ ପ୍ରଦୀପ୍ତ ରଥ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଶାର ଦଳର ୟୁନିଫର୍ମ ଉନ୍ମୋଚନ କରିଥିଲେ। ଏହି ମେଗା ଇଭେଣ୍ଟରେ ୨୪ଟି ଅଲିମ୍ପିକ୍ସ କ୍ରୀଡ଼ା ସ୍ଥାନ ପାଇଥିବାବେଳେ ଭାରତ ୧୭ଟିରେ ଅଂଶଗ୍ରହଣ କରିବ।

# ଦୂତୀଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ

## ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସ୍ୱର୍ଣ୍ଣିମ ସଫଳତା ସହ ବର୍ଷ ଆରମ୍ଭ କରିଛନ୍ତି। କେବଳ ଗୋଟିଏ ଇଭେଣ୍ଟ ନୁହେଁ ଉଭୟ ୧୦୦ ଓ ୨୦୦ ମିଟରରେ ସେ ସ୍ୱର୍ଣ୍ଣ ପଦକ ହାସଲ ସହ ଆଗକୁ ବଢ଼ିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ମହିଳା ୨୦୦ ମିଟରରେ ଦୂତୀ ୨୩.୩୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଫଳରେ ଦୂତୀ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କାତାରର ଦୋହାଠାରେ ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗତା ପାଇଁ ମହିଳା ୨୦୦ ମିଟରରେ ଯୋଗ୍ୟତା ଟାଇମିଂ ୨୩.୩୦ ରହିଥିଲା। ଦୂତୀ ତାହା ସ୍ପର୍ଶ କରିପାରିଥିବାରୁ ଦୋହା ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ହରିୟାଣାର ଅଞ୍ଜଳି ଦେବୀ ୨୪.୧୫ ସେକେଣ୍ଡ ସହ ରୌପ୍ୟ ଏବଂ ଆନ୍ଧ୍ର ପ୍ରଦେଶର ସୁପ୍ରିୟା ମାଣ୍ଡାଲି ୨୪.୪୮ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦୦ ମିଟର ଇଭେଣ୍ଟରେ ମୋଟ ୬ ପ୍ରତିଯୋଗୀ ୨ଟି ଗ୍ରୁପରେ ରେସ୍ କରିଥିଲେ। ସମସ୍ତଙ୍କ ଟାଇମିଂକୁ ଦେଖିବାପରେ ଲାଇନ୍‌ଅପ୍ ହୋଇଥିଲା ବୋଲି ଦୂତୀ ପ୍ରକାଶ କରିଛନ୍ତି। ଏହି ଲାଇନ୍‌ଅପ୍ ଅନୁସାରେ ତେଲେଙ୍ଗାନାର ହାରିକା ଦେବୀ ଆଛାରାମ ୨୪.୪୯, ପଶ୍ଚିମବଙ୍ଗର ସୋନିୟା ବୈଶ୍ୟ ୨୪.୫୬ ଓ ତାମିଲନାଡୁର ଭି.ଶୁଭା ୨୪.୯୦ ସେକେଣ୍ଡ ନେଇ ଯଥାକ୍ରମେ ୪ର୍ଥରୁ ୬ଷ୍ଠ ସ୍ଥାନରେ ରହିଛନ୍ତି।



କୋଚ୍ ଏନ. ରମେଶଙ୍କ ସହ ଦୂତୀ ଚାନ୍ଦ।

"୨୦୦ ମିଟରରେ ନିଜ ପ୍ରଦର୍ଶନରେ ସନ୍ତୋଷ ପ୍ରକଟ କରିଛନ୍ତି ଦୂତୀ। ପ୍ରତିଦ୍ୱନ୍ଦ୍ୱୀ ଅଧିକ ନ ଥିଲେ। ମୋଟ ୬ ପ୍ରତିଯୋଗୀ ୨ଟି ଗ୍ରୁପ୍‌ରେ ଦୌଡ଼ିଥିଲେ। ତେବେ ମୁଁ ସେଥିପ୍ରତି ଧ୍ୟାନ ନ ଦେଇ ଟାଇମିଂପ୍ରତି ଗୁରୁତ୍ୱ ଦେଇଥିଲି। ମୁଁ ମୋ ଟାର୍ଗେଟରେ ପହଞ୍ଚି ପାରିଛି ଏବଂ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। କୋଚ୍ ଏନ. ରମେଶ ମଧ୍ୟ ମୋ ପ୍ରଦର୍ଶନରେ ଖୁସି ଅଛନ୍ତି। ଆମେ ଯେଉଁ ଲକ୍ଷ୍ୟ ନେଇ ଏଠାକୁ ଆସିଥିଲୁ ତାହା ହାସଲ ହୋଇପାରିଥିବାରୁ ଏବେ ଆଗାମୀ ପ୍ରତିଯୋଗିତା ଉପରେ ଧ୍ୟାନ ଦେବା ସମୟ ଆସିଛି" ବୋଲି ଦୂତୀ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପଟିଆଲାରେ ଗତ ୨୩ ତାରିଖରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ଦୂତୀ ମହିଳା ୧୦୦ ମିଟର ରେସ୍‌ରେ ୧୧.୫୧ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଏହି ଇଭେଣ୍ଟରେ ସେ ଏସିଆନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇ ପାରି ନ ଥିଲେ। କାରଣ ଏସିଆନ ଆଥଲେଟିକ୍ସ ପାଇଁ ମହିଳା ୧୦୦ ମିଟରରେ ଯୋଗ୍ୟତା ଟାଇମିଂ ୧୧.୪୦ ସେକେଣ୍ଡ ଥିବାବେଳେ ଦୂତୀ ୧୧.୫୧ ସେକେଣ୍ଡ ସମୟ ନେଇଥିଲେ। "ମୁଁ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ପଟିଆଲାରେ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରିବି। ସେହି ପ୍ରତିଯୋଗିତାର ୧୦୦ ମିଟର ରେସ୍‌ରେ ୧୧.୪୦ ସେକେଣ୍ଡ ଟାଇମିଂ ହାସଲ କରିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଯଦି ତାହା ସମ୍ଭବ ହୁଏ ତେବେ ମୁଁ ଦୋହା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ୧୦୦ ଓ ୨୦୦ ମିଟରରେ ଅଂଶଗ୍ରହଣ କରିବି" ବୋଲି ଦୂତୀ କହିଛନ୍ତି।

**ଦୂତୀଙ୍କ ଟାଇମିଂ**

- ଇଣ୍ଡିଆନ ଗ୍ରାଁ ପ୍ରି-୧(୧୦୦ ମିଟର): ୧୧.୫୧
- ଇଣ୍ଡିଆନ ଗ୍ରାଁ ପ୍ରି-୨(୨୦୦ ମିଟର): ୨୩.୩୦
- ଏସିଆନ୍ ଆଥ୍ଲେଟିକ୍ସ ଯୋଗ୍ୟତା ଟାଇମିଂ
- ମହିଳା ୧୦୦ ମିଟର: ୧୧.୪୦
- ମହିଳା ୨୦୦ ମିଟର: ୨୩.୩୦

## ତୁର୍କିଶ ମହିଳା କପ୍ ଫୁଟବଲ

# ପରାଜୟରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୨୭।୨(ପି.ଟି.)

ତୁର୍କୀର ଅଲାନ୍ୟାଠାରେ ଚାଲିଥିବା ତୁର୍କିଶ ମହିଳା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୦-୧ ଗୋଲରେ ଉଜ୍‌ବେକିସ୍ତାନଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଉଜ୍‌ବେକିସ୍ତାନର ବୁରହାନୋଭା ମଲିକା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ସାରା ମ୍ୟାଚ୍‌ରେ ଭାରତ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ଶେଷରେ ଭାରତକୁ ପରାଜୟବରଣ କରିବାକୁ ପଡିଥିଲା। ଉଜବେକିସ୍ତାନ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଗୋଲ କିପର ଆଦିତି ଚୌହାନ୍‌ଙ୍କ ନେତୃତ୍ୱରେ ଉଜ୍‌ବେକିସ୍ତାନକୁ ରୋକିବା ପାଇଁ ଭାରତୀୟ ଡିଫେନ୍ସକୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ୨୫ତମ ମିନିଟ୍‌ରେ ମାଇକେଲ କାଷ୍ଟନାଙ୍କ ବଦଳରେ ଓଡ଼ିଆର ତାରକା ଜବାମଣି ଟୁଡୁ ଲେଫ୍ଟ ବ୍ୟାକ୍ ପୋଜିସନ୍‌ରେ ପଡିଆରେ ପ୍ରବେଶ କରିଥିଲେ। ଏହା ପରେ ଭାରତ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲା। ତେବେ ପ୍ରତିପକ୍ଷ ଡିଫେନ୍ସ ଭାରତର ସବୁ ପ୍ରୟାସକୁ ପଣ୍ଡ କରିବାରେ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଡାଙ୍ଗମେଇ ଗ୍ରେସ୍ ତାଙ୍କର ଫେଭରାଇଟ୍ ଲମ୍ବା ଶଟ୍ ମାରି କେତୋଟି ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ।

# ଓଡ଼ିଶାରୁ ଭାଗନେବେ ୮ ପ୍ରତିଯୋଗୀ

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ନ୍ୟାଶନାଲ ହୁଇଲ୍ ଚେୟାର ଫେନ୍ସିଂ ଚାମ୍ପିୟନଶିପ୍‌ର ୧୨ଶ ସଂସ୍କରଣ ମାର୍ଚ୍ଚ ୧୪ ଓ ୧୫ ତାରିଖ ଦୁଇଦିନଧରି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ହୁଇଲ୍ ଚେୟାର ଫେନ୍ସିଂ ଆସୋସିଏଶନ ସମ୍ପାଦକ ବିଷ୍ଣୁ ଚରଣ ସାହୁଙ୍କ ସୂତ୍ରରୁ ପ୍ରକାଶ। ଓଡ଼ିଶା ଦଳରେ ସାମିଲ ଥିବା ପ୍ରତିଯୋଗିମାନେ ହେଲେ ଭି.ରମେଶ ରାଓ, ରାଖାଲ କୁମାର ସେଠୀ, ପ୍ରଭାକର ବେହେରା, ଅକ୍ଷୟ କୁମାର ସାହୁ, ପ୍ରଫୁଲ୍ଲ ଖଣ୍ଡାୟତରାୟ, ଦେବମୃତ ସାହୁ, ପ୍ରଶାନ୍ତ ବେହେରା ଓ ମାଳତି ପନାଉର।




■ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

# ଶେରଗଡ଼ରୁ ପିଛା କଲେ, ସନ୍ତରାଗଡ଼ିଆରେ ଧରିଲେ

**ଦେଶୀ ମଦ ଭର୍ତ୍ତି ସ୍କର୍ପିଓ ଜବତ, ୨ ଗିରଫ**

**ସଜନାଗଡ, ୨୭।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ପୁରୁଣା ବାଲେଶ୍ୱର ଅଞ୍ଚଳରୁ ଦେଶୀମଦ ଭର୍ତ୍ତି ହୋଇଥିବା ଏକ ସ୍କର୍ପିଓ (ନଂ.ଓଆର୨୨ଡି୫୩୫୩) ବୁଧବାର ଅପରାହ୍ନ ସମୟରେ ଭଦ୍ରକ ଅଭିମୁଖେ ଯାଉଥିଲା ବେଳେ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଗାଡିର ପିଛା କରାଯାଇଥିଲା। ଏ ବିଷୟରେ ଗାଡି ଡ୍ରାଇଭର ଜାଣିପାରି ଭଦ୍ରକ ଅଭିମୁଖେ ନ ଯାଇ ବିଦୁ ଛକଠାରେ ଅବକାରୀ ଗୋଇନ୍ଦା ବିଭାଗକୁ ଚଖମା ଦେଇ ସନ୍ତରାଗଡିଆ ଅଞ୍ଚଳକୁ ପଶିଯାଇଥିଲେ। ସନ୍ତରାଗଡିଆ ବଜାରରେ ଭିଡ ଓ ଆଗରେ ଟ୍ରକ ଥିବାରୁ ମଦ ବୋଝେଇ ଗାଡି ଯାଇ ପାରି ନ ଥିଲା।



ଜବତ ହୋଇଥିବା ସ୍କର୍ପିଓ।

ରାତି ୭ଟାରେ ଅବକାରୀ ଗୋଇନ୍ଦା ବିଭାଗ ଅଧିକାରୀମାନେ ଗାଡିକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଅଧିକାରୀମାନେ ଗାଡି ଭିତରୁ ୧୪ ଶହ ଲିଟର ଦେଶୀ ମଦ ସହ ୨ଜଣଙ୍କୁ ଗିରଫ କରିଥିଲେ। ମାତ୍ର ଡ୍ରାଇଭର ରାଜା ଖାଁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗିରଫ ଦୁଇଜଣ ହେଲେ ବାଲେଶ୍ୱର ଗୋପାଳପୁର ଅଞ୍ଚଳର ହରପ୍ରସାଦ ଦାସ(୩୫) ଓ କଲ୍ୟାଣି ଅଞ୍ଚଳର ଆଦିତ୍ୟ ମହାଳିକ (୩୦)। ଉଭୟଙ୍କୁ ନୀଳଗିରି ଥାନା ଜିମା ଦିଆଯାଇଛି। ଚଢାଉରେ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗର ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ, କନଷ୍ଟେବଳ ବସନ୍ତ କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବଣ୍ଟି ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ଠିକାଦାରଙ୍କ ଘରେ ଆୟକର ବିଭାଗର ଚଢାଉ

**ଭଣ୍ଡାରିପୋଖରୀ, ୨୭।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ବଡ ମାଳଦା ଗ୍ରାମର ଠିକାଦାର ବିରେନ୍ଦ୍ର ମହାନ୍ତିଙ୍କ ଘରେ ଭୁବନେଶ୍ୱର ଆୟକର ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇଛି। ଏକ ୪ ଜଣିଆ ଟିମ୍ ମହାନ୍ତିଙ୍କ ଘରେ କାଗଜପତ୍ର ଯାଞ୍ଚ କରିଥିଲେ। ବେଆଇନ ସମ୍ପତ୍ତି ଠୁଳ କରିବା ସହ ଆୟକର ଫାଙ୍କିବା ଅଭିଯୋଗରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହସ୍ତଗତ ହୋଇଥିବା ଜଣାପଡ଼ିଛି। ଚଢ଼ାଉ ଜାରି ରହିଥିବାରୁ ବିଭାଗୀୟ ଟିମ୍ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହାନ୍ତି। ସୂଚନା ଥାଉକି ଠିକାଦାର ବିରେନ୍ଦ୍ରଙ୍କ ପତ୍ନୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷ ଅଛନ୍ତି।

# ରନ୍ଧା ଖାଦ୍ୟ ଖାଇ ଜଣେ ମୃତ, ୯ ଗୁରୁତର

**ପାଟଣା, ୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତ ବଡ଼ନୂଆଗାଁ ଗ୍ରାମରେ ମଙ୍ଗଳବାର ରାତିରେ ବାହାଘର ପାଇଁ ଟେଣ୍ଟ ମାରୁଥିବା ଜଣେ କର୍ମଚାରୀଙ୍କ ରନ୍ଧା ଖାଦ୍ୟ ଖାଇ ମୃତ୍ୟୁ ଘଟିଛି। ଏଥିରେ ୯ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ବଡ଼ନୂଆଗାଁର କୁଶଧର ନାଏକଙ୍କ ପୁଅ ମାନସ। ଗୁରୁତରମାନେ ହେଲେ ଅକ୍ଷୟ ନାଏକ, ଚନ୍ଦ୍ର ନାଏକ, ସୁମନ ନାଏକ, ମନୋଜ ନାଏକ, ଲୁସି ନାଏକ, ହେମଲତା ନାଏକ, ବିକ୍ରମ ନାଏକ, ଦୁଷ୍ମନ୍ତ ନାହାନ୍ତ ଓ ସିକ୍ରମ ନାଏକ। କନ୍ୟା ଘର ପକ୍ଷରୁ ରୋଷେଇ କରାଯାଇ କର୍ମଚାରୀଙ୍କୁ ଦିଆଯାଇଥିଲା। ଖାଦ୍ୟ ଖାଇବା ପରେ ୧୦ ଜଣଙ୍କ ବାନ୍ତି ହୋଇଥିଲା। ସମସ୍ତ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ କଟକ ନେବା ବାଟରେ ମାନସଙ୍କ ମୃତ୍ୟୁ ଘଟିଛି।

ନୂଆଗାଁ ଗ୍ରାମର ସ୍ୱର୍ଗତ ପୁରେନ୍ଦ୍ର ନାଏକଙ୍କ ଝିଅ ଗୋଲାପ ମଞ୍ଜରୀ ନାଏକଙ୍କର ଫେବୃୟାରୀ ୨୮ରେ ଉକ୍ତ ଗ୍ରାମର ମାଧବ କୁମାର ନାଏକଙ୍କ ସହ ବିବାହ ହେବାର ଧାର୍ଯ୍ୟ ହୋଇଥିଲା। ମଙ୍ଗଳବାର ରାତିରେ ଟେଣ୍ଟ ଓ ସାଜସଜା କାର୍ଯ୍ୟ କରୁଥିବା କର୍ମଚାରୀ କନ୍ୟା ଘରେ ରନ୍ଧା ହୋଇଥିବା ଖାଦ୍ୟ ଖାଇ ହଠାତ ଅସୁସ୍ଥ ହୋଇଥିଲେ। ସେମାନଙ୍କୁ କେନ୍ଦୁଝର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୧୯) ରୁଜୁ ହୋଇଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏଏସଆଇ ଗୁରୁପ୍ରସାଦ ଦେ କହିଛନ୍ତି।

## ବାଲି ବୋଝେଇ ଡମ୍ଫର ଓଲଟି ଡ୍ରାଇଭର ମୃତ

**ହାଟଡିହୀ, ୨୭।୨–** ହାଟଡିହୀ ବ୍ଲକ ଆନନ୍ଦପୁର ଥାନା ଅନ୍ତର୍ଗତ ବଞ୍ଜୋ ଘାଟରେ ବାଲି ବୋଝେଇ ଡମ୍ଫର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ବାଲି ଓଭର ଲୋଡିଂରୁ ଭାରସାମ୍ୟ ହରାଇବା ଗାଡି ଓଲଟି ପଡ଼ିଥିବା କୁହାଯାଉଛି। ମୃତ ଡ୍ରାଇଭର ହେଲେ ଆଗରପଡା ଅଞ୍ଚଳର ମହେଶ୍ୱର ନାୟକ(୩୪)। ଆନନ୍ଦପୁର ପୋଲିସ ତଦ ଜାରି ରଖିଛି।

**ଘୋଷଣା**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | – | ଭୁବନେଶ୍ୱର |
| ୨. | ପ୍ରକାଶ ସମୟ | – | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | – | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | – | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୧୯






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ